

‘ସମାନ ଜାତୀୟ ସୁରକ୍ଷା ନୀତି ପ୍ରଣୟନ ଜରୁରୀ’ ପୃଷ୍ଠା ୫

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 253 | ଭାଗ ୩୩ | ସଂଖ୍ୟା ୨୫୩ | Saturday 6 December 2025 | Page 8 Rs. 5.00 | ● ଭୁବନେଶ୍ୱର ଶନିବାର ୬ ଡିସେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ଲୋକସେବା ଭବନରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କ୍ୟାବିନେଟ ବୈଠକରେ ଅଧ୍ୟକ୍ଷତା କରୁଛନ୍ତି। ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ନିଷ୍ପତ୍ତି ହୋଇଥିବା ବେଳେ ଏ ସଂକ୍ରାନ୍ତରେ ଆସନ୍ତାକାଲି ବିଧାନସଭାରେ ସବିଶେଷ ବିବରଣୀ ପ୍ରଦାନ କରିବେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ।

# ଆଉଟ୍‌ସୋର୍ସିଂ ନିଯୁକ୍ତି ଏକ ବଡ଼ ସ୍କାମ

**କାହା ସ୍ୱାର୍ଥରେ ବନ୍ଦ ହୋଇଥିଲା ସ୍ଥାୟୀ ନିଯୁକ୍ତି ?**

**ପିଏମୟୁ ନାଁରେ ଚାଲିଥିଲା ସମାନ୍ତରାଳ ସରକାର**

**ବିଜେଡି ସରକାରରେ ହୋଇଥିଲା ପଲିସି ପାରାଲିସିସ**

**ସରକାର ଦେଖାଉଛନ୍ତି ନିଯୁକ୍ତିର ରଙ୍ଗିନ ସ୍ୱପ୍ନ: ବିରୋଧୀ**



ଭୁବନେଶ୍ୱର,୫।୧୨(ସଂଚାର ବ୍ୟୁରୋ): ରାଜ୍ୟରେ ଲକ୍ଷାଧିକ ପଦବୀ ଖାଲି ପଡିଛି, ହେଲେ ବଢ଼ି ବଢ଼ି ଚାଲିଛି ନିଯୁକ୍ତି ଜାଲିଆତି। ଆଉଟସୋର୍ସିଂ ଜରିଆରେ ନିଯୁକ୍ତି ଏକ ବିରାଟ ସ୍କାମ। ନାମକୁ ମାତ୍ର ନିଯୁକ୍ତି କରାନଯାଇ ସରକାର ବେକାର ଯୁବକ ଯୁବତୀଙ୍କ ସ୍ୱପ୍ନକୁ ପୂରଣ କରନ୍ତୁ। ଆଜି ବିଧାନସଭାରେ ସରକାରୀ ନିଯୁକ୍ତି ଓ ଦାଦନ ସମସ୍ୟାକୁ ନେଇ ବିରୋଧୀ ଓ ଶାସକ ଦଳ ମଧ୍ୟରେ କଥା କଟାକଟି ହୋଇଥିଲା। ରାଜ୍ୟ ସରକାର ୫ ବର୍ଷରେ ସାଢେ ତିନି ଲକ୍ଷ ନିଯୁକ୍ତିର ଏକ ରଙ୍ଗିନ ସ୍ୱପ୍ନ ଦେଖାଉଛନ୍ତି ବୋଲି ଅଭିଯୋଗ କରାଯାଇଥିବା ବେଳେ ସରକାରୀ ଦଳ ବିଜେଡି ସରକାର ଅମଳରେ କିଭଳି ନିଯୁକ୍ତି ପ୍ରକ୍ରିୟା ଅପଙ୍ଗ ହୋଇଯାଇଥିଲା ତା'ର ଗୋହି ଖୋଲିଥିଲେ।

ଏ ସମ୍ପର୍କିତ ମୁଲତବି ପ୍ରସ୍ତାବ ଆଲୋଚନାରେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଗୃହରେ ଉତ୍ତର ରଖିଥିଲେ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ରାଜ୍ୟରେ ନିଯୁକ୍ତି ପ୍ରକ୍ରିୟାରେ ଆସିଥିବା ସ୍ଥାଣୁତା ପାଇଁ ସିଧାସଳଖ ପୂର୍ବ ବିଜେଡି ସରକାରକୁ ଦାୟୀ କରିଥିଲେ। ଅଭିଯୋଗ କରିଥିଲେ ଯେ ଆଉଟିସୋର୍ସିଂ ନାଁରେ ରାଜ୍ୟରେ ଜାଲିଥିଲା ଏକ ବଡ ସ୍କାମ। ରାଜନୈତିକ ସୁରକ୍ଷାରେ ସରକାରର ବଡପଣ୍ଡାଙ୍କ ସମ୍ପର୍କୀୟମାନେ ଚଳାଇଥିଲେ ଆଉଟସୋର୍ସିଂ ଏଜେନ୍ସି। ଆଉ ସେଇମାନଙ୍କ ଜରିଆରେ ଦିଆଯାଉଥିବା ଅସ୍ଥାୟୀ ନିଯୁକ୍ତି। ଏବାବଦରେ ସରକାର କୋଟି ➪ପୃଷ୍ଠା-୬



ଭାରତ-ଋଷ ଶିଖର ସମ୍ମିଳନୀରେ ଅନେକ ବୁଝାମଣା ସ୍ୱାକ୍ଷରିତ

# ଜାରି ରହିବ ଇନ୍ଧନ ଯୋଗାଣ

ନୂଆଦିଲ୍ଲୀ, ୫।୧୨: ଭାରତ ଓ ରୁଷ୍ ମଧ୍ୟରେ ସୁଦୃଢ଼ ସମ୍ପର୍କର ନୂଆଯୁଗ ଆରମ୍ଭ। ଦିଲ୍ଲୀ ହାଇଦ୍ରାବାଦ୍ ହାଉସରେ ଦ୍ୱିପାକ୍ଷିକ ଆଲୋଚନାରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ ଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ନୂଆ ଦିଶା ଦେଇଛନ୍ତି। ଆଲୋଚନା ପରେ ଏକ ମିଳିତ ବିବୃତି ଜାରି କରାଯାଇଛି। ପୁଟିନ ଓ ମୋଦୀ ମିଳିତ ଭାବେ ସାମ୍ବାଦିକ ସମ୍ମିଳନୀ ଯୋଗଦେଇଥିଲେ।

ପରିବର୍ତ୍ତିତ ବିଶ୍ୱରେ ରୁଷ୍ ଓ ଭାରତର ସମ୍ପର୍କ ଆକାଶରେ ଧ୍ରୁବତାରା ପରି ଉଜ୍ଜ୍ୱଳ ରହିବ। ଏଥିପାଇଁ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ➪ପୃଷ୍ଠା-୬

# ଏଏନ୍‌ଏମ୍ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ

ପରୀକ୍ଷା ବାତିଲ୍, ଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ



ମାଲକାନଗିରି,୫।୧୨(ସଂଚାର ବ୍ୟୁରୋ): ବାତିଲ ହେଲା ଏଏନ୍‌ଏମ୍ ପରୀକ୍ଷା। ମାଲକାନଗିରି ଜିଲ୍ଲାରେ ଏଏନ୍‌ଏମ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହେବା ପରେ ବାତିଲ୍ ହୋଇଛି ଆଜିର ପରୀକ୍ଷା। ପରୀକ୍ଷାର ୩ ଘଣ୍ଟା ପୂର୍ବରୁ ଏଏନଏମ ପ୍ରଶ୍ନପତ୍ର ଲିକ୍ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଦିନ ୨ ଟାରେ ପରୀକ୍ଷା ଥିବା ବେଳେ ୧୧ଟା ବେଳେ ଦ୍ୱିତୀୟ ବର୍ଷ ଛାତ୍ରୀଙ୍କ ପ୍ରଶ୍ନପତ୍ର ଲିକ୍ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଆଜି ଅଗଜିଲାରୀ ନର୍ସ ମିଡ୍ ୱାଇଫେରି ବିଷୟରେ ପରୀକ୍ଷା ହେବାର ଥିଲା। ହେଲେ ପରୀକ୍ଷାର୍ଥୀମାନେ ହଲରେ ପହଞ୍ଚିବା ପରେ ଉପଜିଲ୍ଲାପାଳ ପରୀକ୍ଷା ➪ପୃଷ୍ଠା-୬

## ଗୃହରେ ବିବୃତି ରଖିଲେ ମନ୍ତ୍ରୀ

ଆଜି ଏଏନ୍‌ଏମ୍ ଦ୍ୱିତୀୟ ବର୍ଷ ପେପର ୫ ପରୀକ୍ଷା ହେବା ସକାଶେ ପାଇଁ ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ ହୋଇଥିଲା। ୩୦ ଜିଲ୍ଲାର ୪୭ଟି କେନ୍ଦ୍ରରେ ଏଥିସକାଶେ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ପରୀକ୍ଷା ଆରମ୍ଭ ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ନେଇ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହାକୁ ଦୃଷ୍ଟିରେ ରଖି ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଏଥିସହ ଭୁବନେଶ୍ୱର କ୍ୟାପିଟାଲ ଥାନାରେ ଏକ ମାମଲା ମଧ୍ୟ ରୁଜୁ କରାଯାଇଛି। ଏହି ପ୍ରଶ୍ନପତ୍ର ଲିକ୍ ଘଟଣା ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ। ସେ ଏନେଇ ଆଜି ଗୃହରେ ବିବୃତି ରଖିବା ସମୟରେ ଉପରୋକ୍ତ ସୂଚନା ଦେଇଛନ୍ତି।

# ଫେବୃଆରୀ ୧୯ରେ ମାଟ୍ରିକ ପରୀକ୍ଷା

- ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଚାଲିବ
- ଗଣିତ ପାଇଁ ମିଳିବ ଅତିରିକ୍ତ ୧୫ ମିନିଟ୍



ଭୁବନେଶ୍ୱର,୫।୧୨(ସଂଚାର ବ୍ୟୁରୋ): ଚଳିତ ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ଆଜି ମାଟ୍ରିକ୍ ପରୀକ୍ଷା ତାରିଖ ଘୋଷଣା କରାଯାଇଛି। ଆସନ୍ତା ବର୍ଷ ଫେବୃଆରୀ ୧୯ ତାରିଖରେ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିବ ବୋଲି ଆଜି ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍) ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଚଳିତ ବର୍ଷ ଗଣିତ ବିଷୟରେ ପରୀକ୍ଷାର୍ଥୀମାନଙ୍କୁ ପୂର୍ବ ବର୍ଷ ତୁଳନାରେ ଅଧିକ ୧୫ ମିନିଟ୍ ସମୟ ଦିଆଯିବ ବୋଲି କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି। ତେଣୁ ପରୀକ୍ଷାର ଅନ୍ତିମ ଦିନରେ ହେବାକୁ ଥିବା ଗଣିତ ପରୀକ୍ଷା ପୂର୍ବାହ୍ନ ସାଢ଼େ ➪ପୃଷ୍ଠା-୬

ପୁଲିସ ଏସଆଇ ଜାଲିଆତି

# ବିରଞ୍ଚି ଗିରଫ, ଓପିଆରବିର ବାଜିବ ବଇଁଶୀ!



ଭୁବନେଶ୍ୱର,୫।୧୨(ସଂଚାର ବ୍ୟୁରୋ): ବହୁଚର୍ଚ୍ଚିତ ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଲେଙ୍କାରୀରେ ସିବିଆଇ ଖୋଳତାଡ଼ ଚଳାଇଥିବା ବେଳେ ଆଜି ଦଲାଲ୍ ନମ୍ବର ୧୩କୁ ଗିରଫ କରାଯାଇଛି। ପାରଳାଖେମୁଣ୍ଡିରୁ ଆସି ଭୁବନେଶ୍ୱର କଳାରାହାଙ୍ଗରେ ରହୁଥିବା ବିରଞ୍ଚି ନାରାୟଣ ନାୟକକୁ ଦୀର୍ଘ ୩ ଦିନ ଧରି ଜେରା କରିବା ପରେ ଶେଷରେ ଆଜି ତାଙ୍କୁ ସିବିଆଇ ଗିରଫ କରିଛି। ତାଙ୍କୁ କୋର୍ଟ ଚାଲାଣ କରିବା ପରେ ୨ ଦିନ ରିମାଣ୍ଡରେ ଆଣି ଜେରା ପାଇଁ ସିବିଆଇକୁ ଅନୁମତି ମିଳିଛି। ପୂର୍ବରୁ ୧୨ ଜଣ ଦଲାଲଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିସାରିଥିବା ବେଳେ ସେମାନଙ୍କ ମଧ୍ୟରୁ ୫ ଜଣଙ୍କୁ ରିମାଣ୍ଡରେ ଆଣି ଜେରା କରିସାରିଛି। ତେବେ ଏହାରି ଭିତରେ ସିବିଆଇ ହାତରେ ଲାଗିଛି ବଡ଼ ପ୍ରମାଣ। ବିରଞ୍ଚିକୁ ଜେରା ସମୟରେ କେବଳ ପୁଲିସ ଏସଆଇ ନୁହେଁ, ବରଂ ପ୍ରଶାସନିକ ପୃଷ୍ଠପୋଷକତାରେ କେମିତି ପୂର୍ବରୁ ମଧ୍ୟ ହୋଇଛି ପରୀକ୍ଷା ଜାଲିଆତି ହୋଇଛି, ସେନେଇ ତଥ୍ୟ ମିଳିଛି। ଯେଉଁଥିପାଇଁ ଓଡିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ ତଥା ଓପିଆରବିର ସମ୍ପୃକ୍ତି ସମ୍ପର୍କରେ ସିବିଆଇକୁ ମିଳିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ। ଓପିଆରବିର ୪ ଅଫିସର ଏହି ନିଯୁକ୍ତି କେଲେଙ୍କାରୀରେ ସମ୍ପୃକ୍ତ ରହିବା ସହ ଉପାର୍ଜନ କରିଛନ୍ତି କୋଟି କୋଟି ଟଙ୍କା। କାରଣ ଆଇଟିଆଇ ଲିମିଟେଡଠାରୁ ଟେଣ୍ଡର ପାଇ ପରୀକ୍ଷା ପରିଚାଳନା କରିଥିବା ସିଲିକନ ଟେକ ପ୍ରାଇଭେଟ ଲିମିଟେଟ (ଏସଟିଏଲ) ସହ ମିଶି ଏହି ଅଫିସର କେମିତି ଚଳାଇଥିଲେ ସିଣ୍ଡିକେଟ, ତାହାକୁ ନେଇ ସିବିଆଇ ଆଗରେ ବିରଞ୍ଚି ସମସ୍ତ ତଥ୍ୟ ରଖିଥିବା ଜଣାପଡ଼ିଛି।

ମିଳିଥିବା ସୂଚନାନୁସାରେ, ସିଲିକନ ଟେକ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ ସୁରେଶ ନାୟକ ଗତ ୨୦୨୫ ମେ'ରେ କମ୍ପାନୀକୁ ପଟ୍ଟନାୟକ ଇଣ୍ଡଷ୍ଟ୍ରି ଲିମିଟେଡକୁ ବିକ୍ରି କରିଦେଇଥିଲେ। କମ୍ପାନୀର ସିଂହଭାଗ ଶେୟାର୍ ପଟ୍ଟନାୟକ ଇଣ୍ଡଷ୍ଟ୍ରିର ମାଲିକାଣି ➪ପୃଷ୍ଠା-୬

# ଖୁବ୍‌ଶୀଘ୍ର ଓଡ଼ିଶା ଫେରିବେ ରୁପା ମିଶ୍ର

ଫେବୃଆରୀରେ ସରିବ ଡେପୁଟେସନ ଅବଧି



ଭୁବନେଶ୍ୱର,୫।୧୨ (ସଂଚାର ବ୍ୟୁରୋ): କେନ୍ଦ୍ରୀୟ ଡେପୁଟେସନରେ ଥିବା ଓଡ଼ିଶା କ୍ୟାଡର ଆଇଏଏସ ଅଫିସର ରୁପା ମିଶ୍ର ଖୁବଶୀଘ୍ର କେନ୍ଦ୍ରୀୟ ଡେପୁଟେସନରୁ ଓଡ଼ିଶା ଫେରିବେ। ସେ ବର୍ତ୍ତମାନ କେନ୍ଦ୍ର ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କର ଡେପୁଟେସନ ଅବଧି ଶେଷ ହେବା ପରେ ଏହାକୁ ଆଉ ବର୍ଷେ ବୃଦ୍ଧି କରାଯାଇଛି। ଆସନ୍ତା ବର୍ଷ ଫେବୃଆରୀ ୨ ତାରିଖରେ ତାଙ୍କର ବର୍ଦ୍ଧିତ ଅବଧି ମଧ୍ୟ ଶେଷ ହେବ। ତା'ପରେ ସେ ଓଡ଼ିଶା ଫେରିବେ ବୋଲି ପାୱାର କରିଡରରେ ଚର୍ଚ୍ଚା ଜୋର ଧରିଛି। ୨୦୦୪ ବ୍ୟାଚର ଏହି ଆଇଏଏସ ଅଫିସର୍ ଦେଶର ପ୍ରଥମ ବିବାହିତ ➪ପୃଷ୍ଠା-୬

# ମୁଖ୍ୟ ସଚିବ ଲବିରେ ୩ ଅଫିସର

ରେସରେ ମନୋଜ, ଅନୁ ଓ ସଞ୍ଜୀବ



ଭୁବନେଶ୍ୱର,୫।୧୨(ସଂଚାର ବ୍ୟୁରୋ): ଆସନ୍ତା ୩୧ ତାରିଖରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ଶେଷ ହେଉଛି। ୨୦୨୫ ଜାନୁଆରୀ ପହିଲାରୁ କିଏ ନୂଆ ମୁଖ୍ୟ ଶାସନ ସଚିବ ହେବେ, ସେନେଇ ଗତ କିଛି ଦିନ ହେଲା ସଚିବାଳୟରେ ଚର୍ଚ୍ଚା ଜୋର ଧରିଛି। ଏହି ରେସରେ ୩ ଜଣ ବରିଷ୍ଠ ଅଧିକାରୀଙ୍କ ନାଁ ଚର୍ଚ୍ଚାରେ ରହିଛି। ତେବେ ଶ୍ରୀ ଆହୁଜାଙ୍କ କାର୍ଯ୍ୟକାଳ ଆଉ ବର୍ଷେ ପାଇଁ ବିଢ଼ିବାର ସମ୍ଭାବନା ରହିଛି। ନଚେତ୍ ୧୯୯୦ ବ୍ୟାଚର ଆଇଏଏସ ଅଫିସର ସଞ୍ଜୀବ ଚୋପ୍ରା କିମ୍ବା ୧୯୯୧ ବ୍ୟାଚର ଆଇଏଏସ ଅଫିସର ଅନୁ ଗର୍ଗଙ୍କୁ ଏହି ଦାୟିତ୍ୱ ମିଳିବାର ସମ୍ଭାବନା ରହିଛି।

ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ୨୦୨୪ ଜୁଲାଇ ୧ ତାରିଖରେ ଶ୍ରୀ ଆହୁଜା ରାଜ୍ୟ ପ୍ରଶାସନର ମୁଖ୍ୟ ଭାବେ ଦାୟିତ୍ୱ ନେଇଥିଲେ। ଓଡ଼ିଶା ଫେରିବା ପୂର୍ବରୁ ସେ ଦୀର୍ଘ ବର୍ଷ ଧରି କେନ୍ଦ୍ରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାମ କରୁଥିଲେ। ନିଜର ଦୀର୍ଘ ପ୍ରଶାସନିକ ଦକ୍ଷତା, ସମସ୍ତଙ୍କ ସହ ଉତ୍ତମ ବ୍ୟବହାର ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗରେ ରହି ବିଭିନ୍ନ କେନ୍ଦ୍ରୀୟ ଯୋଜନାକୁ ସଫଳତାର ସହ ରାଜ୍ୟରେ କାର୍ଯ୍ୟକାରୀ କରିପାରୁଥିଲେ, ଯେଉଁଥିପାଇଁ ୨୦୨୪ ଡିସେମ୍ବରରେ ତାଙ୍କ କାର୍ଯ୍ୟକାଳ ବର୍ଷକ ପାଇଁ ବୃଦ୍ଧି କରାଯାଇଥିଲା। ଏବେ ପୁଣିଥରେ ଚର୍ଚ୍ଚା ହେଉଛି କାର୍ଯ୍ୟଦକ୍ଷତା, ଲିଡରସିପ କ୍ୱାଲିଟି ଓ ସ୍ୱଚ୍ଛତା ପାଇଁ ପୁଣି ➪ପୃଷ୍ଠା-୬

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ମାର୍ଗଦର୍ଶିକା ଜାରି

# ଝିଅ ବାହାଘର ପାଇଁ ମିଳିବ ୫୧ ହଜାର

ଭୁବନେଶ୍ୱର,୫।୧୨(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ସଂକ୍ରାନ୍ତରେ ଆଜି ମାର୍ଗଦର୍ଶିକା ଜାରି ହୋଇଛି। ଏହି ଯୋଜନା ଅଧୀନରେ ପ୍ରତ୍ୟେକ ଯୋଗ୍ୟ କନ୍ୟାଙ୍କୁ ବିବାହରେ ସହଯୋଗ ଓ ପରିବାରର ଆର୍ଥିକ ବୋଝ କମାଇବା ପାଇଁ ମିଳିବ ୫୧ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଏହି ଯୋଜନା ରାଜ୍ୟର ସମସ୍ତ ଜିଲ୍ଲାରେ କାର୍ଯ୍ୟକାରୀ ହେବ। ୨୦୨୫-୨୬ରୁ ୨୦୨୯-୩୦ ବର୍ଷ ପର୍ଯ୍ୟନ୍ତ ଯୋଜନା ଚାଲୁ ରହିବ। ଉପଲବ୍ଧ ବଜେଟ୍ ମଧ୍ୟରେ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ଦମ୍ପତିଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ। ତେବେ ହିତାଧିକାରୀଙ୍କ ଯୋଗ୍ୟତା ମାନଦଣ୍ଡ ବି ସ୍ଥିର କରିଛନ୍ତି ରାଜ୍ୟ ସରକାର। ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ସବୁ ଜିଲ୍ଲାପାଳଙ୍କମାନଙ୍କୁ ଚିଠି ଲେଖି ଗାଇଡଲାଇନ ବାବଦରେ ଅବଗତ କରାଯାଇଛି। ହିତାଧିକାରୀଙ୍କ ଯୋଗ୍ୟତା ମାନଦଣ୍ଡରେ ବର ଏବଂ କନ୍ୟା ଉଭୟ ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ। ସେହିପରି ବୟସ କନ୍ୟା ପାଇଁ ୧୮ରୁ ୩୫ ଓ ବର ପାଇଁ ୨୧ରୁ ୩୫ ବର୍ଷ ହୋଇଥିବା ଦରକାର। ସେହିପରି ଡିବିଟି ୩୫ ହଜାର ହେବ। ବିବାହ ପଞ୍ଜୀକରଣର ୭ କାର୍ଯ୍ୟ ଦିବସ ମଧ୍ୟରେ ସିଧାସଳଖ କନ୍ୟାଙ୍କ ବ୍ୟାଙ୍କ ଖାତାକୁ ପଠାଯିବ ବୋଲି ମାର୍ଗଦର୍ଶିକାରେ କୁହାଯାଇଛି।

# ଏଏସ୍‌ଆଇ ପାଢ଼ୀ କିଏ ?




କମିଶନରେଟ ପୁଲିସରେ ଏବେ କମିଶନରଙ୍କ ବୋଧହୁଏ କ୍ଷମତା କମ, କିନ୍ତୁ ଏଏସଆଇଙ୍କ କ୍ଷମତା ଅଧିକ। ନଚେତ କମିଶନରଙ୍କ ବଦଳି ଅର୍ଡରକୁ ଏଏସଆଇ ଅଟକାଇ ଦିଅନ୍ତା କିପରି? ଆମେ କହୁଛୁ ଭୁବନେଶ୍ୱର ଯୁପିଡ଼ିର ଉପକଣ୍ଠରେ ଥିବା ଏକ ଥାନା କଥା। ଯେଉଁଠାରେ ଏଏସଆଇ ଏବେ ସର୍ବେସର୍ବା। ଏତଲାଠୁ ଆରମ୍ଭ କରି ଜମି ପୋଜେସନ, ସବୁ କ୍ଷେତ୍ରରେ ଏ କରିତକର୍ମା ଜଣଙ୍କ ପାଳିଛନ୍ତି କଲେକ୍ସନ ଏଜେଣ୍ଟ। ସେଥିପାଇଁ ଗତ ୩ ମାସ ହେଲା ତାଙ୍କ ବଦଳି ଖଣ୍ଡଗିରି ଥାନାକୁ ହୋଇଥିଲେ ମଧ୍ୟ ବାବୁ ଆସିବାକୁ ନାରାଜ। ଅବଶ୍ୟ ଇନ୍ସପେକ୍ଟର ଜଣଙ୍କ କଲେକ୍ସନ ଟଙ୍କାରୁ ସିଂହଭାଗ ନେଉଥିବାରୁ ସେ ମଧ୍ୟ ଏଏସଆଇଙ୍କୁ ନଛାଡିବାକୁ ଜିଦ ଧରି ବସିଛନ୍ତି। ଖବର ମୁତାବକ, ବାବୁ ଜଣଙ୍କୁ ଆଇଆଇସି କୁଆଡେ ମାସିକ ୩ ଲକ୍ଷ ଟଙ୍କାର ଟାର୍ଗେଟ ଦେଇଛନ୍ତି। ବାଲିଘାଟ, କରତ କଳ, ବିଲ୍ଡରଙ୍କୁ ମୋହରା ବନାଇଛନ୍ତି। ଜନୈକ ବାଲିଘାଟ ମାଲିକ ତଥା ରାଜନେତାଙ୍କ ଛତ୍ରଛାୟାରେ ରହି କୋଟିପତି ବନିଛନ୍ତି। ସେପଟେ ଉକ୍ତ ଥାନାର ଇନ୍ସପେକ୍ଟରଙ୍କ ପତ୍ନୀ ଜିଲ୍ଲା ବାହାରେ ଶିକ୍ଷୟିତ୍ରୀ ଥିବାରୁ ସେ ଶନିବାର ଥାନା ଛାଡି ଚାଲିଯାଉଛନ୍ତି। ସୋମବାର ଅପରାହ୍ଣରେ ଆସି କାର୍ଯ୍ୟରେ ଯୋଗ ଦେଉଛନ୍ତି। ଆଉ ସେହି ଦୁଇ ଦିନ ଥାନା ଚଳାଉଛନ୍ତି ଏଏସଆଇ। ଏଭଳି ଅଭାବନୀୟ ପରିସ୍ଥିତି ପାଇଁ ଏସିପି ଓ ସ୍ଥାନୀୟ ଆଇଆଇସିଙ୍କୁ ଦାୟୀ କରାଯାଇଛି। ତେବେ ଦେଖିବାକୁ ବାକି ରହିଲା, କେବେ ବାବୁଙ୍କ ବିରୋଧରେ ହେଉଛି କାର୍ଯ୍ୟାନୁଷ୍ଠାନ ଆଉ କେବେ କାମ କରୁଛି କମିଶନରେଟ ପୁଲିସର ବଦଳି ନିୟମ।



## କାନ ଡେରିଆ

ରସିକ ମାଷ୍ଟର କଲେଜରେ ଥିଲେ
କି ହୋଇବ ଭବିଷ୍ୟତ
ଛାତ୍ରୀଟିଏ ସେଠି ସୁରକ୍ଷିତ ନୁହେଁ
ଶିଖିବ ପୁଣି ସଂଗୀତ
ସଂଗୀତରୁ ପ୍ରେମ ଜାତ...
ପ୍ରେମ କଥା ଏବେ
ଭାଇରଲ ହେଲା
ପଳେଇଗଲା ଇଜ୍ଜତ।

■ ଦେବାଶିଷ

# ବାରୁଦ ଗଦା ଉପରେ ବିଜେଡି

- ଛିଡୁନି କ୍ଷମତା ହସ୍ତାନ୍ତର ଗଣିତ
- ଲଢ଼ିବାକୁ ସବୁ ଗୋଷ୍ଠୀ ପ୍ରସ୍ତୁତ



ଭୁବନେଶ୍ୱର,୫।୧୨(ସଂଚାର ବ୍ୟୁରୋ): ପାଖାପାଖି ୨୫ ବର୍ଷ ଧରି ନିରଙ୍କୁଶ କ୍ଷମତା ଦଖଲ କରିବା ପରେ ଗତ ବର୍ଷ ନିର୍ବାଚନରେ ଧୂଳି ଚାଟିଥିବା ବର୍ତ୍ତମାନର ବିରୋଧୀ ଦଳ ବିଜେଡି ଏବେ ବାରୁଦ ଗଦା ଉପରେ ବସିଛି। ଏହି ବାରୁଦ କେତେବେଳେ ବିସ୍ଫୋରଣ ହେବ ତାହା କହିହେଉନାହିଁ। ତେବେ ବିସ୍ଫୋରଣ ପରେ ଦଳର କିନ୍ତୁ ନିଶ୍ଚିତ ଭାବେ ନବ କଳେବର ହେବ ବୋଲି ଏବେ କର୍ମୀମାନେ ଆଲୋଚନା କରୁଛନ୍ତି।

ଗତ କିଛିଦିନ ହେଲା, ବିଶେଷକରି ନୂଆପଡ଼ା ନିର୍ବାଚନ ପରେ ବିଜେଡିରେ ନେତୃତ୍ୱ ହସ୍ତାନ୍ତରକୁ ନେଇ ଚାଲିଛି ଘମାଘୋଟ। ନବୀନ ପଟ୍ଟନାୟକ କାହା ହାତରେ ଦଳର ଦାୟିତ୍ୱ ଦେବେ, ତାହାକୁ ନେଇ ଦଳ ଭିତରେ ଭିନ୍ନ ଭିନ୍ନ ମତ ଶୁଣିବାକୁ ମିଳୁଛି। କେତେବେଳେ ନବୀନ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରିଣୀ ସୁଜାତା ରାଉତଙ୍କ ହାତରେ ଦଳର ଡୋରି ଧରାଇବେ ବୋଲି କୁହାଯାଉଛି ତ ଆଉ କେତେବେଳେ ପ୍ରଣବ ପ୍ରକାଶ ଦାସ, ଅରୁଣ କୁମାର ସାହୁଙ୍କ ଭଳି ବରିଷ୍ଠ ବିଜେଡି ନେତାଙ୍କ ସହ ନବୀନଙ୍କ ପୁତୁରା ଅରୁଣ ପଟ୍ଟନାୟକଙ୍କ ନାଁ ବି ଉଠୁଛି।

ଏ ନେଇ ନବୀନ ମୁହଁ ଖୋଲୁନଥିବା ବେଳେ ଦଳ ଭିତରେ କିନ୍ତୁ ଚର୍ଚ୍ଚା ଜୋର ଧରିଛି। ଏପରିକି ଜଣଙ୍କ ହାତରେ ଦାୟିତ୍ୱ ଦେଲେ ଅନ୍ୟମାନେ ତାକୁ ବିରୋଧ ପାଇଁ ନିଜ ନିଜ ଗୋଷ୍ଠୀ ଗଠନ କରିସାରିଲେଣି। ଯଦି ବି ନବୀନ କାହାକୁ କ୍ଷମତା ସମର୍ପି ଦିଅନ୍ତି ତେବେ ଶଙ୍ଖ ଭବନ ଭିତରେ ଓ ବାହାରେ ଯୁଦ୍ଧ ଭଳି ସ୍ଥିତି ସୃଷ୍ଟି ହେବ ବୋଲି ଦଳୀୟ କର୍ମୀ ମହଲରେ ଆଲୋଚନା ଚାଲିଛି। ଉତ୍ତରାଧିକାରୀ ଭାବେ କାହା ନାଁ ଚୂଡାନ୍ତ ହୋଇନଥିବା ବେଳେ ସୋସିଆଲ ମିଡିଆରେ କିନ୍ତୁ ଚର୍ଚ୍ଚା ବଢ଼ିବାରେ ଲାଗିଛି। ➪ପୃଷ୍ଠା-୬

## ଆଜି ଲୁଲୁ ଧରିବେ ଫୁଲ

ଭଦ୍ରକ ବିଜେଡିର ଚର୍ଚ୍ଚିତ ଚେହେରା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ପୁଅ ପ୍ରୟାସକାନ୍ତି ଓରଫ ଲୁଲୁ ଆସନ୍ତାକାଲି ନିଜର ସମର୍ଥକମାନଙ୍କ ସହ ବିଜେପିରେ ସାମିଲ ହେବେ। ନିକଟରେ ବିଜେପିରେ ବିଜେଡିରୁ



ଇସ୍ତଫା ଦେଇଥିବା ୪ ଜଣ ବ୍ଲକ ଅଧ୍ୟକ୍ଷ ବି ସାମିଲ୍ ହୋଇଥିଲେ। ଭଦ୍ରକ ବିଜେଡିର ଟାଣୁଆ ଯୁବନେତା ପ୍ରୟାସକାନ୍ତି ପ୍ରାୟ ଦେଢ଼ ଦଶନ୍ଧି ଧରି ଦଳ ପାଇଁ କାମ କରୁଥିଲେ ମଧ୍ୟ ବିଜେଡି ତାଙ୍କୁ ଟିକଟ ଦେବା ତ ଦୂରର କଥା, ବରଂ ପଦପଦବୀଟିଏ ବି ➪ପୃଷ୍ଠା-୬

# ୨୫ ବେସିସ୍ ପଏଣ୍ଟ୍ କମିଲା ରେପୋ ରେଟ୍

- ଋଣ ଗ୍ରହୀତାଙ୍କ ପାଇଁ ସୁଖବର
- ୭.୩ ପ୍ରତିଶତ ହେବ ଜିଡିପି ଅଭିବୃଦ୍ଧି ହାର




ନୂଆଦିଲ୍ଲୀ,୫।୧୨(ସଂଚାର ବ୍ୟୁରୋ): କମିଲା ରେପୋ ରେଟ୍। କମିବ ଇଏମଆଇ ସୁଧ ହାର। ରେପୋ ରେଟ୍ ହ୍ରାସ କଲା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)। ମନିଟାରୀ ପଲିସ କମିଟି ବୈଠକ ପରେ ଆଜି ପୂର୍ବାହ୍ନରେ ରେପୋ ରେଟ୍ ହ୍ରାସ ନେଇ ଘୋଷଣା କରିଛନ୍ତି ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା। ରେପୋ ରେଟ୍ ୨୫ ବେସିସ୍ ପଏଣ୍ଟ ହ୍ରାସ କରାଯିବା ଫଳରେ ଏହା ଏବେ ➪ପୃଷ୍ଠା-୬

# ବିଶ୍ୱ ମୃତ୍ତିକା ଦିବସ: ୫୦ ଜଣ କୃଷକଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ପ୍ରଦାନ



**କେନ୍ଦ୍ରାପଡ଼ା,୫।୧୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ କୃଷି କାର୍ଯ୍ୟାଳୟ ପରିସରରେ ବିଶ୍ୱ ମୃର୍ତିକା ଦିବସ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ପରିଷଦ ଅଧକ୍ଷା ଲିଲିତା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଉଦ୍ୟାନ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ ଦେବଦାସ ଦତ୍ତ, ମୃର୍ତିକା ସଂରକ୍ଷଣ ବିଭାଗର ନିହାରିକା ସାହୁ, ମତ୍ସ୍ୟ ବିଭାଗର ମୋନାଲିସା ପଣ୍ଡା, ସିଡିଭିଓ ଡ଼ଃ ମନୋଜ କୁମାର ପଟ୍ଟନାୟକ, ଡ଼ଃ ତାପସ ରଂଜନ ସାହୁ, ଏଡିଓ ପଟ୍ଟାମୁଣ୍ଡାଇ ସଂନ୍ଧ୍ୟା ଦାସ ପ୍ରମୁଖ ଯୋଗ ଦେଇ ବିଶ୍ୱ ମୃର୍ତିକା ଦିବସ ସଂପର୍କରେ ଅଲୋକପାତ କରିଥିଲେ। ସ୍କୁଲ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସୁସ୍ଥ ସହର ପାଇଁ ସୁସ୍ଥ ମୃତ୍ତିକା ବିଷୟ ଉପରେ ପ୍ରତିଯୋଗିତା କରାଯାଇଥିଲା । ଅଂଶ ଗ୍ରହଣ କରିଥିବା ୧୦ ଜଣ ଛାତ୍ରଛାତ୍ରୀଙ୍କ ମଧରୁ ଉତ୍ତୀର୍ଣ୍ଣ ହୋଇଥିବା ୩ଜଣଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ସମସ୍ତ ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଛାତ୍ରଛାତ୍ରୀମାନେ ମୃତ୍ତିକା ପରୀକ୍ଷାଗାର ପରିଦର୍ଶନ କରି ବିଭିନ୍ନ ପ୍ରଶ୍ନ ପଚାରି ବୁଝିଥିଲେ। ସଭାରେ ଉପସ୍ଥିତ ଥିବା ୫୦ଜଣ କୃଷକଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରାଯାଇଥିଲା ।

# କର୍କଟ ରୋଗୀଙ୍କୁ ସହାୟତା ପ୍ରଦାନ



**କେନ୍ଦ୍ରାପଡ଼ା,୫।୧୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା କ୍ରେଡିଟ କୋଅପରେଟିଭ ସୋସାଇଟି ମୁଖ୍ୟ ଶାଖା ପକ୍ଷରୁ କେନ୍ଦ୍ରାପଡ଼ା ବ୍ଲକ ନିକିରାଇ ପଞ୍ଚାୟତର ରକ୍ତକର୍କଟ ରୋଗୀ ସରୋଜ ପଣ୍ଡାଙ୍କ ପତ୍ନୀ ସରୋଜିନୀ ତ୍ରିପାଠୀଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସରୋଜିନୀ ରକ୍ତ କର୍କଟରେ ପୀଡିତ ହୋଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତାଙ୍କର ଆୟୁଷ୍ମାନ ଯୋଜନାରେ ଥିବା ବୀମା ରାଶି ଶେଷ ହୋଇଯାଇଛି। ତାଙ୍କର ଚିକିତ୍ସା ପାଇଁ ଅଧିକ ଅର୍ଥର ଆବଶ୍ୟକତା ରହିଛି। ଏହି ଖବର ଜାଣିବା ପରେ କେନ୍ଦ୍ରାପଡ଼ା କ୍ରେଡିଟ ସୋସାଇଟିର ସଭାପତି ଶ୍ରୀ ପ୍ରମୋଦ କୁମାର ସାହୁ ସରୋଜିନୀଙ୍କ ଚିକିତ୍ସା ପାଇଁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ଅବସରରେ ସଭାପତି ଶ୍ରୀ ସାହୁ ପ୍ରଧାନମନ୍ତ୍ରୀ ରିଲିଫ ପାଣ୍ଠି ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଚିକିତ୍ସା ପାଇଁ ଅଧିକ ଅର୍ଥର ଆବଶ୍ୟକତା ଥିବାରୁ ସହାୟତା ଯୋଗାଇ ଦେବା ପାଇଁ ନିବେଦନ କରିଛନ୍ତି। ଶ୍ରୀ ସାହୁ କହିଛନ୍ତି ଯେ, କେନ୍ଦ୍ରାପଡ଼ା କ୍ରେଡିଟ ସୋସାଇଟି ବ୍ୟବସାୟ ସହ ସାମାଜିକ ଦିଗ ପ୍ରତି ଅଙ୍ଗିକାରବଦ୍ଧ। ସୋସାଇଟି ଅନେକ ସମାଜସେବା କାର୍ଯ୍ୟ ଯେପରି ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିପନ୍ନଙ୍କୁ ସହାୟତା, ଗରିବ ଓ ଅସହାୟ ରୋଗୀଙ୍କୁ ସହାୟତା, ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ାବିତଙ୍କୁ ପ୍ରୋତ୍ସାହନ ପ୍ରଦାନ କରିଥାଏ। ଏହି ସହାୟତା କାର୍ଯ୍ୟକ୍ରମରେ ସମିତିର ମୁଖ୍ୟ ସାଧାରଣ ପରିଚାଳକ ଶ୍ରୀ ମନୋଜ ସାହୁ ଓ ମୁଖ୍ୟ ଶାଖା ବରିଷ୍ଠ ପରିଚାଳକ ଶ୍ରୀ ପଙ୍କଜ ମଲ୍ଲିକ ଉପସ୍ଥିତ ଥିଲେ।

# ଚାନ୍ଦୋଳ ହାଟରେ ଡ୍ରେନେଜ୍‌କୁ ନେଇ ଜନଅସନ୍ତୋଷ

**ଡେରାବିଶ,୫।୧୨(ସଂଚାର ବ୍ୟୁରୋ):** ପୂର୍ବ ସରକାର ସମୟରେ ଥିବା ଆମ ଓଡ଼ିଶା ନବୀନ ଓଡ଼ିଶା ବର୍ତ୍ତମାନ କିନ୍ତୁ ରାଜ୍ୟ ବିଜେପି ସରକାର ନୁତନ କରି ବିକଶିତ ଗାଁ ବିକଶିତ ଓଡ଼ିଶା ନାମରେ ନାମିତ ଯୋଜନା କରି ରାଜ୍ୟବାସୀଙ୍କ ଉନ୍ନତି ଦିଗରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରୁଥିବା ବେଳେ କେନ୍ଦ୍ରାପଡା ଜିଲ୍ଲା ଡେରାବିଶ୍ ବ୍ଲକ୍ ପ୍ରଶାସନ ପକ୍ଷରୁ ଏହି ନାମ ଖାଲି ନାମରେ ହିଁ ରହିଯାଉଛି। ଯାହାର ନଗ୍ନ ନମୁନା ଦେଖିବାକୁ ମିଳିଛି ଡେରାବିଶ୍ ବ୍ଲକ୍ ଚାନ୍ଦୋଳ ଗ୍ରାମପଞ୍ଚାୟତ ଚାନ୍ଦୋଳ ହାଟ ଡ୍ରେନେଜ୍ କାର୍ଯ୍ୟରେ।

କଟକ ଚାନ୍ଦବାଲି ରାଜ୍ୟ ରାଜପଥ ମଝିରେ ଦୀର୍ଘ ବର୍ଷ ବର୍ଷର ଚାନ୍ଦୋଳ ହାଟ। ଯେଉଁ ହାଟ ସପ୍ତାହକୁ ଦୁଇଥର ବସୁଥିବା ବେଳେ ଆଖପାଖ ଅଞ୍ଚଳର ଶତାଧିକ ଚାଷୀକୁଳ ଏହି ହାଟ ଉପରେ ନିର୍ଭର କରନ୍ତି। ହାଟ ମଧରେ ବର୍ଷାଦିନେ ବର୍ଷାପାଣି ଜମା ହୋଇ ରହୁଥିବା ଫଳରେ ଚାଷୀ ମାନଙ୍କ ଠାରୁ ଆରମ୍ଭ କରି ଗ୍ରାହକମାନେ ହନ୍ତସନ୍ତ ହେଉଛନ୍ତି। ଯେଉଁଥିରୁ ଲୋକମାନଙ୍କୁ ସୁବିଧା ଦେବା ପ୍ରୟାସରେ ଜଳ ନିଷ୍କାସନ ପାଇଁ ସେହି ଯୋଜନା ମାଧମରେ ୪ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଡେରାବିଶ୍ ବ୍ଲକ୍ ପ୍ରଶାସନ ପକ୍ଷରୁ ହାଟଠାରୁ ନାଳ ପର୍ଯ୍ୟନ୍ତ ଡ୍ରେନେଜ୍ ନିର୍ମାଣ ପାଇଁ ଫଳକ ସ୍ଥାପନ କରାଯାଇଛି। କିନ୍ତୁ ପରିତାପର ବିଷୟ କାର୍ଯ୍ୟରେ ଥିବା ଯନ୍ତ୍ରୀଙ୍କ ମନମୁଖୀ କାର୍ଯ୍ୟ ପଞ୍ଚାୟତ ଓ ଷ୍ଟେଟବ୍ୟାଙ୍କ ଆଗ ସମ୍ପୂର୍ଣ ଢ଼ଳେଇ ଭଲ ଥିବାସତ୍ତ୍ୱେ ଡ୍ରେନେଜ ବଦଳରେ କିପରି ଢ଼ଳେଇ କାର୍ଯ୍ୟ କରାଗଲା ତାହା ଏବେ ସଧାରଣରେ ପ୍ରଶ୍ନବାଚି ସୃଷ୍ଟି କରିଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସି ଅସନ୍ତୋଷ ପ୍ରକାଶ କରିବା ସହ ଡ୍ରେନେଜ ବଦଳରେ ଢଳେଇ କାର୍ଯ୍ୟକୁ ବିରୋଧ କରି ଉପସ୍ଥିତ ଯନ୍ତ୍ରୀଙ୍କ ସହିତ କଥା କଟାକଟି ହୋଇଥିଲା। କିନ୍ତୁ ଯନ୍ତ୍ରୀ ମହାଶୟ ସ୍ଥାନୀୟ ଗ୍ରାମବାସିଙ୍କୁ ଭ୍ରୁଖେକ ନକରି ନିଜ କାର୍ଯ୍ୟକୁ ସାରି ବିଲ୍ କରାଇ ଦେଇ ମୋଟା ଅଙ୍କର ନିଜ ପିସି ନେଇ ପାଠ୍। ଯାହାକୁ ନେଇ ଏବେ ଚାନ୍ଦୋଳବାସୀଙ୍କ ମଧରେ ଜନ ଅସନ୍ତୋଷ ପ୍ରକାଶ ପାଉଛି। ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଯନ୍ତ୍ରୀଙ୍କ ଏଭଳି ମନମୁଖି କାର୍ଯ୍ୟର ବିଧିବଧ ତଦନ୍ତ ପାଇଁ ସାଧାରଣରେ ଦାବି ଜୋର୍ ଧରିଛି।



# ତିଖିରିରେ ଜବରଦଖଲ ଉଚ୍ଛେଦ କଲା ପ୍ରଶାସନ

**ମହାକାଳପଡ଼ା,୫।୧୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ତହସିଲ ଅଧୀନ ତିଖିରି ଠାରେ ମାନ୍ୟବର ଅଦାଲତଙ୍କ ଆଦେଶ ମୁତାବକ ବୁଲଡୋଜର ଦ୍ୱାରା ଦୁଇ ବଖରା ବିଶିଷ୍ଟ ଚାଳ ଘର ଭଙ୍ଗାଯାଇ ଏକ ଜବରଦଖଲ ଜାଗା ଉଚ୍ଛେଦ କରାଯାଇଛି ।



ସୂଚନା ମୁତାବକ ତିଖିରି ଗ୍ରାମର ଭୂମିହୀନ ଦମ୍ପତି ସର୍ମିଳା ମଲ୍ଲିକ ଓ ବାବାଜୀ ମଲ୍ଲିକଙ୍କୁ ୧୯୯୮ ନଭେମ୍ବର ୧୨ରୁ ଆବଣ୍ଟିତ ୪ ଡିସିମିଲ ଜାଗା (ଖାତା ନଂ ୧୧୪୭/୧୦୧, ପ୍ଲଟ ନଂ ୪୦୪୮/୪୧୩୦) କୁ ଅନୈତିକ ଭାବେ ସେହି ଗ୍ରାମର ବିଜୟ ନାୟକ ଜବରଦଖଲ କରି ଚାଳଘର କରି ରହି ଆସୁଥିଲେ। ଦୀର୍ଘବର୍ଷ ଧରି ବାବାଜୀ ଥାନା, ତହସିଲ ଓ କୋର୍ଟ କଚେରୀ ଧାଇଁବା ପରେ ଆଜି କେନ୍ଦ୍ରାପଡା ସିଭିଲ କୋର୍ଟ କମିଶନର ଜ୍ୟୋତିରଞ୍ଜନ ସାମଲ, ପ୍ରୋସେସ ସର୍ଭର ଗଣେଶ୍ୱର ନାୟକ, ମାଜିଷ୍ଟ୍ରେଟ ଭାବେ ମହାକାଳପଡା ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ର, ମାର୍ଶାଘାଇ ଥାନାଧିକାରୀ ତପନ କୁମାର ନାୟକ, ଇନ୍ସପେକ୍ଟର ନାରାୟଣ ସାହୁ, ସବଇନ୍ସପେକ୍ଟର ଧରିତ୍ରୀ ଜେନା ପ୍ରମୁଖ ଉପସ୍ଥିତ ରହି ଜବରଦଖଲ ଉଚ୍ଛେଦ କରିବାରେ ସଫଳ ହୋଇଛନ୍ତି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

ଅପରପକ୍ଷରେ ଆଜି ଏହି ଉଛେଦ ପ୍ରକ୍ରିୟାରେ ବାସହୀନ ହୋଇଥିବା ବିଜୟ ନାୟକ ମଧ ଜଣେ ଭୂମିହୀନ ଓ ଗରିବ ଶ୍ରେଣୀୟ ହୋଇଥିବାରୁ ତାଙ୍କୁ ତୁରନ୍ତ ଥଇଥାନ କରିବା ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ଉପକାରାଗାରରେ ଯୋଗଶିକ୍ଷା ଆରମ୍ଭ

**କେନ୍ଦ୍ରାପଡ଼ା,୫।୧୨(ସଂଚାର ବ୍ୟୁରୋ):** ବାରିମୂଳସ୍ଥିତ କେନ୍ଦ୍ରାପଡ଼ା ଉପ କାରାଗାରରେ ଆଜିଠାରୁ ଯୋଗଶିକ୍ଷା ଆରମ୍ଭ ହୋଇଛି । ଜିଲ୍ଲାପାଳ ରଘୁରାମ ଆର. ଆୟାର ଏବଂ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ଏହି ଶିବିରକୁ ଉଦଘାଟନ କରିଛନ୍ତି । ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସହକାରୀ ରେଜିଷ୍ଟାର ଅଜୟ କୁମାର ରାଉତ ଏହି ଶିବିରରେ ଯୋଗଶିକ୍ଷା ପ୍ରଦାନ କରିଥିଲେ । ଏହି ଯୋଗଶିକ୍ଷା ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି କାର୍ଯ୍ୟକ୍ରମ ଦ୍ୱାରା ଅନ୍ତେବାସୀଙ୍କ ମନରେ ଉଭୟ ଶାରୀରିକ ଏବଂ ମାନସିକ କ୍ଷେତ୍ରରେ ଏକ ନୂତନ ପରିର୍ବନ ଆସିବ ବୋଲି ଅତିଥିମାନେ ମତପୋଷଣ କରିଥିଲେ। କାରାଗାର ଅଧୀକ୍ଷକ ସୁନିଲ କୁମାର ପାତ୍ର, କାରାପାଳ ଶୁଭେନ୍ଦୁ ଭୂୟାଁ, ସହକାରାପାଳ ସୁକାନ୍ତ ରାଉତ ଓ ପ୍ରହ୍ଲାଦ ବେହେରାଙ୍କ ସମେତ ଅନ୍ୟ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ ।



# ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ



କେନ୍ଦ୍ରାପଡା,୫।୧୨(ସଂଚାର ବ୍ୟୁରୋ): ଓଡିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ମହାସଂଘ ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ଏକ ୧୩ଦଫା ଦାବିପତ୍ର ଜିଲ୍ଲା ସଭାପତି ଜ୍ଞାନ ରଂଜନ କର ଓ ସଂପାଦକ ପ୍ରିୟବ୍ରତ ସ୍ୱାଇଁଙ୍କ ନେତୃତ୍ୱରେ କେନ୍ଦ୍ରାପଡା ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଏହି ଦାବିପତ୍ର ରେ ଆଦର୍ଶ ବିଦ୍ୟାଳୟ ଶିକ୍ଷକ ମାନଙ୍କୁ ସରକାରୀ ମାନ୍ୟତା, ଆଦର୍ଶ ବିଦ୍ୟାଳୟ ଶିକ୍ଷକ ମାନଙ୍କର କ୍ୟାଡର ନିୟମ, ଆଦର୍ଶ ବିଦ୍ୟାଳୟ ରେ କଳା ବିଭାଗ ଖୋଲିବା, ଓଡିଆ, ସଂସ୍କୃତ ଓ ହିନ୍ଦୀ ବିଭାଗ ଶିକ୍ଷକଙ୍କର ପିଜିଟି ପୋଷ୍ଟ ଖୋଲିବା, ଆଦର୍ଶ ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନଙ୍କୁ ଏନ୍.ଏମ୍.ଏମ୍.ଏସ୍ ପରୀକ୍ଷାରେ ଭାଗ ନେବାପାଇଁ ସୁଯୋଗ ଦେବା, ନିଟ୍ ଓ ଜେଇ ପରୀକ୍ଷାରେ ୧୫ ପ୍ରତିଶତ ସଂରକ୍ଷଣ ଦେବା ଆଦି ଦାବି ଗୁଡିକ ରହିଛି । ଏହି ଦାବି ଗୁଡିକୁ ତୁରନ୍ତ ପୂରଣ କରିବା ପାଇଁ ସଂଘ ତରଫରୁ ଶିକ୍ଷକ ବିଭୁ ପଦାରବିନ୍ଦୁ ଜେନା, ପ୍ରମୋଦ କୁମାର ଓଝା, କଳ୍ପତରୁ ନାଉରୀ, ଶିବ ଚରଣ ପ୍ରଧାନ, ସୁଧାକର ବେହେରା, ଜଗଦେବ ଦେ, ଅନିଲ କୁମାର ଦାସ, ରାଜା ଚନ୍ଦ୍ରକାନ୍ତ ସିଂହ ପ୍ରମୁଖ ଦାବି କରିଛନ୍ତି ।

# ଆମ ଗାଁରେ ତହସିଲ କାର୍ଯ୍ୟକ୍ରମ

**ମାର୍ଶାଘାଇ,୫।୧୨(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ମାର୍ଶାଘାଇ ବ୍ଲକ ଦଶିପୁର ପଞ୍ଚାୟତ କାର୍ଯ୍ୟାଳୟରେ ଆମ ଗାଁରେ ତହସିଲ କାର୍ଯ୍ୟକ୍ରମ ଆଜି ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଅତିରିକ୍ତ ତହସିଲଦାର ଲକ୍ଷ୍ମୀପ୍ରିୟା ଦାସ ଉଦଘାଟନ କରି ଗ୍ରାମାଞ୍ଚଳ ଜନସାଧାରଣଙ୍କ ବହୁବିଧ ସମସ୍ୟା ଏହି କାର୍ଯ୍ୟକ୍ରମ ମାଧମରେ ଦୂର ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ।



ତେବେ ଏହି କାର୍ଯ୍ୟକ୍ରମ ଦ୍ୱାରା ବିବିଧ ଓ ଜାତିଗତ ପ୍ରମାଣପତ୍ର ପ୍ରଦାନ, ପଟ୍ଟା ବଣ୍ଟନ,ଇ-ପାଉତି ମାଧମରେ ରାଜସ୍ୱ ପୈଠ, ଦାଖଲ ଖାରଜ ମାମଲା,କିସମ ସତ୍ତ୍ୱ ଓ ଜମି ପଟ୍ଟା ର ପ୍ରଜାଖାନା ସଂଶୋଧନ ଓ ବସୁନ୍ଧରା ଯୋଜନା ମାଧମରେ ସ୍ଥାୟୀ ଘରଡ଼ିହ ପଟ୍ଟା ପ୍ରଦାନ ଏବଂ ବ୍ୟକ୍ତିଗତ ଓ ସାଧାରଣ ଅଭିଯୋଗ ଗୁଡ଼ିକର ଶୁଣାଣି ଓ ସମାଧାନ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଅତିରିକ୍ତ ତହସିଲଦାର ଶ୍ରୀମତୀ ଦାସ ଅଭିହିତ କରିଥିଲେ। ଏହି ଅବସରରେ ୧୮ଗୋଟି ବ୍ୟକ୍ତିଗତ ଅଭିଯୋଗ,୪୫ଟି ବିବିଧ ପ୍ରମାଣପତ୍ର ବଣ୍ଟନ,୨୭ ଟି ପ୍ରଜାଖାନା ସଂଶୋଧନ ପଟ୍ଟା,ଆଦି ସମସ୍ୟାର ସମାଧାନ କରାଯାଇଥିଲା। ରାଜ୍ୟ ସରକାରଙ୍କ ଏହି ଲୋକାଭିମୁଖୀ କାର୍ଯ୍ୟକ୍ରମରେ ଜନସାଧାରଣ ଅତି ନିକଟରେ ନିଜ ଗାଁରେ ତହସିଲ ପ୍ରଶାସନକୁ ପାଇ ଅଭିଯୋଗ ଜଣାଇବାର ସୁବିଧା ପାଇଥିବାରୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦଶିପୁର ପଞ୍ଚାୟତ ସରପଞ୍ଚ ବିକ୍ରମ କେଶରୀ ଦାଶ ଭୂୟସୀ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜସ୍ୱ ପରିଦର୍ଶକ ଅଭିମନ୍ୟୁ ସେଠୀ,ରାଜସ୍ୱ ନିରୀକ୍ଷକ ଜୟରାମ ବେହେରା, ଜୟଶ୍ରୀ ସାହୁ, ମକର ମାରାଣ୍ଡି, ଧିରେନ କୁମାର ଦାସ ସମେତ ସମସ୍ତ ତହସିଲ କାର୍ଯ୍ୟାଳୟର ଅଧିକାରୀମାନେ ଉପସ୍ଥିତ ଥିଲେ।

# ରାଜ୍ୟ ଖାଦ୍ୟ କମିଶନ ଅଧକ୍ଷଙ୍କ କେନ୍ଦ୍ରାପଡ଼ା ଗସ୍ତ




## ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡରେ ସଂଯୋଗ

## ଭତ୍ତା ପ୍ରଦାନ, ଡ୍ରପ ଆଉଟ୍, ଛତୁଆ ମାନ ଯାଞ୍ଚ ପାଇଁ ସ୍ୱତନ୍ତ୍ର ଟିମ

**କେନ୍ଦ୍ରାପଡ଼ା,୫।୧୨(ସଂଚାର ବ୍ୟୁରୋ):** ରାଜ୍ୟ ଖାଦ୍ୟ କମିଶନ ଅଧକ୍ଷ ଅବନିକାନ୍ତ ସାହୁ କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତରେ ଆସି ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକ କରିଥିଲେ । ଜିଲ୍ଲାପାଳ ରଘୁରାମ ଆର. ଆୟାରଙ୍କ ପୌରାହିତରେ ଅନୁଷ୍ଠିତ ବୈଠକରେ ଅଧକ୍ଷ ଶ୍ରୀ ସାହୁ ଜାତୀୟ ଖାଦ୍ୟ ନିରାପା ଆଇନ୍ ୨୦୧୩ ଆଧାରରେ ରେସନ କାର୍ଡ ବନ ଉପରେ ଗୁରୁତ୍ୱ ଦେଇଛନ୍ତି । ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ତାଲିକାରୁ ବାଦ ଦେବା ଏବଂ ଯୋଗ୍ୟ ହିତାଧିକାରୀ ଯେପରି ତାଲିକାରୁ ବାଦ ନ ପଡନ୍ତି ସେଥିପ୍ରତି ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଜିଲ୍ଲା ସାମାଜିକ ସୁରକ୍ଷା ଅଧୀନରେ ଯୋଗ୍ୟ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ଉପରେ ଖିଲାପ ନ କରିବାକୁ ମଧ ଅଧକ୍ଷ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଙ୍ଗନବାଡ଼ି କେନ୍ଦ୍ରର ସ୍ଥିତି,ଆଶ୍ରମ ବିଦ୍ୟାଳୟ,ସ୍କୁଲ ଡ୍ରପ ଆଉଟ ଛାତ୍ରଛାତ୍ରୀ, ମଧାହ୍ନ ଭୋଜନ ସଂକ୍ରାନ୍ତରେ ଆଲୋଚନା ସମେତ ଛତୁଆ ପ୍ରସ୍ତୁତକାରୀ କେନ୍ଦ୍ର ଯାଞ୍ଚ ନିମନ୍ତେ ସ୍ୱତନ୍ତ୍ର ଟିମ ଗଠନ କରିବାକୁ ଅଧକ୍ଷ ନିର୍ଦ୍ଦେଶ ଦେଇଛନ୍ତି ।

# ଗଳ୍ପସଂକଳନ 'ମୂକସଖୀ' ଉନ୍ମୋଚିତ



**କେନ୍ଦ୍ରାପଡା,୫।୧୨(ସଂଚାର ବ୍ୟୁରୋ):** ଗାଳ୍ପିକ ମାତୃଦତ୍ତ ମହାନ୍ତିଙ୍କ ଗଳ୍ପସଂକଳନ 'ମୂକସଖୀ' ଶ୍ରୀ ବଳଦେବଜୀଉଙ୍କ ମନ୍ଦିରରେ ଉନ୍ମୋଚିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଗୁରୁ କାଙ୍ଗାଳି ଚରଣ ବାରିକ ଓ ପୂର୍ବତନ ସୈନିକ ବ୍ରଜ କିଶୋର ସାହୁ ଅତିଥି ଭାବେ ଯୋଗଦେଇ ଗଳ୍ପସଂକଳନର ଲୋକାର୍ପଣ କରିଥିଲେ । ବିଲୁପ୍ତ ପ୍ରାୟ କେନ୍ଦ୍ରାପଡା ଜିଲାର ସଖୀ କଣ୍ଢେଇ ପରମ୍ପରା ଓ ଏଥିପ୍ରତି ବିମୁଖ ଯୁବପିଢ଼ିଙ୍କ ବିଚାରଧାରାକୁ ନେଇ ମୂକସଖୀ ଗଳ୍ପ ରଚନା କରାଯାଇଛି । ପୁସ୍ତକ ଲୋକାର୍ପଣ ଉତ୍ସବରେ ଅନ୍ୟମାନଙ୍କ ମଧରେ ରାଜେନ୍ଦ୍ର ମହାପାତ୍ର, ସୁଶାନ୍ତ ନାୟକ, ବିରେନ୍ଦ୍ର ଦାସ, ରଶ୍ମି ରଞ୍ଜନ ସ୍ୱାଇଁ, ମଳୟ ସାହୁ, ଜ୍ଞାନ ରଞ୍ଜନ ଦାସ, ଗୌତମ କୁମାର ସାହୁ, ପଙ୍କଜ ସିହ୍ନା ପ୍ରମୁଖ ଯୋଗ ଦେଇଥିଲେ । ପୂର୍ବରୁ ଗାଳ୍ପିକ ମାତୃଦତ୍ତ ମହାନ୍ତିଙ୍କର ୪ ଗୋଟି ଗଳ୍ପ ସଂକଳନ ପ୍ରକାଶିତ।

# ମହାବିଦ୍ୟାଳୟରେ 'ବେଟି ବଞ୍ଚାଓ,ବେଟି ପଢ଼ାଓ' କର୍ମଶାଳା



**ରାଜନଗର, ୫।୧୨(ସଂଚାର ବ୍ୟୁରୋ):** ରାଜନଗରସ୍ଥିତ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ 'ବେଟିବଞ୍ଚାଅ, ବେଟିପଢ଼ାଅ' କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ପ୍ରତିଭା ପାତ୍ର ଯୋଗ ଦେଇ ନାରୀ ଶିକ୍ଷା କ୍ଷେତ୍ରରେ କିପରି ଆଗୁଆ ରହୁଛନ୍ତି ଚାକିରି କ୍ଷେତ୍ରରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଛନ୍ତି ସେ ବିଷୟରେ କହିଥିଲେ। ସଂମାନୀୟ ଅତିଥି ଭାବେ ରାଜନଗର ସରପଞ୍ଚ ସୁଶ୍ରୀ ସଂଗୀତା ମହାପାତ୍ର, ରାଜନଗର ସିଡ଼ିପିଓ ଦିପାଳୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି କର୍ମଶାଳାରେ ମହାବିଦ୍ୟାଳୟ ର ରାଜନୀତି ବିଜ୍ଞାନ ର ଅଧାପକ ଡ଼ ଆଲୋକ ବେହେରା, ରାଜନୈତିକ ଅଧିକାର ଓ ସାମାଜିକ ସୁରକ୍ଷା ବିଷୟରେ ସଚେତନ କରାଇଥିଲେ। ଏବଂ ଅର୍ଥନୀତି ବିଭାଗ ଅଧାପକ ଅଭିଜିତ୍ ଖୁଣ୍ଟିଆ ଅର୍ଥନୈତିକ ଅଧିକାର ଓ କନ୍ୟା ଶିକ୍ଷା ଦିଗରେ ସରକାରୀ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଏବଂ ଆକ୍ସିସ୍ ବ୍ୟାଙ୍କ୍ ଶାଖା ପରିଚାଳକ ବଳଭଦ୍ର ଦାସ, ବିଭିନ୍ନ ଅର୍ଥନୈତିକ କଲ୍ୟାଣ ଯୋଜନା ଯଥା - ସୁକନ୍ୟା ଯୋଜନାରେ କିପରି ଅଭିଭାବକ ମାନେ ଲାଭ ଉଠାଇ ପାରିବେ ସେ ବିଷୟରେ ଆଲୋଚନା କରିଥିଲେ।

# ନୂତନ ବିଡିଓଙ୍କୁ ସରପଞ୍ଚ ସଙ୍ଘ ପକ୍ଷରୁ ସମ୍ବର୍ଦ୍ଧନା



**ରାଜନଗର,୫।୧୨(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ସଦଭାବନା ସଭାଗୃହରେ ରାଜନଗର ବ୍ଲକ ସରପଞ୍ଚ ସଙ୍ଘ ପକ୍ଷରୁ ନୂତନ ବିଡ଼ିଓ ତିଲୋତ୍ତମା ପୃଷ୍ଟିଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସ୍ୱାଗତ ସଭାରେ ଉପାଧକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିକ,ସରପଞ୍ଚ ସଙ୍ଘର ସଭାପତି ଅଶୋକ କୁମାର ମହାନ୍ତି, ସରପଞ୍ଚ ନିରଞ୍ଜନ ରାଉତ, ସୁଶ୍ରୀ ସଂଗୀତା ମହାପାତ୍ର, ଶଶ୍ମିତା ମହାନ୍ତି,ଚିତ୍ତ ରଂଜନ ପଣ୍ଡା, ଶୈଳେନ୍ଦ୍ର ମିଶ୍ର,ରାଣୀ ମଞ୍ଜରୀ ସେଠୀ, ଦ୍ରୋପଦୀ ସେଠୀ, ସମୀର ସେଠୀ, ବରିଷ୍ଠ ନେତା ଦେବେନ୍ଦ୍ର କୁମାର ଜେନା,ରଂଜନ କୁମାର ମହାନ୍ତି, ସରୋଜ ରାଉତ ପ୍ରମୁଖ ଯୋଗ ଦେଇ ନୂତନ ବିଡିଓ ଶ୍ରୀମତୀ ପୃଷ୍ଟିଙ୍କୁ ଉତ୍ତରୀୟ, ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ ଏହି ବ୍ଲକରେ ବିଡିଓ ପଦବୀଟି ଦୀର୍ଘ ଦିନ ଧରି ଖାଲି ପଡିଥିଲା।

# ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବ



**କେନ୍ଦ୍ରାପଡ଼ା,୫।୧୨(ସଂଚାର ବ୍ୟୁରୋ):** ଓଡିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ପ୍ରାୟୋଜିତରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ(କ୍ରୀଡ଼ା ବିଭାଗ) ପକ୍ଷରୁ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ-୨୦୨୫ ଆୟୋଜିତ ହୋଇଯାଇଛି। ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ରଘୁରାମ ଆର. ଆୟାର ଯୋଗ ଦେଇଥିଲେ । ଅନ୍ୟ ଅତିଥି ମାନଙ୍କ ମଧରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକ୍ରିଷ୍ଣ ଜେନା,କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ ପ୍ରମୁଖ ଉପସ୍ଥିତ ଥିଲେ । ଯୁବ ଶକ୍ତି ଦେଶ ଗଠନରେ ଅଗ୍ରଣୀ ଭୂମିକା ନେବା ସହ ବିକଶିତ ଓଡିଶା ଏବଂ ବିକଶିତ ଭାରତ ଗଠନରେ ଆଗେଇ ଆସିବାକୁ ଅତିଥି ମାନେ ଯୁବ ଶକ୍ତିକୁ ଆହ୍ୱାନ କରିଛନ୍ତି । ସନ୍ଧ୍ୟାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପିଲାମାନଙ୍କ ଅନ୍ତର୍ନିହିତ ଶକ୍ତିର ବିକାଶ ପାଇଁ ଏହି ପ୍ରତିଯୋଗିତା ଏକ ମାଧମ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡ଼ା ପୌରପରିଷଦ ଅଧକ୍ଷା ସରିତା ସାହୁ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକ୍ରିଷ୍ଣ ଜେନା ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଛି ।

# ମର୍ସ ପଏଣ୍ଟର ବାର୍ଷିକ ଉତ୍ସବ ପାଳିତ

**ସାଲେପୁର,୫।୧୨(ସଂଚାର ବ୍ୟୁରୋ):** କମର୍ସ ପଏଣ୍ଟର ୨୭ତମ ବାର୍ଷିକ ଉତ୍ସବ ଅନୁଷ୍ଠାନର ପ୍ରତିଷ୍ଠାତା ଅଧାପକ ମନୋଜ କୁମାର ବେହୁରାଙ୍କ ଅଧକ୍ଷତାରେ ସାଲେପୁର ମଧୁ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଏଇଏମଆଇଏସର ପ୍ରଫେସର ଡ଼କ୍ଟର କମଳାକାନ୍ତ ବେହୁରା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀ ମାନେ ଶିକ୍ଷା ଓ ଅଧାପକ କଥାକୁ ଗୁରୁତ୍ୱ ଦେଇଅଧୟନ କଲେ ସଫଳତାର ଶୀର୍ଷ ସୋପାନ ରେ ପହଁଞ୍ଚିପାରିବେ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ସିଏସିଏମଏ ଶ୍ରୀଦୀପ୍ତ କୁମାର ନନ୍ଦ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ଦାଶ ଯୋଗଦେଇ ବହୁତ ଶିକ୍ଷଣୀୟ ବାର୍ତ୍ତା ପ୍ରଦାନ କରିଥିବା ବେଳେ ଡାକ୍ତର ପ୍ରକାଶ କୁମାର ଦାସ ଆଇ ଏମଆଇଏସ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷାବିତ୍ ଶ୍ରୀକାନ୍ତ ପଣ୍ଡାଙ୍କ ସଂଯୋଜନା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର କୃତି ଛାତ୍ରଛାତ୍ରୀ ମାନଙ୍କୁ ସମ୍ବଦର୍ଦ୍ଧି କରାଯାଇଥିଲା। ଶେଷରେ ଶିକ୍ଷା ଅନୁଷ୍ଠାନର ଛାତ୍ରଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା।




# ଭାଇ-ଭଉଣୀଙ୍କ କଳିରେ ପଡ଼ିରହିଲା ମା'ର ମୃତଦେହ

**ପାରାଦୀପ,୫।୧୨(ସଂଚାର ବ୍ୟୁରୋ):** ମା'ର ମୃତ୍ୟୁ ପରେ କିଏ ପାଇବ ସମ୍ପତ୍ତି ଭାଗ, କାହା ନାମରେ ହେବ ପୈତୃକ ଘର ତାହାକୁ ନେଇ ବିବାଦ ଏମିତି ଉଗ୍ରରୂପ ଧରିଥିଲା ଯେ ମୃତଦେହ ସତ୍କାର ନହୋଇ ଭଉଣୀଙ୍କ ମଧରେ ସମ୍ପତ୍ତି ବିବାଦକୁ ନେଇ ଦୀର୍ଘ ସମୟ ପଡ଼ିରହିଲା ମା'ର ମୃତଦେହ। ସମ୍ପତ୍ତି ଭାଗକୁ ନେଇ ବିବାଦ ଏମିତି ଉଗ୍ରରୂପ ଧରିଥିଲା ଯେ ମୃତଦେହ ସତ୍କାର ନହୋଇ ପଡ଼ି ରହିବା ଘଟଣା ଆଲୋଚନାର ବିଷୟ ପାଲଟିଛି।

ସୂଚନା ମୁତାବକ କୁଜଙ୍ଗ ବ୍ଲକ ଅନ୍ତର୍ଗତ ବିଶ୍ୱାଳି ଗ୍ରାମର ସ୍ୱର୍ଗତ କରୁଣାକର ତରାଇଙ୍କର ଚାରି ଝିଅ ସମେତ ଗୋଟିଏ ପୁଅ ଅଛି । ଚାରି ଝିଅ ଓ ପୁଅ ବିଭୂତି ତରାଇ ସମସ୍ତେ ବିବାହ କରିସାରିଛନ୍ତି। ହେଲେ କରୁଣାକରଙ୍କ ମୃତ୍ୟୁ ପରେ ତାଙ୍କ ପତ୍ନୀ ସମସ୍ତ ସମ୍ପତ୍ତି ଓ ଘରକୁ ଜଣେ ଝିଅଙ୍କ ନାମରେ କରିଦେଇଥିଲେ। ଯାହାକୁ ପୁଅଙ୍କ ସମେତ ଅନ୍ୟ ତିନି ଝିଅ ବିରୋଧ କରୁଥିଲେ। ଏହା ପରେ ସଂପୃକ୍ତ ଝିଅ ମା' ମାଳତୀକୁ ନିଜ ଶାଶୁଘର ମଙ୍ଗରାଜପୁରରେ ନେଇ ପାଖରେ ରଖିଥିଲା । କିନ୍ତୁ ପୁଅ ବିଭୂତି ଓ ତାଙ୍କ ପତ୍ନୀ ସେହି ପୈତୃକ ଡିହରେ ଏକ ଚାଳଘର କରି ରହୁଥିଲେ। ବିଶ୍ୱାଳି ସ୍ଥିତ ପୈତୃକ ଘର ଡିହରେ ଝିଅ ତିନି ମହଲା କୋଠା ନିର୍ମାଣ କରିଥିଲେ। ଗୁରୁବାର ଦିନ ମଙ୍ଗରାଜପୁର ସ୍ଥିତ ଝିଅ ଘରେ ମାଳତୀଙ୍କର ଦେହାନ୍ତ ହୋଇଥିଲା । ଝିଅ ଯେତେବେଳେ ମା'ର ମୃତଦେହ ସତ୍କାର ନିମନ୍ତେ ଗ୍ରାମକୁ ଆଣିଥିଲେ, ଗ୍ରାମବାସୀ ଏକାଠି ହୋଇ ପ୍ରଥମେ ବିଭୂତିଙ୍କ ନାମରେ ଘର କରି ଦେବା ପରେ ଯାଇ ମୃତଦେହ ସତ୍କାର କରାଯିବ କହିଥିଲେ। ଯାହାଫଳରେ ଝିଅ ଅଡୁଆରେ ପଡ଼ିଯାଇଥିଲେ।

ମୃତଦେହ ପଡ଼ି ରହିବା ଖବର ପାଇ ପାରାଦୀପ ଲକ୍ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ ବି ଗ୍ରାମବାସୀ ନଛୋଡ ବନ୍ଧା ହୋଇ ମୃତଦେହ ସତ୍କାର କରାଇ ଦେଇନଥିଲେ। ଯେହେତୁ ବିଭୂତିଙ୍କର କୌଣସି ସନ୍ତାନସନ୍ତତି ନାହାନ୍ତି ତେଣୁ ଉଭୟ ପତି ପତ୍ନୀ ମୃତ୍ୟୁ ପର୍ଯ୍ୟନ୍ତ କୋଠା ଘରେ ରହିବେ ଓ ସେମାନଙ୍କ ମୃତ୍ୟୁ ପରେ ଝିଅ ଦଖଲକୁ ନେବ ବୋଲି ଲେଖାପଢା ହେଲେ ଯାଇ ସତ୍କାର କରାଯିବ ବୋଲି ଗ୍ରାମବାସୀ ଦାବି କରିଥିଲେ। ତେବେ ଭଦ୍ରଲୋକଙ୍କ ମଧସ୍ଥତାରେ ବିବାଦ ସମାଧାନ ପରେ ବିଳମ୍ବିତ ରାତିରେ ପୁରୀ ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ ସଂପନ୍ନ କରାଯାଇଛି ।

● ମଧୁ ବାରିଷ୍ଟର ଆନ୍ତଃଜିଲ୍ଲା ଆଇନଜୀବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ପ୍ରସ୍ତୁତି ବୈଠକ ଶେଷ, ୧୩ରୁ ମ୍ୟାଚ୍

**କଟକ,୫ା୧୨(ସଂଚାର ବ୍ୟୁରୋ):** କଟକ ମଧୁ ବାରିଷ୍ଟର ଆଇନଜୀବୀ ସଙ୍ଗଠନ ଆନୁକୂଲ୍ୟରେ ପଞ୍ଚମ ଆନ୍ତଃଜିଲ୍ଲା ଆଇନଜୀବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୧୩ ଓ ୧୪ ଦୁଇ ଦିବସ ଧରି ତ୍ରିସୁଳିଆ ସ୍ଥିତ ନରଣପୁର ପଡିଆରେ ଅନୁଷ୍ଠିତ ହେବ। ସଙ୍ଗଠନର ସମ୍ପାଦକ ଆଇନଜୀବୀ ଗଗନ ବାରିକଙ୍କ ପୌରୋହିତ୍ୟରେ ଚାନ୍ଦିନଚୌକ ଜଗନ୍ନାଥ ମନ୍ଦିରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ହାଇକୋର୍ଟ ବାର, କ୍ରିମିନାଲ କୋର୍ଟ ବାର, କଟକ ବାର, କଟକ ଜିଲ୍ଲା ଜଜ ଏକାଦଶ, ଜଗତସିଂହପୁର ବାର, ଢେଙ୍କାନାଳ ବାର, ମାହାଙ୍ଗା ବାର ଓ ଭୁବନେଶ୍ୱର ବାର ଆସୋସିଏସନ ଭାଗ ନେବେ। କଟକ ଜିଲ୍ଲା ବାହାରେ ଥିବା ଅନ୍ୟ ଜିଲ୍ଲାର ବାର ଆସୋସିଏସନକୁ ଏହି ଟୁର୍ଣ୍ଣାମେଣ୍ଟରେ ଜଡିତ କରିବା ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ୍ୟ ଗ୍ରହଣ କରାଯାଇଛି। ଚଳିତ ବର୍ଷ ବରିଷ୍ଠ ଆଇନଜୀବୀ ସ୍ୱର୍ଗତଃ ରଞ୍ଜିତ କେଶରୀ ରାୟ ଓ ଆଇନଜୀବୀ ସ୍ୱର୍ଗତଃ ସୁଶୀଲ କୁମାର ସ୍ୱାଇଁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶୋକସଭା ଅନୁଷ୍ଠିତ ହୋଇ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ସହିତ ବିଜେତା ଦଳକୁ ସ୍ୱର୍ଗତଃ ରାୟଙ୍କ ନାମରେ ଓ ଉପବିଜେତା ଦଳକୁ ସ୍ୱର୍ଗତଃ ସ୍ୱାଇଁଙ୍କ ନାମରେ ଟ୍ରଫି ପ୍ରଦାନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସଙ୍ଗଠନର ସଭାପତି ଆଇନଜୀବୀ ସଂଗ୍ରାମ କେଶରୀ ଦାସ, ସହ ସମ୍ପାଦକ ଲକ୍ଷ୍ମୀ ନାରାୟଣ ମିଶ୍ର, କୋଷାଧକ୍ଷ ମହେନ୍ଦ୍ର ସୁବୁଦ୍ଧି, ଉପଦେଷ୍ଟା ଶୁଭେନ୍ଦୁ ମହାନ୍ତିପ୍ରମୁଖ ଉପସ୍ଥିତ ଥିଲେ।

## ୮ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

**ଭୁବନେଶ୍ୱର,୫ା୧୨(ସଂଚାର ବ୍ୟୁରୋ):** ଆସନ୍ତା ସୋମବାର ୮ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସପ୍ତଦଶ ବିଧାନସଭାର ପଞ୍ଚମ ଅଧିବେଶନ ରହିଥିବାରୁ ଉକ୍ତ ଦିନ 'ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି' ବନ୍ଦ ରହିବ। ତେଣୁ ସେ ୟୁନିଟ୍-୨ସ୍ଥିତ ଜନ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଉପସ୍ଥିତ ରହିପାରିବେ ନାହିଁ। ମୁଖ୍ୟମନ୍ତ୍ରୀଙ୍କ ପରବର୍ତ୍ତୀ ଅଭିଯୋଗ ଶୁଣାଣି ସଂକ୍ରାନ୍ତ ତାରିଖ ସମ୍ପର୍କରେ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ସୂଚନା ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି।

# ସରକାରୀ ଜମିଜମା ସେବାରେ ଆସିବ ସଂସ୍କାର




**ଭୁବନେଶ୍ୱର,୫ା୧୨(ସଂଚାର ବ୍ୟୁରୋ):** ଜମିଜମା ବ୍ୟବସ୍ଥାକୁ ଅଧିକ ସହଜ ଓ ସୁବିଧାରେ ଅନଲାଇନ୍ ମାଧ୍ୟମରେ ଉପଲବ୍ଧ କରିବା, ଭୂମି ରେକର୍ଡ ଓ ରାଜସ୍ୱ ନଥିଗୁଡ଼ିକର କମ୍ପ୍ୟୁଟରୀକରଣ, ଗ୍ରାମ ମାନଚିତ୍ରଗୁଡ଼ିକର ଜିଓ ରେଫରେନ୍‌ସିଂ, ଜମି ପଞ୍ଜୀକରଣ ଓ ବିଭିନ୍ନ ସେବାର ଅନଲାଇନ୍ ବିତରଣ ନେଇ ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂଙ୍କ ଉପସ୍ଥିତିରେ କେନ୍ଦ୍ର ସରକାରଙ୍କ କୃଷି ମନ୍ତ୍ରଣାଳୟର ପରାମର୍ଶଦାତା ରାଜୀବ ଚାୱଲାଙ୍କ ସହ ଏକ ବୈଠକରେ ଆଲୋଚନା କରିଛନ୍ତି।

ଶ୍ରୀ ଚାୱଲା କର୍ଣ୍ଣାଟକ ରାଜ୍ୟର ଭୂମି ରେକର୍ଡ ଆଧୁନିକୀକରଣ ଏବଂ ରାଜସ୍ୱ ବିଭାଗ ଓ କୃଷି ବିଭାଗ ଦ୍ୱାରା ମିଳିତ ଭାବରେ ଚାଲିଥିବା ଆଗ୍ରୋଷ୍ଟାକ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ତାଙ୍କର ଅଭିଜ୍ଞତା ଏବଂ ଭଲ କାର୍ଯ୍ୟଗୁଡ଼ିକ (ବେଷ୍ଟ ପ୍ରାକ୍ଟିସେସ୍) ବିଷୟରେ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ। ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସିଂ, ରାଜସ୍ୱ ବିଭାଗରେ ଚାଲିଥିବା ଏକ ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ପଚ୍ଚାର ୨ୟ ଖିନା ସଂଶୋଧନ, ଅନ୍ୟାନ୍ୟ ସଂସ୍କାରମୂଳକ ପଦକ୍ଷେପ ଓ ଓଡ଼ିଶାରେ ଭୂମି ରେକର୍ଡର କମ୍ପ୍ୟୁଟରୀକରଣ, ପଞ୍ଜୀକରଣ ସେବା ଓ ଅନଲାଇନ୍ ସେବା ପ୍ରଦାନ ବିଷୟରେ ଆଲୋକପାତ କରିଥିଲେ। ଏଥିସହ ସେ ଏବେ ଆରମ୍ଭ ହୋଇଥିବା ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟକ୍ରମ ଓ ଭୂମି ରେକର୍ଡ ପରିଚାଳନା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ୀକରଣ କରିବା ଯୋଜନା ବିଷୟରେ ସେ ମତ ଉପସ୍ଥାପନ କରିଥିଲେ। ମନ୍ତ୍ରୀ ଶ୍ରୀ ପୂଜାରୀ ଓଡ଼ିଶାବାସୀଙ୍କୁ ସହଜ ଓ ସୁବିଧାରେ ତଥା ସେମାନଙ୍କର ଦ୍ୱାରଦେଶରେ ସରକାରୀ ଓ ଜମିଜମା ସମ୍ବନ୍ଧୀୟ ସେବା ପ୍ରଦାନ ସୁନିଶ୍ଚିତ କରିବା ପାଇଁ ଭୂମି ରେକର୍ଡର ଆଧୁନିକୀକରଣ, କାଡାଷ୍ଟ୍ରାଲ୍ ମାନଚିତ୍ରର ଅଦ୍ୟତନ କରାଯିବା ଏବଂ ଜିଓ-ରେଫରେନ୍‌ସିଂ ତଥା ସମସ୍ତ ରାଜସ୍ୱ ରେକର୍ଡର ଡିଜିଟାଇଜେସନ୍ ଓ ଅନଲାଇନ୍ ସେବା ପ୍ରଦାନକୁ ଅଧିକ ସୁବ୍ୟବସ୍ଥିତ କରିବା ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବା ସମ୍ପର୍କରେ ପ୍ରକାଶ କରିଛନ୍ତି। ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କୃଷି ବିଭାଗର ପ୍ରମୁଖ ସଚିବ ଡଃ ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା ଭୂମି ରେକର୍ଡ ଏବଂ ସର୍ବେକ୍ଷଣ ନିର୍ଦ୍ଦେଶକ, ଭାରତୀୟ ସର୍ବେକ୍ଷଣ ନିର୍ଦ୍ଦେଶକ, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ଏବଂ ଓଡ଼ିଶା ରାଜ୍ୟ ଅନ୍ତରୀକ୍ଷ ପ୍ରୟୋଗକେନ୍ଦ୍ର (ଓରସାକ)ର ବରିଷ୍ଠ ବୈଜ୍ଞାନିକ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୮୫ ବର୍ଷରେ ବି ଆକ୍ଟିଭ୍
## ଜନ୍ମଦିନ ପାଳିଲେ ପ୍ରଫୁଲ୍ଲ ଘଡ଼ାଇ




**ଭୁବନେଶ୍ୱର,୫ା୧୨ (ସଂଚାର ବ୍ୟୁରୋ) :** ବିଜେଡିର ପୂର୍ବତନ ବରିଷ୍ଠ ନେତା ତଥା ପୂର୍ବତନ ଅର୍ଥ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇ ଆଜି ତାଙ୍କର ୮୫ତମ ଜନ୍ମଦିନ ପାଳିଛନ୍ତି। ଜନସେବାରେ ନିଜକୁ ଉତ୍ସର୍ଗ କରିଥିବା ବରିଷ୍ଠ ନେତା ଶ୍ରୀ ଘଡ଼ାଇଙ୍କ ଆଗରେ ଯେମିତି ବୟସ ହାର୍ ମାନିଛି। କାରଣ ୮୫ ବର୍ଷ ବୟସରେ ବି ସେ ବେଶ୍ ଆକ୍ଟିଭ୍ ଅଛନ୍ତି। ନାଁ ତାଙ୍କର ପ୍ରଫୁଲ୍ଲ, ମୁହଁରେ ମଧ୍ୟ ସବୁବେଳେ ପ୍ରକାଶ ପାଇଆସିଛି ପ୍ରଫୁଲ୍ଲତା। ୧୯୬୭ରେ ପ୍ରଥମ ଥର ପାଇଁ ବିଧାନସଭାକୁ ଆସିଥିବା ପ୍ରଫୁଲ୍ଲ ସେବେଠାରୁ ଆଉ ପଛକୁ ଫେରି ଚାହିଁନାହାନ୍ତି। ବାମପନ୍ଥୀ ଚିନ୍ତାଧାରାସମ୍ପନ୍ନ ଏହି ଶ୍ରମିକ ନେତା ଓଡ଼ିଶାର ସର୍ବାଧିକ ୮ ଥର ବଜେଟ୍ ଉପସ୍ଥାପିତ କରିରେକର୍ଡ କରିଛନ୍ତି। ଏହି ଅବସରରେ ଯାଜପୁର ରୋଡ୍‌ସ୍ଥିତ ତାଙ୍କ ଧବଳଗିରି ବାସଭବନରେ ଶୁଭେଚ୍ଛୁମାନେ ଯୋଗଦେଇ ବଧେଇ ଜଣାଇବା ସହ ତାଙ୍କ ଦୀର୍ଘଜୀବନ କାମନା କରିଛନ୍ତି।



# ବିଧାନସଭା ଖବର

## ୧୪ଟି ବିଶ୍ୱବିଦ୍ୟାଳୟରେ ନାହାନ୍ତି କୁଳପତି

**ଭୁବନେଶ୍ୱର,୫ା୧୨(ସଂଚାର ବ୍ୟୁରୋ):** ରାଜ୍ୟର ୧୪ଟି ସରକାରୀ ବିଶ୍ୱବିଦ୍ୟାଳୟରେ ନିୟମିତ କୁଳପତି ପଦବୀ ଖାଲି ପଡ଼ିଛି। ଏଥି ମଧ୍ୟରୁ ଦୁଇଟି ବିଶ୍ୱବିଦ୍ୟାଳୟରେ ୨୦୨୩ ମସିହାରୁ ନିୟମିତ କୁଳପତି ପଦବୀ ଖାଲି ପଡିଥିବା ସୂଚନା ଦେଇଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ନେଇ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଅଧିନରେ ମୋଟ ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟ ରହିଛି। ଏଥି ମଧ୍ୟରୁ ୧୪ଟି ବିଶ୍ୱବିଦ୍ୟାଳୟରେ କୁଳପତି ପଦବୀ ଖାଲି ପଡ଼ିଛି। ଏଥି ମଧ୍ୟରୁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ୨୦୨୩ ଜୁଲାଇରୁ ନିୟମିତ କୁଳପତି ପଦବୀ ଖାଲି ପଡିଥିବା ବେଳେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଗତ ୨୦୨୩ ଅକ୍ଟୋବରରୁ ନିୟମିତ କୁଳପତି ନାହାନ୍ତି। ସେହିଭଳି ଉତ୍କଳ ବିଶ୍ୱବିଦ୍ୟାଳୟରେ ୨୦୨୪ ଅକ୍ଟୋବର ମାସରୁ କୁଳପତି ପଦବୀ ଖାଲି ପଡିଥିବାବେଳେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ୨୦୨୪ ଅକ୍ଟୋବର ମାସରୁ ନିୟମିତ କୁଳପତି ପଦବୀ ଖାଲି ପଡିଛି। ଓଡ଼ିଶା ବିଶ୍ୱବିଦ୍ୟାଳୟର ଚଳିତବର୍ଷ ଅଗଷ୍ଟ ମାସରୁ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଚଳିତ ବର୍ଷ ଜୁଲାଇରୁ, ବିକ୍ରମ ଦେବ ମହାବିଦ୍ୟାଳୟରେ ଚଳିତବର୍ଷ ଅଗଷ୍ଟରୁ ଓ ଆଇନ୍ ବିଶ୍ୱବିଦ୍ୟାଳୟ ଏବଂ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଚଳିତ ବର୍ଷ ଏପ୍ରିଲରୁ ନିୟମିତ କୁଳପତି ନାହାନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଚଳିତ ବର୍ଷ ମାର୍ଚ୍ଚ ମାସରୁ ନିୟମିତ କୁଳପତି ପଦବୀଟି ଖାଲି ପଡ଼ିଛି।

## ମଧ୍ୟାହ୍ନଭୋଜନ ଯୋଜନାରେ ୫୬ ଲକ୍ଷ ଛାତ୍ରଛାତ୍ରୀ ସାମିଲ

ରାଜ୍ୟରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ୫୬ ଲକ୍ଷ ୪୯ ହଜାର ୫୨୪ ଜଣ ଛାତ୍ରଛାତ୍ରୀଙ୍କୁ ସାମିଲ କରାଯାଇଛି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ମନ୍ତ୍ରୀ ଦର୍ଶାଇଛନ୍ତି ଯେ ରାଜ୍ୟ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କର ମୁଣ୍ଡପିଛା ଦୈନିକ ଖାଦ୍ୟ ମୂଲ୍ୟ ୧୧ ଟଙ୍କା ୧୫ ପଇସା। ସେହିପରି ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କର ଦୈନିକ ମୁଣ୍ଡ ପିଛା ଖାଦ୍ୟର ମୂଲ୍ୟ ୧୪ ଟଙ୍କା ୭୪ ପଇସା। ଛାତ୍ରଛାତ୍ରୀମାନଙ୍କୁ ସୋମବାର, ବୁଧବାର ଓ ଶୁକ୍ରବାର ଦିନ ମଧ୍ୟାହ୍ନଭୋଜନରେ ଭାତ ଓ ଅଣ୍ଡା ତରକାରୀ ଦିଆଯାଉଥିବା ବେଳେ ମଙ୍ଗଳବାର ଓ ଶନିବାର ଦିନ ଭାତ ଓ ସୋୟାବଡି ତରକାରୀ ସହ ପୁଷ୍ଟିଯୁକ୍ତ ଲଡୁ ଦିଆଯାଉଛି। ଗୁରୁବାର ଦିନ ପିଲାଙ୍କୁ ଭାତ ଓ ଡାଲମା ସହିତ ପୁଷ୍ଟିକର ଲଡୁ ମିଳୁଛି। ଏହାଛଡ଼ା ସୋମବାର, ବୁଧବାର ଓ ଶୁକ୍ରବାର ଦିନ ଅଣ୍ଡା ଖାଉ ନ ଥିବା ଛାତ୍ରଛାତ୍ରୀଙ୍କୁ ଫଳ ଦିଆଯିବାର ବ୍ୟବସ୍ଥା ଅଛି।

## ସରକାରୀ ଡିଗ୍ରୀ କଲେଜରେ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି ପ୍ରାବଧାନ ନାହିଁ

ବର୍ତ୍ତମାନ ପ୍ରଚଳିତ ନିୟମାବଳୀ ଅନୁସାରେ ସରକାରୀ ଡିଗ୍ରୀ ମହାବିଦ୍ୟାଳୟ ଓ ଶିକ୍ଷକ ଶିକ୍ଷା ଅନୁଷ୍ଠାନଗୁଡ଼ିକରେ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତିର କୌଣସି ପ୍ରାବଧାନ ନାହିଁ। ରାଜ୍ୟର ସମସ୍ତ ସରକାରୀ ଡିଗ୍ରୀ ମହାବିଦ୍ୟାଳୟ ଓ ଶିକ୍ଷକ ଶିକ୍ଷା ଅନୁଷ୍ଠାନଗୁଡ଼ିକରେ ଅଧ୍ୟାପକମାନଙ୍କ ମଧ୍ୟରୁ ଜଣଙ୍କୁ ଅତିରିକ୍ତ ଦାୟିତ୍ୱ ତଥା ଭାରପ୍ରାପ୍ତ ଅଧ୍ୟକ୍ଷ ରୂପେ ନିଯୁକ୍ତି କରାଯାଉଛି ଏବଂ ଅଧ୍ୟକ୍ଷମାନେ ସେମାନଙ୍କର ଦାୟିତ୍ୱ ସୁଚାରୁରୂପେ ନିର୍ବାହ କରୁଛନ୍ତି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖକରିଛନ୍ତି ଯେ ଉଚ୍ଚଶିକ୍ଷା ବିଭାଗ ଅଧିନରେ ସରକାରୀ ସରକାରୀ ଡିଗ୍ରୀ ମହାବିଦ୍ୟାଳୟଗୁଡ଼ିକରେ ଠିକାରେ କୌଣସି ଅଧ୍ୟାପକ କାର୍ଯ୍ୟରତ ନାହାନ୍ତି। ସରକାରୀ ଶିକ୍ଷକ ଶିକ୍ଷା ଅନୁଷ୍ଠାନଗୁଡ଼ିକରେ ୫ ଜଣ ଅଧ୍ୟାପକ ଠିକାରେ କାର୍ଯ୍ୟ କରୁଛନ୍ତି। ସେହିପରି ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକରେ ଠିକାରେ କୌଣସି ଅଧ୍ୟାପକ କାର୍ଯ୍ୟରତ ନାହାନ୍ତି। ଉଚ୍ଚଶିକ୍ଷା ବିଭାଗ ଅଧିନରେ ଥିବା ସରକାରୀ ଡିଗ୍ରୀ ମହାବିଦ୍ୟାଳୟଗୁଡ଼ିକରେ ୧୮୯ଜଣ ଅଣଶିକ୍ଷକଙ୍କୁ ଠିକାରେ ରଖାଯାଇଛି। ସେହିପରି ବେସରକାରୀ ଅନୁଦାନପ୍ରାପ୍ତ ୪୮୮ ବର୍ଗ ମହାବିଦ୍ୟାଳୟଗୁଡ଼ିକର ସପରିଚାଳନା ନିମନ୍ତେ ଅଣଶିକ୍ଷକଙ୍କ ସମ୍ପୃକ୍ତ କଲେଜର ପରିଚାଳନା ସମିତି ନିଯୁକ୍ତି କରିଥାନ୍ତି ବୋଲି ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି।

## ଜାତୀୟ ଦଳରେ ଓଡ଼ିଶାର ୪୬ କ୍ରୀଡ଼ାବିତ୍

ହକି, କ୍ରିକେଟ, ଫୁଟବଲ, ଭଲିବଲ ସମେତ ବିଭିନ୍ନ କ୍ରୀଡ଼ା ପାଇଁ ଥିବା ଜାତୀୟ ଦଳରେ ଏବେ ଓଡ଼ିଶାର ୪୬ ଜଣ କ୍ରୀଡ଼ାବିତ୍ ଓ ୭ଜଣ କୋଚ୍ ଅଛନ୍ତି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ଜାତୀୟ ଦଳରେ ଓଡିଶାର ଯେଭଳି ଅଧିକ କ୍ରୀଡ଼ାବିତ୍ ସ୍ଥାନ ପାଆନ୍ତି ସେଥିରେ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏଥିରେ ଓଡ଼ିଶାର ଖେଳାଳିମାନଙ୍କ ପାଇଁ ୧୫ଟି ଜିଲ୍ଲାରେ ୧୬ଟି କ୍ରୀଡ଼ା ଛାତ୍ରାବାସ ସ୍ଥାପନ କରାଯାଇ ୧୫ଟି କ୍ରୀଡ଼ା ଶୃଙ୍ଖଳାରେ ଖେଳାଳିମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଓଡ଼ିଶାର ଖେଳାଳିମାନଙ୍କୁ ଉଚ୍ଚମାନର କ୍ରୀଡ଼ା ପ୍ରଶିକ୍ଷଣ ଦେବାପାଇଁ ୧୭ଟି କ୍ରୀଡ଼ା ପ୍ରଦର୍ଶନ କେନ୍ଦ୍ର ଖୋଲାଯାଇ ୧୧ଟି ଶୃଙ୍ଖଳାରେ ଉଚ୍ଚମାନର କ୍ରୀଡ଼ା ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ଜାତୀୟ ଦଳରେ ଥିବା ହକିରେ ୧୨ଜଣ ଖେଳାଳି ଥିବାବେଳେ କୋଚ୍ ବାରେନ୍ଦ୍ର ଲାକ୍ରା ରହିଛନ୍ତି। ସେହିଭଳି ଖୋ ଖୋରେ ୩ଜଣ କ୍ରୀଡ଼ାବିତ୍ ଥିବାବେଳେ ହ୍ୟାଣ୍ଡବଲରେ ୪ଜଣ ରହିଛନ୍ତି। ଆଥଲେଟିକ୍ସରେ ଓଡ଼ିଶାର ୨୨ଜଣ ରହିଛନ୍ତି। ସିପାକ ଟାକ୍ର କ୍ରୀଡ଼ାରେ ୩ ଜଣ, ଫୁଟ୍‌ବଲରେ ଜଣେ ଓ କବାଡ଼ିରେ ଜଣେ କ୍ରୀଡ଼ାବିତ୍‌ଙ୍କ ସହ କୋଚ୍ ଜୟଶ୍ରୀ ସ୍ୱାଇଁ ରହିଛନ୍ତି।

## ଖାଲି ପଡ଼ିଛି ୧୦୦ ବିଇଓ ପଦବୀ

ରାଜ୍ୟରେ ବିନା ମୁରବୀରେ ପାଖାପାଖି କେତେକ ସ୍କୁଲ୍ ଚାଲିଛି। କାରଣ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପାଖାପାଖି ୧୦୦ଟି ବିଇଓ ପଦବୀ ଖାଲି ପଡ଼ିଛି। ଏଥି ମଧ୍ୟରୁ ସର୍ବାଧିକ ମୟୂରଭଞ୍ଜରେ ଖାଲି ପଡ଼ିଛି। ଏହି ଜିଲ୍ଲାର ୧୯ଟି ବ୍ଲକ୍‌ରେ ବିଇଓ ନଥିବା ବେଳେ ଜଗତସିଂହପୁର ଜିଲ୍ଲା ସହ କୋରାପୁଟ ଓ ରାୟଗଡ଼ା ଜିଲ୍ଲାରେ ୭ଟି ଲେଖାଏଁ ବିଇଓ ପଦବୀ ଖାଲି ପଡ଼ିଛି। ଆହୁରି ବାଲେଶ୍ୱର ଜିଲ୍ଲାର ୬ଟି ବ୍ଲକ୍‌ରେ ବିଇଓ ନାହାନ୍ତି। ଏହାଛଡ଼ା ଅନୁଗୁଳ, କନ୍ଧମାଳ, ଗଞ୍ଜାମ ଓ ସମ୍ବଲପୁର ଜିଲ୍ଲାର ୫ଟି ବ୍ଲକ୍‌ରେ ବିଇଓ ପଦବୀ ଖାଲି ପଡ଼ିଥିବା ବେଳେ ଯାଜପୁର, କେନ୍ଦ୍ରାପଡ଼ା, ପୁରୀ, ଭଦ୍ରକର ୪ଟି ବ୍ଲକ୍‌ରେ ମଧ୍ୟ ବିଇଓ ନାହାନ୍ତି। ତା'ଛଡ଼ା କେନ୍ଦୁଝର, ନବରଙ୍ଗପୁର, ନୟାଗଡ଼, ସୋନପୁରର ୩ଟି ଲେଖାଏଁ ବିଇଓ ପଦବୀ ଖାଲି ପଡ଼ିଥିବା ବେଳେ ବଲାଙ୍ଗୀର, କଟକ, ଖୋର୍ଦ୍ଧା, ମାଲକାନଗିରି, ସୁନ୍ଦରଗଡ଼ ଜିଲ୍ଲାର ୨ଟି ବ୍ଲକ୍‌ରେ କୌଣସି ବିଇଓ ନାହାନ୍ତି ବୋଲି ଆଜି ବିଧାନସଭାରେ ପ୍ରଶ୍ନୋତ୍ତର କାଳରେ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ପ୍ରଶ୍ନର ଉତ୍ତରରେ ଉଲ୍ଲେଖ କରିଛନ୍ତି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ସେ କହିଛନ୍ତି ଯେ ଢେଙ୍କାନାଳ ଜିଲ୍ଲା ବ୍ୟତୀତ ବରଗଡ଼, ଦେବଗଡ଼ ଓ ଗଜପତି ଜିଲ୍ଲାର ଗୋଟିଏ ଲେଖାଏଁ ବ୍ଲକ୍‌ରେ ବିଇଓ ପଦବୀ ଖାଲି ପଡ଼ିଛି।

## ବିଜେବି କଲେଜରେ ଚାଲିଛି ର‍୍ୟାଗିଂ

ରାଜ୍ୟର ମର୍ଯ୍ୟାଦାଜନକ ମହାବିଦ୍ୟାଳୟ ବିଜେବି କଲେଜରେ ର‍୍ୟାଗିଂ ଚାଲିଛି। ତେଣୁ ଏହି କଲେଜରେ ପଢୁଥିବା ଛାତ୍ରଛାତ୍ରୀ ସାବଧାନ ରୁହନ୍ତୁ। କାରଣ ଏହି କଲେଜରେ ଗତ ୧୬ ମାସରେ ୪ଟି ର‍୍ୟାଗିଂ ମାମଲା ସାମ୍ନାକୁ ଆସିଛି। ଏନେଇ ଆଜି ବିଧାନସଭାରେ ଉତ୍ତର ରଖିବା ସମୟରେ ସୂଚନା ଦେଇଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ସେ କହିଛନ୍ତି ଯେ ରାଜ୍ୟର ଦୁଇଟି ସରକାରୀ କଲେଜରେ ଗତ ୧୬ ମାସ ଭିତରେ ର‍୍ୟାଗିଂ ହୋଇଥିବା ସୂଚନା ରହିଛି। ଏହି ଦୁଇଟି କଲେଜ ଦୁଇଟି ପୃଥକ୍ ଜିଲ୍ଲାରେ ରହିଛି। ସେଗୁଡ଼ିକ ହେଲା ସୁନ୍ଦରଗଡ଼ ଓ ଖୋର୍ଦ୍ଧା। ର‍୍ୟାଗିଂ ହୋଇଥିବା ସୁନ୍ଦରଗଡ଼ ଜିଲ୍ଲାର କଲେଜଟି ହେଉଛି ରାଉରକେଲାସ୍ଥିତ ସରକାରୀ ଅଟୋନୋମସ୍ କଲେଜ। ଉଭୟ ବିଜେବି ଓ ସରକାରୀ ଅଟୋନୋମସ୍ କଲେଜରେ ୪ଟି ଲେଖାଏଁ ର‍୍ୟାଗିଂ ଅଭିଯୋଗ ରହିଛି ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ପ୍ରଶ୍ନର ଉତ୍ତରରେ ସୂଚନା ଦେଇଛନ୍ତି ମନ୍ତ୍ରୀ ଶ୍ରୀ ସୂରଜ।

ସଂସଦରେ ଢେଙ୍କାନାଳ ସାଂସଦଙ୍କ ଦାବି ଉପସ୍ଥାପନ

# ବର୍ଷେ ଭିତରେ ସରୁ ତାଳଚେର ସାର କାରଖାନା କାମ



କ୍ଷତିଗ୍ରସ୍ତଙ୍କୁ ନିଯୁକ୍ତି ଉପରେ ଗୁରୁତ୍ୱାରୋପ

**ଭୁବନେଶ୍ୱର,୫ା୧୨(ସଂଚାର ବ୍ୟୁରୋ):** ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଆସିଥିବା ବେଳେ ଆଜି ସଂସଦରେ ତାଳଚେର ସାର କାରଖାନା କାର୍ଯ୍ୟ ତୁରନ୍ତ ସାରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଗତକାଲି ଶ୍ରୀ ପାଣି ସ୍ୱାଧୀନତା ସଂଗ୍ରାମୀଙ୍କୁ ଉଚିତ ସମ୍ମାନ ପାଇଁ ସ୍ମାରକୀ ଡାକଟିକଟ ପ୍ରଚଳନ ସକାଶେ ଦାବି କରିଥିଲେ। ଆଜି ତାଳଚେର ସାର କାରଖାନା ପ୍ରସଙ୍ଗରେ ସେ କହିଛନ୍ତି ଯେ ୭୦ ଦଶକରୁ ପ୍ରତିଷ୍ଠା ହୋଇଥିବା ଏହି କାରଖାନା ପରିଚାଳନାଗତ ତ୍ରୁଟି ଯୋଗୁଁ ବନ୍ଦ ହୋଇଥିଲା। ୨୦୦୪ରେ ସେ ରାଜ୍ୟସଭା ସଦସ୍ୟ ଥିବା ସମୟରେ ସଂସଦରେ ମାଡ୍ରାସ ଫର୍ଟିଲାଇଜର ପ୍ରସଙ୍ଗରେ ଆଲୋଚନା ସମୟରେ ତାଳଚେର ସାର କାରଖାନା କାର୍ଯ୍ୟକ୍ଷମ ପ୍ରସଙ୍ଗରେ ଦାବି ଉପସ୍ଥାପନ କରିଥିଲେ। ପରେ ଅନେକ ଥର ଏହି ପ୍ରସଙ୍ଗ ପୁନଃସ୍ଥାପନ ପାଇଁ ସଂସଦରେ ଦାବିଉପସ୍ଥାପନ କରିଥିଲେ। ପରବର୍ତ୍ତୀ ସମୟରେ କେନ୍ଦ୍ରରେ ମୋଦି ସରକାର କ୍ଷମତାକୁ ଆସିବା ପରେ କେନ୍ଦ୍ର ସରକାରଙ୍କ ରାଷ୍ଟ୍ରୀୟ ଉଦ୍ୟୋଗ କୋଲ ଇଣ୍ଡିଆ, ଆରସିଏଫ ଓ ଗେଲ୍‌ର ମିଳିତ ଉଦ୍ୟମରେ ତାଳଚେର ଫର୍ଟିଲାଇଜର ଲିମିଟେଡ୍ (ଟିଏଫ୍‌ଏଲ୍) ନାମରେ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରୟାସରେ ଉଦ୍ୟମ ହୋଇଥିଲା। ତତ୍କାଳୀନ ସାର ରସାୟନ ମନ୍ତ୍ରୀ ଅନନ୍ତ କୁମାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଗତ ୨୦୧୮ରେ ଟିଏଫଏଲ ପ୍ଲାଣ୍ଟର ଶିଳାନ୍ୟାସ କରିଥିଲେ। ସେତେବେଳେ ୨୦୨୨ ସୁଦ୍ଧା ପ୍ଲାଣ୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି କୁହାଯାଇଥିଲା। କିନ୍ତୁ ଭିନ୍ନ ଭିନ୍ନ କାରଣ ପାଇଁ ଅଦ୍ୟାବଧି ଏହି ପ୍ଲାଣ୍ଟ୍ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏ ସଂକ୍ରାନ୍ତରେ ସାଂସଦ ଶ୍ରୀ ପାଣି ବିଜେପି ରାଷ୍ଟ୍ରୀୟ ମୁଖ୍ୟ ଜେପି ନଡ୍ଡାଙ୍କର ମଧ୍ୟ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେଣୁ କେନ୍ଦ୍ର ସରକାର ଏ ଦିଗରେ ପଦକ୍ଷେପ ନେଇ ଆସନ୍ତା ବର୍ଷକ ମଧ୍ୟରେ ପ୍ଲାଣ୍ଟର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ସକାଶେ ଶ୍ରୀ ପାଣି ଦାବି କରିଛନ୍ତି। ସେହିପରି ଟିଏଫ୍‌ଏଲ୍‌ରେ ପୂର୍ବରୁ କାର୍ଯ୍ୟରତ ଥିବା କର୍ମଚାରୀମାନଙ୍କର ପରିବାର ସଦସ୍ୟ ତଥା କ୍ଷତିଗ୍ରସ୍ତଙ୍କ ସହ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବା ସକାଶେ ମଧ୍ୟ ସଂସଦରେ ଶ୍ରୀ ପାଣି ଦାବି କରିଛନ୍ତି।

■ ସ୍ତ୍ରୀ ଥାଉ ଥାଉ ଅନ୍ୟ ଜଣକୁ ପ୍ରେମ ବିବାହ

# ଗିରଫ ହେଲେ ରସିକିଆ ଜେଲ ୱାର୍ଡର

**ଢେଙ୍କାନାଳ ୫ା୧୨(ସଂଚାର ବ୍ୟୁରୋ):** ପ୍ରଥମ ପତ୍ନୀ ଥାଉ ଥାଉ ପୁଣି ଅନ୍ୟ ଜଣଙ୍କୁ ପ୍ରେମ ବିବାହ। ନିଜ ପତ୍ନୀର ପରିଚୟ ଦେଇ ସରକାରୀ କ୍ୱାର୍ଟରରେ ରଖିଥିଲେ ଦ୍ୱିତୀୟ ପତ୍ନୀଙ୍କୁ। ଜଣେ ସରକାରୀ କର୍ମଚାରୀ ହୋଇ ସରକାରଙ୍କୁ ଠକି ଚାଲିଥିବା ବେଳେ ଆଇନ ଜାଲରେ ଫସିଛନ୍ତି ସରକାରୀ କର୍ମଚାରୀ। ପୁଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଜାମିନ ଖାରଜ ଯୋଗୁଁ ଝାରପଡା ଜେଲକୁ ଯାଇଛନ୍ତି। ସୂଚନାଯୋଗ୍ୟ ଯେ, ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପକାରଗାରର ୱାର୍ଡର ବିଜୟ କୁମାର ରାଉତ ପ୍ରଥମ ପତ୍ନୀ ଥାଉ ଥାଉ ଦ୍ୱିତୀୟ ବିବାହ କରି ଗିରଫ ହୋଇଛନ୍ତି। ବିଜୟଙ୍କ ଘର ଆଠଗଡ଼ ଥାନା ଅନ୍ତର୍ଗତ ସାମ୍ ସେରପୁର ଗ୍ରାମରେ। ବୈଦିକ ରୀତିରେ ବିଜୟ ପ୍ରଥମ ବିବାହ କରିସାରିଥିଲେ। ମାତ୍ର ଅନ୍ୟ ଜଣେ ଯୁବତୀଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଥିଲା। ପରେ ତାଙ୍କୁ ଲୁଚିଛପି ବିବାହ କରିଥିଲେ। ଏପରିକି ନିଜ ପ୍ରଥମ ପତ୍ନୀ ଥାଉ ଥାଉ ବିଜୟ ଦ୍ୱିତୀୟ ପତ୍ନୀ ପରିଚୟ ଦେଇ ହିନ୍ଦୋଳ ଉପ କାରାଗାର ସରକାରୀ କ୍ୱାର୍ଟରରେ ନେଇ ରଖିଥିଲେ। ତେବେ ପ୍ରଥମ ପତ୍ନୀ ନ୍ୟାୟ ପାଇଁ ଏ ସମ୍ପର୍କରେ ଖୋର୍ଦ୍ଧା ଫ୍ୟାମିଲି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହା ପରେ ବିଜୟ ୨୦୨୪ ମସିହା ଜୁନ୍ ୬ ତାରିଖରୁ କେଉଁଆଡେ ଫେରାର ହୋଇଯାଇଥିଲେ। ତେବେ କୋର୍ଟ ଜାମିନ ବିହୀନ ପରୱାନା ଜାରି କରିଥିବାରୁ ପୁଲିସ ତାଙ୍କୁ ଖୋଜୁଥିଲା। ତେବେ ବିଶେଷ ସୂତ୍ରରୁ ଖବର ପାଇ ଆଠଗଡ଼ ଅଞ୍ଚଳରେ ବିଜୟଙ୍କୁ ପୁଲିସ କାବୁ କରିଛି। ପରେ ଖୋର୍ଦ୍ଧା ଫ୍ୟାମିଲି କୋର୍ଟଙ୍କୁ ଚାଲାଣ ପରେ ଜାମିନ ଖାରଜ ହେବାରୁ ବିଜୟଙ୍କୁ ଝାରପଡା ଜେଲକୁ ପଠାଇ ଦିଆଯାଇଥିବା ଜଣାପଡିଛି।

## ଆମ୍ବୁଲାନ୍ସକୁ ପିଟିଲା ବାଇକ୍, ଚାଳକ ମୃତ

**ବଲାଙ୍ଗିର, ୫ା୧୨ (ସଂଚାର ବ୍ୟୁରୋ):** ବଲାଙ୍ଗୀର-ପାଟଣାଗଡ଼ ୫୭ନମ୍ବର ରାଜ୍ୟ ରାଜପଥ ରାସ୍ତା ଝାଙ୍କରପାଲି ଆର.ଆର. କଲୋନୀ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ଯୁବ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ଲୋଇସିଂହା ଥାନା ସାନଟିକା ଗାଁର ଅଜୟ ଜୁଏଡ଼ (୩୦)। କୁଟୁମତୋଲା ଗ୍ରାମରୁ ବାଇକ ଯୋଗେ ବଲାଙ୍ଗୀର ଆସୁଥିବା ବେଳେ ଝାଙ୍କରପାଲି ଆର.ଆର. କଲୋନୀ ନିକଟରେ ଏକ ଆମ୍ବୁଲାନ୍ସକୁ ଧକ୍କା ଦେଇଥିଲେ। ଧକ୍କା ଦେବା ଫଳରେ ରାସ୍ତାକଡ଼ରେ ଥିବା ଗଛ ସହ ବାଇକ ବାଡେଇ ହୋଇ ଯୁବକ ଜଣକ ଗୁରୁତର ହୋଇଥିଲେ। ବଲାଙ୍ଗୀର ସଦର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଜୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରିଥିଲା। ହସ୍ପିଟାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

● ମହାନଦୀ ଜଳ ବିବାଦରେ ମହାନଦୀ ବଞ୍ଚାଅ ଆନ୍ଦୋଳନର ଦାବି

# ଅଣମୌସୁମୀରେ ଜଳ ଛାଡ଼ିବା ପାଇଁ ଚାପ ପକାନ୍ତୁ ସରକାର




**ଭୁବନେଶ୍ୱର,୫ା୧୨(ସଂଚାର ବ୍ୟୁରୋ):** ମହାନଦୀ ଜଳ ବିବାଦ ସଂକ୍ରାନ୍ତରେ ଗତକାଲି ବିଧାନସଭାରେ ହୋଇଥିବା ଆଲୋଚନା ଓ ଆଜି ରାୟପୁରରେ ଅନୁଷ୍ଠିତ ଟେକ୍ନିକାଲ କମିଟି ବୈଠକ ପ୍ରରିପ୍ରେକ୍ଷୀରେ ଆଜି ସ୍ଥାନୀୟ ଜୟଦେବ ଭବନ ସମ୍ମୁଖରେ ଏକ ସାମ୍ବାଦିକ ସମ୍ମିଳନୀରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ବିଭିନ୍ନ ଦାବି କରିଛି। ବିଶେଷକରି ଅଣମୌସୁମୀ ସମୟରେ ଛତିଶଗଡ଼ ମହାନଦୀ ଜଳ ରୋକିଦେଉଥିବାରୁ ଓଡ଼ିଶା ଜନସାଧାରଣ ବିଭିନ୍ନ ପ୍ରକାରେ ହଇରାଣ ହରକତ ହେଉଛନ୍ତି। ତେଣୁ ଏହି ସମୟରେ ଛତିଶଗଡ଼ ଯେପରି ଜଳ ଛାଡ଼ିବ, ସେନେଇ ଓଡ଼ିଶା ସରକାର ଚାପ ପକାଇବା ସକାଶେ ସଂଗଠନ ପକ୍ଷରୁ ଦାବି କରାଯାଇଛି।

ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ କହିଛନ୍ତି ଯେ ରାଜ୍ୟ ସରକାର ସର୍ବପ୍ରଥମେ ନିଜ ଘର ଭିତରେ ମହାନଦୀକୁ ନେଇ ବିବାଦର ସମାଧାନ କରିବା ଉପରେ ଜୋର୍ ଦେବା ଉଚିତ। ସେହିପରି ରାଜ୍ୟର ସମସ୍ତ ରାଜନୈତିକ ଦଳ ସହ ମହାନଦୀ ଉପରେ କାର୍ଯ୍ୟ କରୁଥିବା ସଂଗଠନ, ବିଶେଷଜ୍ଞ ଓ ମହାନଦୀର ଭାଗିଦାରୀମାନଙ୍କୁ ଡାକି ବିବାଦର ସମାଧାନ ପାଇଁ ସହମତି ଆଣିବା ଦରକାର। ସେହିପରି ଆଜି ରାୟପୁରରେ ଟେକ୍ନିକାଲ୍ କମିଟି ବୈଠକରେ ସରକାର ଆପୋଷ ସମାଧାନ ନେଇ ସମାଧାନ ଆଶା କରାଯାଇଛି, କିନ୍ତୁ ସେ ସମାଧାନର ଆଧାର କ'ଣ ତାହା ସରକାର ସ୍ପଷ୍ଟ କରିବା ଦରକାର। ଆହୁରି ବର୍ଷା ଦିନରେ ବାଦଲଫଟା ବର୍ଷା ସମୟରେ ଛତିଶଗଡ଼ ନିଜ ସୁରକ୍ଷା ପାଇଁ ବ୍ୟାରେଜ ଓ ଡ୍ୟାମଗୁଡ଼ିକର ଗେଟ ଖୋଲି ଦେଉଥିବାରୁ ଏହା ହୀରାକୁଦ ତଳମୁଣ୍ଡରେ ରହୁଥିବା ଲୋକଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ତେଣୁ ଏପରି ଧନଜୀବନ ହାନୀ ରୋକିବା ସକାଶେ ସରକାର କ'ଣ କରୁଛନ୍ତି, ସେନେଇ ଦୃଷ୍ଟିଭଙ୍ଗୀ ସ୍ପଷ୍ଟ ହେବା ଦରକାର ବୋଲି ଶ୍ରୀ ଦାସ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ମହାନଦୀର ଜଳ ଭାଗବଣ୍ଟା ସମୟରେ ବିଭିନ୍ନ ରାଜ୍ୟ ଭାଗ ପାଇବେ। ହେଲେ ସେ ପାଣି ଉପରେ ମହାନଦୀର ଏକ ଭାଗ ରହିବା ଜରୁରୀ, ଯାହାକୁ ପରିବେଶ ପ୍ରବାହ କୁହାଯାଏ। ସେଥିପ୍ରତି ସରକାରଙ୍କ ଆଭିମୁଖ୍ୟ କ'ଣ ତାହା ସ୍ପଷ୍ଟ କରାଯିବା ଉଚିତ ବୋଲି ଶ୍ରୀ ଦାସ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଇଂ. ଲଳିତ ମୋହନ ପଟ୍ଟନାୟକ, ବିଜୟ ପ୍ରଧାନ, ମନୋଜ ଜେନା, ସଚ୍ଚିକାନ୍ତ ପ୍ରଧାନ, ପ୍ରସନ୍ନ ବିଶୋଇ, ବିଜୟ ପରିଡ଼ା, ଗିରିଜା ଶଙ୍କର ଦାସ, ସତ୍ୟବ୍ରତ ପ୍ରଧାନ, ବିପିନ ମହାନ୍ତି, ଅରୁଣ ସ୍ୱାଇଁ ଉପସ୍ଥିତ ଥିଲେ।

# ଅନ୍‌ଲାଇନରେ ରିସେପ୍‌ସନ ଭୋଜି ଦେଲେ ଭୁବନେଶ୍ୱର ବର



**ଭୁବନେଶ୍ୱର, ୫ା୧୨(ସଂଚାର ବ୍ୟୁରୋ):** ବିନା ବର କନ୍ୟାରେ ଆପଣ କେବେ ରିସେପସନ ହେବାର ଦେଖିଛନ୍ତି କି? କିନ୍ତୁ ବାସ୍ତବରେ ଭୁବନେଶ୍ୱରର ସଙ୍ଗମ ଦାସଙ୍କ ସହ ଏପରି ହୋଇଥିବା ଦେଖିବାକୁ ମିଳିଛି। ଯିଏ ବିମାନ ବାତିଲ ହେବା ଯୋଗୁଁ ନିଜ ରିସେପସନରେ ଯୋଗ ଦେଇପାରିନାହାନ୍ତି। ନଭେମ୍ବର ୨୩ରେ ଭୁବନେଶ୍ୱରରେ ବଡ ଧୂମଧାମରେ ଗୁଜରାଟ ହୁବଲିର ମେଧା କ୍ଷୀରସାଗର ଏବଂ ଭୁବନେଶ୍ୱରର ସଙ୍ଗମ ଦାସ ବିବାହ କରିଥିଲେ। ପରେ ବୁଧବାର କନ୍ୟାଙ୍କ ଜନ୍ମସ୍ଥାନ ହୁବୁଲିରେ ତାଙ୍କର ରିସେପ୍ସନ ହେବାର ଥିଲା। କିନ୍ତୁ ଇଣ୍ଡିଗୋ ବିମାନର ସଙ୍କଟ ଯୋଗୁଁ ନବବିବାହିତ ଦମ୍ପତିଙ୍କୁ ସେମାନଙ୍କର ରିସେପ୍ସନରେ ଭର୍ଚୁଆଲ୍ ମାଧ୍ୟମରେ ଯୋଗ ଦେବାକୁ ପଡିଥିଲା।

ବେଙ୍ଗାଲୁରୁର ସଫ୍ଟୱେର୍ ଇଞ୍ଜିନିୟର ଭାବରେ କାମ କରୁଥିବା ମେଧା କ୍ଷୀରସାଗର ଏବଂ ଭୁବନେଶ୍ୱରର ସଙ୍ଗମ ଦାସ ଉଭୟ ନଭେମ୍ବର ୨୩ ତାରିଖରେ ଭୁବନେଶ୍ୱରରେ ବିବାହ କରିଥିଲେ। ପରେ ଏହି ଦମ୍ପତି କନ୍ୟାଙ୍କ ଜନ୍ମସ୍ଥାନ ହୁବଲିର ଗୁଜରାଟ ଭବନରେ ସେମାନଙ୍କର ରିସେପ୍ସନକୁ ଖୁବ ଧୁମଧାମରେ ଆୟୋଜନ କରିଥିଲେ। କିନ୍ତୁ ଇଣ୍ଡିଗୋ ଏୟାରଲାଇନ୍ସ ଅନେକ ଉଡ଼ାଣ ବାତିଲ କରିବା ପରେ ଏହି କାର୍ଯ୍ୟକ୍ରମରେ ସେମାନେ ପହଞ୍ଚିପାରି ନଥିଲେ। ତେଣୁ ସେମାନେ ଭୁବନେଶ୍ୱରରେ ରହି ଅନଲାଇନ ମାଧ୍ୟମରେ ନିଜ ରିସେପସନରେ ଯୋଗଦେଇଥିଲେ। ଏପଟେ କିନ୍ତୁ କନ୍ୟାଙ୍କ ପିତା ରିସେପସନ ମଣ୍ଡପ ସହ ସବୁ ପ୍ରସ୍ତୁତି ସମାପ୍ତ କରିଥିଲେ। ଏପରିକି କିଛି ବନ୍ଧୁବାନ୍ଧବ ମଧ୍ୟ ରିସେପସନରେ ଯୋଗଦେବାକୁ ଆସି ପହଞ୍ଚିଥିଲେ। ଏପରି ସମୟରେ ରିସେପସନକୁ ଅଧାରୁ ବନ୍ଦ କରିବା ସମ୍ଭବ ନଥିଲା। ସେଥିପାଇଁ ଉଭୟ ବର କନ୍ୟା ଭୁବନେଶ୍ୱରରେ ରହି ବିବାହ ପୋଷାକ ପିନ୍ଧି ପ୍ରସ୍ତୁତ ହୋଇ ଭିଡିଓ କନଫରେନ୍ସିଂ ମାଧ୍ୟମରେ ନିଜ ରିସେପସନରେ ଯୋଗ ଦେଇଥିଲେ।

# ମାଧ୍ୟମିକ ସ୍ତରରେ ସର୍ବାଧିକ ଡ୍ରପ୍‌ଆଉଟ୍

**ଭୁବନେଶ୍ୱର,୫ା୧୨:** ଛାତ୍ରଛାତ୍ରୀମାନଙ୍କର ଅଧାରୁ ପାଠ ଛାଡୁଥିବା (ଡ୍ରପ୍‌ଆଉଟ୍)କୁ ନେଇ ସବୁ ସ୍ତରରେ ଉଦ୍‌ବେଗ ପ୍ରକାଶ ପାଉଥିବାବେଳେ ଅଧିକାଂଶ ଛାତ୍ରଛାତ୍ରୀ ନବମ ଓ ଦଶମ ଶ୍ରେଣୀରେ ଅଧାରୁ ପାଠ ଛାଡୁଥିବା ଜଣାଯାଇଛି।

ସରକାରୀ ସ୍ତରରୁ ମିଳିଥିବା ସୂଚନା ଅନୁଯାୟୀ ପ୍ରାଥମିକ ସ୍ତରରେ ରାଜ୍ୟରେ ହାରାହାରି ଭାବେ ୦.୭ ପ୍ରତିଶତ ଛାତ୍ରଛାତ୍ରୀ ଅଧାରୁ ପାଠ ଛାଡୁଥିବାବେଳେ ମାଧ୍ୟମିକ ସ୍ତର ଯାହାକି ଷଷ୍ଠରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ରହିଛି ସେଠାରେ ହାରାହାରି ୩.୨ ପ୍ରତିଶତ ପିଲା ଅଧାରୁ ପାଠ ଛାଡୁଛନ୍ତି। ଏମାନଙ୍କ ମଧ୍ୟରେ ଛାତ୍ରଙ୍କ ସଂଖ୍ୟା ୩.୭ ପ୍ରତିଶତ ହୋଇଥିବାବେଳେ ଛାତ୍ରୀଙ୍କ ସଂଖ୍ୟା ୨.୬ ପ୍ରତିଶତ ରହିଛି।



ହେଲେ ମାଧ୍ୟମିକ ଶ୍ରେଣୀ ବିଶେଷକରି ନବମରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅଧାରୁ ପାଠ ଛାଡିବାର ହାର ଅଧିକ ରହିଛି। ୨୦୨୪-୨୫ ଶିକ୍ଷାବର୍ଷରେ ଏହି ଦୁଇ ଶ୍ରେଣୀରେ ହାରାହାରି ୧୫ ପ୍ରତିଶତ ଛାତ୍ରଛାତ୍ରୀ ଅଧାରୁ ପାଠ ଛାଡିଛନ୍ତି। ଏମାନଙ୍କ ମଧ୍ୟରେ ଛାତ୍ରଙ୍କ ସଂଖ୍ୟା ୧୭.୩ ପ୍ରତିଶତ ରହିଥିବା ବେଳେ ଛାତ୍ରୀଙ୍କ ସଂଖ୍ୟା ୧୨.୫ ପ୍ରତିଶତ ରହିଛି। ୨୦୨୩-୨୪ ବର୍ଷରେ ହାରାହାରି ୧୨.୮ ପ୍ରତିଶତ ଛାତ୍ରଛାତ୍ରୀ ଏହି ଶ୍ରେଣୀରେ ଅଧାରୁ ପାଠ ଛାଡିଥିଲେ। ତେବେ ନବମ ଓ ଦଶମ ଶ୍ରେଣୀରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ମଧ୍ୟରେ ସର୍ବାଧିକ ୨୯.୭ ପ୍ରତିଶତ ନବରଙ୍ଗପୁର ଜିଲ୍ଲାରେ ରହିଛି। ୨୩.୮ ପ୍ରତିଶତ ବୌଦ୍ଧ ଜିଲ୍ଲାର ଥିବାବେଳେ ନୟାଗଡ ଜିଲ୍ଲାରେ ଏହା ୨୩.୨ ପ୍ରତିଶତ ରେକର୍ଡ କରାଯାଇଛି। କେନ୍ଦୁଝର ଜିଲ୍ଲାରେ ଏହା ୨୨ ପ୍ରତିଶତ ଥିବାବେଳେ ଭଦ୍ରକ ଜିଲ୍ଲାରେ ୨୧.୯, ମାଲକାନଗିରିରେ ୨୧.୩, ଅନୁଗୁଳରେ ୨୦ ପ୍ରତିଶତ ରହିଛି। ରାଜ୍ୟ ରାଜଧାନୀ ଖୋର୍ଦ୍ଧା ଜିଲ୍ଲାରେ ଏହା ଶୂନ ପ୍ରତିଶତ ରେକର୍ଡ କରାଯାଇଥିବାବେଳେ କଟକରେ ୭.୬ ଏବଂ ପୁରୀରେ ୭.୯ ପ୍ରତିଶତ ରହିଛି। ସେହିଭଳି ଛାତ୍ରୀଙ୍କ ତୁଳନାରେ ଛାତ୍ରମାନେ ଅଧିକ ସଂଖ୍ୟାରେ ଅଧାରୁ ପାଠ ଛାଡୁଥିବା ରେକର୍ଡ ହୋଇଥିବାବେଳେ ନବରଙ୍ଗପୁର ଜିଲ୍ଲାରେ ୩୦ ପ୍ରତିଶତ ଛାତ୍ର ମାଧ୍ୟମିକ ସ୍ତରରେ ଅଧାରୁ ପାଠ ଛାଡୁଛନ୍ତି। ଭଦ୍ରକ ଜିଲ୍ଲାରେ ଏହା ୨୬.୪ ପ୍ରତିଶତ ଥିବାବେଳେ କେନ୍ଦୁଝରରେ ୨୬.୧ ପ୍ରତିଶତ ରହିଛି। ଆହୁରି ଉଚ୍ଚ ପ୍ରାଥମିକ ସ୍ତରରେ ୩.୭ ପ୍ରତିଶତ ଛାତ୍ର ଅଧାରୁ ପାଠ ଛାଡୁଥିବା ବେଳେ ଏମାନଙ୍କ ମଧ୍ୟରେ ମାଲକାନଗିରିରୁ ସର୍ବାଧିକ ୧୩.୨ ପ୍ରତିଶତ ରହିଛନ୍ତି। ଝାରସୁଗୁଡ଼ା ଜିଲ୍ଲାରେ ଏହି ଶ୍ରେଣୀରେ ଜଣେ ହେଲେ ପିଲା ଅଧାରୁ ପାଠ ଛାଡୁନଥିବା ରେକର୍ଡ କରାଯାଇଛି। ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ ଲାଗି ରାଜ୍ୟ ସରକାର ମାଗଣା ପୋଷାକଠାରୁ ଆରମ୍ଭ କରି ମଧ୍ୟାହ୍ନଭୋଜନ, ପୁସ୍ତକ, ସାଇକେଲ, ବୃତ୍ତି ଆଦି ଯୋଗାଇ ଦେଉଥିବାବେଳେ ଛାତ୍ରଛାତ୍ରୀମାନଙ୍କ ଅଧାରୁ ପାଠପଢା ଛାଡ଼ିବା ଏବେ କର୍ତ୍ତୃପକ୍ଷଙ୍କୁ ଚିନ୍ତାରେ ପକାଇଛି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ଶନିବାର ୬ ଡିସେମ୍ବର ୨୦୨୫, ଭୁବନେଶ୍ୱର
Saturday 6 December 2025, Bhubaneswar


# ପୁଟିନଙ୍କ ଗସ୍ତ ପରେ

ରୁଷର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କର ଭାରତ ଗସ୍ତ (ଡିସେମ୍ବର ୪-୫, ୨୦୨୫) ଏକ ଐତିହାସିକ ଘଟଣା ଭାବରେ ପରିଗଣିତ ହୋଇଛି। ଏହି ଗସ୍ତ ସମୟରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଆଲୋଚନା ହୋଇଛି। ରୁଷରୁ ତୈଳ କ୍ରୟ ଏବଂ ରକ୍ଷା ଉପକରଣ ଯେପରିକି ଏସ-୪୦୦ ଏୟାର ଡିଫେନ୍ସ ସିଷ୍ଟମ୍ ଏବଂ ସୁ-୫୭ ଯୁଦ୍ଧବିମାନ ସମ୍ପର୍କରେ ସମ୍ଭାବ୍ୟ ଚୁକ୍ତି ଉପରେ ଆଲୋଚନା ହୋଇଛି। ଏହା ଭାରତର



ଆଲୋଚନା ମାଧ୍ୟମରେ ଉଭୟ ଦେଶର ରଣନୀତିକ ସମ୍ପର୍କକୁ ଆହୁରି ମଜବୁତ କରାଯାଇଛି। ବିଶ୍ୱର ଚଳମାନ ରାଜନୈତିକ ଉତ୍ତେଜନା, ବିଶେଷକରି ୟୁକ୍ରେନ୍ ଯୁଦ୍ଧର ପୃଷ୍ଠଭୂମିରେ ଏହି ଗସ୍ତ ଭାରତର ଆନ୍ତର୍ଜାତୀୟ ନୀତିର ଏକ ସ୍ପଷ୍ଟ ବାର୍ତ୍ତା ଦେଉଛି। ଭାରତ ସ୍ୱାଧୀନ ବୈଦେଶିକ ନୀତିରେ ବିଶ୍ୱାସ କରୁଛି ଏବଂ କୌଣସି ଶିବିରରେ ଯୋଗ ଦେବାକୁ ଚାହୁଁନାହିଁ। ଏହା ବିଶ୍ୱକୁ ଦର୍ଶାଉଛି ଯେ ଭାରତ ରୁଷ ସହ ସମ୍ପର୍କକୁ ବଜାୟ ରଖି ପାରିବ ଏବଂ ପଶ୍ଚିମୀ ଦେଶମାନଙ୍କର ଚାପକୁ ଅଣଦେଖା କରିପାରିବ। ଏହି ଗସ୍ତରେ ବାଣିଜ୍ୟ, ଶାନ୍ତି ଏବଂ ରକ୍ଷା ସହଯୋଗ ଉପରେ ଅର୍ଥନୈତିକ ସ୍ୱାର୍ଥକୁ ସୁରକ୍ଷିତ କରୁଛି ଏବଂ ବିଶ୍ୱକୁ ବାର୍ତ୍ତା ଦେଉଛି ଯେ ଭାରତ ସଂଘର୍ଷର ମଧ୍ୟରେ ମଧ୍ୟ ସହଯୋଗର ପଥ ଅନୁସରଣ କରୁଛି। ମୋଦୀ ଏବଂ ପୁଟିନଙ୍କ ମଧ୍ୟରେ ହୋଇଥିବା ଆଲୋଚନାରେ ୟୁକ୍ରେନ୍ ସଂଘର୍ଷର ଶାନ୍ତିପୂର୍ଣ୍ଣ ସମାଧାନ ଉପରେ ଗୁରୁତ୍ୱ ଦିଆଯାଇଛି। ଭାରତ ସର୍ବଦା ଆଲୋଚନା ଏବଂ କୂଟନୈତିକ ପ୍ରୟାସକୁ ପ୍ରୋତ୍ସାହିତ କରିଛି, ଯାହା ଏହି ଗସ୍ତରେ ପ୍ରତିଫଳିତ ହୋଇଛି।

ଏହା ବିଶ୍ୱକୁ ଦର୍ଶାଉଛି ଯେ ଭାରତ ଏକ ଶାନ୍ତିପ୍ରିୟ ରାଷ୍ଟ୍ର ଏବଂ ବିଶ୍ୱ ସଂଘର୍ଷର ସମାଧାନରେ ଏକ ମଧ୍ୟସ୍ଥୀ ଭୂମିକା ନିର୍ବାହ କରିବାକୁ ପ୍ରସ୍ତୁତ।

ଭାରତର ବୈଦେଶିକ ନୀତିରେ ରୁଷ ଏକ ପ୍ରମୁଖ ସ୍ତମ୍ଭ। ସ୍ୱାଧୀନତା ପରଠାରୁ ରୁଷ ଭାରତର ସହଯୋଗୀ ରହିଆସିଛି। ଏହି ଗସ୍ତ ଏହି ସମ୍ପର୍କକୁ ଆହୁରି ଗଭୀର କରିଛି ଏବଂ ବିଆରଆଇସିଏସ୍ (ବ୍ରାଜିଲ୍, ରୁଷ, ଭାରତ, ଚୀନ୍, ଦକ୍ଷିଣ ଆଫ୍ରିକା) ଭଳି ବହୁପାକ୍ଷିକ ମଞ୍ଚରେ ଉଭୟ ଦେଶର ସହଯୋଗକୁ ବଳବତ୍ତର କରିଛି। ବିଶ୍ୱରେ ଏକଧ୍ରୁବୀୟତାର ବଦଳରେ ବହୁଧ୍ରୁବୀୟତାକୁ ପ୍ରୋତ୍ସାହିତ କରିବା ଭାରତର ଲକ୍ଷ୍ୟ, ଯାହା ଏହି ଗସ୍ତ ମାଧ୍ୟମରେ ସ୍ପଷ୍ଟ ହୋଇଛି। ପଶ୍ଚିମୀ ଦେଶମାନେ ରୁଷ ଉପରେ ପ୍ରତିବନ୍ଧକ ଲଗାଇଥିବା ସମୟରେ ଭାରତ ରୁଷରୁ ତୈଳ କ୍ରୟ ଜାରି ରଖିଛି, ଯାହା ଦେଶର ଶକ୍ତି ସୁରକ୍ଷାକୁ ସୁନିଶ୍ଚିତ କରୁଛି ଏବଂ ବିଶ୍ୱକୁ ବାର୍ତ୍ତା ଦେଉଛି ଯେ ଭାରତ ନିଜର ସ୍ୱାର୍ଥକୁ ପ୍ରାଥମିକତା ଦେଉଛି।

ଏହି ଗସ୍ତ ଭାରତର ବିକାଶଶୀଳ ରାଷ୍ଟ୍ରମାନଙ୍କ ନେତୃତ୍ୱରେ ଏକ ନୂତନ ବିଶ୍ୱ ବ୍ୟବସ୍ଥାର ସଂକେତ ଦେଉଛି। ଜି-୨୦ ଏବଂ ଅନ୍ୟାନ୍ୟ ଆନ୍ତର୍ଜାତୀୟ ମଞ୍ଚରେ ଭାରତର ଭୂମିକା ଏହାକୁ ସମର୍ଥନ କରୁଛି। ପୁଟିନଙ୍କ ଗସ୍ତ ପରେ ଭାରତର ବାର୍ତ୍ତା ହେଉଛି: ଆମେ ସମସ୍ତଙ୍କ ସହ ମିତ୍ରତା ଚାହୁଁଛୁ, କିନ୍ତୁ ନିଜର ନୀତିରେ ସ୍ୱାଧୀନ। ଏହା ବିଶ୍ୱକୁ ଏକ ସନ୍ତୁଳିତ ଏବଂ ସହଯୋଗୀ ଭବିଷ୍ୟତର ଆଶା ଦେଉଛି।

ଏହି ଗସ୍ତର ପ୍ରଭାବ ଦୀର୍ଘକାଳୀନ ହେବ। ଭାରତ ଏବଂ ରୁଷର ମଧ୍ୟରେ ବାଣିଜ୍ୟ ବୃଦ୍ଧି ପାଇବ, ଯାହା ଉଭୟ ଦେଶର ଅର୍ଥନୀତିକୁ ବଳବତ୍ତର କରିବ। ରକ୍ଷା ସହଯୋଗ ଭାରତର ସୈନ୍ୟବଳକୁ ଆଧୁନିକ କରିବ। କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଆନ୍ତର୍ଜାତୀୟ ବାର୍ତ୍ତା: ଭାରତ ଏକ ଶକ୍ତିଶାଳୀ, ସ୍ୱାଧୀନ ଏବଂ ବିଶ୍ୱ ନେତା ଭାବରେ ଉଭା ହୋଇଛି। ଏହା ବିକାଶଶୀଳ ଦେଶମାନଙ୍କୁ ପ୍ରେରଣା ଦେବ ଏବଂ ବିଶ୍ୱ ଶାନ୍ତିରେ ଯୋଗଦାନ କରିବ।

# ସର୍ବବ୍ୟାପୀ ଶିରିଡ଼ି ସାଇ



ଅଲେଖ ଚନ୍ଦ୍ର ସାମଲ

ଶିରିଡ଼ି ସାଇବାବାଙ୍କ ସକ୍ରିୟ ଉପସ୍ଥିତି ସମ୍ପର୍କରେ ସମ୍ପ୍ରତି ଏତେ କଥା ଶୁଣାଯାଉଛି ଯେ ତାହାକୁ ଶୁଣିବା ପରେ ଆମପରି ସାଧାରଣ ଲୋକଙ୍କ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ସତରେ କ'ଣ ବାବା ଏବେ ମଧ୍ୟ ସକ୍ରିୟ ଅଛନ୍ତି ଏବଂ ନିଜର ଭକ୍ତମାନଙ୍କୁ ସୁରକ୍ଷା ପ୍ରଦାନ କରୁଛନ୍ତି? ସେମାନଙ୍କ ଭାଗ୍ୟକୁ ନିୟନ୍ତ୍ରଣ କରୁଛନ୍ତି? କିମ୍ବା ଏହା କାକତାଳ ନ୍ୟାୟରେ ଘଟି ଯାଉଛି ଏବଂ ଆମେ ବୁଝିନପାରି ଏହାକୁ ବାବାଙ୍କର ଦିବ୍ୟଲୀଳା କହି ଆତ୍ମସନ୍ତୋଷ ଲାଭ କରୁଛେ? ସତରେ ଶିରିଡ଼ି ସାଇନାଥ କ'ଣ ସର୍ବବ୍ୟାପୀ, ସର୍ବଜ୍ଞାତା ଏବଂ ସର୍ବଶକ୍ତିମାନ? ବାବାଙ୍କର ଭକ୍ତମାନେ କୁହନ୍ତି ଏହି ପ୍ରଶ୍ନର ଉତ୍ତର ଅତି ସହଜ। କାରଣ ବାବା ଏବେ ମଧ୍ୟ ଜୀବିତ ରହି ତାଙ୍କର ଲୀଳା କରିଚାଲିଛନ୍ତି। କାରଣ ସେ ହେଉଛନ୍ତି ପରମବ୍ରହ୍ମ ଯାହାଙ୍କର ବିନାଶ ନାହିଁ। ସେ ସଗୁଣ ହୋଇ ଯେଉଁ ଶରୀର ଗ୍ରହଣ କରିଥିଲେ ତାହା ୧୯୧୮ ମସିହା ଅକ୍ଟୋବର ୧୫ ତାରିଖରେ ସମାଧି ନେଇଛି। କାରଣ ଶରୀରର ସୃଷ୍ଟି ହୋଇଥିଲା ଏବଂ ଯାହାର ସୃଷ୍ଟି ଅଛି ତାହାର ବିନାଶ ନିଶ୍ଚିତ। ବାବାଙ୍କ ଶରୀରର ବା ଏହି ଚିରନ୍ତନ ପ୍ରକ୍ରିୟାରୁ କିପରି ବାଦ ପଡ଼ିବ? ବାବା ଏବେ କେବଳ ସକ୍ରିୟ ନାହାଁନ୍ତି, ଅଧିକ ସକ୍ରିୟ ହୋଇ କାର୍ଯ୍ୟ କରୁଛନ୍ତି। ଆମେ ସମସ୍ତେ ଜାଣିଛେ ଯେ ସିଦ୍ଧ ପୁରୁଷଙ୍କର ମୃତ୍ୟୁ ନାହିଁ। ତେଣୁ ବାବାଙ୍କର ମୃତ୍ୟୁର ପ୍ରଶ୍ନ ଉଠୁନାହିଁ। କାରଣ ସେ ତ ଅବତାରୀ ପୁରୁଷ ଥିଲେ। ନିଜର ଭକ୍ତମାନଙ୍କ ମଧ୍ୟରେ ଶ୍ରଦ୍ଧା ଭାତୃତ୍ୱ ଏବଂ ସମାନତାର ବାର୍ତ୍ତା ପ୍ରଚାର କରିବା ନିମନ୍ତେ ସେ ମାନବ ଶରୀର ଧାରଣ କରିଥିଲେ। ତାଙ୍କ ଦରବାରରେ ରାଜା ଏବଂ ରଙ୍କ ସମାନ ଥିଲେ। ସମସ୍ତଙ୍କର ସମାନ ଅଧିକାର ସେଠାରେ ଥିଲା ଏବଂ ସମସ୍ତଙ୍କ ପ୍ରତି ବାବାଙ୍କର ସମାନ ଦୃଷ୍ଟିଭଙ୍ଗୀ ମଧ୍ୟ ରହୁଥିଲା। ବାବାଙ୍କ ପାଖରେ ଏକାଠି ହେଉଥିବା ଭକ୍ତମାନେ ବିଭିନ୍ନ ପନ୍ଥାର ଥିଲେ। ସେଥିପ୍ରତି ପ୍ରାଧାନ୍ୟ ନଦେଇ ସମସ୍ତଙ୍କର କିପରି କଲ୍ୟାଣ ହୋଇପାରିବ ତାହା ଉପରେ ବାବା ପ୍ରାଧାନ୍ୟ ଦେଉଥିଲେ। ତେଣୁ ଭକ୍ତମାନଙ୍କର ତାଙ୍କ ଉପରେ ଅଗାଧ ବିଶ୍ୱାସ ଥିଲା। ସମସ୍ତଙ୍କ ଭାଗ୍ୟ ଉପରେ ତାଙ୍କର ନିୟନ୍ତ୍ରଣ ଥିଲା, ଯାହା ଏବେ ବି ରହିଛି।

ଆମେ ଅନେକ ସମୟରେ ବାବାଙ୍କ ଲୀଳା ବା ପ୍ରତ୍ୟକ୍ଷତା ସମ୍ବନ୍ଧରେ ଆଲୋଚନାକରୁ ବା ଶୁଣିଥାଉ। ଜଣେ ଭକ୍ତଙ୍କ ଅଲୌକିକ କାହାଣୀ ଏଠାରେ ଉଲ୍ଲେଖ କରୁଛି। ଥରେ ଜଣେ ବାବାଙ୍କ ଦର୍ଶନ ନିମନ୍ତେ ଶିରିଡ଼ି ଯାଇଥିଲେ। ସେଠାରେ ଦଶଦିନ ରହିବାପରେ ସେ ବାବାଙ୍କ ଦରବାରରୁ ବିଦାୟ ନେଇ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରିବାକୁ ପ୍ରସ୍ତୁତ ହେଉଥିଲେ। ତାଙ୍କର ମନଟା ବି ଭଲ ଲାଗୁନଥାଏ। କାରଣ ଦଶଦିନ ବାବାଙ୍କ ପାଖରେ ରହିବା ପରେ ତାଙ୍କୁ ଛାଡ଼ିଯିବାକୁ ମନ ହେଉନଥାଏ। ସକାଳେ ସେ ବାବାଙ୍କ ଦରବାରରୁ ତୁଳସୀ ପ୍ରସାଦ ଗ୍ରହଣ କରିଥିଲେ। ତାହା ଥିଲା ତାଙ୍କ ନିମନ୍ତେ ସବୁଠାରୁ ଆନନ୍ଦର କଥା। ବାବାଙ୍କ କଥା ଭାବୁଥିବାବେଳେ ସାଇ ସଂସ୍ଥାନର ଜନୈକ ଟ୍ରଷ୍ଟି ଆସି ତାଙ୍କୁ କହିଲେ ଯେ ବାବାଙ୍କ ସ୍ଥାନ ଛାଡ଼ି ଯିବା ପୂର୍ବରୁ ତାଙ୍କର ଅନୁମତି ନେଇଯିବା ଭଲ ହେବ। ତେଣୁ ସେ ଏକ ନଡ଼ିଆ ନେଇ ଦ୍ୱାରିକାମାୟୀକୁ ଯାଇ ବାବାଙ୍କ ଠାରୁ ଅନୁମତି ନେଇଯିବା ଠିକ୍ ହେବ। ଭକ୍ତ ଜଣକ ତାହା କଲେ। ମଧ୍ୟାହ୍ନ ଆଳତୀର ପରେ ପରେ ସେ ନଡ଼ିଆ ଏବଂ ଧୂପ ଧରି ଦ୍ୱାରିକାମାୟୀକୁ ଚାଲିଲେ। ଦ୍ୱାରିକାମାୟୀରେ ପହଞ୍ଚିବା ପରେ ସେ ନଡ଼ିଆଟିକୁ ଦାନବାକ୍ସ ଉପରେ ଥୋଇ ଦେଇ ବାବାଙ୍କ ଉଦ୍ଦେଶ୍ୟରେ ସାଷ୍ଟାଙ୍ଗ ପ୍ରଣାମ କଲେ। ତାହାପରେ ଧୂପ ଲଗାଇ ବାବାଙ୍କ ଫଟୋ ପାଖକୁ ନେବା ବେଳକୁ ହଠାତ୍ ଦେଖିଲି ଯେ ବାବାଙ୍କ ଫଟୋ ପାଖରେ ଥିବା ବିଦ୍ୟୁତ୍ ବଲବ ଦୁଇଟି ଖୁବ୍ ଜୋରରେ ଧପ ଧପ ହେଉଛି। ଏହା ଦେଖି ଭକ୍ତ ଜଣକ ଭାବିଲେ ଯେ ବୋଧେ ସେ କିଛି ଭୁଲ କରିଦେଲେ। ଯାହାଫଳରେ ବାବା ନିଜର ଅସନ୍ତୋଷ ବିଦ୍ୟୁତ୍ ବଲବ ମାଧ୍ୟମରେ ଜଣାଉଛନ୍ତି। କାରଣ ଅନ୍ୟ ସବୁ ବଲବ ଠିକ୍ ଜଳୁଥାଏ। ତାଙ୍କର ଭୁଲ ସୁଧାରିବାକୁ ବାବା ଏହି ଲୀଳା କରୁଛନ୍ତି ବୋଲି ସେ ଭାବିଲେ। ସେ ହଠାତ୍ ପଛକୁ ଚାହିଁ ଦେଖିଲେ ଯେ ଦାନବାକ୍ସ ଉପରେ ସେ ଯେଉଁ ନଡ଼ିଆଟି ରଖିଥିଲେ ତାହା ସେଠାରେ ନାହିଁ। ଦାନବାକସ ଉପରୁ ନଡ଼ିଆ କିଏ ନେଲା ବୋଲି ସେ ବେଶ ବଡ଼ ପାଟିରେ କହିଲେ। ସେ ଏହା କହିବା ମାତ୍ରେ ବିଦ୍ୟୁତ୍ ବଲବର ଧପ ଧପ ବନ୍ଦ ହୋଇଗଲା। ବାବାଙ୍କର ଏହି ଲୀଳା ଦେଖି ଦ୍ୱାରିକାମାୟୀରେ ଥିବା ଅନ୍ୟ ଭକ୍ତମାନେ ସ୍ତବ୍ଧ ହୋଇ ଚାହିଁ ରହିଲେ। ଯେଉଁ ବ୍ୟକ୍ତିଜଣକ ତାଙ୍କର ନଡ଼ିଆ ନେଇଯାଇଥିଲେ ସେ ତାହା ଏହି ଭକ୍ତଙ୍କୁ ଫେରାଇଦେବା ସହିତ କ୍ଷମାମାଗିଲେ। ବାବା ଯଦି ତାଙ୍କ ନିଜ ବାଟରେ ସେହି ଭକ୍ତଙ୍କୁ ନଡ଼ିଆ କଥା ମନେ ପକାଇ ଦେଇନଥାଆନ୍ତେ ତେବେ ବାବାଙ୍କ ପାଖରେ ନଡ଼ିଆ ସମର୍ପଣ ନକରିବା ଦୁଃଖରେ ସେ ମ୍ରିୟମାଣ ହୋଇପଡ଼ିଥାନ୍ତେ। ବାବାଙ୍କୁ ଠିକଣା ବେଳେ ତାହା ମନେ ପକାଇଦେଲେ ଏବଂ ସତର୍କ କରାଇଦେଲେ ଯେ ଏଣିକି ଯାହା କିଛି କଲାବେଳେ ସତର୍କ ରହିବ। ଏହାଦ୍ୱାରା ବାବା ସମସ୍ତଙ୍କୁ ଜଣାଇଦେଲେ ଯେ ସେ ସର୍ବଜ୍ଞାତା ଏବଂ ସର୍ବବ୍ୟାପୀ। ଏହା ମଧ୍ୟ ସମସ୍ତେ ଜାଣିଲେ ଯେ ବାବା ତାଙ୍କ ଭକ୍ତମାନଙ୍କ ଉପରେ ସତର୍କ ଦୃଷ୍ଟି ରଖିଛନ୍ତି। ପରିସ୍ଥିତି ଉପରେ ମଧ୍ୟ ବାବାଙ୍କର କିପରି ନିୟନ୍ତ୍ରଣ ରହିଛି ତାହାର ପ୍ରମାଣ ସେ ବିଦ୍ୟୁତ୍ ବଲବକୁ ଧପ ଧପ କରି ଜଣାଇଦେଲେ। ସତରେ ବାବାଙ୍କର ଲୀଳାର ସୀମା ନାହିଁ, ତାହା ଅପାର।

**ପୂର୍ବତନ ଡିଏଫ୍ଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର**



# ନାରୀ ଶକ୍ତି: ମହିଳା ନେତୃତ୍ୱାଧୀନ ବିକାଶର ଏକ ନୂତନ ଯୁଗ



ବିଜୟାଲକ୍ଷ୍ମୀ ଦାଶ

ନାରୀ ଶକ୍ତିର ଆକ୍ଷରିକ ଅର୍ଥ ହେଉଛି "ମହିଳା ଶକ୍ତି" ବା "WOMEN POWER"। ତଥାପି, ଭାରତୀୟ ସାଂସ୍କୃତିକ ଏବଂ ସାମାଜିକ-ରାଜନୈତିକ ପରିପ୍ରେକ୍ଷୀରେ, ଏହା କେବଳ ଏକ ସ୍ଲୋଗାନ ନୁହେଁ। ଏହା ମହିଳାମାନଙ୍କୁ କେବଳ ସରକାରୀ ଯୋଜନାର 'ହିତାଧିକାରୀ' ଭାବେ ଦେଖିବା ବଦଳରେ ସେମାନଙ୍କୁ ସମାଜ ଓ ରାଷ୍ଟ୍ର ନିର୍ମାଣର ସ୍ଥପତି ଭାବେ ସ୍ୱୀକୃତି ଦେବାର ଏକ ମୌଳିକ ପରିବର୍ତ୍ତନକୁ ବୁଝାଏ।

ଏହା ପ୍ରାଚୀନ ଭାରତୀୟ 'ଶକ୍ତି' ଅବଧାରଣାରୁ ଉଦ୍ଧୃତ— ଯାହା ସୃଷ୍ଟି ଏବଂ ଗତିଶୀଳତାର ପ୍ରତୀକ— ଏବଂ ଏହାକୁ ଆଧୁନିକ ଯୁଗର ଲିଙ୍ଗଗତ ସମାନତା, ଆର୍ଥିକ ସ୍ୱାଧୀନତା ଏବଂ ନେତୃତ୍ୱ କ୍ଷେତ୍ରରେ ପ୍ରୟୋଗ କରାଯାଇଛି। ଦୀର୍ଘ ଦଶନ୍ଧି ଧରି ବିଶ୍ୱସ୍ତରୀୟ ଆଲୋଚନା କେବଳ "ମହିଳାଙ୍କ ବିକାଶ" (ରାଷ୍ଟ୍ର କିପରି ମହିଳାଙ୍କୁ ସାହାଯ୍ୟ କରିପାରିବ) ଉପରେ କେନ୍ଦ୍ରିତ ଥିଲା। କିନ୍ତୁ ଆଜି ଏହି ଚିନ୍ତାଧାରା "ମହିଳା ନେତୃତ୍ୱାଧୀନ ବିକାଶ"(ମହିଳାମାନେ କିପରି ରାଷ୍ଟ୍ରକୁ ସାହାଯ୍ୟ କରିପାରିବେ) କୁ ପରିବର୍ତ୍ତିତ ହୋଇଛି।

ସାହାଯ୍ୟ ବଦଳରେ ସାମର୍ଥ୍ୟ:ଏବେ ଧ୍ୟାନ କେବଳ ସୁରକ୍ଷା ଯୋଗାଇବା ଉପରେ ନୁହେଁ, ବରଂ ପ୍ରତିବନ୍ଧକ ହଟାଇବା ଉପରେ ରହିଛି, ଯାହାଫଳରେ ମହିଳାମାନେ ବିଜ୍ଞାନ, ପ୍ରତିରକ୍ଷା, ଉଦ୍ୟୋଗ ଏବଂ ଶାସନ କ୍ଷେତ୍ରରେ ନେତୃତ୍ୱ ନେଇପାରିବେ। ଅଧ୍ୟୟନରୁ ଜଣାପଡ଼ିଛି ଯେ ଯେତେବେଳେ ମହିଳାମାନେ ଆୟ ନିୟନ୍ତ୍ରଣ କରନ୍ତି, ସେତେବେଳେ ପୁରା ପରିବାରର ଜୀବନଶୈଳୀରେ ଉନ୍ନତି ଘଟେ। ପୁରୁଷଙ୍କ ତୁଳନାରେ ମହିଳାମାନେ ସେମାନଙ୍କ ରୋଜଗାରର ଏକ ବଡ଼ ଅଂଶ ପରିବାରର ଶିକ୍ଷା ଓ ସ୍ୱାସ୍ଥ୍ୟରେ ବିନିଯୋଗ କରନ୍ତି। ଆଇଏମଏଫର ଆକଳନ ଅନୁଯାୟୀ, ଯଦି ମହିଳାମାନେ ପୁରୁଷଙ୍କ ସମକକ୍ଷ ହୋଇ ଅର୍ଥନୀତିରେ ଅଂଶଗ୍ରହଣ କରନ୍ତି, ତେବେ ଭାରତର ଜିଡିପି ବହୁମାତ୍ରାରେ ବୃଦ୍ଧି ପାଇପାରିବ। ନାରୀ ଶକ୍ତି ବନ୍ଦନ ଅଧିନିୟମ (ମହିଳା ସଂରକ୍ଷଣ ବିଲ୍) ପାରିତ ହେବା ଏକ ଐତିହାସିକ ମାଇଲଖୁଣ୍ଟ ଅଟେ, ଯାହା ଲୋକସଭା ଏବଂ ବିଧାନସଭାରେ ମହିଳାମାନଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରେ। ଏହା ସୁନିଶ୍ଚିତ କରେ ଯେ ମହିଳାମାନେ କେବଳ ଭୋଟର ନୁହନ୍ତି, ବରଂ ନୀତି ନିର୍ଦ୍ଧାରକ ମଧ୍ୟ ଅଟନ୍ତି। ଭାରତର 'ରକେଟ୍ ମହିଳା'ମାନେ ଚନ୍ଦ୍ରଯାନ-୩ ଏବଂ ମଙ୍ଗଳଯାନ ମିଶନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା



ସମଗ୍ର ବିଶ୍ୱ ଦେଖିଛି। ମହିଳା ବୈଜ୍ଞାନିକ ଏବଂ ଇଞ୍ଜିନିୟରମାନେ ପ୍ରମାଣିତ କରିଛନ୍ତି ଯେ ଜଟିଳ ସମସ୍ୟାର ସମାଧାନ କେବଳ ପୁରୁଷଙ୍କ କାମ ନୁହେଁ।

ଗ୍ରାମୀଣ ଭାରତର ଅର୍ଥନୀତିକୁ ମୁଖ୍ୟତଃ ନିମ୍ନଲିଖିତ ବିଷୟଗୁଡ଼ିକ ସମର୍ଥନ କରୁଛି: ସ୍ୱୟଂ ସହାୟକ ଗୋଷ୍ଠୀ -ଏହି ଗୋଷ୍ଠୀଗୁଡ଼ିକ ମହିଳାମାନଙ୍କୁ ଆର୍ଥିକ ସହାୟତା ଯୋଗାଇଥାଏ।

ଲକ୍ଷପତି ଦିଦି - ଏହା ଏକ ସରକାରୀ ପଦକ୍ଷେପ ଯାହା ଗାଁର ମହିଳାମାନଙ୍କୁ କ୍ଷୁଦ୍ର ଉଦ୍ୟୋଗୀ କରି ଗ୍ରାମୀଣ ଅର୍ଥନୀତିକୁ ରୂପାନ୍ତରିତ କରିବାକୁ ଲକ୍ଷ୍ୟ ରଖିଛି।

ଭାରତୀୟ ସଶସ୍ତ୍ର ବାହିନୀ ମହିଳାମାନଙ୍କ ପାଇଁ ପୂର୍ବ ଅପେକ୍ଷା ଅଧିକ ସୁଯୋଗ ସୃଷ୍ଟି କରିଛି। ମହିଳା ଅଧିକାରୀମାନଙ୍କ ପାଇଁ ସ୍ଥାୟୀ କମିଶନ ଠାରୁ ଆରମ୍ଭ କରି ନ୍ୟାସନାଲ ଡିଫେନ୍ସ ଏକାଡେମୀ (NDA) ରେ ପ୍ରବେଶ ଏବଂ ସିଆଚେନ୍ ଭଳି ଯୁଦ୍ଧକ୍ଷେତ୍ରରେ ମହିଳାଙ୍କୁ ନିୟୋଜିତ କରି 'ବୀରତ୍ୱ'ର ନୂତନ ପରିଭାଷା ସୃଷ୍ଟି କରାଯାଇଛି।

ଯଦିଓ ବିକାଶର ଗତି ତୀବ୍ର ରହିଛି, ତଥାପି ପ୍ରକୃତ ନାରୀ ଶକ୍ତିର ଉପଲବ୍ଧି ପାଇଁ କିଛି ପ୍ରମୁଖ ବାଧା ରହିଛି:

ଶିକ୍ଷା କ୍ଷେତ୍ରରେ ନାମଲେଖା ବୃଦ୍ଧି ପାଇଥିଲେ ମଧ୍ୟ ଭାରତର ମହିଳା ଶ୍ରମ ଶକ୍ତି ଅଂଶଗ୍ରହଣ ହାରରେ ଉନ୍ନତି ଆବଶ୍ୟକ। ବୃତ୍ତିଗତ କାର୍ଯ୍ୟ ଏବଂ ଘରୋଇ ଦାୟିତ୍ୱର "ଦ୍ୱିମୁଖୀ ବୋଝ" ଯୋଗୁଁ ଅନେକ ମହିଳା ଚାକିରି ଛାଡିଦିଅନ୍ତି। ଲିଙ୍ଗଗତ ହିଂସା ଏକ ଗୁରୁତର ସମସ୍ୟା ହୋଇ ରହିଛି। ସର୍ବସାଧାରଣ ଏବଂ ଘରୋଇ ସ୍ଥାନରେ ସୁରକ୍ଷା ବିନା ପ୍ରକୃତ ସଶକ୍ତିକରଣ ଅସମ୍ଭବ। ଆଧୁନିକ ଅର୍ଥନୀତିରେ ସାମିଲ ହେବା ପାଇଁ ଦୁର୍ଗମ ଅଞ୍ଚଳର ମହିଳାମାନଙ୍କ ପାଖରେ ଇଣ୍ଟରନେଟ୍ ଏବଂ ଡିଜିଟାଲ୍ ସାକ୍ଷରତା ପହଞ୍ଚାଇବା ନିତ୍ୟାନ୍ତ ଜରୁରୀ।

ନାରୀ ଶକ୍ତି ପୁରୁଷଙ୍କ ବିରୋଧରେ ଏକ ଆନ୍ଦୋଳନ ନୁହେଁ; ବରଂ ଏହା ମାନବ ସମାଜର ସନ୍ତୁଳନ ପାଇଁ ଏକ ଆନ୍ଦୋଳନ। ଏହା ସ୍ୱୀକାର କରେ ଯେ "ଗୋଟିଏ ଡେଣାରେ ପକ୍ଷୀ କେବେହେଲେ ଉଡ଼ିପାରିବ ନାହିଁ"। ଯେତେବେଳେ ଜଣେ ମହିଳା ସଶକ୍ତ ହୁଅନ୍ତି, ସେ କେବଳ ଏକା ଆଗକୁ ବଢ଼ନ୍ତି ନାହିଁ; ସେ ନିଜ ସହିତ ନିଜ ପରିବାର, ସମାଜ ଏବଂ ଦେଶକୁ ମଧ୍ୟ ଉପରକୁ ଉଠାଇଥାନ୍ତି। ଏକବିଂଶ ଶତାବ୍ଦୀ ଶାରୀରିକ ଶକ୍ତି ଦ୍ୱାରା ନୁହେଁ, ବରଂ ମାନସିକ ଏବଂ ଆତ୍ମିକ ଶକ୍ତି ଦ୍ୱାରା ପରିଚାଳିତ ହେଉଛି— ଯେଉଁଠି ନାରୀ ଶକ୍ତିର ଭୂମିକା ଅତୁଳନୀୟ।

**ସାଲେପୁର, ମୋବାଇଲ୍: ୮୬୩୭୨୯୦୯୩୦**

# ମାଣବସା ଗୁରୁବାର ଓଷା ଶେଷ

ତୁଷାର ରଞ୍ଜନ ସାହୁ

ଆଜି ମାର୍ଗଶୀର ମାସର ପୁଣ୍ୟତମ ଗୁରୁବାର। ଧନଦାତ୍ରୀ ମହାଲକ୍ଷ୍ମୀଙ୍କ ବାର। ଗୃହିଣୀମାନେ ବନମାଟି, ଗୋବରରେ ଘରଦ୍ୱାର ଲିପାପୋଛା କରି ସଫା ସୁତୁରା କରନ୍ତି। ଅରୁଆ ଚାଉଳ ବଟା ପିଠଉରେ ଛୋଟି, ଧାନଶିଶା, ଆଙ୍ଗୁଠି ଚିତା ପକାନ୍ତି। ମାର୍ଗଶୀରରେ ପଡୁଥିବା ଚାରି କିମ୍ବା ପାଞ୍ଚ ପାଳି ଗୁରୁବାରରେ ଲକ୍ଷ୍ମୀଙ୍କର ପ୍ରତୀକ ଭାବେ ଧାନମାଣଟିଏ ସ୍ଥାପନ କରି ବିଧି ଅନୁସାରେ ପୂଜା କରାଯାଏ। ମାଣବସା ଗୁରୁବାର ଓଷା, ଧାନ ମାଣିକା ଓଷା ଭାବେ ମଧ୍ୟ କଥିତ। ଓଡ଼ିଆ ମାନଙ୍କର ଏହା ନିଜସ୍ୱ ପର୍ବ। ବ୍ରତ ପାଳନରେ ଜାତି-ଅଜାତି, ଭେଦ-ଭାବ ନାହିଁ। ଲକ୍ଷ୍ମୀ ଠାକୁରାଣୀ ନିଷ୍ଠା, ପବିତ୍ରତା ଯେଉଁଠି ଦେଖନ୍ତି, ସନ୍ତୁଷ୍ଟ ହୋଇ ଆପେ ଯାଚି ବରଦାନ କରନ୍ତି। ନିଷ୍ଠାର ସହ ବ୍ରତ ପାଳି ଲକ୍ଷ୍ମୀ ଠାକୁରାଣୀଙ୍କ କୃପା ଲାଭ କରିଥିବା ଅଛୁଆଁ ଭକ୍ତ ଶ୍ରିୟା ଜଣେ ପ୍ରତୀକାତ୍ମକ ଦୃଷ୍ଟାନ୍ତ।

ଗୁରୁବାର ମାହାତ୍ମ୍ୟରେ ଉଲ୍ଲେଖ ରହିଛି ଜଗନ୍ନାଥ ଓ ବଳଭଦ୍ର ଅନେକ କଷ୍ଟ ପାଇ ଖାଦ୍ୟ ପ୍ରାପ୍ତ ହୋଇପାରି ନାହାଁନ୍ତି। ମହାଲକ୍ଷ୍ମୀ ପ୍ରଭୁଙ୍କ ଦୁଃଖ ଆଉ ସହିପାରିଲେ ନାହିଁ। କେତେ ଯେ ଆଉ ଯନ୍ତ୍ରଣା ଦେବେ। ହାତରେ ଧରିଲେ ସୁବର୍ଣ୍ଣର ଚଟୁ। କ୍ଷଣିକ ମଧ୍ୟରେ ପ୍ରସ୍ତୁତ କଲେ ନାନାଦି ବ୍ୟଞ୍ଜନ। ଦାସୀଙ୍କ ମାଧ୍ୟମରେ ଠାକୁରଙ୍କୁ ସାନ୍ନ କରିବାକୁ କହିଲେ। ଆସନ ପକାଇ ପ୍ରଭୁଙ୍କୁ ଡକାଇଲେ, ବିଭିନ୍ନ ପ୍ରକାର ଖାଦ୍ୟ ପରଷିଲେ, ଶେଷକୁ ରଖିଲେ ପୋଡ଼ପିଠା। ଠାକୁରମାନେ ଜାଣି ପାରିଲେ ଏହା ଲକ୍ଷ୍ମୀଙ୍କ ରାନ୍ଧଣା। ସେଠାରେ ସେମାନେ ହିଁ ଜାଣିଥିଲେ ଏହା ହେଉଛି ମହାଲକ୍ଷ୍ମୀଙ୍କ ଉଆସ। ପ୍ରଭୁ ବଳରାମ ଜଗନ୍ନାଥଙ୍କୁ କହିଲେ, ଆମ୍ଭେ ଦୋଷ କରିଛୁ ବୋଲି ଲକ୍ଷ୍ମୀଙ୍କୁ କହ, ଆମକୁ କ୍ଷମା କରି ଶ୍ରୀମନ୍ଦିର ଚାଲନ୍ତୁ ଏବେ। ପ୍ରଭୁ ଜଗନ୍ନାଥ ଲକ୍ଷ୍ମୀଙ୍କ ପାଖକୁ ଗଲେ। ମହାଲକ୍ଷ୍ମୀ ପ୍ରଭୁଙ୍କ ପାଦ ପଦ୍ମ ଧୋଇଦେଲେ। ଥୋକାଏ ପାଣି ମସ୍ତକରେ ଲଗାଇଲେ ଆଉ ଥୋକାଏ ପାଣି ପିଇଲେ। ମତେ ଚଣ୍ଡାଳୁଣୀ କହି ଘରୁ ଘୋଡାଇଇ ଦେଲେ, ଏବେ ଚଣ୍ଡାଳୁଣୀ ପରଷିବାରୁ ଭୁଞ୍ଜିଲ। ଏହା କହି ମହାଲକ୍ଷ୍ମୀ ଜଗନ୍ନାଥଙ୍କୁ ବହୁ ଧିକ୍କାରିଲେ। ଜଗନ୍ନାଥ କହିଲେ, ମନୁ ମାନ ତେଜ ହେ ଜଗତର ମାତା ଏବେ ଚାଲ ଶ୍ରୀମନ୍ଦିର। ଆମେ ବଡ଼ ହେଲେ କ'ଣ ହେଲା, ତୁମେ ଆମ ଗର୍ବ ଭାଙ୍ଗିଲ। ଯୁଗେ ଯୁଗେ ଯଶ ରଖିଲ। ଆମେ ଭିକ୍ଷା ମାଗିବାର ଜଗତ ଜାଣିଲା। ତୁମ ଜୟକୀର୍ତ୍ତି ଏବେ ରହିଲା, ଆମକୁ ଅନ୍ନ ଦେବାର ଜଗତ ଜାଣିଲା। ଆହୁରି ମଧ୍ୟ ଜଗନ୍ନାଥ ମହାଲକ୍ଷ୍ମୀଙ୍କୁ ଆଶୀର୍ବାଦ ସ୍ୱରୂପ କହିଲେ, ଗୁରୁବାର ଦିନ ଯିଏ ଏ ପୁରାଣ ଶୁଣିବ ଓ ଗାଇବ ତାର ଜନ୍ମ ଜନ୍ମାନ୍ତର ପାପ କ୍ଷର ହେବ। ଲକ୍ଷ୍ମୀପୂଜା ଦିନ ଯେଉଁ ନାରୀ ଏହାକୁ ଗାଇବ ପତିବ୍ରତା ହୋଇ ବୈକୁଣ୍ଠକୁ ଯିବ। ଏହା କହି ଜଗତର ନାଥ ଜଗନ୍ନାଥ ଧରିଲେ ହସ୍ତ ମହାଲକ୍ଷ୍ମୀଙ୍କର। ଚାଲ ଏବେ ଯିବା ଶ୍ରୀମନ୍ଦିର। ଜଗତମାତା ଏବେ କହିଲେ, ସତ୍ୟ କର ତୁମେ ଚଣ୍ଡାଳୁ ବ୍ରାହ୍ମଣଯାଏ ଖିଆଖୋଇ ହେବେ, ହାଡ଼ିର ହାତୁ ବ୍ରାହ୍ମଣ ଛଡ଼ାଇ ଖାଇବେ, ଏତାପରେ ଯାଇ ମୁଁ ବଡ଼ଦେଉଳକୁ ଯିବି ଜଗନ୍ନାଥ। ହେଉ ହେଉ ବୋଲି ଆଜ୍ଞା ଦେଲେ ମହାବାହୁ। ଲକ୍ଷ୍ମୀଙ୍କ ହସ୍ତ ଧରି ନେଗଗଲେ ବଡ଼ଦେଉଳକୁ।

ଗୁରୁବାର ଦିନ ଧାନ ଉଁଷେଇଲେ ଓ ଖଇ ଭାଜିଲେ ମା' ଲକ୍ଷ୍ମୀ ଅସନ୍ତୁଷ୍ଟ ହୁଅନ୍ତି। ଗୁରୁବାର ଦିନ ମୁଣ୍ଡ ନଧୋଇଲେ, ଦେହରେ ତେଲ ଲଗାଇଲେ ଓ ଆମିଷ ଖାଇଲେ ମା'ଙ୍କ କୋପ ଦୃଷ୍ଟି ପଡ଼େ। ଖଟ ଛାୟାରେ ଶୟନ କଲେ ମା'ଙ୍କ କୃପା ରହେ ନାହିଁ। ରାତ୍ରିରେ ଦଧି ଅନ୍ନ ଖାଇଲେ ପାଖରୁ ଲକ୍ଷ୍ମୀ ଛାଡ଼ି ଯାଆନ୍ତି। ଗୁରୁବାର ଦିନ କ୍ଷିଅର ହେଲେ ମା' ଅସନ୍ତୁଷ୍ଟ ହୁଅନ୍ତି। ଖାଇବା ସମୟରେ



ଅନ୍ନ ଭୂମିରେ ପକାଇଲେ ଲକ୍ଷ୍ମୀ ପାଖୁ ଛାଡ଼ିଯାଆନ୍ତି। ଖାଇ ନପାରି ଅନ୍ନ ଫୋପାଡି ଦେଲେ ଗୃହରୁ ଲକ୍ଷ୍ମୀ ଛାଡ଼ିଯାଆନ୍ତି। ଗୁରୁବାର ଦିନ ସକାଳୁ ନଉଠି ଚୂଲିରୁ ପାଉଁଶ ନ କାଢ଼ିଲେ, ଅଳସ ପଣରେ ଗୋମୟରେ ଦ୍ୱାର ନ ଲିପିଲେ ମା'ଅସନ୍ତୁଷ୍ଟ ହୁଅନ୍ତି। ଗୁରୁବାରରେ ନାରୀମାନେ ପିଲାଙ୍କୁ ମାରିଲେ ଓ ଭାତହାଣ୍ଡି ଧୋଇକି କଳା ନଛଡ଼ାଇଲେ ମା'କ୍ରୋଧ କରନ୍ତି। ସନ୍ଧ୍ୟା ଗଡ଼ିଗଲେ ସନ୍ଧ୍ୟା ଦେଲେ ଧନପୁତ୍ର ହାନି ହୁଏ। ଗୁରୁବାରରେ ନାରୀ ପୋଡ଼ା ଦ୍ରବ୍ୟ ଖାଇଲେ ଓ ଶୋଇବା ବିଛଣାକୁ ବଙ୍କା କରି ଶୋଇଲେ ମା'କୋପ କରନ୍ତି। ଶାଶୁ ଶ୍ୱଶୁରଙ୍କୁ ନମାନିଲେ ଓ ପାଦ ନଧୋଇ ଖାଇ ବସିଲେ ମା'ଙ୍କ କୃପା ରହେ ନାହିଁ। କୁଷ୍ମାଣ୍ଡ ଫଳକୁ ନାରୀ କାଟିଲେ ଓ ଋତୁମତା ନାରୀକୁ ରମଣ କଲେ ମା' ଅସନ୍ତୁଷ୍ଟ ହୁଅନ୍ତି। ସଭାରେ ବସି ବ୍ୟକ୍ତି ମିଛ କହିଲେ ଓ କନ୍ୟା ତୁଳା ମାସେ ପିତୃଶ୍ରାଦ୍ଧ ନକଲେ ମା'ଙ୍କ କୃପା ରହେ ନାହିଁ। କଥା କହୁ କହୁ ଯିଏ ହସେ ସର୍ବଦା ଦୁଃଖ କଷ୍ଟ ପାଏ, ଆୟୁ ହ୍ରାସ ହୁଏ ଓ ଅନ୍ନ ମିଳେ ନାହିଁ। ଗୁରୁବାର, ଅମାବାସ୍ୟା, ସଂକ୍ରାନ୍ତି ଦିନ ରାତିରେ ସ୍ତ୍ରୀ ଓ ପୁରୁଷ ଭୋଜନ କଲେ କିମ୍ବା ଏହି ତିନିଦିନ ସ୍ତ୍ରୀ ସଙ୍ଗ କଲେ ମହାଲକ୍ଷ୍ମୀ ଅତ୍ୟନ୍ତ କ୍ରୋଧ କରନ୍ତି। ସ୍ନାନ ପରେ ତେଲ ଲଗାଇଲେ ଓ ରାତ୍ର ଶେଷରେ ବାସି ଶେଯରେ ଶୋଇଲେ ମା'ଅସନ୍ତୁଷ୍ଟ କରନ୍ତି। ଆସନ ନପକାଇ ଯିଏ ଭୂମି ଉପରେ ଖାଏ କିମ୍ବା କୁମାରୀ ସଙ୍ଗେ କାମମୋହିଲେ ମା'ଙ୍କ କୃପା ରହେ ନାହିଁ। ଦକ୍ଷିଣ ପଶ୍ଚିମ ଦିଗେ ଖାଇ ବସିଲେ ଓ ସନ୍ଧ୍ୟାରେ କେଶ କୁଣ୍ଡାଇ ବାନ୍ଧିଲେ ମହାଲକ୍ଷ୍ମୀ କୋପ କରନ୍ତି। ପର ପୁରୁଷ ଓ ନାରୀ ସଙ୍ଗେ କାମ ମୋହ ହେଲେ ମା' କୋପ କରନ୍ତି।

ଏ ବାବଦରେ ବଳରାମ ଦାସ ରଚିତ ଲକ୍ଷ୍ମୀପୁରାଣରେ ବର୍ଣ୍ଣନା କରାଯାଇଛି। ଶ୍ରିୟା ଘରୁ ବୁଲିଆସି ବଡ଼ ଦେଉଳକୁ ପ୍ରବେଶ କରିବାରୁ, ମହାଲକ୍ଷ୍ମୀଙ୍କୁ ବଳରାମ ଭତ୍ସନା କରିଥିଲେ ଓ ଅପମାନିତା ହୋଇ ଲକ୍ଷ୍ମୀ ବଡ଼ଦେଉଳ ପରିତ୍ୟାଗ କରିଥିଲେ। ଲକ୍ଷ୍ମୀଙ୍କ କୋପରୁ ବଳରାମ ଓ ଜଗନ୍ନାଥଙ୍କୁ ବାର ବର୍ଷ ଧରି ଅନ୍ନ ଜଳ ମିଳିନଥିଲା। ଦୁଇ ଭାଇ ଲକ୍ଷ୍ମୀଛଡ଼ା ହୋଇବୁଲିଥିଲେ। ଶେଷରେ ସେମାନଙ୍କ ଭ୍ରାନ୍ତି ଦୂର ହୋଇଥିଲା ଏବଂ ମହାଲକ୍ଷ୍ମୀ ଶ୍ରୀମନ୍ଦିରକୁ ବାହୁଡ଼ିଥିଲେ। ସାମାଜିକ ଚଳଣି, ପରିବାରରେ ନାରୀର ଦାୟିତ୍ୱ ଓ ଆଦର୍ଶ ଆଚରଣ, ମନ୍ତ୍ରପାଠ ପରିବର୍ତ୍ତେ ବ୍ୟବହାର, ସୁରୁଚି, ପରିଚ୍ଛନ୍ନତା ଓ ଅନ୍ତରରେ ଭକ୍ତିର ପ୍ରାଧାନ୍ୟ ଆଦି ମାର୍ଗଶୀର ଗୁରୁବାର ମାହାତ୍ମ୍ୟ।

**ରିଲାକ୍ସ, ଏମ୍ପୋରିୟମ ଲେନ୍, ରାଣୀହାଟ, କଟକ**
**ମୋବାଇଲ୍: ୯୮୬୧୦୪୭୫୭୫**

# ଆତଙ୍କବାଦ, ୟୁକ୍ରେନ, ବୈଶ୍ୱିକ ସହଯୋଗକୁ ଗୁରୁତ୍ୱ

**ମୋଦି-ପୁଟିନ ଗୁରୁତ୍ୱପୂର୍ଣ୍ଣ ବୈଠକ**



**ନୂଆଦିଲ୍ଲୀ,୫।୧୨:** ଦୁଇ ଦିନିଆ ଭାରତ ଗସ୍ତରେ ଆସିଥିବା ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଶେଷ ହୋଇଛି। ହାଇଦ୍ରାବାଦ ହାଉସରେ ହୋଇଥିବା ଏହି ବୈଠକ ପରେ ଦୁଇ ରାଷ୍ଟ୍ରାଧ୍ୟକ୍ଷ ମିଳିତ ଘୋଷଣାନାମା ଜାରି କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଆତଙ୍କବାଦଠାରୁ ଆରମ୍ଭ କରି

## ରୁଷ ଲୋକଙ୍କୁ ୩୦ ଦିନର ଇ-ଟୁରିଷ୍ଟ ଭିସା ସୁବିଧା

ୟୁକ୍ରେନରେ ଶାନ୍ତି ପରି ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ପିଏମ୍ ମୋଦୀ ରୁଷ ଲୋକଙ୍କ ପାଇଁ ୩୦ ଦିନର ଇ-ଟୁରିଷ୍ଟ ଭିସା ଓ ୩୦ ଦିନର ଗ୍ରୁପ୍ ଟୁରିଷ୍ଟ ଭିସା ନେଇ ଘୋଷଣା କରିଛନ୍ତି। ଅନ୍ୟପଟେ ରାଷ୍ଟ୍ରପତି ପୁଟିନ କହିଛନ୍ତି ଯେ ରୁଷ ଓ ଭାରତ ମଧ୍ୟରେ ପାରସ୍ପାରିକ ସମ୍ପର୍କ ମଜଭୁତ ରହିଛି । ସେ ସ୍ପଷ୍ଟ କରିଛନ୍ତି ଯେ, ରୁଷ ସବୁଠୁ ବଡ଼ ଭାରତୀୟ ନ୍ୟୁକ୍ଲିୟର ପ୍ଲାଣ୍ଟର ନିର୍ମାଣ ପ୍ରୋଜେକ୍ଟ ଉପରେ କାମ କରୁଛି।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଠିକ୍ ୨୫ ବର୍ଷ ପୂର୍ବେ, ପୁଟିନ ରଣନୈତିକ ସହଭାଗୀର ମୂଳଦୁଆ ସ୍ଥାପନ କରିଥିଲେ। ଏହାକୁ ସ୍ପେଶାଲ ଓ ପ୍ରିଭିଲେଜ୍ ସମ୍ପର୍କର ମାନ୍ୟତା ଦିଆଯାଇଥିଲା। ସେ ଏହି ସମ୍ପର୍କକୁ ନିରନ୍ତର ବଢାଇଛନ୍ତି। ତାଙ୍କ ନେତୃତ୍ୱ ଆମର ସମ୍ପର୍କକୁ ନୂଆ ଉଚ୍ଚତାରେ ପହଞ୍ଚାଇଛି। ଭାରତ ପ୍ରତି ଏହି ଗଭୀର ବନ୍ଧୁତା ଏବଂ ଅଟଳ ପ୍ରତିବଦ୍ଧତା ପାଇଁ ମୁଁ ରାଷ୍ଟ୍ରପତି ପୁଟିନ ଏବଂ ମୋର ବନ୍ଧୁଙ୍କୁ ହୃଦୟରୁ କୃତଜ୍ଞତା ଜଣାଉଛି। ବିଶ୍ୱ ଅନେକ ଉତ୍ଥାନ-ପତନ ଦେଖିଛି ଏବଂ ମାନବଜାତିକୁ ସଙ୍କଟ ଦେଇ ଗତି କରିବାକୁ ପଡିଛି, ଏସବୁ ମଧ୍ୟରେ, ଭାରତ-ରୁଷ ବନ୍ଧୁତା ଏକ ଧ୍ରୁବତାରା ପରି ରହିଛି। ଆମେ ୨୦୩୦ ପର୍ଯ୍ୟନ୍ତ ଭାରତ-ରୁଷ ଆର୍ଥିକ ସହଯୋଗ କାର୍ଯ୍ୟକ୍ରମ ଜାରି ରଖିବାକୁ ସହମତ ହୋଇଛୁ। ପୁଟିନ ଏବଂ ମୁଁ ଭାରତ-ରୁଷ ବ୍ୟବସାୟ ଫୋରମରେ ଯୋଗଦେବାର ସୁଯୋଗ ପାଇବୁ। ସମ୍ପ୍ରତି ଦୁଇଟି ନୂତନ ରୁଷ-ଭାରତୀୟ କନସୁଲେଟ୍ ଖୋଲାଯାଇଛି, ଏହା ପାରସ୍ପାରିକ ସମ୍ପର୍କକୁ ବୃଦ୍ଧି କରିବ। ଚଳିତ ବର୍ଷ ଅକ୍ଟୋବରରେ ଲକ୍ଷ ଲକ୍ଷ ତୀର୍ଥଯାତ୍ରୀ କାଲମିକିଆରେ ଭଗବାନ ବୁଦ୍ଧଙ୍କ ପବିତ୍ର ସ୍ତମ୍ଭ ପରିଦର୍ଶନ କରିଥିଲେ। ଆମେ ରୁଷ ନାଗରିକଙ୍କ ପାଇଁ ୩୦-ଦିନିଆ ଇ-ଟୁରିଷ୍ଟ ଭିସା ଏବଂ ୩୦-ଦିନିଆ ଗ୍ରୁପ ଇ-ଭିସା ପ୍ରଚଳନ କରିବାକୁ ଯାଉଛୁ। ଭାରତ ଆରମ୍ଭରୁ ୟୁକ୍ରେନ ପ୍ରସଙ୍ଗରେ ଶାନ୍ତି ପାଇଁ ସମର୍ଥନ କରିଆସିଛି। ଏହି ମାମଲାର ଶାନ୍ତିପୂର୍ଣ୍ଣ ଏବଂ ସ୍ଥାୟୀ ସମାଧାନ ପାଇଁ କରାଯାଉଥିବା ସମସ୍ତ ପ୍ରୟାସକୁ ଆମେ ସ୍ୱାଗତ କରୁଛୁ। ଭାରତ ଯୋଗଦାନ ଦେବାକୁ ପ୍ରସ୍ତୁତ ଅଛି ଏବଂ ଭବିଷ୍ୟତରେ ମଧ୍ୟ ଏହା ଜାରି ରଖିବ। ଆତଙ୍କବାଦ ବିରୋଧରେ ଲଢ଼େଇରେ ରୁଷ ସହଯୋଗ କରିଛି। ପହଲଗାମ୍ ହେଉ କିମ୍ବା କ୍ରୋକସ୍ ସିଟି ହଲ୍ ଉପରେ ଆକ୍ରମଣ, ଏସବୁର ମୂଳ ସମାନ। ଆତଙ୍କବାଦ ମାନବତାର ମୂଲ୍ୟବୋଧ ଉପରେ ସିଧାସଳଖ ଆକ୍ରମଣ ଏବଂ ଏଥିରେ ବିଶ୍ୱ ଏକତା ଆମର ଶକ୍ତି।

ସେପଟେ ପୁଟିନ କହିଛନ୍ତି, ରୁଷ ଏବଂ ଭାରତ ମଧ୍ୟରେ ପାରସ୍ପରିକ ସମ୍ପର୍କ ବହୁତ ମଜଭୁତ। ଆମର ପାରସ୍ପରିକ ସମ୍ପର୍କ ଆର୍ଥିକ ସମେତ ସବୁଠି ମଜଭୁତ ହେଉଛି। ଆମେ ଟ୍ରେନ୍, ନିବେଶ ଏବଂ ପ୍ରଯୁକ୍ତିବିଦ୍ୟା ଉପରେ ଆଲୋଚନା ସହିତ ଆଗକୁ ବଢ଼ୁଛୁ। ରୁଷ ଏବଂ ଇଣ୍ଡିଆନ ଇକୋନୋମିକ ସହଯୋଗ ସଂଗଠନ ଏକାଠି କାମ କରୁଛନ୍ତି। ଆମେ ଭାରତର ବିକାଶ ପାଇଁ ଆବଶ୍ୟକ ତେଲ, ଗ୍ୟାସ୍ ସବୁକିଛି ଯୋଗାଇବାକୁ ପ୍ରସ୍ତୁତ। ଆମେ ଉର୍ଜା ପାଇଁ ସମସ୍ତ ପ୍ରକାରର ସହଯୋଗ ଯୋଗାଇବାକୁ ଚାହୁଁଛୁ। ରୁଷରେ ଭାରତୀୟ ସିନେମା ବହୁତ ଲୋକପ୍ରିୟ। ଟଙ୍କାର ବ୍ୟବହାର ପରିସର ମଧ୍ୟ ବୃଦ୍ଧି ପାଇଛି। ଭାରତ ମଧ୍ୟ ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ କରିଛି। ବାଣିଜ୍ୟ ଏବଂ ପ୍ରଯୁକ୍ତିବିଦ୍ୟା ଆମର ପ୍ରମୁଖ ପ୍ରାଥମିକତା। ଆମେ ରୁଷ ଏବଂ ଭାରତର ଲୋକଙ୍କ ପାଇଁ ପାରସ୍ପରିକ ସମ୍ପର୍କକୁ ସୁଦୃଢ଼ କରିବା ଜାରି ରଖିବୁ। ଆମେ ସର୍ବବୃହତ ଭାରତୀୟ ପରମାଣୁ ପ୍ଲାଣ୍ଟ ନିର୍ମାଣ ଉପରେ ମଧ୍ୟ କାମ କରୁଛୁ। ଛଅଟି ରିଆକ୍ଟର ମଧ୍ୟରୁ ତିନୋଟି ଶକ୍ତି ନେଟୱାର୍କ ସହିତ ସଂଯୁକ୍ତ ହୋଇସାରିଛି। ଚାରିଟି ଏପର୍ଯ୍ୟନ୍ତ ନିର୍ମାଣାଧୀନ ଅଛି। ଏଗୁଡ଼ିକ ଭାରତର କାରଖାନା ଏବଂ ଘରକୁ ସ୍ୱଚ୍ଛ ଉର୍ଜା ଯୋଗାଇବାରେ ସାହାଯ୍ୟ କରିବ।

## ଆତଙ୍କବାଦୀଙ୍କୁ ଛାଡ଼ିବୁନି: ମୋଦି

**ନୂଆଦିଲ୍ଲୀ,୫।୧୨:** ରୁଷ ରାଷ୍ଟ୍ରପତି ପୁଟିନଙ୍କ ଭାରତ ଗସ୍ତର ଦ୍ୱିତୀୟ ଦିନରେ ପ୍ରଧାନମନ୍ତ୍ରୀ ମୋଦି ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଏକ ମିଳିତ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ସାକ୍ଷାତ ସମୟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ୨୩ତମ ଭାରତ-ରୁଷ ଦ୍ୱିପାକ୍ଷିକ ଶିଖର ସମ୍ମିଳନୀ ପାଇଁ ରାଷ୍ଟ୍ରପତି ପୁଟିନଙ୍କୁ ସ୍ୱାଗତ କରି ଆନନ୍ଦିତ। ଭାରତ ଏବଂ ରୁଷ ଆମର ଅର୍ଥନୀତିର ରଣନୈତିକ କ୍ଷେତ୍ରରେ ସହଯୋଗ ବିସ୍ତାର କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଭାରତ ଏବଂ ରୁଷ ଦୀର୍ଘଦିନ ଧରି ଆତଙ୍କବାଦ ବିରୁଦ୍ଧରେ କାନ୍ଧରେ କାନ୍ଧ ମିଳାଇ ଠିଆ ହୋଇଛନ୍ତି। ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ହେଉ କିମ୍ବା କ୍ରୋକସ୍ ସିଟି ହଲ୍ ଉପରେ କାପୁରୁଷୋଚିତ ଆକ୍ରମଣ, ଏହି ସମସ୍ତ ଘଟଣାର ମୂଳ ସମାନ। ଭାରତ ଦୃଢ଼ ଭାବରେ ବିଶ୍ୱାସ କରେ ଯେ, ଆତଙ୍କବାଦ ମାନବତାର ମୂଲ୍ୟବୋଧ ଉପରେ ସିଧାସଳଖ ଆକ୍ରମଣ, ଏହି ବିରୁଦ୍ଧରେ ବିଶ୍ୱ ସଂହତି ଆମର ସବୁଠାରୁ ବଡ଼ ଶକ୍ତି। ଭାରତ ଏବଂ ରୁଷର ମିଳିତ ଜାତିସଂଘ, ଜି-୨୦, ବ୍ରିକ୍ସ, ଏସସିଓ ଏବଂ ଅନ୍ୟାନ୍ୟ ମଞ୍ଚରେ ଘନିଷ୍ଠ ସହଯୋଗ ରହିଛି। ଆମେ ଏହି ସମସ୍ତ ମଞ୍ଚରେ ଆମର ଆଲୋଚନା ଏବଂ ସହଯୋଗ ଜାରି ରଖିବୁ। ଆତଙ୍କବାଦ ନେଇ ଆମେ ଦୁଇ ରାଷ୍ଟ୍ରର ଏକ ଆଭିମୁଖ୍ୟ। ଏହାକୁ ଦୃଢ଼ ହସ୍ତରେ ଦମନ କରାଯିବ। କୌଣସି ଆତଙ୍କବାଦୀଙ୍କୁ ଛଡ଼ାଯିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି।

## ଆମେ ୟୁକ୍ରେନଠାରୁ ଡୋନବାସ ଛଡ଼ାଇ ନେବୁ: ପୁଟିନ

**ମସ୍କୋ,୫।୧୨:** ୟୁକ୍ରେନର ପୂର୍ବାଞ୍ଚଳ ଡୋନବାସକୁ ନେଇ ଆଉ କୌଣସି ବୁଝାମଣା କରାଯିବ ନାହିଁ। ୟୁକ୍ରେନ୍ ସେନାକୁ ସେଠାରୁ ହଟିବାକୁ ପଡ଼ିବ ଓ ଆମେ ସେହି ଅଞ୍ଚଳକୁ ସିଜ୍ କରିବୁ। ଏଭଳି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ରୁଷ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନ। ମସ୍କୋ ଡୋନବାସର ପ୍ରାୟ ୮୫% ଅଂଶ ନିୟନ୍ତ୍ରଣ କରିସାରିଛି। ୟୁକ୍ରେନୀୟ ସୈନ୍ୟମାନେ ଏହି ଅଞ୍ଚଳଗୁଡ଼ିକୁ ଛାଡ଼ି ଦିଅନ୍ତୁ। ନଚେତ୍ ଆମେ ବଳପୂର୍ବକ ଏହି ଅଞ୍ଚଳଗୁଡ଼ିକୁ ୟୁକ୍ରେନ୍ ଠାରୁ ମୁକ୍ତ କରିଦେବୁ। ସେପେଟ ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସ୍କି କିନ୍ତୁ ଏହି ଅଞ୍ଚଳକୁ ରୁଷକୁ ହସ୍ତାନ୍ତର କରିବାକୁ ମନା କରିଦେଇଛନ୍ତି। ରୁଷରେ ଅନୁଷ୍ଠିତ ବୈଠକ ପରେ ମସ୍କୋ ୱାଶିଂଟନର ପ୍ରତିକ୍ରିୟାକୁ ଅପେକ୍ଷା କରିଛି। ତେବେ ଏନେଇ ଟ୍ରମ୍ପ ଓ ପୁଟିନଙ୍କ ମଧ୍ୟରେ କୌଣସି ଫୋନ୍ କଲ୍ କିମ୍ବା ଆଲୋଚନା ନେଇ କୌଣସି ପ୍ଲାନ ନାହିଁ ବୋଲି ରୁଷ କହିଛି। ଆମେରିକାର ଶାନ୍ତି ଯୋଜନାର ମୂଳ ପ୍ରସ୍ତାବରେ ୟୁକ୍ରେନର ନିୟନ୍ତ୍ରଣରେ ଥିବା ଡୋନବାସର ଅଞ୍ଚଳଗୁଡ଼ିକୁ ପୁଟିନଙ୍କୁ ହସ୍ତାନ୍ତର କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ହେଲେ ୟୁକ୍ରେନ୍ ଏଥିପାଇଁ ରାଜି ନହେବାରୁ ୱିଟକଫ ଦଳ ମସ୍କୋ ପାଖରେ ଏକ ପରିବର୍ତ୍ତିତ ପ୍ରସ୍ତାବ ଦେଇଛନ୍ତି। ତେବେ ଦିଲ୍ଲୀକୁ ସରକାରୀ ଗସ୍ତରେ ଆସିବା ପୂର୍ବରୁ ପୁଟିନ ଦେଇଥିବା ଇଣ୍ଟରଭ୍ୟୁରେ କହିଛନ୍ତି ଯେ, ୱିଟକଫ ଏବଂ ଟ୍ରମ୍ପଙ୍କ ଜ୍ୱାଇଁ ଜାରେଡ କୁଶନରଙ୍କ ସହ ଆଲୋଚନା ପୂର୍ବରୁ ତାଙ୍କୁ ନୂଆ ପ୍ରସ୍ତାବ ଦେଖାଯାଇ ନଥିଲା। ସେଥିପାଇଁ ଆମକୁ ପ୍ରତ୍ୟେକ ବିନ୍ଦୁକୁ ଗୁରୁତର ସହ ଦେଖିବାକୁ ପଡ଼ିଥିଲା। ଆଉ ଏଥିପାଇଁ ଅଧିକ ସମୟ ଲାଗିଥିଲା ବୋଲି ପୁଟିନ କହିଛନ୍ତି।

## ଭାରତ-ରୁଷକୁ ଯୋଡ଼ିଛି ଗାନ୍ଧୀ ବିଚାର

### ରାଜଘାଟରେ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ

**ନୂଆଦିଲ୍ଲୀ, ୫।୧୨:** ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଶୁକ୍ରବାର ଅନେକ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ତେବେ ଶୁକ୍ରବାର ସକାଳେ ସେ ରାଜଘାଟରେ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଏହି ସମୟରେ ସେ ଗାନ୍ଧୀଙ୍କ ନୀତି ଏବଂ ଆଦର୍ଶକୁ ମନେ ପକାଇଛନ୍ତି। ଏହାସହ ଭିଜିଟର୍ସ ବୁକ୍ ବା ଭ୍ରମଣ ପୁସ୍ତିକାରେ ସେ ଏକ ବଡ ସନ୍ଦେଶ ଲେଖିଛନ୍ତି। ପୁଟିନ ଲେଖିଛନ୍ତି ଯେ, ମହାତ୍ମା ଗାନ୍ଧୀ ଜଣେ ମହାନ ଦାର୍ଶନିକ ତଥା ବ୍ୟକ୍ତିତ୍ୱ ଥିଲେ। ଭାରତକୁ ସ୍ୱାଧୀନ କରିବାରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେ ବିଶ୍ୱର ନେତୃତ୍ୱ ପ୍ରସଙ୍ଗରେ ବଡ ଯୋଗଦାନ ଦେଇଥିଲେ। ପରୋପକାରକୁ ନେଇ ମହାତ୍ମାଙ୍କ ବିଚାର ଆଜି ମଧ୍ୟ ଅମର ରହିଛି। ତାଙ୍କ ସମୟରେ ସେ ବର୍ତ୍ତମାନ ଘଟୁଥିବା ଅନେକ ପରିସ୍ଥିତି ବାବଦରେ ଅନୁମାନ ଲଗାଇ ପାରିଥିଲେ। ସେତେବେଳେ ସେ ବିଶ୍ୱ ଶାନ୍ତି ପାଇଁ ଯାହା କହିଥିଲେ ତାହା ଏବେ ପ୍ରସ୍ତୁତ ହେଉଛି। ରୁଷ ରାଷ୍ଟ୍ରପତି ଆହୁରି ମଧ୍ୟ ଲେଖିଛନ୍ତି ଯେ, ଲିଓ ଟଲଷ୍ଟୟଙ୍କୁ ଲେଖିଥିବା ଚିଠିରେ ଗାନ୍ଧୀ ବିଶ୍ୱର ଭବିଷ୍ୟତ ବାବଦରେ ଅନେକ କିଛି ଉଲ୍ଲେଖ କରିଥିଲେ। ଭାରତ ଏବଂ ରୁଷ ଆଜି ମଧ୍ୟ ଅନ୍ତର୍ଜାତୀୟ ମଞ୍ଚରେ ଗାନ୍ଧୀଙ୍କ ସିଦ୍ଧାନ୍ତ ଦ୍ୱାରା ପରିଚାଳିତ। ଯାହା ଉଭୟ ଦେଶର ସହଯୋଗିତାକୁ ଦର୍ଶାଇଥାଏ ବୋଲି ପୁଟିନ ପ୍ରକାଶ କରିଛନ୍ତି।



## ବିଦେଶୀ ଗଣମାଧ୍ୟମରେ ପୁଟିନଙ୍କ ଗସ୍ତକୁ ନେଇ ଚର୍ଚ୍ଚା

**ନୂଆଦିଲ୍ଲୀ, ୫।୧୨:** ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଭାରତ ଗସ୍ତକୁ ନେଇ ସାରା ବିଶ୍ୱର ଗଣମାଧ୍ୟମରେ ଖୁବ୍ ଚର୍ଚ୍ଚା ଚାଲିଛି। ଦୁଇ ଦିନିଆ ଗସ୍ତରେ ଆସିଥିବା ପୁଟିନଙ୍କ ଉପରେ ସମସ୍ତଙ୍କ ନଜର ରହିଛି । ବିବିସି ଏହି ଗସ୍ତକୁ ନେଇ ଏକ ବଡ଼ ଟିପ୍ପଣୀ କରିଛି। ବିବିସି ଲେଖିଛି, ଆମେରିକାର ପ୍ରବଳ ଚାପ ଏବଂ ଚେତାବନୀ ସତ୍ତ୍ୱେ ପୁଟିନ ଭାରତରେ ପହଞ୍ଚିଛନ୍ତି, ଯାହା ଭାରତ-ରୁଷ ସମ୍ପର୍କର ଗଭୀରତାକୁ ଦର୍ଶାଉଛି। ପୁଟିନଙ୍କ ଗସ୍ତ ସ୍ପଷ୍ଟ କରୁଛି ଯେ, ଭାରତ କୌଣସି ବିଦେଶୀ ଚାପରେ ନିଜର ବନ୍ଧୁତାକୁ ବଳି ଦେବାକୁ ପ୍ରସ୍ତୁତ ନୁହେଁ। ଅନ୍ୟପଟେ, ୟୁକ୍ରେନୀୟ ଗଣମାଧ୍ୟମ ଏହି ଗସ୍ତକୁ ନେଇ ଭିନ୍ନ ମତ ରଖିଛି। ୟୁକ୍ରେନ୍ର ଗଣମାଧ୍ୟମ ଲେଖିଛି, ଏହା ହେଉଛି ଭାରତୀୟ କୂଟନୀତି ପାଇଁ ଏକ ବଡ଼ ପରୀକ୍ଷା। ରୁଷ-ୟୁକ୍ରେନ ଯୁଦ୍ଧ ସମୟରେ ଭାରତ କିପରି ଉଭୟ ପକ୍ଷ ସହିତ ସନ୍ତୁଳନ ରକ୍ଷା କରୁଛି, ତାହା ଏବେ ବିଶ୍ୱ ଦେଖିବ। ୟୁକ୍ରେନ୍ ଗଣମାଧ୍ୟମ କିଭ୍ ଇଣ୍ଡିପେଡେଣ୍ଟ ଅନୁଯାୟୀ, ପୁଟିନଙ୍କ ଭାରତ ଗସ୍ତ ଏହା ଦେଖାଇବାର ଏକ ସୁଯୋଗ ଯେ, ରୁଷ ବିଶ୍ୱରୁ ପୃଥକ ନୁହେଁ ଏବଂ ଗ୍ଲୋବାଲ୍ ସାଉଥ୍ ଭଳି ବଡ଼ ଅଞ୍ଚଳରେ ଏହାର ଦୃଢ଼ ଅଂଶୀଦାର ଅଛନ୍ତି। ଭାରତ ଏବଂ ରୁଷ ମଧ୍ୟରେ ବନ୍ଧୁତା ଦଶନ୍ଧି ପୁରୁଣା। ସୋଭିଏତ୍ ୟୁନିଅନ୍ ୧୯୭୧ ଭାରତ-ପାକ୍ ଯୁଦ୍ଧ ସମୟରେ ମଧ୍ୟ ଭାରତକୁ ସମର୍ଥନ କରିଥିଲା। ଏହି କାରଣରୁ ଭାରତୀୟ ନେତାମାନେ ପ୍ରାୟତଃ ରୁଷକୁ ସେମାନଙ୍କର ସବୁଠାରୁ ବିଶ୍ୱସ୍ତ ବନ୍ଧୁ ମାନନ୍ତି। ଭାରତ ଉପରେ ଆମେରିକାର ଉଚ୍ଚ ଟାରିଫ୍ ସତ୍ତ୍ୱେ ଟ୍ରମ୍ପଙ୍କୁ ଅସନ୍ତୁଷ୍ଟ କଲା ଭଳି କିଛି ନକରି ରୁଷ୍ ସହ ସମ୍ପର୍କରୁ ଲାଭ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କୂଟନୈତିକ ପଦକ୍ଷେପ ନେଇଛନ୍ତି ବୋଲି ୱାଶିଂଟନ ପୋଷ୍ଟ ଲେଖିଛି। ନ୍ୟୁୟର୍କ ଟାଇମ୍ସ ଲେଖିଛି, ପୁଟିନଙ୍କୁ ମୋଦୀ ବ୍ୟକ୍ତିଗତ ଭାବେ ସ୍ୱାଗତ କରିବା ଦୁଇଜଣଙ୍କ ମଧ୍ୟରେ ସମ୍ପର୍କକୁ ଦର୍ଶାଉଛି।

## ୟୁକ୍ରେନ ଯୁଦ୍ଧକୁ ନେଇ ବଡ଼ ସଂକେତ

**ନୂଆଦିଲ୍ଲୀ,୫।୧୨:** ଦିଲ୍ଲୀର ହାଇଦ୍ରାବାଦ ହାଉସରେ ଶୁକ୍ରବାର ରୁଷ ରାଷ୍ଟ୍ରପତି ପୁଟିନ୍ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମଧ୍ୟରେ ସାକ୍ଷାତ ସମୟରେ ଏକ ବଡ଼ ଭୂ-ରାଜନୈତିକ ସଂକେତ ମିଳିଛି। ପୁଟିନ୍ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଶାନ୍ତିପୂର୍ଣ୍ଣ ଉପାୟରେ ୟୁକ୍ରେନ ଯୁଦ୍ଧ ବନ୍ଦ କରିବା ଉପରେ ରୁଷ ଏବେ ଆମେରିକା ସମେତ ଅନେକ ଦେଶ ସହ ଆଲୋଚନା କରୁଛି। ୟୁକ୍ରେନ ଯୁଦ୍ଧ ସମାପ୍ତ କରିବା ଲାଗି ଭଲ ବିକଳ୍ପ ଉପରେ ମଧ୍ୟ ଆଲୋଚନା ଜାରି ରହିଛି। ୟୁକ୍ରେନ ଯୁଦ୍ଧ କେବେ ବନ୍ଦ ହେବ ସେନେଇ ସମଗ୍ର ବିଶ୍ୱ ଅପେକ୍ଷା କରିଥିବା ବେଳେ, ପୁଟିନଙ୍କ ସ୍ପଷ୍ଟୋକ୍ତି



ସାମାନ୍ୟ ଆଶ୍ୱସ୍ତି ଦେଇଛି। ବୈଠକରେ ପୁଟିନ ପିଏମ ମୋଦୀଙ୍କୁ ଧନ୍ୟବାଦ ଦେଇ କହିଥିଲେ, ୟୁକ୍ରେନ ଯୁଦ୍ଧ ନେଇ ଭାରତ ସର୍ବଦା ସନ୍ତୁଳିତ ଆଭିମୁଖ୍ୟ ଦେଖାଇ ଆସିଛି। ମସ୍କୋ ଭାରତର ଏହି ଦୃଷ୍ଟିକୋଣକୁ ମହତ୍ୱ ଦେଇ ସକାରାତ୍ମକ ଭୂମିକା ଭାବରେ ଦେଖିଆସିଛି। ଆଲୋଚନା ସମୟରେ, ପୁଟିନ ଭାରତ-ରୁଷ ସମ୍ପର୍କ ବିଷୟରେ କହିଛନ୍ତି ଯେ, ଦୁଇ ଦେଶ ମଧ୍ୟରେ ବିଶ୍ୱାସ ଏବଂ ସହଯୋଗ କେବଳ ଐତିହାସିକ କାରଣରୁ ନୁହେଁ, ବରଂ ପ୍ରଧାନମନ୍ତ୍ରୀ ମୋଦୀ ଗତ କିଛି ବର୍ଷ ଧରି ଏହି ସମ୍ପର୍କକୁ ନୂତନ ଶକ୍ତି ଦେଇଛନ୍ତି। ଦୁଇ ଦେଶ ଏବେ ଉଚ୍ଚ-ପ୍ରଯୁକ୍ତି ବିମାନ ଚଳାଚଳ, ମହାକାଶ ଗବେଷଣା, ଏଆଇ ଏବଂ ନୂତନ ପିଢ଼ିର ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏକାଠି କାମ କରୁଛନ୍ତି। ପୁଟିନଙ୍କ ଅନୁସାରେ, ଏହି ସହଭାଗୀତା କେବଳ କୂଟନୈତିକ ନୁହେଁ ବରଂ 'ପ୍ରକୃତ ପ୍ରଗତି'କୁ ସୂଚାଉଛି। ଏହି ଭାରତ-ରୁଷ ବୈଠକ କେବଳ ଦ୍ୱିପାକ୍ଷିକ ସମ୍ପର୍କର ଶକ୍ତିକୁ ସଙ୍କେତ ଦେଉନାହିଁ, ବରଂ ଏହା ମଧ୍ୟ ସୂଚିତ କରୁଛି ଯେ, ୟୁକ୍ରେନ ପ୍ରସଙ୍ଗରେ ଆଲେଚନା ପାଇଁ ଆହୁରି ବାଟ ଖୋଲୁଛି। ରୁଷର ଏହି ବିବୃତ୍ତି ଭବିଷ୍ୟତର ଶାନ୍ତି ଆଲୋଚନା ପାଇଁ ଆଧାର ଭାବରେ କାର୍ଯ୍ୟ କରିପାରେ। ଅନେକ ବିଶେଷଜ୍ଞ ଏହାକୁ ସେହି ଦିଗରେ ପ୍ରଥମ ପ୍ରମୁଖ ସଙ୍କେତ ଭାବରେ ଦେଖୁଛନ୍ତି। ତେବେ କୂଟନୀତି ଯୁଦ୍ଧ ଅପେକ୍ଷା ଅଧିକ ପ୍ରଭାବଶାଳୀ ପ୍ରମାଣିତ ହୋଇପାରେ।

## ଜି-୨୦ରୁ ଦ.ଆଫ୍ରିକାକୁ ବିଦାକଲା ଆମେରିକା

**ନୂଆଦିଲ୍ଲୀ ୫।୧୨:** ଆମେରିକା ୨୦୨୬ରେ ମିଆମିରେ ହେବାକୁ ଥିବା ଜି-୨୦ ଶିଖର ସମ୍ମିଳନୀରୁ ଦକ୍ଷିଣ ଆଫ୍ରିକାକୁ ବାହାର କରିଦେଇଛି। ଚଳିତ ସପ୍ତାହରେ ଆମେରିକା ଜି-୨୦ର ଅଧ୍ୟକ୍ଷତା ଗ୍ରହଣ କରିଛି ଓ ଆଗାମୀ ବୈଠକରୁ ଦକ୍ଷିଣ ଆଫ୍ରିକାକୁ ବାହାରେ ରଖିବାକୁ ନିଷ୍ପତ୍ତି ନେଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଫ୍ରିକା ସରକାରଙ୍କ ଉପରେ ଆରୋପ ଲଗାଇଛନ୍ତି ଯେ, ଏହା ଆମେରିକାର ବିରୋଧ କରୁଛି ଓ ଜି-୨୦ର ଆର୍ଥିକ ଉଦ୍ଦେଶ୍ୟକୁ ଦୁର୍ବଳ କରୁଛି। ଆମେରିକା ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିୟୋ କହିଛନ୍ତି ଯେ, ଆମେରିକା ଜି-୨୦ର ମୂଳ ଆର୍ଥିକ ବିକାଶ ପ୍ରସଙ୍ଗ ଉପରେ କେନ୍ଦ୍ରିତ ରହିବ। ସେ କହିଛନ୍ତି ଆମେରିକା କେବଳ ସେହି ଦେଶଙ୍କୁ ଆମନ୍ତ୍ରିତ କରିବ ଯେଉଁମାନଙ୍କୁ ମିତ୍ର, ପଡୋଶୀ ଓ ସହଭାଗୀ ବୋଲି ଭାବୁଛି। ଏଥିରେ ପୋଲାଣ୍ଡକୁ ମଧ୍ୟ ସାମିଲ କରାଯିବ। ରୁବିୟୋ ପୋଲାଣ୍ଡକୁ ଏକ ଏପରି ଦେଶ କହିଛନ୍ତି ଯିଏ ସଂସ୍କାର ଆପଣେଇବା ଓ ଭବିଷ୍ୟତ ଉପରେ ଧ୍ୟାନ ଦେବାରେ ସଫଳ ହୋଇଛି। ରୁବିୟୋ କହିଛନ୍ତି ଯେ, ଦକ୍ଷିଣ ଆଫ୍ରିକାରେ ମାଣ୍ଡେଲା ଯୁଗ ପରେ ସେଠାକାର ସରକାର ସାମଞ୍ଜସ୍ୟ ବଦଳେ ପୁନର୍ବିତରଣ ନୀତିକୁ ଆପଣେଇଛନ୍ତି। ଏଣୁ ଦେଶକୁ ନିବେଶ ହ୍ରାସ ହୋଇଥିବା ବେଳେ ସବୁଠୁ ପ୍ରତିଭାଶାଳୀ ଲୋକେ ବିଦେଶ ପଳାୟନ କରିଛନ୍ତି। ସେ କହିଛନ୍ତି ଜାତୀୟ କୋଟା ଘରୋଇ କ୍ଷେତ୍ରକୁ ଦୁର୍ବଳ କରିଦେଇଛି ଓ ଭ୍ରଷ୍ଟାଚାର ଦେଶକୁ ଦେବାଳିଆ କରୁଛି। ଏହି କାରଣରୁ ଦକ୍ଷିଣ ଆଫ୍ରିକା ବିଶ୍ୱର ୨୦ ସବୁଠୁ ବଡ଼ ଔଦ୍ୟୋଗିକ ଅର୍ଥ ବ୍ୟବସ୍ଥାରେ ଆଉ ସାମିଲ ନାହିଁ।

## ୧୨ କୋଟି ଟଙ୍କାର ସାଇବର ଠକେଇ

**ନୂଆଦିଲ୍ଲୀ, ୫।୧୨:** ନୋଏଡାରେ ଜଣେ ବ୍ୟକ୍ତିଙ୍କଠାରୁ ୧୨ କୋଟି ଟଙ୍କା ଲୁଟିନେଲେ ସାଇବର ଅପରାଧୀ। ଷ୍ଟକ୍ ମାର୍କେଟରେ ପୁଞ୍ଜିନିବେଶ ନାଁରେ ଏହି ଲୁଟ୍ ହୋଇଛି। ଠକେଇର ଶିକାର ହୋଇଥିବା ବ୍ୟକ୍ତିଜଣଙ୍କ ବୈଷୟିକ ପରାମର୍ଶଦାତା ଭାବେ କାମ କରନ୍ତି। ଅକ୍ଟୋବର ୧୭ରୁ ନଭେମ୍ବର ୨୫ ମଧ୍ୟରେ ତାଙ୍କଠାରୁ ୧୨ କୋଟି ଟଙ୍କା ଲୁଟ୍ ହୋଇଛି। ଏନେଇ ସେ ସାଇବର କ୍ରାଇମ୍ ଥାନାରେ ଏତଲା ଦେଇଛନ୍ତି। ନିଜ ପରିଚୟ ଗୋପନ ରଖି ବ୍ୟକ୍ତି ଜଣଙ୍କ କହିଛନ୍ତି, ସେୟାର ମାର୍କେଟରେ ପୁଞ୍ଜିନିବେଶ କରି ଅଧିକ ଲାଭ ପାଇବା ପାଇଁ ଜଣେ ଅଜଣା ମହିଳା ତାଙ୍କୁ ହ୍ୱାଟ୍ସଆପ୍ ମେସେଜ୍ କରିଥିଲେ। ପରେ ତାଙ୍କୁ ଏକ ଗ୍ରୁପରେ ରଖି ଆପ୍ ଡାଉନଲୋଡ୍ କରିବାକୁ ଲିଙ୍କ୍ ଦିଆଯାଇଥିଲା। ପରେ ତାଙ୍କୁ ଆଉଏକ ଗ୍ରୁପ୍ରେ ରଖି ସାଇବର ଠକମାନେ ଦୈନିକ ଲାଭର ସ୍କ୍ରିନ ସଟ୍ ପଠାଇ ତାଙ୍କ ବିଶ୍ୱାସ ଜିତିଥିଲେ। ଲାଭରୁ ୧୫ ପ୍ରତିଶତ କମିସନ ନେବେ ବୋଲି କହିଥିଲେ ସାଇବର ଠକ। ପ୍ରଥମେ ୫୦ ହଜାର ଓ ପରେ ପ୍ରାୟ ୧୨ କୋଟି ଟଙ୍କା ୯ଟି କିସ୍ତିରେ ପଇଠ କରିଥିଲେ। ପରେ ଅଧିକ ନିବେଶ ପାଇଁ ଆଗ୍ରହ ପ୍ରକାଶ କରିବା ପରେ ଠକି ଯାଇଥିବା ଜାଣିପାରିଥିଲେ। ଏନେଇ ସାଇବର କ୍ରାଇମ୍ ପୁଲିସ ତଦନ୍ତ କରୁଛି।

## କୋଇଲା ଖଣିରୁ ବିଷାକ୍ତ ଗ୍ୟାସ୍ ଲିକ, ୨ ମୃତ

**ଧାନବାଦ, ୫।୧୨:** ଝାଡ଼ଖଣ୍ଡର ଧାନବାଦ ଜିଲ୍ଲା ଅନ୍ତର୍ଗତ ଭୁଲି ବ୍ଲକ୍ ଅଞ୍ଚଳରେ ଭାରତ କୋକିଂ କୋଲ୍ ଲିମିଟେଡ୍ର ଗୋଣ୍ଡୁଡିହ୍ କୋଏଲିୟାରିରୁ ବିଷାକ୍ତ ଗ୍ୟାସ୍ ଲିକ୍ ହେବାରୁ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି। ଘଟଣା ପରେ ଧାନବାଦ୍ ଜିଲ୍ଲାପାଳ ବରବର କୁମାର ମାଜିଷ୍ଟ୍ରେଟ୍ ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ତଦନ୍ତ ଭୁଲି ଏସଡିଜେଏମ୍ ଅନମୋଲ କୁମାର ସିଂହଙ୍କ ନେତୃତ୍ୱରେ ହେବ। ୧୫ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ବିସିସିଏଲ୍ର ଗୋଣ୍ଡୁଡ଼ିହ ଖଣିରେ କୋଇଲା ସହ ମିଶି ରହିଥିବା ମିଥେନ୍ ଓ କାର୍ବନ ମନୋକ୍ସାଇଡ୍ ଭଳି ବିଷାକ୍ତ ଗ୍ୟାସ୍ ଲିକ୍ ହୋଇଥିଲା। ଏହି ଗ୍ୟାସ୍ ନିକଟସ୍ଥ ବସ୍ତି ଫୁଲି-ହିରାକ୍ ରୋଡ୍ ଅଞ୍ଚଳରେ ମେଣ୍ଟଙ୍ଗଡ଼ିହ ବସ୍ତିରେ ପଶିଯାଇଥିଲା। ଫଳରେ ସେଠାରେ ରହୁଥିବା ଦୁଇ ଯୁବକ ରାଜେଶ କୁମାର ଓ ସଞ୍ଜୟ କୁମାରଙ୍କର ମୃତ୍ୟୁ ହୋଇଛି। ଖଣିରୁ ଅନେକ ସମୟରେ ବିଷାକ୍ତ ଗ୍ୟାସ୍ ବାହାରୁଛି। ଏହାକୁ ରୋକିବା ପାଇଁ ବିସିସିଏଲ୍ କୌଣସି ସୁରକ୍ଷା ବ୍ୟବସ୍ଥା ନେଉନାହିଁ ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ପୂର୍ବରୁ ମଧ୍ୟ ଏଭଳି ଗ୍ୟାସ୍ ଲିକ୍ ଘଟଣା ଘଟିଥିଲା। ଧାନବାଦ୍ ଏସପି ଆର ରାମକୁମାର ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

## ନୀତୀଶଙ୍କ ନାଁରେ ବିଶ୍ୱ ରେକର୍ଡ



ଲଣ୍ଡନ ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡସ ପକ୍ଷରୁ ଚିଠି ମାଧ୍ୟମରେ ଅଭିନନ୍ଦନ

**ପାଟନା,୫।୧୨:** ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଆଉ ଏକ ରେକର୍ଡ ହାସଲ କରିଛନ୍ତି। ବିହାର ବିଧାନସଭା ନିର୍ବାଚନରେ ଏନଡିଏର ବିଜୟ ପରେ, ନୀତୀଶ କୁମାର ଦଶମ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଏଥିପାଇଁ ନୀତୀଶ କୁମାରଙ୍କ ନାଁ ଏବେ ଲଣ୍ଡନ ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଛି। ଦଶମ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିବାକୁ ନେଇ ଲଣ୍ଡନ ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡସ ପକ୍ଷରୁ ତାଙ୍କୁ ଚିଠି ମାଧ୍ୟମରେ ଅଭିନନ୍ଦନ ଜଣାଯାଇଛି। ଲଣ୍ଡନର ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡସ୍ ଏକ ଚିଠିରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଅଭିନନ୍ଦନ ଜଣାଇ କହିଛି ଯେ, ଏହା ଗର୍ବର ବିଷୟ। ୧୯୪୭ ରୁ ୨୦୨୫ ମଧ୍ୟରେ ଆପଣ ଏମିତି ଜଣେ ନେତା ଯିଏ ଦଶମ ଥର ଲାଗି ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେଇଛନ୍ତି। ଏହା ଭାରତୀୟ ଗଣତାନ୍ତ୍ରିକ ଇତିହାସରେ ଏକ ଅନନ୍ୟ ସଫଳତା। ଏହି ଅସାଧାରଣ ସଫଳତା ଆପଣଙ୍କ ନିଷ୍ଠା, ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଏବଂ ବିହାରବାସୀଙ୍କ ବିଶ୍ୱାସକୁ ପ୍ରତିଫଳିତ କରୁଛି। ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡସ୍ ଚିଠିରେ ଉଲ୍ଲେଖ କରିଛି ଯେ, ଦଶ ଥର ପାଇଁ ଗୋଟିଏ ରାଜ୍ୟକୁ ନେତୃତ୍ୱ ଦେବା ଗଣତାନ୍ତ୍ରିକ ଇତିହାସରେ ଏକ ଅନନ୍ୟ ଉପଲବ୍ଧି। ଏହା କେବଳ ଏକ ବ୍ୟକ୍ତିଗତ ସଫଳତା ନୁହେଁ ବରଂ ସମଗ୍ର ଦେଶ ପାଇଁ ଗର୍ବର ମୁହୂର୍ତ୍ତ। ଏହି ଅନୁକରଣୀୟ ଏବଂ ଐତିହାସିକ ସଫଳତାକୁ ସ୍ୱୀକୃତି ଦେବା ପାଇଁ ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡସ୍ ସୂଚନା ଦେଇଛି ଯେ, ନୀତୀଶ କୁମାରଙ୍କ ନାମକୁ ଏହାର ମର୍ଯ୍ୟାଦାଜନକ ବିଶ୍ୱସ୍ତରୀୟ ତାଲିକାରେ ଆନୁଷ୍ଠାନିକ ଭାବରେ ଅନ୍ତର୍ଭୁକ୍ତ କରି ତାଙ୍କୁ ସମ୍ମାନିତ କରିବ।

## 'ସମାନ ଜାତୀୟ ସୁରକ୍ଷା ନୀତି ପ୍ରଣୟନ ଜରୁରୀ'



**ନୂଆଦିଲ୍ଲୀ, ୫।୧୨:** ଲୋକସଭାରେ ଶୂନ୍ୟ କାଳରେ ମେରଠର ବିଜେପି ସାଂସଦ ଅରୁଣ ଗୋଭିଲ ମସଜିଦ ଏବଂ ମଦ୍ରାସାଗୁଡ଼ିକରେ ସିସିଟିଭି କ୍ୟାମେରା ସ୍ଥାପନ ପାଇଁ ଦାବି କରିଛନ୍ତି। ଗୋଭିଲ ଦାବି କରି କହିଛନ୍ତି,'ମନ୍ଦିର, ଚର୍ଚ୍ଚ, ଗୁରୁଦ୍ୱାର, କଲେଜ, ହସ୍ପିଟାଲ, ବଜାର ଏବଂ ଦେଶର ଅଧିକାଂଶ ସାର୍ବଜନୀନ ସ୍ଥାନରେ ସିସି ଟିଭି କ୍ୟାମେରା ସ୍ଥାପନ କରାଯାଇଛି। କ୍ୟାମେରା ସ୍ୱଚ୍ଛତା, ସୁରକ୍ଷା ଏବଂ ଅପରାଧ ନିୟନ୍ତ୍ରଣକୁ ସୁନିଶ୍ଚିତ କରିବାରେ ବହୁତ ପ୍ରଭାବଶାଳୀ ପ୍ରମାଣିତ ହୋଇଛି। ଏହି ବ୍ୟବସ୍ଥା ଏପର୍ଯ୍ୟନ୍ତ ମସଜିଦ ଏବଂ ମଦ୍ରାସାଗୁଡ଼ିକରେ କାର୍ଯ୍ୟକାରୀ ହୋଇନାହିଁ। ଏଗୁଡ଼ିକ ମଧ୍ୟ ସାର୍ବଜନୀନ ସ୍ଥାନ ଯେଉଁଠାକୁ ପ୍ରତିଦିନ ବହୁ ସଂଖ୍ୟରେ ଲୋକଯାଇଆନ୍ତି। ଏଠାରେ ସୁରକ୍ଷା ବ୍ୟବସ୍ଥା ରହିବା ନିହାତି ଜରୁରୀ। ସୁରକ୍ଷା ଦୃଷ୍ଟିରୁ ଇସଲାମର ଜନ୍ମସ୍ଥାନ ସାଉଦି ଆରବର ମକ୍କା ଏବଂ ମଦ୍ରାସାଗୁଡ଼ିକରେ ସିସିଟିଭି କ୍ୟାମେରା ଲଗାଯାଇଛି। ଯଦି ସୁରକ୍ଷାକୁ ପ୍ରାଥମିକତା ଦେଇ ସେଠାରେ ଏହି ବ୍ୟବସ୍ଥା ଗ୍ରହଣ କରାଯାଇପାରିବ, ତେବେ ଭାରତରେ ସମାନ ସୁରକ୍ଷା ମାନଦଣ୍ଡ କାର୍ଯ୍ୟକାରୀ କରିବାରେ କାହିଁକି ସଂକୋଚ କରାଯାଉଛି? ଅରୁଣ ଗୋଭିଲ କେନ୍ଦ୍ର ସରକାରଙ୍କୁ ଏକ ସମାନ ଜାତୀୟ ସୁରକ୍ଷା ନୀତି ପ୍ରଣୟନ କରିବାକୁ ଅପିଲ କରିଛନ୍ତି। ଯାହା ଅଧୀନରେ ମନ୍ଦିର, ସ୍କୁଲ ଏବଂ ଅନ୍ୟାନ୍ୟ ସାର୍ବଜନୀନ ସ୍ଥାନରେ କ୍ୟାମେରା ବାଧ୍ୟତାମୂଳକ କରାଯିବା ଉଚିତ।

**ଆମେରିକା ବୈଦେଶିକ ସଚିବଙ୍କୁ ୪୯ ସାଂସଦଙ୍କ ଚିଠି**

## ଆତଙ୍କୀ ଦେଶର ମୁଖିଆଙ୍କୁ ଦେଶରେ ପୂରାଅନି

**ୱାଶିଂଟନ, ୫।୧୨:** ଆମେରିକାରେ ପଶିପାରିବେନି ଆତଙ୍କୀ ଦେଶର ମୁଖିଆ। ପାକିସ୍ତାନ ରାଷ୍ଟ୍ରପତି ଶେହବାଜ ସରିଫ ଏବଂ ଅସୀମ ମୁନିରଙ୍କୁ ବ୍ୟାନ କରିବ ୱାଶିଟନ। ପାକିସ୍ତାନରେ ଅସୀମ ମୁନିରଙ୍କ ଏକଛତ୍ରବାଦ ସମ୍ପର୍କରେ ବୈଦେଶିକ ସଚିବ ମାର୍କୋ ରୁବିଓଙ୍କୁ ଏକ ଚିଠି ଲେଖିଛନ୍ତି ଆମେରିକାର ୪୯ ଜଣ ସାଂସଦ। ଚିଠିରେ ସାଂସଦମାନେ ପାକିସ୍ତାନରେ ଗଣତନ୍ତ୍ରର ପତନ ସମ୍ପର୍କରେ ଚିନ୍ତା ପ୍ରକାଶ କରିଛନ୍ତି। ସେମାନେ ରୁବିଓଙ୍କୁ ତୁରନ୍ତ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି। ସେମାନେ ଚିଠିରେ ଉଲ୍ଲେଖ କରିଛନ୍ତି ପାକିସ୍ତାନରେ ଗଣତନ୍ତ୍ରର ପତନରେ ଅସୀମ ମୁନିର ଏବଂ କିଛି ସାମରିକ ଅଧିକାରୀ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସେମାନେ ଦାବି କରିଛନ୍ତି ଯେ, ଏହି ସମସ୍ତ ବ୍ୟକ୍ତିଙ୍କୁ ଆମେରିକାରେ ପ୍ରବେଶ କରିବାରୁ ନିଷିଦ୍ଧ କରାଯାଉ। ରୁବିଓଙ୍କୁ ଚିଠି ଲେଖିଥିବା ସାଂସଦମାନଙ୍କ ମଧ୍ୟରେ ପ୍ରମିଳା ଜୟପାଲ, ଗ୍ରେଗ




କାଇସର, ଜେମ୍ସ ପି. ମ୍ୟାକଗଭର୍ନ, ଡି. କ୍ଲାର୍କ ଏବଂ ରଶିଦା ତଲାଇବ ପ୍ରମୁଖ। ସମସ୍ତେ ଆମେରିକା କଂଗ୍ରେସର ସଦସ୍ୟ। ଏହି ଚିଠି ପାକିସ୍ତାନ ଭିତରେ ମାନବାଧିକାରର ଉଲ୍ଲଂଘନ ପ୍ରସଙ୍ଗ ମଧ୍ୟ ଉଠାଇଛି। ଏଥିରେ ଏହା ମଧ୍ୟ କୁହାଯାଇଛି ଯେ, ପାକିସ୍ତାନ ସରକାର ସରକାରଙ୍କ ବିରୁଦ୍ଧରେ କହୁଥିବା ଲୋକଙ୍କୁ ଚୁପ୍ କରିବା ପାଇଁ ବଳ ପ୍ରୟୋଗ କରୁଛି। ପାକିସ୍ତାନର ସମ୍ବିଧାନରେ ଏକ ପ୍ରମୁଖ ସଂଶୋଧନ ଗୃହୀତ ହେବା ସମୟରେ ୪୯ ଜଣ ଆମେରିକୀୟ କଂଗ୍ରେସ ସଦସ୍ୟ ମାର୍କୋ ରୁବିଓଙ୍କୁ ଲେଖିଥିଲେ। ଏହି ସଂଶୋଧନ ସେନା ମୁଖ୍ୟଙ୍କୁ ଅନେକ ଗୁରୁତ୍ୱପୂର୍ଣ୍ଣ କ୍ଷମତା ପ୍ରଦାନ କରେ। ଏହି କ୍ଷମତାଗୁଡ଼ିକ ମଧ୍ୟରେ କେବେ ବି ମାମଲା ରୁଜୁ ହେବାର ସମ୍ଭବନା ନାହିଁ। ପାକିସ୍ତାନରେ, ସେନା ମୁଖ୍ୟଙ୍କୁ ଫିଲ୍ଡ ମାର୍ଶାଲ ନିଯୁକ୍ତ କରାଯାଇଛି। ଫିଲ୍ଡ ମାର୍ଶାଲ ନୌସେନା, ସେନା ଏବଂ ବାୟୁସେନାର ନେତୃତ୍ୱ ନେବେ। ଏହି ପଦବୀକୁ ପ୍ରତିରକ୍ଷା କର୍ମଚାରୀଙ୍କ ମୁଖ୍ୟ ଭାବରେ ମଧ୍ୟ ଜଣାଶୁଣା। ପାକିସ୍ତାନ ସରକାର ମୁନିରଙ୍କୁ ଏହି ପଦବୀରେ ନିଯୁକ୍ତି ଦେବାକୁ ପ୍ରସ୍ତୁତ ହେଉଛି। କୁହାଯାଉଛି ଯେ, ମୁନିର ପ୍ରତିରକ୍ଷା ମୁଖ୍ୟ ହେବା ମାତ୍ରେ, ପାକିସ୍ତାନରେ ଗଣତନ୍ତ୍ର ଆନୁଷ୍ଠାନିକ ଭାବରେ ବନ୍ଦ ହୋଇଯିବ। ଅତୀତରେ ସେନାର ଉଦ୍ୟମରେ ପାକିସ୍ତାନରେ ସାମରିକ ଆଇନ ଲାଗୁ କରାଯାଇଛି।

ଅନ୍ତର୍ଜାତୀୟ ଆଇନର ଧାରା ୧୯ ଉଦ୍ଧୃତ କରି, ଆମେରିକୀୟ ଆଇନ ପ୍ରଣୋଦକମାନେ ରୁବିଓଙ୍କୁ ଲେଖିଥିଲେ, ଆମେ ସମସ୍ତେ ପାକିସ୍ତାନରେ ଅନ୍ତର୍ଜାତୀୟ ଦମନ ଅଭିଯାନ ଏବଂ ମାନବାଧିକାର ସଙ୍କଟକୁ ନେଇ ଚିନ୍ତିତ। ସାଂସଦମାନେ କହିଛନ୍ତି ଯେ, ପାକିସ୍ତାନ ସରକାର ଆମେରିକାରେ ରହୁଥିବା ପ୍ରବାସୀମାନଙ୍କୁ ଟାର୍ଗେଟ କରୁଛନ୍ତି। ପାକିସ୍ତାନ ସରକାର ନିଜର ଶାସନ ବଜାୟ ରଖିବା ପାଇଁ ଅତ୍ୟାଚାର କରିଛି। ସାଂସଦମାନେ କହିଛନ୍ତି ଯେ, ଯଦି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ, ତେବେ ଆଗାମୀ ଦିନରେ ପରିସ୍ଥିତି ଆହୁରି ଖରାପ ହୋଇପାରେ। ସାଂସଦମାନେ ରୁବିଓଙ୍କୁ କିଛି କାର୍ଯ୍ୟ ଯୋଜନା ମଧ୍ୟ ପରାମର୍ଶ ଦେଇଛନ୍ତି। ଏହି ଚିଠିରେ ସମ୍ପୃକ୍ତ ପାକିସ୍ତାନୀ ଅଧିକାରୀମାନଙ୍କ ପାଇଁ ଆମେରିକାର ଭିସା ସ୍ଥଗିତ କରିବା ଏବଂ ଯେକୌଣସି ପରିସ୍ଥିତିରେ ସେମାନଙ୍କୁ ଆମେରିକାରେ ପ୍ରବେଶ କରିବାକୁ ବାରଣ କରିବାକୁ କୁହାଯାଇଛି।

## ଐତିହ୍ୟ ଚୋରିରେ ଓଡ଼ିଶା ଆଗରେ



**ଭୁବନେଶ୍ୱର,୫।୧୨ (ସଂଚାର ବ୍ୟୁରୋ) :** ଐତିହ୍ୟ ଚୋରିରେ ଓଡ଼ିଶାର ସ୍ଥିତି ଦେଶରେ ଆଗରେ ରହିଛି। ବିମାନବନ୍ଦର କିମ୍ବା ଅନ୍ୟ ସ୍ଥାନଗୁଡ଼ିକର ଚୋରା ଐତିହ୍ୟ ଧରାପଡ଼ିଲେ ମଧ୍ୟ ଆମେ ତାହାକୁ ନିଜର ବୋଲି ଦର୍ଶାଇପାରୁନାହୁଁ। ଐତିହ୍ୟ ସଂରକ୍ଷଣ ସଂକ୍ରାନ୍ତରେ ବିଜେପି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ ପଚାରିଥିବା ପ୍ରଶ୍ନର ଉତ୍ତରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଧାନସଭାରେ ଏହା କହିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ୮୨ଟି ତାଲିକାଭୁକ୍ତ ଐତିହ୍ୟ ଭାରତୀୟ ପ୍ରତ୍ନତତ୍ତ୍ୱ (ଏଏସଆଇ) ହାତରେ ଥିବା ବେଳେ ରାଜ୍ୟ ପ୍ରତ୍ନତତ୍ତ୍ୱ ହାତରେ ୨୧୨ଟି ଐତିହ୍ୟ ରହିଛି। ତେବେ ଦୀର୍ଘଦିନ ତଳେ ଇନ୍‌ଟାକ୍ ପକ୍ଷରୁ ହୋଇଥିବା ସର୍ବେକ୍ଷଣରେ ଜଣାଯାଇଥିଲା ଯେ ଏହାବାଦ୍ ବି ରାଜ୍ୟର ୪ ହଜାରରୁ ଊର୍ଦ୍ଧ୍ୱ ଐତିହ୍ୟ ରହିଛି ଯାହା କାହାରି ହେପାଜତରେ ନାହିଁ। ଏଗୁଡ଼ିକର ସଂରକ୍ଷଣ ଆବଶ୍ୟକ ପଡୁଛି। ଏହାର ଡିଜିଟାଲ ଫୁଟ୍‌ପ୍ରିଣ୍ଟ ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ କହିଛନ୍ତି।

### ଆଡିଡାସ୍ ଏବଂ ବିସିସିଆଇର ସହଭାଗୀ ଅଭିଳାଷ

# ଟିମ୍ ଇଣ୍ଡିଆ ଟି-୨୦ ବିଶ୍ୱକପ୍ ଜର୍ସି ଉନ୍ମୋଚିତ

**ରାୟପୁର, ୫।୧୨(ସଂଚାର ବ୍ୟୁରୋ):** ଭାରତୀୟ କ୍ରିକେଟ୍ ଦଳର ଅଫିସିଆଲ୍ କିଟ୍ ପ୍ରାୟୋଜକ ଆଡିଡାସ୍ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ) ସହଭାଗିତାରେ ରାୟପୁରର ସହିଦ ବୀର ନାରାୟଣ ସିଂହ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ଟିମ୍ ଇଣ୍ଡିଆ ଟି -୨୦ ବିଶ୍ୱକପ୍ ୨୦୨୬ର ଜର୍ସି ଉନ୍ମୋଚନ କରିଛନ୍ତି। ପ୍ରଥମ ମୁହୂର୍ତ୍ତରେ, ଷ୍ଟାଡିୟମ ଭିତରେ ଥିବା ପ୍ରଶଂସକମାନେ ପ୍ରଥମ ଥର ପାଇଁ ଜର୍ସି ଦେଖିଥିଲେ, କାରଣ ଭାରତ ବନାମ ଦକ୍ଷିଣ ଆଫ୍ରିକା ଦିନିକିଆ ସମୟରେ ନାଟକୀୟ ଭାବରେ ପଡ଼ିଆରେ ଏକ ଜୀବନ-ଆକାରର ସଂସ୍କରଣ ଉନ୍ମୋଚିତ ହୋଇଥିଲା, ଯାହା ଏହି ପ୍ରକାଶକୁ ଭାରତୀୟ କ୍ରିକେଟର ଷ୍ଟାଡିୟମ-ବ୍ୟାପି ଉତ୍ସବରେ ପରିଣତ କରିଥିଲା। ଏହି ଐତିହାସିକ ଖୁଲାସା ପ୍ରଶଂସକଙ୍କୁ ଖେଳର ନିକଟତର କରିବା ଏବଂ ଜର୍ସିକୁ ଖେଳାଳି, ପ୍ରଶଂସକ



ଏବଂ ଦେଶ ମଧ୍ୟରେ ଏକତାର ଏକ ଶକ୍ତିଶାଳୀ ପ୍ରତୀକ କରିବା ପାଇଁ ଆଡିଡାସ୍ ଏବଂ ବିସିସିଆଇର ସହଭାଗୀ ଅଭିଳାଷକୁ ପ୍ରତିଫଳିତ କରେ।

ଆଡିଡାସ୍ ଇଣ୍ଡିଆର ଜିଏମ୍ ବିଜୟ ଚୌହାନ କହିଛନ୍ତି, ଆଡିଡାସ୍ ଆମ କ୍ରିକେଟରମାନଙ୍କ ପାଇଁ ବିଶ୍ୱସ୍ତରୀୟ ପ୍ରଦର୍ଶନ ଗିୟର ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ। ପ୍ରତ୍ୟେକ ଜର୍ସିରେ ଏହାକୁ ପିନ୍ଧୁଥିବା ଖେଳାଳି, ଏହାକୁ ଚାମ୍ପିଅନ୍ କରୁଥିବା ପ୍ରଶଂସକ ଏବଂ ଏହା ପ୍ରତିନିଧିତ୍ୱ କରୁଥିବା ଐତିହ୍ୟର କାହାଣୀ ବହନ କରେ। ବିସିସିଆଇ ସହ ମିଶି ଭାରତୀୟ କ୍ରିକେଟ୍ ପ୍ରଶଂସକଙ୍କ ମଧ୍ୟରେ ଏହି ଜର୍ସି ଉନ୍ମୋଚନ କରି ଆମେ ଗର୍ବିତ। ଆଗାମୀ ଟୁର୍ଣ୍ଣାମେଣ୍ଟ, ବିଶେଷ କରି ବିଶ୍ୱକପରେ ଦେଶ ଗର୍ବର ସହିତ ଏହି ରଙ୍ଗ ପିନ୍ଧିବା ଦେଖିବା ପାଇଁ ଆମେ ଅପେକ୍ଷା କରିପାରିବୁ ନାହିଁ।

ଭାରତୀୟ କ୍ରିକେଟର ତଥା ଆଡିଡାସ୍ ଆଥଲେଟ୍ ରୋହିତ ଶର୍ମା କହିଛନ୍ତି, ଜଣେ ଯୁବ ପ୍ରଶଂସକ ଭାବରେ ଉତ୍ସାହିତ ହେବାଠାରୁ ଆରମ୍ଭ କରି ଦେଶ ପାଇଁ ଟ୍ରଫି ଉଠାଇବା ପର୍ଯ୍ୟନ୍ତ, ଏହି ଖେଳ ମୋତେ ଆଜୀବନ ସ୍ମୃତି ଦେଇଛି। ବର୍ତ୍ତମାନ, ଯେତେବେଳେ ମୁଁ ଏକ ନୂତନ ଅଧ୍ୟାୟରେ ପାଦ ଦେଉଛି, ଗର୍ବ ସମାନ ରହିଛି। ଏହି ନୂଆ ଟିମ୍ ଇଣ୍ଡିଆ ଜର୍ସି ଆମକୁ ମନେ ପକାଇ ଦେଉଛି ଯେ, ଆପଣ ଷ୍ଟାଣ୍ଡରେ ଥାଆନ୍ତୁ କିମ୍ବା ପଡ଼ିଆରେ ଥାଆନ୍ତୁ, ଆମେ ସମସ୍ତେ ସମାନ ରଙ୍ଗର ପୋଷାକ ପିନ୍ଧୁ ଏବଂ ଭାରତ ପାଇଁ ସମାନ ସ୍ୱପ୍ନରେ ବିଶ୍ୱାସ କରୁ।

## ଯୁବକକୁ ମରଣାତ୍ମକ ଆକ୍ରମଣ

**ଚମ୍ପୁଆ, ୫।୧୨ (ସଂଚାର ବ୍ୟୁରୋ):** ଜଣେ ଯୁବକକୁ ମରଣାତ୍ମକ ଆକ୍ରମଣ ହୋଇଥିବା ନେଇ ଚମ୍ପୁଆ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଚମ୍ପୁଆ ଥାନା ଅଧୀନସ୍ଥ କରଞ୍ଜିଆ ଗ୍ରାମର ସୁଷମା ଚୌଧୁରୀଙ୍କ ପୁଅ ଜୀବନ କୁମାର ଚୌଧୁରୀ (୨୫) ଗତ ୩ ତାରିଖ ଅପରାହ୍ନରେ ନିଜ ଡ୍ୟୁଟି ସାରି ବାଇକରେ ଘରକୁ ଫେରୁଥିବା ବେଳେ କାଳିକାପ୍ରସାଦ ଜଙ୍ଗଲରେ ୩ ଜଣ ଯୁବକ ତାଙ୍କୁ ଅଟକାଇ ଆକ୍ରମଣ କରିଥିଲେ। ଆକ୍ରମଣର ଶିକାର ହୋଇ ଗୁରୁତର ଅବସ୍ଥାରେ ସେ ତଳେ ପଡି ଯାଇଥିଲେ। ଏହି ସମୟରେ ଉକ୍ତ ରାସ୍ତାରେ କିଛି ଲୋକ ଆସିବାରୁ ତାକୁ ଛାଡି ୩ ଜଣ ଯୁବକ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ସ୍ଥାନୀୟ ଲୋକମାନେ ପରିବାର ଲୋକଙ୍କୁ ଖବର ଦେବା ସହିତ ତାକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଚମ୍ପୁଆ ଡାକ୍ତରଖାନାକୁ ପଠାଇ ଥିଲେ। ସୂଚନା ଯୋଗ୍ୟ, ତା' ପାଖରେ ଥିବା ୪୫ ହଜାର ଟଙ୍କା ଆକ୍ରମଣକାରୀ ଯୁବକମାନେ ନେଇ ଯାଇଛନ୍ତି। ଜୀବନର ମା' ସୁଷମା ଚୌଧୁରୀଙ୍କ ଅଭିଯୋଗ କ୍ରମେ ଚମ୍ପୁଆ ପୁଲିସ ମଣିମା ଗ୍ରାମର ଜଣେ ଯୁବକକୁ ଅଟକ ରଖି ତଦନ୍ତ ଜାରି ରଖିଛି।

## ବିପୁଳ ପରିମାଣର ମହୁଲ ପୋଚ ନଷ୍ଟକଲା ପୁଲିସ

**କେନ୍ଦୁଝର, ୫।୧୨ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ତୁରୁମୁଙ୍ଗା ଥାନା ଦାଶରଥିପୁର ଏବଂ ବାଲିଆପୋଷି ଗ୍ରାମରେ ଶୁକ୍ରବାର ଅତର୍କିତ ଚଢ଼ଉ କରି ବିପୁଳ ପରିମାଣରେ ମହୁଲ ପୋଚ ନଷ୍ଟ କରାଯାଇଛି। ସୂଚନା ଅନୁସାରେ, ହୀରାପୋଷିରେ ଚଢ଼ଉ କରି ଦଶ ହଜାର କେ.ଜି. ପୋଚ ନଷ୍ଟ କରାଯାଇଥିଲା। ତୁରୁମୁଙ୍ଗା ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତୁରୁମୁଙ୍ଗା ଥାନାର ଷ୍ଟାଫ ମିଳିତ ଭାବରେ ଏହି ଚଢ଼ଉକୁ ସଫଳ କରିଥିଲେ। ପୋଚ ଗୁଡ଼ିକ ସେହି ଠାରେ ନଷ୍ଟ କରି ମଦ ରନ୍ଧା ସାମଗ୍ରୀକୁ ଜବତ କରାଯାଇଥିବା ବେଳେ ଘଟଣାରେ କେହି ଗିରଫ ହୋଇନାହାନ୍ତି। ସେହିପରି ମହୁଲି ମଦ ଓ ହାଣ୍ଡିଆ ଭାଟିରେ ଚଢ଼ଉ କରି ମଦ ଓ ହାଣ୍ଡିଆକୁ ନଷ୍ଟ କରାଯାଇଛି।

## ବାଇକକୁ ଧକ୍କା ଦେଲା ଟ୍ରକ: ୩ ଗୁରୁତର

**ବାଉଁଶୁଣୀ,୫।୧୨(ସଂଚାର ବ୍ୟୁରୋ):** ଆଜି ଅପରାହ୍ନ ପ୍ରାୟ ୪ଟା ସମୟରେ ୫୭ ନମ୍ବର ଜାତୀୟ ରାଜପଥ ମନମୁଣ୍ଡା ଥାନା ଜମଟାଙ୍ଗୀ ଛକ ନିକଟରେ ଏକ ବାଇକକୁ ଆଇଚର୍ ଟ୍ରକ ଧକ୍କା ଦେବା ଫଳରେ ଏଥିରେ ବାଇକ୍‌ରେ ଯାଉଥିବା ୩ଜଣଯାକ ଯାତ୍ରୀ ଗୁରୁତର ଭାବେ ଆହତ ହୋଇଛନ୍ତି। ବାଉଁଶୁଣୀ ଥାନା ଜମଘାଟି ଗାଁର ସତ୍ୟ ମେହେର, ପତ୍ନୀ ମୈଥିଳୀ ମେହେର ଓ ପୁଅ ଲୋକନାଥ ମେହେର ନିଜ ବାଇକ ଯୋଗେ ବାଗଡ଼ିଆ ଗ୍ରାମରୁ ନିଜ ଘରକୁ ଫେରୁଥିଲେ। ଜମଟାଙ୍ଗୀ ଛକ ନିକଟରେ ବୌଦ୍ଧରୁ ସୋନପୁର ଆଡ଼କୁ ଯାଉଥିବା ଏକ ଆଇଚର୍ ଟ୍ରକ୍ ବାଇକକୁ ଧକ୍କା ଦେଇଥିଲା। ୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଦମକଳ ବାହିନୀ ସାହାଯ୍ୟରେ ସମସ୍ତ ଗୁରୁତରଙ୍କୁ ଉଦ୍ଧାର କରି ବାଉଁଶୁଣୀ ଡାକ୍ତରଖାନା ପଠାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ସମସ୍ତ ଗୁରୁତରଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ସୋନପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।




### ● ମୁର୍ଶିଦାବାଦରେ ବାବ୍ରୀ ମସଜିଦ ନିର୍ମାଣ

## ହସ୍ତକ୍ଷେପ କଲେନି ହାଇକୋର୍ଟ

**କୋଲକାତା,୫।୧୨(ସଂଚାର ବ୍ୟୁରୋ):** ମୁର୍ଶିଦାବାଦରେ ବାବ୍ରୀ ମସଜିଦ ନିର୍ମାଣରେ କୌଣସି ବାଧା ନାହିଁ। କୋଲକାତା ହାଇକୋର୍ଟର ଭାରପ୍ରାପ୍ତ ପ୍ରଧାନ ବିଚାରପତି ସୁଜୟ ପାଲଙ୍କ ଡିଭିଜନ ବେଞ୍ଚ ଏହି ମାମଲାରେ ହସ୍ତକ୍ଷେପ କରିନାହାଁନ୍ତି। ଶନିବାର ଶିଳାନ୍ୟାସ ସମୟରେ ଅଶାନ୍ତି ସୃଷ୍ଟି ହେବାର ଆଶଙ୍କା ରହିଛି। ତେବେ, କୋର୍ଟ ରାଜ୍ୟରେ ଆଇନଶୃଙ୍ଖଳା ବଜାୟ ରଖିବାର ଦାୟିତ୍ୱ ରାଜ୍ୟ ଉପରେ ଛାଡି ଦେଇଛନ୍ତି। ଅନ୍ୟପଟେ, ଏହି ପ୍ରସଙ୍ଗରେ କୋଲକାତା ହାଇକୋର୍ଟରେ ଏକ ମାମଲା ଦାୟର ହୋଇଥିଲା। ହୁମାୟୁନ କବୀରଙ୍କ ପ୍ରସ୍ତାବ ସମ୍ବିଧାନ ବିରୋଧୀ ବୋଲି ଅଭିଯୋଗ କରି କୋଲକାତା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇଥିଲା। ଆଇନଜୀବୀ ସବ୍ୟସାଚୀ ଚକ୍ରବର୍ତ୍ତୀ ଏହି ମାମଲାରେ ମାମଲା ଦାୟର କରିଥିଲେ। ଶୁକ୍ରବାର ଭାରପ୍ରାପ୍ତ ପ୍ରଧାନ ବିଚାରପତିଙ୍କ ଡିଭିଜନ ବେଞ୍ଚର ଶୁଣାଣି ସମୟରେ, ଆଇନଜୀବୀ ବିକାଶ ରଞ୍ଜନ ଭଟ୍ଟାଚାର୍ଯ୍ୟ ତାଙ୍କର ଚିନ୍ତା ପ୍ରକାଶ କରିଥିଲେ। ସେ କହିଥିଲେ ଯେ, ସଦଭାବନା ନଷ୍ଟ ହୋଇପାରେ। ତେଣୁ, ରାଜ୍ୟ ପ୍ରଶାସନ ପାଇଁ ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଆବଶ୍ୟକ। ତେବେ, ରାଜ୍ୟ ଦାବି କରିଛି ଯେ, ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ପୂର୍ବରୁ ପଦକ୍ଷେପ ନିଆଯାଇଛି। କେନ୍ଦ୍ର ଦାବି କରିଛି ଯେ, ୧୯ କମ୍ପାନୀ କେନ୍ଦ୍ରୀୟ ବାହିନୀ ମୁତୟନ କରାଯାଇଛି। ସେମାନେ ମଧ୍ୟ ଅଞ୍ଚଳରେ ପାଟ୍ରୋଲିଂ କରୁଛନ୍ତି।

## ୧୬୦୦ ଶୂନ୍ୟପଦ ବାତିଲ

**କୋଲକାତା,୫।୧୨(ସଂଚାର ବ୍ୟୁରୋ):** କୋଲକାତା ହାଇକୋର୍ଟ ରାଜ୍ୟ ଦ୍ୱାରା ସୃଷ୍ଟି ହୋଇଥିବା ଅତିରିକ୍ତ ଶୂନ୍ୟପଦକୁ ବାତିଲ କରିଛନ୍ତି। ରାଜ୍ୟ ଉଚ୍ଚ ପ୍ରାଥମିକରେ ଅତିରିକ୍ତ ଶୂନ୍ୟପଦ ସୃଷ୍ଟି କରିବା ପାଇଁ ବିଜ୍ଞପ୍ତି ଜାରି କରିଥିଲା। ୨୦୨୨ ମସିହାରେ, ବୃତ୍ତିଗତ ଶିକ୍ଷା ଏବଂ ଶାରୀରିକ ଶିକ୍ଷାରେ ୧୬୦୦ ଅତିରିକ୍ତ ଶୂନ୍ୟପଦ ସୃଷ୍ଟି କରାଯାଇଥିଲା। ଏଥର ବିଚାରପତି ବିଶ୍ୱଜିତ୍ ବାସୁ ଏହାକୁ ବାତିଲ କରିଛନ୍ତି। କୋର୍ଟ କହିଛନ୍ତି, 'ସେହି ଶୂନ୍ୟପଦ ପାଇଁ କୌଣସି ନିଯୁକ୍ତି ନାହିଁ'। ୨୦୧୯ ମସିହାରେ ପ୍ୟାନେଲର କାର୍ଯ୍ୟକାଳ ସମାପ୍ତ ହେବା ପରେ ଏହି ଅତିରିକ୍ତ ଶୂନ୍ୟପଦ ସୃଷ୍ଟି କରାଯାଇଥିଲା।

### ବିଏଲଓଙ୍କୁ ସତର୍କ କରାଇଲେ କମିଶନ

## 'ଇଚ୍ଛାକୃତ ଅବହେଳା' ହେଲେ ଏଫ୍ଆଇଆର୍

**କୋଲକାତା,୫।୧୨(ସଂଚାର ବ୍ୟୁରୋ):** ଏହି ସତର୍କ ଆଜିର ନୁହେଁ। ସାରା ଦେଶରେ ଭୋଟର ତାଲିକାର ଦ୍ୱିତୀୟ ପର୍ଯ୍ୟାୟ ସଘନ ସଂଶୋଧନ ଆରମ୍ଭ ହେବା ପୂର୍ବରୁ, ଆବଶ୍ୟକ ହେଲେ ବିଏଲ୍ଓମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କମିଶନ ନିଷ୍ପତ୍ତି ଘୋଷଣା କରିଥିଲେ। ଯେତେବେଳେ ସାରା ଦେଶରେ ବିଏଲ୍ଓମାନଙ୍କର କଷ୍ଟ ବୃଦ୍ଧି ପାଉଛି। ସେତେବେଳେ, କମିଶନ ପୁଣି ଥରେ ସେହି ସତର୍କକୁ ମନେ ପକାଇ ଦେଇଛନ୍ତି। ସୂତ୍ର ଅନୁଯାୟୀ, ସମସ୍ତ ରାଜ୍ୟରେ ବିଏଲ୍ଓମାନଙ୍କ ବିରୁଦ୍ଧରେ ଏଫ୍ଆଇଆର୍ ରୁଜୁ କରାଯାଇଛି। ଆବଶ୍ୟକ ହେଲେ କମିଶନ ପୁଣି ଥରେ ଏହା କରିବାକୁ ପ୍ରସ୍ତୁତ। କମିଶନ ରାଜ୍ୟଗୁଡ଼ିକର ବିଏଲ୍ଓମାନଙ୍କୁ ମନେ ପକାଇ ଦେଇଛନ୍ତି ଯେ, ସେମାନେ ଭଲ କାମ କରୁଛନ୍ତି। ଏପର୍ଯ୍ୟନ୍ତ କୌଣସି ଏଫ୍ଆଇଆର୍ ରୁଜୁ ହୋଇନାହିଁ। ସେହି କାର୍ଯ୍ୟ ୧୧ ଡିସେମ୍ବର ପର୍ଯ୍ୟନ୍ତ ଜାରି ରହିବ। ଏହା ପରେ, ଯଦି କୌଣସି ଉଦ୍ଦେଶ୍ୟମୂଳକ ଅବହେଳା ଦେଖାଯାଏ, ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଏସଆଇଆର ପାଇଁ ସ୍ୱତନ୍ତ୍ର ସଫ୍ଟୱେର ଲଞ୍ଚ

**କୋଲକାତା,୫।୧୨(ସଂଚାର ବ୍ୟୁରୋ):** ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ସଫ୍ଟୱେର୍। ଭୋଟର ତାଲିକାର ସଘନ ସଂଶୋଧନ ପ୍ରକ୍ରିୟା ମଧ୍ୟରେ ଦେଶର ନିର୍ବାଚନ କମିଶନ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଡୁପ୍ଲିକେଟ୍ ବା ନକଲି ଭୋଟରଙ୍କୁ ଚିହ୍ନଟ କରିବା ପାଇଁ ନୂତନ ସଫ୍ଟୱେର୍ ଲଞ୍ଚ କରିଛନ୍ତି। ଏହାକୁ ଡେମୋଗ୍ରାଫିକ୍ ସିମିଲର ଏଣ୍ଟ୍ରି କୁହାଯାଏ। କିନ୍ତୁ ଏହା କିପରି କାମ କରିବ? କୌଣସି ଲାଭ ହେବ କି? ଏହି ସ୍ୱତନ୍ତ୍ର ସଫ୍ଟୱେର ଗୁରୁବାର ଠାରୁ ଆରମ୍ଭ ହୋଇଛି। ଏହା ବ୍ୟକ୍ତିଗତ ସୂଚନାର ମେଳକୁ ଶୀଘ୍ର ଚିହ୍ନଟ କରିବ। ଯଦି ଭୁଲ ସୂଚନା ପ୍ରବେଶ କରାଯାଏ, ତେବେ ଇଆର୍ଓମାନେ ଏହାକୁ ଦେଖିପାରିବେ। ସେହିପରି, ଇଆର୍ଓମାନେ ବିଏଲ୍ଓମାନଙ୍କୁ ଏହାକୁ ସଂଶୋଧନ କରିବାକୁ କହିବେ।



ବାରବାଟିଠାରେ ଅନୁଷ୍ଠିତ ହେବାକୁ ଥିବା ଟି-୨୦ ମ୍ୟାଚ୍ ଲାଗି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଲେ ଦକ୍ଷିଣ ଆଫ୍ରିକା କ୍ରିକେଟ୍ ଟିମ୍‌ର ଖେଳାଳି।

## ରେଳ ଟ୍ରାକ୍‌ରେ ପଡିଛି ଆଧାର ଓ ଭୋଟର କାର୍ଡ

**କୋଲକାତା,୫।୧୨ (ସଂଚାର ବ୍ୟୁରୋ):** ରାଜ୍ୟବ୍ୟାପୀ ଏସ୍ଆଇଆର୍ କାର୍ଯ୍ୟ ଜୋରସୋରରେ ଚାଲିଛି। ଏହାରି ମଧ୍ୟରେ ବାରାସାତରେ ରେଳ ଲାଇନ ପାର୍ଶ୍ୱରୁ ଭୋଟର ଓ ଆଧାର କାର୍ଡର ଏକ ଗୁଚ୍ଛ ଉଦ୍ଧାର କରାଯାଇଛି। ଏକାଧିକ ରାସନ ଏବଂ ପ୍ୟାନ କାର୍ଡ ମଧ୍ୟ ମିଳିଛି। ଏହି ପରିଚୟ ପତ୍ରଗୁଡ଼ିକ କେଉଁଠାରୁ ଆସିଲା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ନଥିଗୁଡ଼ିକ ଅସଲି କି ନକଲି ତାହାର ତଦନ୍ତ କରାଯାଉଛି। ଏସ୍ଆଇଆର୍ ମଧ୍ୟରେ ନଥିଗୁଡ଼ିକୁ ନଷ୍ଟ କରିବାକୁ କାହିଁକି ଚେଷ୍ଟା କରାଯାଇଥିଲା ସେହି କଥା ତଦନ୍ତକାରୀମାନେ ଭାବୁଛନ୍ତି। ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି, ଆଧାର ଏବଂ ଭୋଟର କାର୍ଡ ବ୍ୟତୀତ ରାସନ କାର୍ଡ ଘଟଣାସ୍ଥଳେ ପଡ଼ିଥିଲା। ସମସ୍ତ ପରିଚୟ ପତ୍ର ନକଲି ବୋଲି ଅନୁମାନ କରାଯାଉଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବାରୁଦ...

ଏପରିକି କେତେକ ଲୋକ ଏହା ଉପରେ ଜନସାଧାରଣଙ୍କ ମତ ଲୋଡ଼ିବା ସହ ଭୋଟ୍ ବି ଆରମ୍ଭ କରିଦେଇଛନ୍ତି। ନୂଆପଡ଼ା ଉପନିର୍ବାଚନରେ ହାରି ତୃତୀୟ ସ୍ଥାନରେ ଦଳ ରହିବା ପରେ ଏବେ ବିଜେଡିରେ ଆଭ୍ୟନ୍ତରୀଣ କନ୍ଦଳ ତେଜିବାରେ ଲାଗିଛି। ନବୀନ ପଟ୍ଟନାୟକ ପ୍ରଚାର ମଇଦାନକୁ ଦୁଇ ଦୁଇ ଥର ଓହ୍ଲାଇବା ପରେ ଦଳ କାହିଁକି ସେଠାରେ ଏଭଳି ଅପମାନଜନକ ସ୍ଥିତିରେ ହାରିଲା, ତା'ର ସମୀକ୍ଷା ପାଇଁ କର୍ମୀମାନେ ଅଡ଼ି ବସିଛନ୍ତି। ହେଲେ ଦଳୀୟ ସ୍ତରରେ କିନ୍ତୁ ଏନେଇ କୌଣସି ପ୍ରତିକ୍ରିୟା ପ୍ରକାଶ ପାଉନାହିଁ। ଦଳୀୟ କନ୍ଦଳ ସାଙ୍ଗକୁ କ୍ଷମତା ହସ୍ତାନ୍ତରକୁ ନେଇ ଗୋଷ୍ଠୀ ଗଠନ ଏବେ ବିଜେଡିକୁ ଏକ ପ୍ରକାର ବାରୁଦ ଗଦା ଉପରେ ଛିଡ଼ା କରାଇଦେଲାଣି। ତେବେ ଏହି ବାରୁଦ ଦିନେ ନା ଦିନେ ବିସ୍ଫୋରଣ ହେବ ଏବଂ ଏହାପରେ ଦଳର ନବକଳେବର ହେବ ବୋଲି ନେତା ଓ କର୍ମୀ ମହଲରେ ଆଲୋଚନା ଚାଲିଛି। ବିଜେଡି କ୍ଷମତାରୁ ଯିବା ପରେ ଏବେ ଦଳର ଜଣଙ୍କ ପରେ ଜଣେ ଭେଟେରାନ ପଳାୟନ କରୁଛନ୍ତି। ଏହି ତାଲିକାରେ ଦୁଇ ଜଣ ସାଂସଦ ଓ ଜଣେ ପୂର୍ବତନ ସାଂସଦ ରହିଛନ୍ତି। ଏହାଛଡ଼ା ଯେଉଁମାନେ ଦିନେ କ୍ଷମତା ପାଇଁ ନବୀନ ନିବାସରେ ପାଦ ପକାଇବାକୁ ଅପେକ୍ଷା କରି ରହୁଥିଲେ ସେମାନେ ଏବେ ବିଜେଡି ଓ ନବୀନ ପଟ୍ଟନାୟକଙ୍କୁ ଗାଳି ଦେବାକୁ ପଛାଉନାହାନ୍ତି। ତେଣୁ ଏଭଳି ସ୍ଥିତିରେ ଦଳ ବସିଥିବା ବାରୁଦ ଗଦାରେ କେତେବେଳେ ନିଆଁ ଲାଗିବ, ତାହାକୁ କର୍ମୀମାନେ ଅପେକ୍ଷା କରି ରହିଛନ୍ତି।

## ଆଜି...

ମାମଲତକାରମାନେ ଦେଇନଥିଲେ। ଓଲଟା ତାଙ୍କ ଉପରେ ଇଡି ଚଢ଼ାଉ କରି ବଦନାମ କରିବାକୁ ପଛାଇନଥିଲେ। ପ୍ରଫୁଲ୍ଲ ସାମଲଙ୍କ ଭଳି ଟାଣୁଆ ନେତାଙ୍କ ପୁଅଙ୍କୁ ବିଜେଡିରେ ଅଣଦେଖା କରାଯିବା ମଧ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ବିଜେଡି ରାଜନୀତିରେ ପ୍ରଫୁଲ୍ଲ ଘଡ଼ାଇ, କଳ୍ପତରୁ ଦାସ, ବିଜୟଶ୍ରୀ ରାଉତରାୟ, ପ୍ରଭାତ ବିଶ୍ୱାଳ, ଦାମୋଦର ରାଉତ, ବିଷ୍ଣୁ ଦାସ, ମହେଶ୍ୱର ମହାନ୍ତି, ପ୍ରତାପ ଜେନାଙ୍କ ଭଳି ନେତାଙ୍କ ପୁଅମାନେ ସହଜରେ ବିଜେଡିରେ ଏଣ୍ଟ୍ରି ମାରିଥିବା ବେଳେ ମାମଲତକାରମାନେ କିନ୍ତୁ ଲୁଲୁଙ୍କୁ ବାଟ ଛାଡିନଥିଲେ। ଯାହାର ପରିମାଣ ଏବେ ବିଜେଡି ଭୋଗିବାକୁ ଯାଉଛି। ପ୍ରୟାସକାନ୍ତି ବିଜେପିରେ ମିଶିବା ପରେ ଭଦ୍ରକରେ କେବଳ ବିଜେଡି ଦୁର୍ଗ ଭୁଶୁଡ଼ିବ ନାହିଁ, ବରଂ ଜିଲ୍ଲାରେ ଦଳ ଏକପ୍ରକାର ମୂଳପୋଛ ହୋଇଯିବ ବୋଲି ଏବେଠାରୁ ଆକଳନ କରାଗଲାଣି।

## ୨୫ ବେସିସ୍...

୫.୨୫ ପ୍ରତିଶତକୁ ହ୍ରାସ ପାଇଛି। ଫଳତଃ ଋଣଗ୍ରହୀତାମାନଙ୍କୁ ମିଳିଛି ବଡ଼ ଆଶ୍ୱସ୍ତି। ଏହାର ସିଧାସଳଖ ପ୍ରଭାବ ଋଣ ଓ ଏ ବାବଦ ଇଏମ୍ଆଇ ଉପରେ ପଡ଼ିବ। ରେପୋ ରେଟ୍ କମିବା ଫଳରେ ଏଣିକି ଋଣଗ୍ରହୀତାଙ୍କୁ ଇଏମ୍ଆଇ କମ୍ ଦେବାକୁ ପଡ଼ିବ। ସେହିପରି ଯେଉଁ ଗ୍ରାହକମାନଙ୍କର ଋଣ ରେପୋ ରେଟ୍ ସହ ଯୋଡ଼ା ହୋଇଛି, ସେମାନେ ତୁରନ୍ତ ଏହାର ଲାଭ ପାଇବେ। ଆହୁରି ଋଣ ଶସ୍ତା ହେବା ସହ ସ୍ଥାୟୀ ଜମା ଉପରେ ମିଳୁଥିବା ସୁଧ ହାର ମଧ୍ୟ ସାମାନ୍ୟ ହ୍ରାସ ପାଇବ। ଏଥିସହ ଚଳିତ ଆର୍ଥିକ ବର୍ଷ ପାଇଁ ମଧ୍ୟ ଆର୍‌ବିଆଇ ଜିଡିପି ହାର ୭.୩ ପ୍ରତିଶତ ରହିବା ନେଇ ପୂର୍ବାନୁମାନ କରିଛି। ପୂର୍ବରୁ ଏହା ୬.୮ ପ୍ରତିଶତ ରହିବ ବୋଲି କୁହାଯାଇଥିଲା। ଆହୁରି ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସରେ ମଧ୍ୟ ଜିଡିପି ହାର ପୂର୍ବରୁ ଘୋଷଣା ହୋଇଥିବା ୬.୪ ପ୍ରତିଶତ ପରିବର୍ତ୍ତେ ୬.୭ ପ୍ରତିଶତ ରହିବ ବୋଲି ଶ୍ରୀ ମାଲହୋତ୍ରା କହିଛନ୍ତି।

## ଜାରି...

ମୋଦୀ ନିଜ ପ୍ରତିବଦ୍ଧତା ଦୋହରାଇଛନ୍ତି। ଦିଲ୍ଲୀ ହାଇଦ୍ରାବାଦ ହାଉସରେ ୨୩ତମ ବାର୍ଷିକ ସମ୍ମିଳନୀ ପରେ ଦୁଇନେତା ମିଳିତ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇଥିଲେ। ୨୦୩୦ ପର୍ଯ୍ୟନ୍ତ ଭାରତ- ରୁଷ୍ ଅର୍ଥନୈତିକ ସହଯୋଗ ବଜାୟ ରହିବ। ଦୁଇନେତା ଏଥିପାଇଁ ରାଜି ହେଇଛନ୍ତି। ଦୁଇଦେଶ ମଧ୍ୟରେ ସମ୍ପର୍କ ଆହୁରି ସୁଦୃଢ଼ କରିବା ପାଇଁ ଦୁଇନେତା ନିରନ୍ତର କାମ କରିଛନ୍ତି ବୋଲି କହି ପରସ୍ପରକୁ ପ୍ରଶଂସା କରିଥିଲେ। ବିଭିନ୍ନ କ୍ଷେତ୍ରରେ ରୁଷ ଓ ଭାରତ ମଧ୍ୟରେ ସହଯୋଗ ବଢୁଛି ଓ ବଢ଼ିବ ବୋଲି ମୋଦୀ କହିଛନ୍ତି। ଆଲୋଚନା ଅବସରରେ ପୁଟିନଙ୍କୁ ମୋଦୀ ଏକ ଉପହାର ଦେଇଛନ୍ତି। ରୁଷିଆ ନାଗରିକଙ୍କ ପାଇଁ ମାଗଣା ୩୦ ଦିନିଆ ଇ- ପର୍ଯ୍ୟଟକ ଭିସା ଏବଂ ୩୦-ଦିନିଆ ଗ୍ରୁପ୍ ପର୍ଯ୍ୟଟନ ଭିସା ଦିଆଯିବ। ଆମେରିକାର ବିରୋଧ ସତ୍ତ୍ୱେ ଭାରତକୁ ରୁଷରୁ ତୈଳ ଯୋଗାଣ ଅବ୍ୟାହତ ରହିବ ବୋଲି ପୁଟିନ କହିଛନ୍ତି। ଭାରତ କହିଛି, ୟୁକ୍ରେନ ସହ ରୁଷ ଯୁଦ୍ଧ ବନ୍ଦ ପାଇଁ ଉଦ୍ୟମ ଜାରି ରହିବ। ପ୍ରତିରକ୍ଷା, ପ୍ରଯୁକ୍ତି, ମହାକାଶ, ଶିଳ୍ପ, ଶକ୍ତି, ସ୍ୱାସ୍ଥ୍ୟ, ବାଣିଜ୍ୟ, ଖାଦ୍ୟ, ସାଂସ୍କୃତିକ, ଆଣବିକ ଆଦି ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ଦୁଇଦେଶ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହୋଇଛି। ବାର୍ଷିକ ବାଣିଜ୍ୟ କାରବାର ଶହେ ବିଲିଅନ ଡଲାରକୁ ବୃଦ୍ଧି ପାଇଁ ରୁଷ ଓ ଭାରତ ଉଦ୍ୟମ କରିବେ ବୋଲି କହିଛନ୍ତି। ପୁଟିନ ମଧ୍ୟ ଭାରତର ଆତିଥ୍ୟକୁ ବେଶ୍ ପ୍ରଶଂସା କରିଥିଲେ। ଆମେରିକା ସହିତ ସମ୍ପର୍କରେ ତିକ୍ତତା ଭିତରେ ପୁଟିନଙ୍କ ଭାରତ ଗସ୍ତକୁ ବିଶ୍ୱରେ ଗୁରୁତ୍ୱ ଦିଆଯାଉଛି। ଉଭୟ ରୁଷ୍ ଓ ଭାରତ ହାତ ମିଶାଇ ଚାଲିବାକୁ ପ୍ରତିବଦ୍ଧତା ଦୋହରାଇଛନ୍ତି।

## ଆଉଟସୋର୍ସିଂ...

କୋଟି ଟଙ୍କା ଖର୍ଚ୍ଚ କରୁଥିଲେ। ହେଲେ ବିଭିନ୍ନ ଆଳ ଦେଖାଇ ସ୍ଥାୟୀ ନିଯୁକ୍ତି ପ୍ରକ୍ରିୟାକୁ ଏକପ୍ରକାର ଅକାମୀ କରିଦିଆଯାଇଥିଲା। ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ୟୁନିଟ ବା ପିଏମୟୁ ନାଁରେ ଚାଲିଥିଲା ସମାନ୍ତରାଳ ସରକାର। ସେହିଭଳି ବିଭିନ୍ନ ବିଭାଗରେ କୋଟି କୋଟି ଟଙ୍କା ଦରମାରେ ଆନ୍ତର୍ଜାତିକ ସ୍ତରର ବିଶେଷଜ୍ଞ ନିଯୁକ୍ତି ନାଁରେ ବି ବଡ ଜାଲିଆତି ଚାଲିଥିଲା ବୋଲି ସେ ଅଭିଯୋଗ କରିଥିଲ।

ସ୍ଥାୟୀ ନିଯୁକ୍ତି ବନ୍ଦ କରି ନିଜ ପସନ୍ଦର ଅଫିସରଙ୍କୁ ଅବସର ପରେ ଓଏସଡି ଭାବେ ନିଯୁକ୍ତି ଦିଆଯାଉଥିଲା। ଗ୍ରୁପ-ସି ଓ ଗ୍ରୁପ-ଡି ନିଯୁକ୍ତି ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦିଆଯାଇଥିଲା। ୨୦୨୦ରୁ ୨୦୨୨ ପର୍ଯ୍ୟନ୍ତ କୋଭିଡ ଆଳ ନେଇ ନିଯୁକ୍ତି ହୋଇନଥିଲା। ୨୦୨୨-୨୩ରେ ମାତ୍ର ୨୧ ହଜାର ନିଯୁକ୍ତି ହୋଇଥିଲା। ନିର୍ବାଚନ ପୂର୍ବରୁ ୨୦୨୩-୨୪ରେ ୫୭ ହଜାର ନିଯୁକ୍ତି ଦିଆଗଲା ବୋଲି ଦାବି କରାଯାଇଥିଲା। ହେଲେ ସେଥିମଧ୍ୟରୁ ପ୍ରାୟ ୮୦ ପ୍ରତିଶତ ହେଉଛି ଠିକାରେ ଥିବା କର୍ମଚାରୀଙ୍କୁ ସ୍ଥାୟୀ କରାଯିବା। ଚାକିରିରେ ଥିବା ସମୟରେ ମୃତ୍ୟୁବରଣ କରୁଥିବା କର୍ମଚାରୀଙ୍କ ପରିବାର ସଦସ୍ୟଙ୍କୁ ପୁନର୍ବାସ ଯୋଜନାରେ ଚାକିରି ଦେବା ପ୍ରକ୍ରିୟା ୨୦୨୦ରୁ ବନ୍ଦ କରିଦିଆଯାଇଥିଲା। ଏପରିକି ୨୦୨୦ ପୂର୍ବରୁ ପୁର୍ନବାସ ଯୋଜନାରେ ଚାକିରି ପାଇଁ ଆବେଦନକୁ ମଧ୍ୟ ନୂଆ ନୀତି ଆଳରେ ରଦ୍ଦ କରିଦିଆଯାଇଥିଲା। ସରକାର ବଦଳିବା ପରେ ଏଭଳି ୭୦୦ ଆବେଦନକୁ ଆଇନଗତ ଲଢ଼େଇରୁ ମୁକ୍ତ କରିଛନ୍ତି ବୋଲି ସେ କହିଛନ୍ତି। ୨୦୧୧ରେ ସିଭିଲ ସର୍ଭିସ ଗ୍ରେସ ମାର୍କ ଦୁର୍ନୀତି, ୨୦୧୫ କ୍ୟାସ ଫର ଜବ୍ ର୍‍ୟାକେଟ, ୨୦୨୩ରେ ଜେଇ ସିଭିଲ ପେପର ଲିକ, ଆକାଉଣ୍ଟାଣ୍ଟ ପେପର ଲିକ ଏକ ନିୟମିତ ଘଟଣା ହୋଇଥିଲା। କୌଣସି ଗୋଟିଏ ପ୍ରସଙ୍ଗରେ ସେତେବେଳେର ସରକାର କଠୋର ନିଷ୍ପତ୍ତି ନେଇ ନଥିଲେ। ସେ ସମୟରେ ଏକପ୍ରକାର ପଲିସି ପାରାଲିସିସ ହୋଇଯାଇଥିଲା। ହେଲେ ୧୮ ମାସରେ ୩୭ ହଜାର ୩୭୧ ସରକାରୀ ନିଯୁକ୍ତି ଦିଆସରିଛି। ୬୫ ହଜାର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି। ଘରୋଇ କ୍ଷେତ୍ରରେ ମଧ୍ୟ ୪୮ ହଜାର ନିଯୁକ୍ତି ପାଇଁ ବ୍ୟବସ୍ଥା କରାଯାଇଛି। ସେହିଭଳି ଦାଦନ ଶ୍ରମିକଙ୍କୁ ଏଣିକି ପ୍ରବାସୀ ଶ୍ରମିକ ବୋଲି ସମ୍ବୋଧିତ କରିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଏଥିସହ ୨୦୨୯ ଶେଷ ସୁଦ୍ଧା ରାଜ୍ୟ ପ୍ରବାସୀ ଶ୍ରମିକ ପ୍ରଥାରୁ ମୁକ୍ତି ପାଇବ ବୋଲି ସେ ଆଶ୍ୱାସନା ଦେଇଛନ୍ତି।

ସେପଟେ ପ୍ରତି ପଞ୍ଚାୟତରେ ୧୦୦ ଓ ବର୍ଷକୁ ଦୁଇ କୋଟି ଚାକିରି ପ୍ରତିଶ୍ରୁତି କୁଆଡ଼େ ଗଲା ବୋଲି ପ୍ରଶ୍ନ କରିଥିଲେ କଂଗ୍ରେସ ବିଧାୟକ ଅଶୋକ ଦାସ। ଏତେ ବଡ଼ ପୁଲିସ ଏସଆଇ ପରୀକ୍ଷା ସ୍କାମରେ ସରକାରଙ୍କ ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠୁଛି। ଆଜି ମଧ୍ୟ ଅପରାହ୍ନ ୨ଟାରେ ଅମିନ ପରୀକ୍ଷାର ପ୍ରଶ୍ନପତ୍ର ପୂର୍ବାହ୍ନ ୧୧ଟାରୁ ସୋସିଆଲ ମିଡିଆରେ ଭାଇରାଲ ହେଉଛି ବୋଲି ଅଭିଯୋଗ କରିଥିଲେ କଂଗ୍ରେସ ବିଧାୟକ ରାଜେନ ଏକ୍କା। ଏସଆଇ ପରୀକ୍ଷା ସ୍କାମକୁ ନେଇ ପ୍ରଶ୍ନ ଉଠାଇଲେ କଂଗ୍ରେସ ବିଧାୟକ ସୋଫିଆ ଫିର୍ଦୋଷ। ପିଲାମାନେ ନିଜେ ଅନୁଭବ କରୁଛନ୍ତି ପଇସା କି କଣ୍ଟାକ୍ଟ ନ ଥିଲେ ପଢିଲେ କଣ ହେବ। ଆଉଟ ସୋରସିଂ ବ୍ୟବସ୍ଥା ତୁରନ୍ତ ବନ୍ଦ କରି ସମାନ କାମକୁ ସମାନ ଦରମା କରିବାକୁ ଦାବି କଲେ ସୋଫିଆ। ସବୁ ପରୀକ୍ଷାରେ ସ୍କାମ ରହୁଛି। ଇଜ ଅଫ ଡୁଇଙ୍ଗ ବିଜନେସରେ ଓଡିଶା ୨୯ ତମ ସ୍ଥାନରେ। ମୁଲତବୀ ପ୍ରସ୍ତାବ ଆଲୋଚନାରେ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓଡ଼ିଶାକୁ ଦାଦନ ମୁକ୍ତ କରିବାକୁ ବିଜେପି ଯେଉଁ ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିଲା, ତା'ର ଭାଗ କ'ଣ ବୋଲି ଜାଣିବାକୁ ଚାହିଁଥିଲେ। ଏବେ କିନ୍ତୁ ଏକ କମିଟି ହୋଇଛି। ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହୋଇଛି ଉକ୍ତ କମିଟି। କମିଟି ଦାଦନ ସମସ୍ୟାର ସମାଧାନ ପାଇଁ କ'ଣ ପ୍ରସ୍ତାବ ଦେଇଛି, ତାହା ଗୃହରେ ଉପସ୍ଥାପିତ ହେବା ଉଚିତ। ଦାଦନ ମୁକ୍ତ ଓଡିଶା ସ୍ଲୋଗାନରେ ନୂଆ ନାଁ ଦେଇ ଦାଦନର ପ୍ରକୃତ କଥାକୁ ଲୁଚାଇ ଦିଆ ନଯାଉ। ଦୁଇ ବର୍ଷ ଭିତରେ କେତେ ଚାକିରି ଦିଆଗଲା ଓ ଆଉ ୫୦ ହଜାର ଅତିରିକ୍ତ ଚାକିରି କୁଆଡେ ଗଲା ବୋଲି ସେ ପ୍ରଶ୍ନ କରିଥିଲେ। ରାଜ୍ୟରେ ପେପର ଲିକ୍‌ର ଯେଉଁ ବ୍ୟାଧି ଚାଲିଛି, ସେଥିରେ ଚାକିରି ଆଶାୟୀମାନେ ହତୋତ୍ସାହିତ ହୋଇଛନ୍ତି। କୌଣସି ରୋଡ୍ ମ୍ୟାପ ନାହିଁ। ୧.୫ ଲକ୍ଷ ସରକାରୀ ପଦବୀ ପୂରଣ କରିବାକୁ ବିଜେପି ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଅଦ୍ୟାବଧି ଏ ଦିଗରେ କ'ଣସବୁ ପଦକ୍ଷେପ ନିଆଯାଇଛି, ସେନେଇ ସରକାର ସ୍ପଷ୍ଟ କରିବା ସକାଶେ ଶ୍ରୀ ସ୍ୱାଇଁ ଦାବି କରିଛନ୍ତି।

## ଏଏନ୍ଏମ୍...

ବାତିଲ ନେଇ ଘୋଷଣା କରିଥିଲେ। ତେଣୁ ଏହାକୁ ନେଇ ଅସନ୍ତୋଷ ଜାହିର କରିଛନ୍ତି ଛାତ୍ରୀ। ଏଥିସହ ପ୍ରଶ୍ନପତ୍ର ଲିକ୍ କରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ସେମାନେ ଦାବି କରିଛନ୍ତି। ସେପଟେ ଗଜପତି ଜିଲ୍ଲାରେ ବି ପ୍ରଶ୍ନପତ୍ର ଲିକ୍ ଯୋଗୁ ଏଏନଏମ ପରୀକ୍ଷା ବାତିଲ ହୋଇଛି। ପାରଳାଖେମୁଣ୍ଡି ସ୍ଥିତ ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ଦେବା ପାଇଁ ୪୧ ଜଣ ଛାତ୍ରୀ ପହଞ୍ଚିବା ପରେ ପରୀକ୍ଷା ବାତିଲ ହୋଇଥିବା ଜାଣିବାକୁ ପାଇଥିଲେ।

## ଫେବୃଆରୀ...

୧୧ଟା ପରିବର୍ତ୍ତେ ୧୧ଟା ୪୫ ମିନିଟ୍‌ରେ ସରିବ। କିନ୍ତୁ ଅନ୍ୟ ସବୁ ବିଷୟର ପରୀକ୍ଷା ପୂର୍ବାହ୍ନ ୯ଟାରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ଚାଲିବ। ଉଭୟ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ଛାତ୍ରଛାତ୍ରୀମାନେ ଗୋଟିଏ ସିଟିଂରେ ପରୀକ୍ଷା ଦେବେ। ମାତୃଭାଷା ବିଷୟରୁ ଏହି ପରୀକ୍ଷା ଆରମ୍ଭ ହେବ ବୋଲି ଜଣାପଡ଼ିଛି। ସେହିପରି ୨୦ ତାରିଖରେ ସଂସ୍କୃତ ବ୍ୟାକରଣ ଓ ଦର୍ଶନ ପରୀକ୍ଷା ଦେବେ ଛାତ୍ରଛାତ୍ରୀ। ପରଦିନ ଅର୍ଥାତ୍ ୨୧ ତାରିଖରେ ଇଂରାଜୀ ଓ ୨୩ରେ ଅନୁଷ୍ଠିତ ହେବ ସଂସ୍କୃତ ଭାଷା ପରୀକ୍ଷା। ଆହୁରି ୨୪ ତାରିଖରେ ପ୍ରୟୋଗାତ୍ମକ ସଂସ୍କୃତ ଓ ୨୫ ତାରିଖରେ ବିଜ୍ଞାନ ପରୀକ୍ଷା ହେବ। ଏହାଛଡ଼ା ୨୭ ତାରିଖରେ ସାମାଜିକ ବିଜ୍ଞାନ ଓ ଜାନୁଆରୀ ୨ ତାରିଖରେ ଗଣିତ ପରୀକ୍ଷା ହେବ ବୋଲି ବିଏସ୍ଇ କର୍ତ୍ତୃପକ୍ଷ କହିଛନ୍ତି। ଏହାଛଡ଼ା ବିଏସ୍ଇ କର୍ତ୍ତୃପକ୍ଷ ରାଜ୍ୟ ଓପନ୍ ସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷା ଓ ମଧ୍ୟମା ସଂସ୍କୃତ ପରୀକ୍ଷା ତାରିଖ ମଧ୍ୟ ଘୋଷଣା କରିଛନ୍ତି।

## ବିରଞ୍ଚି...

ଶାଶ୍ୱତି ପଟ୍ଟନାୟକଙ୍କ ପାଖରେ ରହିଛି, ଯେଉଁଥିପାଇଁ ସେ ଏବେ ସିଲିକନ ଟେକ ପ୍ରାଇଭେଟ୍ ଲିମିଟେଡ କମ୍ପାନୀର ଅଫିସକୁ ଶହିଦ ନଗର ପ୍ଲଟ ନମ୍ବର ୩୬୪ରେ ପରିଚାଳନା କରୁଛନ୍ତି। ହେଲେ ଏହାରି ଭିତରେ ନିର୍ଦ୍ଦେଶକ ତଥା ପୁଲିସ ଏସଆଇ କେଲେଙ୍କାରୀରେ ଗିରଫ ହୋଇ ଜେଲରେ ଥିବା ଶ୍ରୀ ନାୟକ ଗତ ୨୦୨୩ରେ ସିଲିକନ ଟେକ ଏଜୁକେସନ ନାମରେ ତିଆରି କରିଥିବା ଡମି କମ୍ପାନୀ ଜରିଆରେ ପୁଲିସ ଏସଆଇ ପରୀକ୍ଷା ପରିଚାଳନା ପାଇଁ ସମସ୍ତ ଜାଲିଆତି କରିଛନ୍ତି। ଯେଉଁଥିପାଇଁ ଗତ ଅଗଷ୍ଟରେ ସିଲିକନ ଟେକ କମ୍ପାନୀର ଲେଟର ପ୍ୟାଡ ଜରିଆରେ ଦୁଇ ଜଣ ବାହାର କର୍ମଚାରୀ ହିମାଂଶୁଲାଲ ଶେଖର ଦାସ ଓ ଈପସିତା ପ୍ରିୟଦର୍ଶିନୀଙ୍କୁ ନିଯୁକ୍ତି ଦେବା ସହ ଓପିଆରବି ଓ ଆଇଟିଆଇ ଲିମିଟେଡ ସହ ସମ୍ପର୍କ ରଖି ପରୀକ୍ଷା ପରିଚାଳନା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାରି ଭିତରେ ସମସ୍ତ ଜାଲିଆତିର ବ୍ଲୁ ପ୍ରିଣ୍ଟ ପଟିଆସ୍ଥିତ ଡିଏଲଏଫ୍‌ରେ ଭଡ଼ାରେ ଏକ ଅଫିସ ନେଇ ସେଠାରେ ଶ୍ରୀ ନାୟକ ଚଳାଇଥିଲେ। ପରୀକ୍ଷା ପୂର୍ବରୁ ଶ୍ରୀ ନାୟକଙ୍କ ସହ ଓପିଆରବିର ଅଧିକାରୀ ଛ' ଛ' ଥର ବୈଠକ କରିଥିବା ବେଳେ କୌଣସି ଦିନ ବି ଡମି କମ୍ପାନୀ ପରୀକ୍ଷା କରୁଥିବା ନେଇ ସୂଚନା ଦେଇନଥିଲେ। ଓଲଟା କୌଣସି ବ୍ୟବସ୍ଥା ନ ଥାଇ ଶ୍ରୀ ନାୟକଙ୍କ ଡମି କମ୍ପାନୀକୁ ସମସ୍ତ ସହଯୋଗ କରିଥିଲେ, ଯେଉଁଥିରେ ପାଖାପାଖି ୩ ଶହ ପୁଲିସ ଏସଆଇ ପଦବୀ ପାଇଁ ହୋଇଥିଲା ବଡ଼ ଡିଲ। ଯାହାର ଟେର୍ ଏବେ ପାଉଛି ସିବିଆଇ। ଏଥିପାଇଁ ଖୁବଶୀଘ୍ର ଓପିଆରବିର ୪ ଅଫିସରଙ୍କୁ ଜେରା କରିବା ପାଇଁ ତାଲିକା ପ୍ରସ୍ତୁତ ହୋଇଥିବା ଜଣାପଡ଼ିଛି। ସେପଟେ ଶହୀଦନଗର ସିଲିକନ ଟେକ ଲାବ ଅଫିସରେ କାହିଁକି କ୍ରାଇମବ୍ରାଞ୍ଚ ପକ୍ଷରୁ ଚଢ଼ାଉ ହୋଇନଥିଲା, ତାହାକୁ ନେଇ ମଧ୍ୟ ଛିଡା ହୋଇଛି ବଡ଼ ପ୍ରଶ୍ନ।

## ଖୁବ୍‌ଶୀଘ୍ର...

ମହିଳା ଭାବେ ସେସମୟରେ ୟୁପିଏସସି ପରୀକ୍ଷାରେ ଟପ୍ପର ହୋଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥିଲେ। ଶ୍ରୀମତୀ ମିଶ୍ର ଖୋର୍ଦ୍ଧାର ଉପଜିଲ୍ଲାପାଳ, ଗୃହ ବିଭାଗର ଡେପୁଟି ସେକ୍ରେଟାରୀ, ଖୋର୍ଦ୍ଧା, ନବରଙ୍ଗପୁର ଓ କଳାହାଣ୍ଡି ଜିଲ୍ଲାପାଳ ସହ ପାନୀୟ ଜଳ ବିଭାଗର ନିର୍ଦ୍ଦେଶକ ଏବଂ ଓଡିଶା ମେଡିକାଲ କର୍ପୋରେସନର ପ୍ରଥମ ପରିଚାଳନା ନିର୍ଦ୍ଦେଶିକା, ଜାତୀୟ ସ୍ୱାସ୍ଥ୍ୟ ମିଶନର ପ୍ରକଳ୍ପ ମ୍ୟାନେଜର ଭାବେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ସଫଳତାର ସହ କାର୍ଯ୍ୟ କରିଥିଲେ। ଜଣେ ଯୁବ ଅଫିସର ଭାବେ ସେ ରାଜ୍ୟ ପ୍ରଶାସନରେ ନିଜର ସ୍ୱତନ୍ତ୍ର ଛାପ ମଧ୍ୟ ଛାଡ଼ିଯାଇଛନ୍ତି। ୨୦୨୦ରେ ସେ କେନ୍ଦ୍ରୀୟ ଡେପୁଟେସନରେ ଯାଇଥିଲେ। କେନ୍ଦ୍ରରେ ପ୍ରଥମେ ସେ କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ଅଧିନରେ ଜାତୀୟ ଜଳ ଜୀବନ ମିଶନର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ନେଇଥିଲେ। ଭୁବନେଶ୍ୱର ବିଜେବି କଲେଜରୁ ବାଣିଜ୍ୟରେ ସ୍ନାତକ ଓ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଏମବିଏ ଡିଗ୍ରୀ ହାସଲ କରିବା ପରେ ସେ ସିଭିଲ ସର୍ଭିସ ପାଇଁ ନିଜକୁ ପ୍ରସ୍ତୁତ କରିଥିଲେ। ଆଉ ସେଥିରେ ସେ ସଫଳ ହୋଇ ଦେଶର ମହିଳାମାନଙ୍କ ପାଇଁ ଆଦର୍ଶ ପାଲଟିଯାଇଥିଲେ। ବାହାଘର ପରେ ପାରିବାରିକ ଜଞ୍ଜାଳ ସତ୍ତ୍ୱେ ସେ ସର୍ବଭାରତୀୟ ସିଭିଲ ସର୍ଭିସରେ ଟପ୍ପର ହୋଇଥିଲେ। ଆସନ୍ତା ବର୍ଷ ଫେବୃଆରୀରେ ତାଙ୍କ ଡେପୁଟେସନ ଅବଧି ଶେଷ ହେବା ପରେ ସେ ଓଡ଼ିଶା ଫେରିବେ ବୋଲି ଆଶା କରାଯାଉଛି।

## ମୁଖ୍ୟ...

ଥରେ ତାଙ୍କ କାର୍ଯ୍ୟକାଳ ବଢ଼ିପାରେ। ଯଦି ସେ ବ୍ୟକ୍ତିଗତ କାରଣରୁ ଏକ୍ସଟେନସନ ନ ନିଅନ୍ତି, ତା'ହେଲେ ଶ୍ରୀ ଚୋପ୍ରା କିମ୍ବା ଶ୍ରୀମତୀ ଗର୍ଗଙ୍କ ମଧ୍ୟରୁ ଜଣଙ୍କୁ ନିଯୁକ୍ତି ମିଳିବାର ସମ୍ଭାବନା ରହିଛି। ୧୯୯୧ ବ୍ୟାଚ୍‌ର ଅଫିସର ଶ୍ରୀ ଚୋପ୍ରା ୨୦୨୨ରେ କେନ୍ଦ୍ରୀୟ ଡେପୁଟେସନରେ ଯିବା ପୂର୍ବରୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଜିଲ୍ଲାପାଳ ସାଙ୍ଗକୁ ଗୃହ, ଶିଳ୍ପ, ସାଧାରଣ ପ୍ରଶାସନ ବିଭାଗର ସଚିବ ଭାବେ କାର୍ଯ୍ୟ କରିଥିଲେ। ସେ କିଛି ସମୟ ପାଇଁ କୃଷି ଉତ୍ପାଦନ କମିଶନର ଭାବେ କାର୍ଯ୍ୟ ମଧ୍ୟ କରିଥିଲେ। ଏପରିକି ଓଡିଶା ଖଣି ନିଗମ, ଇଡକୋ ଓ ଇପିକଲ ଏମଡି ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ୨୦୨୧-୨୨ରେ ଡିଜିଟାଲ ଟ୍ରାନ୍ସଫର୍ମେସନ ପାଇଁ ତାଙ୍କୁ ଜାତୀୟ ଇ-ଗଭର୍ଣ୍ଣାନ୍ସ ଏକ୍ସିଲେନ୍ସ ପୁରସ୍କାର ମଧ୍ୟ ମିଳିଥିଲା। ସେ ଏବେ କେନ୍ଦ୍ର ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗର ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ଆସନ୍ତା ୨୦୨୭ ଏପ୍ରିଲରେ ତାଙ୍କ କାର୍ଯ୍ୟକାଳ ଶେଷ ହେଉଛି। ସେହିଭଳି ୧୯୯୦ ବ୍ୟାଚ୍‌ର ଅଫିସର ଶ୍ରୀମତୀ ଗର୍ଗ ଏବେ ରାଜ୍ୟ ଉନ୍ନୟନ କମିଶନର ସହ ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦାୟିତ୍ୱରେ ଅଛନ୍ତି। ସେ ରାଜ୍ୟର ପ୍ରଥମ ମହିଳା ଉନ୍ନୟନ କମିଶନର୍ ହୋଇଥିବା ବେଳେ ତାଙ୍କୁ ଯଦି ମୁଖ୍ୟ ଶାସନ ସଚିବ ଭାବେ ସରକାର ଦାୟିତ୍ୱ ଦିଅନ୍ତି, ତା'ହେଲେ ସେ ହେବେ ରାଜ୍ୟର ପ୍ରଥମ ମହିଳା ପ୍ରଶାସନିକ ମୁଖ୍ୟ। ସେ ମଧ୍ୟ କେନ୍ଦ୍ରୀୟ ଡେପୁଟେସନରେ ଯିବା ପୂର୍ବରୁ ରାଜ୍ୟରେ ଗତ ୧୯୯୨ରୁ ୨୦୦୩ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଓ ଜିଲ୍ଲାପାଳ ଭାବେ କାମ କରିଥିଲେ। ଏଥିସହ ୨୦୦୮ରୁ ୨୦୧୨ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସଚିବ ଓ ପରେ ଶ୍ରମ ଓ ନିୟୋଜନ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ ଭାବେ କାର୍ଯ୍ୟ କରିଥିଲେ। କେନ୍ଦ୍ରୀୟ ଡେପୁଟେସନରେ ଥିବା ବେଳେ ସେ କେନ୍ଦ୍ର ବୟନ ମନ୍ତ୍ରଣାଳୟର ଯୁଗ୍ମ ସଚିବ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଯୁଗ୍ମ ସଚିବ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରିଛନ୍ତି। ଆସନ୍ତା ୨୦୨୯ ମାର୍ଚ୍ଚରେ ତାଙ୍କ କାର୍ଯ୍ୟକାଳ ଶେଷ ହେବ।

## ବିଶିଷ୍ଟ କଣ୍ଠଶିଳ୍ପୀ ଡ.ଅନସୂୟା ନାଥଙ୍କୁ 'ମାର୍ଗଶିରର ମହକ ସମ୍ମାନ-୨୦୨୫' ପ୍ରଦାନ



**ଭୁବନେଶ୍ୱର,୫।୧୨ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲଚରାଲ ସାଇନସେସ୍ (ଆଇଏଏସ୍)ର ସାମାଜିକ ଓ ସାଂସ୍କୃତିକ ଶାଖା କ୍ରିଆଟିଭୋ ପକ୍ଷରୁ ଗୁରୁବାର ଦିନ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ତଥା ଗଣିତ ବିଭାଗର ପ୍ରଫେସର ଡ. ଅନସୂୟା ନାଥଙ୍କର 'ମାର୍ଗଶିରର ମହକ ସମ୍ମାନ'ରେ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଡ. ନାଥଙ୍କର କିଛି ପ୍ରସିଦ୍ଧ ଭଜନ 'ଧନ ମାଳିରେ ସୁନା ଥାଳିରେ ତତେ ଗେଲ କରିବାକୁ ମନ'... 'ଆଲୋ ରାଇ ରାଇ ... ଢିଙ୍କି ଦେ ଦୁଲୁକେଇ ଲୋ' ଇତ୍ୟାଦିରେ ଗୁଞ୍ଜରି ଉଠିଥିଲା।

କ୍ରିଆଟିଭୋ ପକ୍ଷରୁ ଆୟୋଜିତ ମାର୍ଗଶିରର ମହକ କାର୍ଯ୍ୟକ୍ରମର ତୃତୀୟ ସଂସ୍କରଣରେ ତାଙ୍କୁ ରୌପ୍ୟ ଫଳକ, ମାନପତ୍ର ତଥା ଉପଢୌକନ ପ୍ରଦାନ କରାଯାଇଥିଲା। ଏହି ଭବ୍ୟ ଉତ୍ସବରେ ସୋଆ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଯୋଗ ଦେଇ ଏପରି ଅଭିନବ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ଓଡିଆ ସଂସ୍କୃତି ଆଧାରିତ ପର୍ବପର୍ବାଣୀ ପାଳନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

ଉତ୍ସବରେ ପୂର୍ବ ଆୟୋଜିତ ସାଧାରଣ ଜ୍ଞାନ ଓ ଝୋଟି ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସବୁ ବିଭାଗର ବିଭାଗୀୟ ମୁଖ୍ୟ, ଅଧାପକ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

# ଗଞ୍ଜାମ ବ୍ଲକରେ ଆନ୍ତଃରାଜ୍ୟ ଧାନ ଦଲାଲ ସକ୍ରିୟ

**ମଣ୍ଡି ଖୋଲିବା ବିଳମ୍ବରୁ ସୁଯୋଗ ନେଉଛନ୍ତି ଆନ୍ଧ୍ର-ବଙ୍ଗ ବେପାରୀ**

**ଗତବର୍ଷ ସୁଭଦ୍ରାରୁ ବାଦ ପଡିବାରୁ ଅନିଶ୍ଚିତତାରେ ମହିଳାଚାଷୀ**



**ଛତ୍ରପୁର,୫।୧୨ (ସଂଚାର ବ୍ୟୁରୋ):** ଗଞ୍ଜାମ ବ୍ଲକରେ ଧାନ ଅମଳ ପ୍ରାୟ ଶେଷ ପର୍ଯ୍ୟାୟରେ ପହଁଚିଥିବାବେଳେ ସରକାରୀ ଧାନ ମଣ୍ଡି ଏପର୍ଯ୍ୟନ୍ତ ଖୋଲିନଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ମଣ୍ଡି ଖୋଲିବାରେ ବିଳମ୍ବ ହେବାରୁ ଏହାର ଫାଇଦା ଉଠାଇ ଗଞ୍ଜାମ ବ୍ଲକରେ ମାତିଛନ୍ତି ଆନ୍ଧ୍ର ଓ ପଶ୍ଚିମବଙ୍ଗ ଦଲାଲ। ପ୍ରଶାସନିକ ଉଦାସୀନତା ଓ ଯୋଗାଣ ବିଭାଗର ନିରବଦ୍ରଷ୍ଟା ପାଇଁ ଦଲାଲମାନେ ଚାଷୀଙ୍କ ଠାରୁ ବହୁତ କମ ଦରରେ ଧାନ କିଣି ରାତାରାତି ଓଡ଼ିଶା ପାର କରାଇ ନିଜ ରାଜ୍ୟକୁ ପଠାଇ ଦେବାରେ ସକ୍ଷମ ହେଉଛନ୍ତି।

ସରକାର ପକ୍ଷରୁ ଧାନର କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ଏମ୍‌ଏସ୍‌ପି ଧାର୍ଯ୍ୟ କରାଯାଇଥିବା ସତ୍ତ୍ୱେ, ଦଲାଲମାନେ ବିଭିନ୍ନ ପ୍ରଲୋଭନ ଓ ତୁରନ୍ତ ଟଙ୍କା ଦେବାର ଲୋଭ ଦେଖାଇ କୁଇଣ୍ଟାଲ ପ୍ରତି ୧୭୦୦ - ୧୭୫୦ ଟଙ୍କାରେ ଧାନ କିଣୁଛନ୍ତି। ଏହି ବେଆଇନ କାରବାର ଫଳରେ ଚାଷୀମାନେ ନିଜ ହକ ପ୍ରାପ୍ୟରୁ ଢେର କମ ଦର ପାଉଛନ୍ତି। ଯାହା ଚାଷୀଙ୍କୁ ଆର୍ଥିକ ଓ ମାନସିକ ସ୍ତରରେ କ୍ଷତି ସହିବାକୁ ପଡୁଛି।

ଗଞ୍ଜାମ ବ୍ଲକର ସରକାରୀ ମଣ୍ଡି ଡିସେମ୍ବର ୨୩ ପରେ ଖୋଲିବାକୁ ନିଷ୍ପତ୍ତି ହୋଇଥିବା ସୂଚନା ମିଳିଛି। ଚାଷୀଙ୍କ କହିବା ଅନୁଯାୟୀ ମଣ୍ଡି ଖୋଲିବାରେ ଡେରି ହେବା ଫଳରେ ଆଗୁଆ ଅମଳ ଧାନକୁ ସୁରକ୍ଷିତ ଭାବରେ ସାଇତି ରଖିବା ପାଇଁ ଅନେକ ଚାଷୀଙ୍କ ପାଖରେ ପର୍ଯ୍ୟାପ୍ତ ଭିତ୍ତିଭୂମି ନଥିବା ସହ ପାଗରେ ବିଶେଷ ପରିବର୍ତ୍ତନ ଚାଷୀଙ୍କୁ ଦ୍ୱନ୍ଦରେ ପକାଉଛି। ଅନ୍ୟପଟରେ ଗତବର୍ଷ ମଣ୍ଡି ମାଧ୍ୟମରେ ଧାନ ବିକ୍ରି କରିଥିବା ଅନେକ ମହିଳା ହିତାଧିକାରୀ ଏବର୍ଷ ସୁଭଦ୍ରା ଯୋଜନାରୁ ବାଦ ପଡ଼ିଥିବା ଅଭିଯୋଗ ମଧ ହେଉଛି। ଏହାର ପରିଣାମରେ ଅନେକ କ୍ଷୁଦ୍ର ଓ ମଧ୍ୟମ ଚାଷୀମାନେ ସରକାରୀ ମଣ୍ଡିକୁ ଧାନ ଦେବାକୁ ମୁହଁ ଫେରାଉ ଦେଉଛନ୍ତି। ଏହି ସବୁ ସମସ୍ୟା କାରଣରୁ ଚାଷୀମାନେ ଅସହାୟ ହୋଇ ଦଲାଲଙ୍କ କମ ଦରକୁ ବିକ୍ରି କରିବାକୁ ବାଧ ହେଉଥିବା ଅଭିଯୋଗ ହେଉଛି। ଏନେଇ ଗଞ୍ଜାମ ତହସିଲଦାର ସୁଜାତ୍ର ମିଶ୍ର ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଏହିଭଳି ଭାବରେ ଧାନ କିଣା–ବିକ୍ରି ସାମ୍ନାକୁ ଆସିଲେ ନିୟମାନୁସାରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଜବତ ଗଞ୍ଜେଇ ହେରଫେର ଅଭିଯୋଗରେ ସଦର ଥାନା ଅଧିକାରୀ ନିଲମ୍ବିତ



**ଫୁଲବାଣୀ,୫।୧୨ (ସଂଚାର ବ୍ୟୁରୋ):** ଜବତ ଗଞ୍ଜେଇ ହେରଫେର କରିଥିବା ଅଭିଯୋଗରେ କାର୍ଯ୍ୟରୁ ନିଲମ୍ବିତ ହୋଇଛନ୍ତି ଫୁଲବାଣୀ ସଦର ଥାନା ଅଧିକାରୀ ସତୀଶ ଚନ୍ଦ୍ର ନାୟକ। ରାଜ୍ୟ ଗୃହ ବିଭାଗ ଏହି ନିଲମ୍ବନ ଆଦେଶ ଜାରି କରିଛି।

ଆଦେଶ ଅନୁଯାୟୀ, ବର୍ତ୍ତମାନ ସେ ବ୍ରହ୍ମପୁର ଦକ୍ଷିଣାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟରେ ରିପୋର୍ଟ କରିବେ ଅଭିଯୋଗ ଅନୁସାରେ କିଛିଦିନ ପୂର୍ବେ ସଦର ଥାନା ପୁଲିସ ୬ କ୍ୱିଣ୍ଟାଲ୍ ଗଞ୍ଜେଇ ଜବତ କରିଥିଲା। ସେଥିମଧ୍ୟରୁ ୨ କ୍ୱିଣ୍ଟାଲ୍ ଗଞ୍ଜେଇର ହିସାବ ମିଳି ନ ଥିଲା। ଏଥିରେ ଥାନା ଅଧିକାରୀ ସତୀଶଙ୍କ ସମ୍ପୃକ୍ତି ଥିବା ନେଇ ଜଣାପଡ଼ିବା ପରେ ତାଙ୍କ ନାଁରେ ସରକାରଙ୍କ ପାଖରେ ଅଭିଯୋଗ କରାଯାଇଥିଲା। ସେହି ଅନୁସାରେ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ତାଙ୍କ ନାମରେ ବିଭାଗୀୟ ତଦନ୍ତ ଚାଲିବ ବୋଲି ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ ନିକଟରେ ସେ ଇନ୍ସପେକ୍ଟରରୁ ଡିଏସ୍‌ପି ପଦବିକୁ ପଦୋନ୍ନତି ପାଇଥିଲେ ।

## ସାବଧାନ, ଦେବୀ ନଦୀରେ ବୁଲୁଛି କୁମ୍ଭୀର

**ସ୍ଥାନୀୟ ଲୋକେ ଆତଙ୍କିତ**



**କାକଟପୁର/ଅସ୍ତରଙ୍ଗ,୫।୧୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟ ଦେବୀନଦୀରେ କୁମ୍ଭୀର ଆତଙ୍କ । ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟ ନଗର ଗ୍ରାମପଂଚାୟତ ସନ୍ନିକଟ ପ୍ରବାହିତ ଦେବୀ ନଦୀରେ ଦେଖାଯାଇଛି କୁମ୍ଭୀର । ସ୍ଥାନୀୟ ଅଞ୍ଚଳ କିଛି ଯୁବକ ମାଛ ଧରିବାକୁ ଯାଉଥିବା ବେଳେ ନିଜ ଫୋନରେ ଭିଡ଼ିଓ ସୁଟିଂ କରିଛନ୍ତି। ଯାହାକୁ ନେଇ ଆତଙ୍କିତ ଅବସ୍ଥାରେ ସ୍ଥାନୀୟ ବାସିନ୍ଦା।

କିଛି ଦିନ ତଳେ ପୀରଜାହାନିଆ ସମୁଦ୍ର କୂଳରେ କୁମ୍ଭୀର ଦେଖା ଯାଇଥିବା ବେଳେ ପୁନର୍ବାର ଦେବୀ ନଦୀରେ। ସ୍ଥାନୀୟ ଅଂଚଳରେ କୁମ୍ଭୀର ବାରମ୍ବାର ଦେଖା ଯାଉଥିବା ବେଳେ ବନବିଭାଗ ପକ୍ଷରୁ କେବଳ ପୀରଜାହାନିଆ ନିକଟରେ ସଚେତନତା କରି କାମ ସାରି ଦେଇଛି। କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ସ୍ଥାନୀୟ ଅଂଚଳବାସୀ ଓ ଦୂରଦୁରାନ୍ତ ପର୍ଯ୍ୟଟକ।

ନଦୀକୁଳିଆ ଅଂଚଳବାସୀମାନେ ସେମାନଙ୍କ ନିତ୍ୟକାର୍ଯ୍ୟ ପାଇଁ ନଦୀ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ । ଯଥାଶୀଘ୍ର ବନବିଭାଗ ପକ୍ଷରୁ କୁମ୍ଭୀରଟିକୁ ଧରିବା ପାଇଁ ଲୋକମାନେ ଦାବି କରିଛନ୍ତି ।

**ବାଲକାଟି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କର୍ମଚାରୀଙ୍କ ମନମାନି**

# ୨ ସହକାରୀ କିରାଣିଙ୍କ ବାଲକାଟି ମୋହ ଛାଡୁନି

**ବାଲିଅନ୍ତା,୫।୧୨ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ବାଲକାଟି ସ୍ଥିତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ୨ ଜଣ ସହକାରୀ କିରାଣୀଙ୍କର ବାଲକାଟି ମୋହ ଛାଡୁନି । ଉକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ୩ ଜଣଯାକ କିରାଣି ୧୪ ବର୍ଷ ହେଲା କାର୍ଯ୍ୟରତ ଅଛନ୍ତି । ବିଭିନ୍ନ ସମୟରେ ସେମାନଙ୍କର ଅନ୍ୟତ୍ର ବଦଳି ହୋଇଛି । ହେଲେ ସେମାନେ ବ୍ଲକ, ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ବିଧାୟକଙ୍କୁ ପ୍ରଭାବିତ କରି ବଦଳି ରଦ୍ଦ କରିବାରେ ସକ୍ଷମ ହେଉଛନ୍ତି ।

ସୁତରାଂ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ସରକାରଙ୍କ ବଦଳି ନିୟମ ଏକ ପ୍ରକାର ପ୍ରହସନ ପାଲଟିଛି । ଅନ୍ୟପକ୍ଷରେ ଦୀର୍ଘ ବର୍ଷ ଧରି ଗୋଟିଏ ସ୍ଥାନରେ କାର୍ଯ୍ୟ କରିବା ଦ୍ୱାରା ଏହି କିରାଣିମାନେ ମନମୁଖି କାର୍ଯ୍ୟାଳୟକୁ ଆସୁଥିବା ଅଭିଯୋଗ ହେଉଛି। ପ୍ରତ୍ୟେକ କାର୍ଯ୍ୟ ଦିବସରେ ଅଧିକାଂଶ କର୍ମଚାରୀ କାର୍ଯ୍ୟାଳୟରେ ଅନୁପସ୍ଥିତ ରହିବା ଏବଂ ଅଫିସ କାର୍ଯ୍ୟ ସମ୍ପାଦନ କ୍ଷେତ୍ରରେ ଚରମ ଅବହେଳା କରୁଥିବା ଅଭିଯୋଗ ହେଉଛି । ଛାତ୍ରଛାତ୍ରୀଙ୍କୁ ମାଗଣା ପୋଷାକ, ଜୋତା ଓ ମାଗଣା ପାଠ୍ୟ ପୁସ୍ତକ ଯୋଗାଣରେ ଚରମ ଅବହେଳା କରାଯାଉଥିବା ଅଭିଯୋଗ ହେଉଛି।

ସୂଚନାଯୋଗ୍ୟ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଛାଡି ଏଠାରେ ଅନ୍ୟ ୧୨ ଜଣ କର୍ମଚାରୀ କାର୍ଯ୍ୟରତ ଅଛନ୍ତି । ଗୋଷ୍ଠୀ ଶିକ୍ଷା ଆଦିକାରୀ କେବେ କେମିତି କାର୍ଯ୍ୟାଳୟ ଆସୁଥିବା ସୂଚନା ମିଳିଛି । ୩ ବର୍ଷରୁ ଅଧିକ ବର୍ଷ କାର୍ଯ୍ୟରତ ଥିବା ଅଧିକାରୀ ଏବଂ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।

## କାଉଡିଆ ନଦୀରେ ମତ୍ସ୍ୟଜୀବୀ ନିଖୋଜ



**ପାରାଦୀପ,୫।୧୨ (ସଂଚାର ବ୍ୟୁରୋ):** ଆଜି ସକାଳୁ କାଉଡିଆ ନଦୀରେ ମତ୍ସଜୀବୀ ନିଖୋଜ। ଆଜି କାଉଡିଆ ନଦୀରେ ମାଛ ଧରୁଥିବା ବେଳେ ପ୍ରମୋଦ ବେହେରା କୌଣଷି କାରଣରୁ ନଦୀର ପାଣିରେ ପଡିଯାଇ ନିଖୋଜ ହୋଇଥିବା ଜଣାପଡିଛି। ତାଙ୍କ ଘର କେନ୍ଦ୍ରାପଡ଼ା ଜିଲ୍ଲା ଯଦୁପୁର ବୋଲି ଜଣାପଡିଛି। ମେରାଇନ ପୁଲିସ ଓ ଅଗ୍ନିଶମ ବାହିନୀ ପକ୍ଷରୁ ତାଙ୍କୁ ଖୋଜାଖୋଜି ଚାଲିଛି। ଖବର ଲେଖାହେବା ପର୍ଯ୍ୟନ୍ତ କୌଣସି ସନ୍ଧାନ ମିଳିନଥିବା ସୂଚନା ମିଳିଛି।

# ଶ୍ରମିକଙ୍କୁ ନେଇ ଯାଉଥିବା ବସ୍ ଅଟକ




**ଆନନ୍ଦପୁର,୫।୧୨ (ସଂଚାର ବ୍ୟୁରୋ):** ଓଡ଼ିଆ ଶ୍ରମିକମାନେ ଏକ ବସରେ ତାମିଲନାଡୁକୁ ଦାଦନ ଖଟିବାକୁ ଯାଉଥିବା ବେଳେ ଆନନ୍ଦପୁର ପୁଲିସ୍ ବସ୍‌କୁ ଅଟକ ରଖି ଶ୍ରମ ବିଭାଗକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ ଶୁକ୍ରବାର ମଧାହ୍ନ ପ୍ରାୟ ୧ଟା ସମୟରେ ଜୟଫୁଲ୍ ନାମକ ଏକ ଘରୋଇ ବସ୍ ଯାହାର ନଂ ଏଆର ୦୬ ବି ୮୩୯୬ ଆନନ୍ଦପୁର ଉପଖଣ୍ଡ ଏବଂ ଠାକୁରମୁଣ୍ଡା ଅଞ୍ଚଳରୁ ନାବାଳକ, ନାବାଳିକା ଏବଂ ସର୍ବାଧିକ ମହିଳା ଓ ପୁରୁଷମାନଙ୍କୁ ନେଇ ତାମିଲନାଡୁ ରାଜ୍ୟର କୋଇମ୍ବତୁର ଜିଲ୍ଲାକୁ ଯାଉଥିଲା। ତେବେ ଦୀର୍ଘ ସମୟ ଧରି ଆନନ୍ଦପୁର ରିଙ୍ଗ ରୋଡ ନିକଟରେ ବସଟି ଅଟକି ରହିଥିବା ବେଳେ ଆନନ୍ଦପୁରର କିଛି ସମାଜସେବୀ ଦେଖି ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଆନନ୍ଦପୁର ପୁଲିସ୍ ପହଞ୍ଚି ପଚରା ଉଚରା କରିବା ପରେ ସନ୍ଦେହ ସୃଷ୍ଟି ହେବାରୁ ଆନନ୍ଦପୁର ଶ୍ରମ ବିଭାଗକୁ ଖବର ଦେଇଥିଲେ। ଶ୍ରମ ବିଭାଗ ଅଧିକାରୀ ବସରେ ଥିବା ଦୁଇ ଜଣ ତାମିଲ ବସ ଚାଳକଙ୍କୁ ପଚରା ଉଚରା କରିବା ପରେ ସେ ପ୍ରତ୍ୟେକ ଶୁକ୍ରବାର ଏମିତି ଓଡ଼ିଆ ଶ୍ରମିକମାନଙ୍କୁ ନେଇ ତାମିଲନାଡୁ କେରଳ ଯାଇଥାନ୍ତି। ପୁଣି ସେଠାରୁ ଓଡ଼ିଆ ଶ୍ରମିକ ମାନଙ୍କୁ ନେଇ ଓଡ଼ିଶା ଆସିଥାନ୍ତି ବୋଲି କହିଥିଲେ।

ତେବେ ଶ୍ରମିକ ନେଇ ଯାଉଥିବା ବସ୍ ଚାଳକ ଦୁଇ ଜଣ କୌଣସି କାଗଜ ପତ୍ର ଦେଖାଇ ନପାରିବାରୁ ପୁଲିସର ସହାୟତାରେ ଉକ୍ତ ବସକୁ ଥାନାକୁ ଅଣାଯାଇ ଅଧିକ ତଦନ୍ତ ଆରମ୍ଭ କରାଯାଇଥିବା ଜଣାପଡ଼ିଛି। ଶ୍ରମିକ ଚାଲାଣରେ ସଂପୃକ୍ତ ଥିବା ସନ୍ଦେହରେ ଜଣେ ଯୁବକକୁ ଅଟକ ରଖିଛି ପୁଲିସ୍। ଅଟକ ଥିବା ଯୁବକଙ୍କ ଘର ନନ୍ଦିପଦା ଥାନା ଗିରିଗାଁର ଅଭିମନ୍ୟୁ ପାଢ଼ୀ ବୋଲି ଜଣା ପଡ଼ିଛି। ତେବେ ଶ୍ରମିକ ଚାଲାଣ ରାକେଟ ର ଚେର ଆହୁରି ଲମ୍ବା ଥିବା ନେଇ ସନ୍ଦେହ ସୃଷ୍ଟି ହୋଇଛି।

## ବିଶ୍ୱ ହିନ୍ଦୁ ପରିଷଦର ପୂର୍ବତନ ଜିଲ୍ଲା ସଭାପତିଙ୍କ ପରଲୋକ



**ଯାଜପୁର,୫।୧୨ (ସଂଚାର ବ୍ୟୁରୋ):** ଯାଜପୁରର ପ୍ରସିଦ୍ଧ ବରିଷ୍ଠ ଆଇନଜୀବୀ ଏବଂ ବିଶ୍ୱ ହିନ୍ଦୁ ପରିଷଦର ପୂର୍ବତନ ଜିଲ୍ଲା ସଭାପତି ଶ୍ରୀଧର ନାୟକଙ୍କ ବିୟୋଗ ଖବର ଆସିବା ସହିତ ସମଗ୍ର ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି। ସେ ଚିକିତ୍ସାଧୀନ ଅବସ୍ଥାରେ କଟକସ୍ଥିତ ଏସସିବି ମେଡିକାଲରେ ୭୩ ବର୍ଷ ବୟସରେ ଆଜି ଦିନ ୧୨.୩୦ରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସମାଜସେବାରେ ନିଷ୍ଠା, ସଙ୍ଗଠନ ପ୍ରତି ଅନୁରାଗ ଏବଂ ନିରହଙ୍କାର କାର୍ଯ୍ୟଶୈଳୀ ତାଙ୍କୁ ଏକ ଅଲଗା ପରିଚୟ ଦେଇଥିଲା। ଶ୍ରୀଧର ନାୟକ ଦୀର୍ଘ ବର୍ଷ ଧରି ଗରିବ ଓ ଅସହାୟ ଲୋକଙ୍କ ପାଖରେ ଠିଆ ହୋଇ ଆଇନ ସହାୟତା ଯୋଗାଇ ଆସୁଥିଲେ। ତାଙ୍କର ଏହି ମାନବିକ ଅବଦାନ ସ୍ଥାନୀୟ ସମାଜରେ ସଦା ଚିରସ୍ମରଣୀୟ ରହିବ। ବିଶ୍ୱ ହିନ୍ଦୁ ପରିଷଦରେ ନିଷ୍ଠାପୂର୍ଣ୍ଣ କାର୍ଯ୍ୟ, ଧାରାବାହିକ ସଙ୍ଗଠନ ଗଠନରୁ ଆରମ୍ଭ କରି ସାମାଜିକ କାର୍ଯ୍ୟକ୍ରମର ନେତୃତ୍ୱ ସବୁଠି ତାଙ୍କ ଭୂମିକା ଉଲ୍ଲେଖନୀୟ ରହିଛି। ଶ୍ରୀଧର ନାୟକଙ୍କ ବିୟୋଗରେ ଅନେକ ସମାଜସେବୀ, ଆଇନଜୀବୀ ଓ ବିଭିନ୍ନ ସଙ୍ଗଠନ ଗଭୀର ଶୋକ ପ୍ରକାଶ କରିଛନ୍ତି।

**ହେଲେନ୍ କେଲର୍ ରେଡକ୍ରସ୍ ସ୍କୁଲରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ**

# ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିଲା ଟିପିଏସ୍‌ଓଡିଏଲ୍




**ବ୍ରହ୍ମପୁର,୫।୧୨ (ସଂଚାର ବ୍ୟୁରୋ):** ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍(ଟିପିଏସ୍‌ଓଡିଏଲ୍) ପକ୍ଷରୁ ବ୍ରହ୍ମପୁରସ୍ଥିତ-ହେଲେନ୍ କେଲର୍ ରେଡକ୍ରସ୍ ସ୍କୁଲ୍ ଫର୍ ଦି ଡେଫ୍, ପରିସରରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମ ଅଧିନରେ ସାମାଜିକ ପ୍ରଗତି କ୍ଷେତ୍ରରେ ଭିନ୍ନକ୍ଷମ ସଂପ୍ରଦାୟଙ୍କ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବା ଭଳି ପ୍ରସଙ୍ଗରେ ବିଦ୍ୟାଳୟରେ ପୋଷ୍ଟର ତିଆରି ପ୍ରତିଯୋଗିତା ଆୟୋଜିତ ହୋଇଛି। ଏହାସହ ପିଲାମାନଙ୍କ ସହଯୋଗରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ କରାଯାଇଛି। ଏହି ସମସ୍ତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଉତ୍ସାହ ସହକାରେ ଯୋଗଦେଇଛନ୍ତି । ଜନୈକ ଛାତ୍ର ଆୟୁଷ୍ମାନ ବେହେରା କହିଛନ୍ତି, "ପୋଷ୍ଟର ତିଆରି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିଥିବାରୁ ମୁଁ ଖୁସି। ଏହି କାର୍ଯ୍ୟକ୍ରମ ମୋତେ ଅଧିକ ଆତ୍ମବିଶ୍ୱାସୀ କରିଛି। ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, "ଅନ୍ତର୍ଭୁକ୍ତୀକରଣ ଜୀବନ ପ୍ରକ୍ରିୟାର ଏକ ପ୍ରମୁଖ ମୂଲ୍ୟବୋଧ। ପ୍ରସମସ୍ତଙ୍କୁ ସମାନ ସୁଯୋଗ ଓ ସଶକ୍ତ କରିବା ନିମନ୍ତେ ସମାନ ପରିବେଶ ଯୋଗାଇବା ଭଳି ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ଦିଗରେ ଟିପିଏସ୍‌ଓଡିଏଲ୍ ସଦାସର୍ବଦା ଆଗଭର ରହିଛି । ନିରନ୍ତର ଶିକ୍ଷା, ଦକ୍ଷତା ବିକାଶ ଓ ସଶକ୍ତିକରଣ ଭଳି ପଦକ୍ଷେପ ମାଧମରେ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବା ସହ ସାମାଜିକ ସମାନତା ସୃଷ୍ଟି ଦିଗରେ କମ୍ପାନୀ ପ୍ରଚେଷ୍ଟା କରୁଛି । ଭିନ୍ନକ୍ଷମ ଦିବସ ଉପଲକ୍ଷେ ଆୟୋଜିତ ଏହି କାର୍ଯ୍ୟକ୍ରମ କମ୍ପାନୀର ସାମାଜିକ ବିବିଧତା ଓ ବ୍ୟକ୍ତି ଅଭିବୃଦ୍ଧିର ମୂଲ୍ୟବୋଧ ପ୍ରତି ସମର୍ଥନକୁ ଦର୍ଶାଉଛି ।

## ଦୁର୍ଘଟଣାରେ ସିଆରସିସିଙ୍କ ମୃତ୍ୟୁ

**ନୀଳଗିରି,୫।୧୨ (ସଂଚାର ବ୍ୟୁରୋ):** ଜୈନିକ ସିଆରସିସି ସ୍କୁଲରେ କାର୍ଯ୍ୟ ସାରି ଘରକୁ ଖାଇବାକୁ ଯାଉଥିବା ବେଳେ ପିକଅପ ଧକ୍କାରେ ମୃତ୍ୟୁ ହୋଇଯାଇଛି। ସୂଚନାଯୋଗ୍ୟ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଜାମୁଡିଆ ପଞ୍ଚାୟତ ଗୁଡିଶୂଳ ଗ୍ରାମର ସ୍ୱର୍ଗତ ବୈରାଗୀ ସ୍ୱାଇଁ ଓ ସ୍ୱର୍ଗତ ପ୍ରଭାତୀ ସ୍ୱାଇଁଙ୍କ ସାନପୁତ୍ର ଯତୀନ ସ୍ୱାଇଁ ଅଟନ୍ତି। ସେ ମାଲକାନାଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଶିକ୍ଷାଧିକାରୀ ଅଧୀନରେ ସିଆରସିସି ଭାବେ କାର୍ଯ୍ୟ କରୁଥିଲେ। ଗତକାଲି ଗୁରୁବାର ଅପରାହ୍ନ ପ୍ରାୟ ୨.୩୦ ମିନିଟ ସମୟରେ ସ୍କୁଲରୁ କାର୍ଯ୍ୟ ସାରି ଚିତ୍ରକୋଣ୍ଡାସ୍ଥିତ ବାସଭବନକୁ ବାଇକ ଯୋଗେ ଯାଉଥିବା ବେଳେ ପଛରୁ ଏକ ପିକପ ଭ୍ୟାନ ଧକ୍କା ଦେବାରୁ ଯତୀନ ଗୁରୁତର ଅବସ୍ଥାରେ ପ୍ରଥମେ ଚିତ୍ରକୁଣ୍ଡା ମେଡିକାଲରେ ଭର୍ତ୍ତି ହୋଇଥିଲେ। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଏମକେସିଜି ମେଡ଼ିକାଲ କଲେଜକୁ ନିଆଯାଇ ଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି।

## ମହାତ୍ମା ଗାନ୍ଧୀଙ୍କ ବିରୋଧରେ ଅରୁଚିକର ମନ୍ତବ୍ୟ ପ୍ରତିବାଦରେ ନୀଳଗିରି ବିଧାୟକଙ୍କ କୁଶପୁତ୍ତଳିକା ଦାହ



**ନୀଳଗିରି,୫।୧୨ (ସଂଚାର ବ୍ୟୁରୋ):** ଗତ ୪ତାରିଖ ଗୁରୁବାର ଦିନ ବିଧାନସଭା ରେ ଜାତିର ପିତା ମହାତ୍ମା ଗାନ୍ଧୀ ଙ୍କ ବିରୋଧ ରେ ଅଶାଳୀନ ମନ୍ତବ୍ୟ ଦେଇଥିବା ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କ ବିରୁଦ୍ଧରେ ନୀଳଗିରି ଯୁବ ଛାତ୍ର କଂଗ୍ରେସ ର ବିକ୍ଷୋଭ ପ୍ରଦର୍ଶନ ଏବଂ କୁଶ ପୁତ୍ତଳିକା ଦାହ। ଏହି ବିକ୍ଷୋଭ ରେ ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ଅଶ୍ୱିନୀ କୁମାର ପାତ୍ର, ପୂର୍ବତନ ଜିଲ୍ଲା ଯୁବ କଂଗ୍ରେସ ଉପସଭାପତି ଆଦର୍ଶ ଗୌରବ ଦାସ, ପୂର୍ବତନ ଛାତ୍ର କଂଗ୍ରେସ ଜିଲ୍ଲା ସମ୍ପାଦକ ରଞ୍ଜିତ ପ୍ରଧାନ, ସୁରେନ୍ଦ୍ର ନାୟକ, ସୂର୍ଯ୍ୟକାନ୍ତ ଧୀର,ଯୋଗେଶ୍ୱର ବେହେରା,ଚନ୍ଦ୍ରକାନ୍ତ ରାଉତ, ଯଶବନ୍ତ୍ ରାଉତ, ପତିତ ପାବନ ଦାସ, ସତ୍ୟଜିତ ପ୍ରଧାନ, ଉମାଶଙ୍କର ଦାସ, ଜୟଦିପ ସ, ଶୁଭମ ଆଚାର୍ଯ୍ୟ, ସୂର୍ଯ୍ୟକାନ୍ତ ଦାସ, ଫିଲୋସ ସିଂହ, ଅଭିଜିତ ଜେନା, ପ୍ରଫୁଲ୍ଲ ଦାସ, ତୁଷାର ଦାସ ଓ ପରେଶ ପଣ୍ଡା ପ୍ରମୁଖ ସାମିଲ ଥିଲେ।

## ବିଦ୍ୟାଳୟ ପରିଚାଳନା କମିଟି ବୈଠକ

**ନବରଙ୍ଗପୁର,୫।୧୨ (ସଂଚାର ବ୍ୟୁରୋ):** ହିର୍ଲି ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଠାରେ ବିଦ୍ୟାଳୟ ପରିଚାଳନା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଡ. ମହେଶ୍ୱର ସ୍ୱାଇଁ ଜିଲ୍ଲାପାଳ ନବରଙ୍ଗପୁର ଅଧକ୍ଷତା କରିଥିଲେ । ଅଧକ୍ଷା ସୁଭାଷିନୀ ସାହୁ ବିଦ୍ୟାଳୟର ବିଭିନ୍ନ କୃତି ଛାତ୍ରଛାତ୍ରୀମାନଙ୍କ ସଫଳତା, ବିଭିନ୍ନ ସମସ୍ୟା, ପରିଚ୍ଛନତା, ଆର୍ଥିକ ବଜେଟ୍ ଉପରେ ସଂପୂର୍ଣ୍ଣ ବିବରଣୀ ଉପସ୍ଥାପନା କରିଥିଲେ। ବୈଠକ ଶେଷରେ ଜିଲ୍ଲାପାଳଙ୍କ ସହିତ ସମସ୍ତ ସଦସ୍ୟ ଛାତ୍ରାବାସ ପରିଦର୍ଶନ କରି ଛାତ୍ରମାନଙ୍କ ସହ ଆଲୋଚନା କରି ସେମାନଙ୍କୁ ମିଳୁଥିବା ବିଭିନ୍ନ ସୁବିଧା ବିଷୟରେ ଆଲୋଚନା କରି ସନ୍ତୋଷ ପ୍ରକାଶ କରିଥିଲେ। ଛାତ୍ରମାନଙ୍କୁ ରାତିରେ ମଶାରି ଟାଣି ଶୋଇବା ପାଇଁ ପରାମର୍ଶ ଦେଇଥିଲେ।




## ଶିଶିଲୋରେ ମହାଲକ୍ଷ୍ମୀ ପୂଜା



**ବାଲିଅନ୍ତା,୫।୧୨ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ୍ ଅନ୍ତର୍ଗତ ଶିଶିଲୋ ବଜାର ଠାରେ କଳ୍ପବଟ ସାଂସ୍କୃତିକ ଅନୁଷ୍ଠାନର ୨୫ତମ ମହାଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଅଛି। ବୁଧବାର ୨ଟା ସମୟରେ ସୁଭାଧିବାସ ନିତି ଅନୁଷ୍ଠିତ ହୋଇ ଗୁରୁବାର ପ୍ରାତଃରୁ ମା'ଙ୍କର ଯଥା ରିତି ନିତି ଅନୁଯାୟୀ ପୂଜା କାର୍ଯ୍ୟ ପଣ୍ଡିତ କାର୍ତ୍ତିକ ଚନ୍ଦ୍ର ଦାସଙ୍କ ଏବଂ ପୂଜାର ପୁରୋଧା ବେଣୁଧର ସେନାପତିଙ୍କ ଦ୍ୱାରା ସଂପାଦନ କରାଯାଉଅଛି। ଶିଶିଲୋ ବଜାର କମିଟିର ସହଯୋଗରେ ଦୀର୍ଘ୨୫ ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ଏହି ସାସ୍କୃତିକ ଅନୁଷ୍ଠାନ ତରଫରୁ ଅନୁଷ୍ଠାନର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଚଳିତ ବର୍ଷର ପୂଜା କାର୍ଯ୍ୟକ୍ରମ ୫ ଦିନ ବ୍ୟାପି ପାଳନ କରାଯିବ। ଏହି ଦିବସ ଗୁଡ଼ିକର ପ୍ରତ୍ୟେକ ସଂଧାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଅଛି। ରବିବାର ଦିନ ଭଷାଣୀ ଉତ୍ସବ ହେବ।

# ମଣ୍ଡି ଖୋଲିନି, ଗାଁ ଗାଁ'ରେ ମାତିଲେଣି ଦଲାଲ

**କଟନି ଛଟନି ଭୟରେ ଚାଷୀ ବିକୁଛନ୍ତି**



**କାକଟପୁର/ଅସ୍ତରଙ୍ଗ,୫।୧୨ (ସଂଚାର ବ୍ୟୁରୋ):** ଧାନ କଟା ଅଧା ହେଲାଣି। କିଛି ଦିନ ହେଲା କୋହଲା ପାଗ ଓ ହାଲୁକା ବର୍ଷାକୁ ନେଇ ଚାଷୀମାନେ ସାମାନ୍ୟ ଚିନ୍ତାରେ ଅଛନ୍ତି। କିନ୍ତୁ ମଣ୍ଡି ଖୋଲିବାକୁ ନେଇ ସେମାନଙ୍କ ଚିନ୍ତା ଅଧିକ ରହିଛି। ଜାନୁଆରୀ ମାସରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଧାନ ମଣ୍ଡି ଖୋଲାଯିବ ବୋଲି ପ୍ରଶାସନିକ ସ୍ତରରେ ସୂଚନା ମିଳୁଛି। ମଣ୍ଡି ଖୋଲିବା ପରେ ଟୋକନ ପାଇଁ ଧାନ ବିକ୍ରି କରିବାକୁ ଚାଷୀମାନଙ୍କୁ ଆଉ କିଛି ଦିନ ଅଧିକ ସମୟ ଲାଗିପାରେ। ଏହା ଛଡା ଧାନ ଅମଳ ବେଳେ ବର୍ତ୍ତମାନ ଭଳି ପାଗ ରହିଲେ କିମ୍ବା ବର୍ଷା ହେଲେ ଧାନ ନଷ୍ଟହୋଇଯାଇ ଏହାର ରଙ୍ଗ ଖରାପ ହେବାର ଆଶଙ୍କା ରହିଛି। ଏହାକୁ ବିକ୍ରି କରିବାରେ ମଧ ସମସ୍ୟା ହୋଇପାରେ।

ଅନ୍ୟ ପଟେ ସରକାର ମନା କରୁଥିଲେ ବି କଟନି ଛଟନି ହୋଇପାରେ ବୋଲି ମଧ ଚାଷୀମାନେ ଆଶଙ୍କା କରୁଛନ୍ତି। ସେହିପରି ମଣ୍ଡି ଖୋଲିବା ବିଳମ୍ବହେଲେ ଚାଷୀମାନେ ଖୋଲା ବଜାରରେ ବ୍ୟବସାୟୀ ମାନଙ୍କୁ ଶସ୍ତାରେ ଧାନ ବିକ୍ରି କରିବାକୁ ବାଧ ହେବେ। ଏମିତି ପ୍ରାୟ ପ୍ରତିବର୍ଷ ହୋଇଥାଏ। ଗତ ଖରିଫ ଋତୁରେ ମଧ ଚାଷୀ ମାନେ ବ୍ୟବସାୟୀଙ୍କୁ କମ୍ ଦରରେ ଧାନବିକ୍ରି କରିଛନ୍ତି। ଗତ କିଛି ମାସ ତଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତରେ ସଅଳ କିସମ ଧାନ କୁଇଣ୍ଟାଲ ପ୍ରତି ମାତ୍ର ୧୬ଶହରୁ ୧୭ଟଙ୍କାରେ ଚାଷୀ ବିକ୍ରି କଲେ। ମଣ୍ଡି ଖୋଲିନଥିବାରୁ ଏବଂ ବେଗୁନିଆବସ୍ତ ଗ୍ରାମର ଚାଷୀ ଜମିରେ ଶୀତ ଦିନିଆଁ ପନିପରିବା ଚାଷ କରିବା ପାଇଁ ଅର୍ଥର ଆବଶ୍ୟକତା ରହିଥିବାରୁ ଚାଷୀ ବାଧ ହୋଇ କମ୍ ଦରରେ ଧାନ ବିକ୍ରି କରିଥିଲେ।

ରାଜ୍ୟ ସରକାର ବଦଳିବା ପରେ ଧାନ ଚାଷୀ ମାନଙ୍କୁ କୁଇଣ୍ଟାଲ ପ୍ରତି ୮ଶହ ଟଙ୍କାର ବୋନସ ଘୋଷଣା କରିବା ପରେ ଚାଷୀମାନଙ୍କ ମଧରେ ଆଶା ସଂଚାର ହୋଇଛି। ଧାନ ମଣ୍ଡି ଖୋଲିବାରେ ବିଳମ୍ବ ହେଲେ ଚାଷୀଙ୍କର ଏହି ଆଶା ଆଶାରେ ରହିଯିବ। ଚାଷୀମାନେ ବ୍ୟବସାୟୀଙ୍କୁ ଶସ୍ତାରେ ଧାନ ବିକ୍ରି କରି ଆର୍ଥିକ କ୍ଷତି ସହିବେ। ତେଣୁ ଯଥା ଶୀଘ୍ର ଧାନ ମଣ୍ଡି ଖୋଲିବାକୁ ଚାଷୀମାନେ ଦାବୀ କରିଛନ୍ତି।

## ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ



**ଫୁଲବାଣୀ,୫।୧୨ (ସଂଚାର ବ୍ୟୁରୋ):** ଆଜି ଫୁଲବାଣୀ କାରାଗାର ପରିସରରେ ବାର୍ଷିକ କ୍ରୀଡା ଉତ୍ସବ ଉଦଘାଟିତ ହୋଇଯାଇଛି । ଏହା ୧୦ ଡିସେମ୍ବର ପର୍ଯ୍ୟନ୍ତ ଚାଲିବ । ଏହି ଅବସରରେ ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ଶ୍ରୀ ଗଦାଧର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଏବଂ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଅଧିକ୍ଷକ ବିରେନ୍ଦ୍ର ନାଥ ମହାଳି, ଜେଲର ଲାଲଟେନ୍ଦୁ ଭୂଷଣ ଦାସ, ଆଇନଜୀବୀ ଅଶୋକ କୁମାର ପ୍ରଧାନ, କାରାଗାର କଲ୍ୟାଣ ଅଧିକାରୀ ସତ୍ୟଜିତ ଦାସ ଯୋଗଦେଇଥିଲେ । ଏହି ଅବସରରେ ପୁରୁଷ ବର୍ଗରେ କ୍ୟାରମ, ବେଙ୍ଗ ଦୌଡ, ଚେସ ଇତ୍ୟାଦି ଓ ମହିଳା ବର୍ଗରେ ଝୁଟି, ପୁଚି, ଜଳପରି ଦୌଡ, ମ୍ୟୁଜିକ୍ ଚେୟାର ଇତ୍ୟାଦି କ୍ରୀଡ଼ାରେ କାରାଗାର ଅନ୍ତେବାସୀମାନେ ବହୁ ଉତ୍ସାହର ସହ ଭାଗ ନେଇଥିଲେ ।

**AFFIDAVIT**

I, Vijayakumar A, Army No 15334581A Rank Havildar, S/o Arjunan residing at Vill - Veera Koil Mottur, Post - Erumbi, Teh - RK Pet, Dist - Thiruvallur, State - Tamil Nadu, Pin-631302 have changed my daughter's name from V RISHMITHA to RISHMITHA V in my Army Service Record, vide affidavit dated 03 Dec 2025 before The Executive Magistrate, Bhubaneswar, Odisha.



ରାଜ୍ୟ ଅତିଥି ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଶ୍ୱ ହିନ୍ଦୁ ପରିଷଦର ମୁଖପତ୍ର ' ହିନ୍ଦୁ ଶତାବ୍ଦୀ ' ଏବଂ ବିଶିଷ୍ଟ କବି ସୁକାନ୍ତ ତ୍ରିପାଠୀଙ୍କ ରଚିତ ଦୁଇଟି କବିତା ସଂକଳନ 'ଗୀତି ମାଳା' ଓ ' ଭାରତ ଭାରତୀ' ଉନ୍ମୋଚନ କରୁଛନ୍ତି।

### ଝାରସୁଗୁଡ଼ାରେ ବ୍ୟବସାୟୀଙ୍କ ଘରୁ ଡକାୟତି ଘଟଣା

# ୫୦:୫୦ ଡିଲ୍‌କୁ ପୁଲିସର ଅସ୍ୱୀକାର

**ଭୁବନେଶ୍ୱର, ୫।୧୨ (ସଂଚାର ବ୍ୟୁରୋ) :** ଝାରସୁଗୁଡାରେ ଜଣେ ବ୍ୟବସାୟୀଙ୍କ ଘରୁ ୩୪ ଲକ୍ଷ ଟଙ୍କା ଓ ସୁନାଗହଣା ଡକାୟତି ହେବା ଏବଂ ୯ ଦିନ ପରେ କୋଟିଏ ୩୭ ଲକ୍ଷ ଟଙ୍କାର ସୁନା, ରୂପା ଓ କ୍ୟାସ ଜବତ ଘଟଣାରେ ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ ହୋଇଛି। ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ଯେ ବ୍ୟବସାୟୀ ଜଣକ ନିଜର ଲୁଟ ତଥ୍ୟ ନେଇ ପୁଲିସକୁ ଭୁଲ ତଥ୍ୟ ଦେଇ ବିଭ୍ରାନ୍ତ କରିବାକୁ ଚେଷ୍ଟା କରିଥିଲେ। ପୁଲିସ ମୁଖ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି ଯେ, ବ୍ୟବସାୟୀ ଜଣକ ଲୁଟ ନେଇ କାହିଁକି ପୁଲିସକୁ ବିଭ୍ରାନ୍ତ କରୁଥିଲେ ସେନେଇ ଅନୁସନ୍ଧାନ ଆରମ୍ଭ ହୋଇଛି। ଏହି ଘଟଣାରେ ୫୦:୫୦ ଡିଲ ଅଭିଯୋଗକୁ

**ପୁଲିସକୁ ବିଭ୍ରାନ୍ତ କରୁଥିଲେ କି ବ୍ୟବସାୟୀ ?**

ସେ ଅସ୍ୱୀକାର କରିଛନ୍ତି। ସେପଟେ ଏହି ଡକାୟତି ଘଟଣା ପୋଲିସ ପାଇଁ



ଚିନ୍ତାର କାରଣ ହୋଇଛି। ୧୯ ତାରିଖ ରାତିରେ ଘଟିଥିବା ଘଟଣାର ୧୪ ଘଣ୍ଟା ପରେ ବ୍ୟବସାୟୀ ମୁକେଶ ବଚଓ୍ୱାନୀ କାହିଁକି ଥାନାରେ ଅଭିଯୋଗ କଲେ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବ୍ୟବସାୟୀଙ୍କ କାର୍ଯ୍ୟ ସନ୍ଦେହଜନକ ଥିବାରୁ ଝାରସୁଗୁଡା ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ତଦନ୍ତରେ ସମ୍ପୃକ୍ତ ବ୍ୟବସାୟୀ ପୁଲିସକୁ ଉଦ୍ଦେଶ୍ୟମୂଳକ ଭାବେ ଦିଗହରା କରିବାକୁ ଚେଷ୍ଟା କରୁଥିବା ପ୍ରମାଣିତ ହେଲେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବାର ସମ୍ଭାବନା ରହିଛି।

### ଆତଙ୍କରେ ସଂଖ୍ୟାଲଘୁ

## ମୁଖ୍ୟମନ୍ତ୍ରୀଙ୍କ ବିବୃତି ଦାବିକଲେ ରାଜା

**ଭୁବନେଶ୍ୱର,୫।୧୨(ସଂଚାର ବ୍ୟୁରୋ):** ରାଜ୍ୟରେ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ବଢ଼ିଛି। ଧର୍ମ ଆଧାରରେ ଲୋକଙ୍କ ଉପରେ ଜୁଲୁମ କରାଯାଉଛି। ଚିତ୍ରକୁଣ୍ଡାର ଖାଇରିପୁଟ ଅଞ୍ଚଳରେ ଗତମାସ ୧୬ ତାରିଖରେ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ବ୍ୟକ୍ତିମାନେ ପ୍ରାର୍ଥନା କରୁଥିବା ବେଳେ କିଛି ଖଳ ବ୍ୟକ୍ତିବିଶେଷ ଚର୍ଚ୍ଚକୁ ପ୍ରବେଶ କରି ତାଙ୍କ ଉପରେ ଆକ୍ରମଣ କରିବା ସହ ଚର୍ଚ୍ଚକୁ ଭଙ୍ଗାରୁଜା କରିଥିଲେ। ଏ ଘଟଣାକୁ ପାଖ ଥାନାରେ ଏତଲା ଦେଇଥିଲେ ମଧ୍ୟ ଏଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ମାଲକାନଗିରି ଏସପି ମଧ୍ୟ ଚୁପ ରହିଛନ୍ତି। ଫଳରେ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକ ଓ କିଛି ସଂଗଠନ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ନ୍ୟାୟ ମାଗିଥିଲେ। ହେଲେ ତାଙ୍କୁ ନ୍ୟାୟ ତ ମିଳିଲାନି କିନ୍ତୁ ତାଙ୍କ ଜୀବନ ଏବେ ବିପଦରେ ପଡିଛି। ଯାହା ଫଳରେ ନିଜ ଗାଁ ଛାଡି ଅନ୍ୟ ସ୍ଥାନରେ ଶରଣ ନେଇଛନ୍ତି। ଗତକାଲି ମୁଖ୍ୟମନ୍ତ୍ରୀ ଗୃହରେ ଧର୍ମ ନିରପେକ୍ଷ କଥା କହୁଥିଲେ। କିନ୍ତୁ କାହିଁକି ରାଜ୍ୟରେ ସାମ୍ପ୍ରଦାୟିକ ସ୍ଥିତି ଉପୁଜୁଛି, ଏ ସଂକ୍ରାନ୍ତରେ ବାଚସ୍ପତିଙ୍କ ରୁଲିଂ ଦାବି କରିବା ସହ ଗୃହରେ ମୁଖ୍ୟମନ୍ତ୍ରୀ ବିବୃତି ରଖିବାକୁ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ରାଜା) ଦାବି କରିଛନ୍ତି।

### ବାରବାଟୀ ଟି-୨୦ ମ୍ୟାଚ

## ଟ୍ୱିନସିଟିରେ ୭୯ ପ୍ଲାଟୁନ ଫୋର୍ସ ମୁତୟନ



**ଭୁବନେଶ୍ୱର ୫।୧୨(ସଂଚାର ବ୍ୟୁରୋ):** କଟକ ବାରବାଟୀରେ ଭାରତ ଓ ଦକ୍ଷିଣ ଆଫ୍ରିକା ଟି-୨୦ ମ୍ୟାଚ୍ ପାଇଁ ପୁଲିସର ବ୍ୟାପକ ପ୍ରସ୍ତୁତି ହୋଇଛି। ଏ ନେଇ ସାମ୍ବାଦିକ ସମ୍ମିଳନୀରେ ପୁଲିସ କମିଶନର ଏସ୍. ଦେବଦତ୍ତ ସିଂହ ସୂଚନା ଦେଇଛନ୍ତି। ଶୁକ୍ରବାର କଟକରେ ଅଫଲାଇନ୍ ଟିକେଟ୍ ବିକ୍ରି ହୋଇଛି। ଅଧିକ ଲୋକ ଥିବାରୁ ଶୃଙ୍ଖଳାର ସହ ଟିକେଟ୍ ବିକ୍ରି ଚାଲିଛି। ପୁଲିସ ବ୍ୟାପକ ବ୍ୟବସ୍ଥା କରିଛି। ଶୁକ୍ରବାର କିଛି ଖେଳାଳି ଆସିବେ। ଶନିବାର ବି କିଛି ଖେଳାଳି ଆସିବେ। ଖେଳାଳିଙ୍କ ପାଇଁ ଭୁବନେଶ୍ୱରରେ ୨୨ ପ୍ଲାଟୁନ ପୁଲିସ ଫୋର୍ସ, କଟକରେ ୫୭ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଏହାସହ କଟକରେ ଆର୍ମ ପୁଲିସ ଫୋର୍ସ ମଧ୍ୟ ମୁତୟନ କରାଯିବ। ୪୨୦ରୁ ଅଧିକ ହାବିଲଦାର ଏବଂ କନେଷ୍ଟବଳ ସହ ୪୧୧ଜଣ ପୋଲିସ ଅଧିକାରୀ ଦାୟିତ୍ୱ ନେବେ। ସେହିପରି ଭୁବନେଶ୍ୱରରେ ମଧ୍ୟ ୧୧୧ଜଣ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ଖେଳାଳିଙ୍କ ପାଇଁ ସ୍ୱତନ୍ତ୍ର ଟ୍ରାଫିକ୍ ବ୍ୟବସ୍ଥା, ରୁଟ୍ ଲାଇନ ସବୁ କିଛି ବ୍ୟବସ୍ଥା କରାଯାଇଛି। ସହରବାସୀଙ୍କ ପାଇଁ ଟ୍ରାଫିକ୍ ଆଡଭାଇଜରୀ ଜାରି କରାଯିବା ସହ ସମସ୍ତେ ଶୃଙ୍ଖଳିତ ଭାବେ ନିୟମ ମାନି ଖେଳ ଉପଭୋଗ କରିବାକୁ ଅପିଲ୍ କରିଛନ୍ତି ପୁଲିସ କମିଶନର।

### ଚତୁର୍ଥ ଶ୍ରେଣୀ ଛାତ୍ରର ଗୋଡ଼ରେ ବେଡ଼ି

## ନିଲମ୍ବିତ ହେଲେ ଦୁଇ ଶିକ୍ଷକ



**ନୀଳଗିରି,୫।୧୨ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ବେଗୁନିଆ ପଞ୍ଚାୟତ ବେଗୁନିଆ ୟୁଜିୟୁପି ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ ଛାତ୍ର ମଳୟ ସିଂଙ୍କର ଗୋଡ଼ରେ ବେଡ଼ି ପକାଇବା ଘଟଣାରେ ଜିଲ୍ଲା ପ୍ରଶାସନ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଇଛି। ଏହି ଘଟଣାକୁ ଗମ୍ଭୀରତାର ସହିତ ନେଇ ଅମାନବୀୟ କାମ କରିଥିବା ଦୁଇ ଜଣ ଶିକ୍ଷକଙ୍କୁ ଶିକ୍ଷା ବିଭାଗ ନିଲମ୍ବିତ କରିଛି। ନିଲମ୍ବିତ ହୋଇଛନ୍ତି ପ୍ରଧାନଶିକ୍ଷକ ରଗୁନାଥ ବୁଗୁଡ଼ାଇ ଓ ସହକାରୀ ଶିକ୍ଷକ ଯତୀନ ପରିଡ଼ା। ବ୍ଲକ ଶିକ୍ଷା ଅଧିକାରୀ ସତ୍ୟ ନାରାୟଣ ଭୂୟା ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶ ଘଟଣାର ତଦନ୍ତ ଏବଂ ରିପୋର୍ଟ ଦାଖଲ କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲ୍ଲାପାଳ ମଧୁସ୍ମିତା ସାମନ୍ତରାୟ, ଜିଲ୍ଲା ମଙ୍ଗଳ ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀ ସତ୍ୟ ନାରାୟଣ ଭୂୟାଙ୍କୁ ନେଇ ଏକ ଯାଞ୍ଚ କମିଟି ଗଠନ କରାଯାଇଥିଲା। ଏହି କମିଟି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ରିପୋର୍ଟ ଦାଖଲ କରିଥିଲେ। ତଦନ୍ତ ଆଧାରରେ ପ୍ରଶସନ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ସୂଚନାଯୋଗ୍ୟ, ବେଗୁନିଆ ୟୁଜିୟୁପି ବିଦ୍ୟାଳୟ ହଷ୍ଟେଲରେ ନିକଟବର୍ତ୍ତୀ କମ୍ପାରଖଲିଆ ଗ୍ରାମର ମଳୟ ସିଂ ନାମକ ଚତୁର୍ଥ ଶ୍ରେଣୀର ଛାତ୍ର ଏକ ଲୁହା ଜଞ୍ଜିରରେ ବନ୍ଧାହୋଇଥିବା ଭିଡିଓ ଭାଇରାଲ ହେବାପରେ ସ୍ଥାନୀୟ ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଉକ୍ତ ଘଟଣା ଜାଣି ବାଲେଶ୍ୱର ଜିଲ୍ଲାପାଳ, ଜିଲ୍ଲାମଙ୍ଗଳ ଅଧିକାରୀ ଏବଂ ନୀଳଗିରି ଉପଜିଲ୍ଲାପାଳଙ୍କୁ ଅବଗତକରି ଏଭଳି ନିନ୍ଦନୀୟ, କାଣ୍ଡପାଇଁ ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଛାତ୍ର ଜଣକ ବାରମ୍ବାର ହଷ୍ଟେଲରୁ ଲୁଚି ଘରକୁ ପଳାଇ ଯାଉଥିବାରୁ ତାକୁ ବାନ୍ଧି ଦେଇଥିବା ହଷ୍ଟେଲ ଭାଇ ସମ୍ବୋଧନ କରୁଥିବା ବାଳକ ଜଣକ ଭିଡିଓରେ କହୁଥିବା ଜଣାଯାଇଛି। ସରକାର ବିଦ୍ୟାଳୟଗୁଡ଼ିକୁ ଦଣ୍ଡମୁକ୍ତ ଘୋଷଣା କରିଥିବା ବେଳେ ୧୦ଦିନ ଧରି ଛାତ୍ରକୁ ବେଡ଼ି ପକାଇ ରଖିବା ମାନବୀୟ ଉଲ୍ଲଂଘନ ବୋଲି ବୁଦ୍ଧିଜୀବୀମାନେ କହୁଥିବା ବେଳେ ପିଲାର ବାପା ଏପରି ଦୁଷ୍ଟାମି ପାଇଁ ବାନ୍ଧି ରଖିବାକୁ କହିଥିବା ହଷ୍ଟେଲ ଚାର୍ଜରେ ଥିବା ଶିକ୍ଷକ କହିଛନ୍ତି।

## ପୋଖରୀରେ ବିଷ, ପାଣିରେ ଭାସୁଛି କ୍ୱିଣ୍ଟାଲ କ୍ୱିଣ୍ଟାଲ ମାଛ



**ବିନିକା,୫।୧୨(ସଂଚାର ବ୍ୟୁରୋ) :** ପୋଖରୀରେ ବିଷ। ପାଣିରେ ଭାସୁଛି କ୍ୱିଣ୍ଟାଲ କ୍ୱିଣ୍ଟାଲ ମାଛ। ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ୍ ସିଂହିଯୁବା ପଞ୍ଚାୟତ ଖଇରମାଲ ଗାଁର କିଛି ଯୁବକ ଅନ୍ନପୂର୍ଣ୍ଣା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଠାରୁ ୪ ଲକ୍ଷ ୨୦ ହଜାର ଟଙ୍କା ଦେଇ ଠିକାରେ ମାଛ ଚାଷ କରିବା ପାଇଁ ପୋଖରୀ ଆଣିଥିଲେ। ପୋଖରୀରେ ୪ଲକ୍ଷ ୮୦ ହଜାର ଯାଆଁଳ ଛାଡିଥିଲେ। ମାତ୍ର କେହି ପୋଖରୀରେ ବିଷ ପ୍ରୟୋଗ କରିବାରୁ ମାଛ ସବୁ ମରି ପାଣିରେ ଭାସୁଛି। ଯୁବକମାନେ ବିନିକା ଥାନାରେ ଅଭିଯୋଗ କରିବା ପରେ ବିନିକା ପୁଲିସ ତଦନ୍ତ ଆରମ୍ଭ କରିଛି।

## ଲାଞ୍ଚନେଇ ଧରାପଡ଼ିଲେ ଫରେଷ୍ଟର

### ଦୁଇଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚାଲିଛି ଚଢ଼ାଉ



**ଝାରସୁଗୁଡ଼ା, ୫।୧୨(ସଂଚାର ବ୍ୟୁରୋ):** ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ରେଞ୍ଜ ବନ୍ଧବାହାଲ ସେକ୍ସନର ଫରେଷ୍ଟର ଗୌରାଙ୍ଗ ସାହୁ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ଜଣେ ବ୍ୟକ୍ତି ତାଙ୍କ ଜମିରେ ଥିବା କିଛି ଶୁଖିଲା ୟୁକାଲପଟାସ ଗଛକୁ କାଟି ଅନ୍ୟତ୍ର ପଠାଇବା ପାଇଁ ଅନୁମତି ଦେବାକୁ ଫରେଷ୍ଟର ଗୌରାଙ୍ଗ ସାହୁଙ୍କ ନିକଟରେ ଆବେଦନ କରିଥିଲେ। ହେଲେ ଏଥିପାଇଁ ଅନୁମତି ଦେବାକୁ ଫରେଷ୍ଟର ଶ୍ରୀ ସାହୁ ତାଙ୍କୁ ୫୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଏହା ପରେ ସେହି ବ୍ୟକ୍ତି ଜଣଙ୍କ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ଅନୁସାରେ ବ୍ୟକ୍ତି ଜଣଙ୍କ ଆଜି ଫରେଷ୍ଟର ଶ୍ରୀ ସାହୁଙ୍କୁ ତାଙ୍କ କାର୍ଯ୍ୟାଳୟ ପରିସରରେ ଭେଟି ୫୦୦୦ ଟଙ୍କା ଦେଇଥିଲେ। ଫରେଷ୍ଟର ଲାଞ୍ଚ ଅର୍ଥ ଗ୍ରହଣ କରିବା ପରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା। ଭିଜିଲାନ୍ସ ଟିମ୍‌କୁ ଦେଖି ସେଠାରୁ ଦୌଡ଼ି ପଳାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲେ ଫରେଷ୍ଟର ଶ୍ରୀ ସାହୁ। ଭିଜିଲାନ୍ସ ଅଧିକାରୀମାନେ ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରିଥିଲେ। ଫରେଷ୍ଟର ଶ୍ରୀ ସାହୁ ଲାଞ୍ଚ ନେଇ ଧରାପଡ଼ିବା ପରେ ତାଙ୍କର ଦୁଇଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଏହି ଚଢ଼ାଉ କରାଯାଇଥିଲା। ଏହି ଘଟଣା ନେଇ ରାଉରକେଲା ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ ହୋଇଛି। ଭିଜିଲାନ୍ସ ପକ୍ଷରୁ ଏହାର ତଦନ୍ତ ଜାରି ରହିଛି।

## ୩ ବାଇକ୍ ଆରୋହୀଙ୍କୁ ଚାପିଦେଲା ଟ୍ରକ୍

**ବଡ଼ବିଲ,୫।୧୨(ସଂଚାର ବ୍ୟୁରୋ):** ରାଜପଥରେ ଚାପିଦେଲା ଟ୍ରକ୍। ଅକାଳରେ ଚାଲିଗଲା ୩ ଜଣଙ୍କ ଜୀବନ। ଶୁକ୍ରବାର ଯୋଡ଼ା ଥାନା ଏନଏଚ୍- ୫୨୦ ଲହଣ୍ଡା ନିକଟରେ ଘଟିଛି ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ପୁଲିସ ମୃତଦେହ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଜାରି ରଖିଛି। ସୂଚନା ଅନୁସାରେ, ଶୁକ୍ରବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ଟା ସମୟରେ ଏହି ଦୁଃଖଦ ଘଟଣା ଘଟିଛି। ୩ ଜଣ ବ୍ୟକ୍ତି ଏକ ବାଇକରେ ଯୋଡ଼ା ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଯାଉଥିବା ଏକ ଟ୍ରକ ସେମାନଙ୍କୁ ଧକ୍କା ଦେଇ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ସେମାନଙ୍କର ମୃତ୍ୟୁ ଘଟିଥିଲା । ଏଯାଏ ମୃତକଙ୍କ ପରିଚୟ ମିଳପାରିନାହିଁ। ଖବର ପାଇ ଯୋଡ଼ା ପୁଲିସ୍ ଘଟଣାସ୍ଥଳରୁ ମୃତଦେହକୁ ଉଠାଇ ଯୋଡ଼ା ମେଡ଼ିକାଲକୁ ପଠାଇଛି। ସେପଟେ ଦୁର୍ଘଟଣା ଘଟାଇ ପଳାଉଥିବା ବେଳେ ଟ୍ରକଟି କରଣ ସାହି ନିକଟରୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖାଯାଇଛି।

## ରାଜ୍ୟସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ୨୦୨୫ ପାଳିତ



**ଭୁବନେଶ୍ୱର,୫।୧୨(ସଂଚାର ବ୍ୟୁରୋ):** ରାଜ୍ୟସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳନ ୨୦୨୫ ଡିସେମ୍ବର ୫, ୨୦୨୫ରେ କୃଷି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ବିଶ୍ୱ ମୃତ୍ତିକା ଦିବସର ବିଶ୍ୱସ୍ତରୀୟ ପାଳନକୁ ଚିହ୍ନିତ କରିବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏ ବର୍ଷର ବିଷୟବସ୍ତୁ ଥିଲା 'ସୁସ୍ଥ ସହର ପାଇଁ ସୁସ୍ଥ ମୃତ୍ତିକା'। ମୃତ୍ତିକା ସ୍ୱାସ୍ଥ୍ୟ କିପରି ସହରାଞ୍ଚଳରେ ଖାଦ୍ୟ ନିରାପତ୍ତା, ପରିବେଶ ସନ୍ତୁଳନ, ପରିଷ୍କାର ବାୟୁ, ବିଶୁଦ୍ଧ ଜଳ ଏବଂ ଉନ୍ନତ ଜୀବନଶୈଳୀ ସୁନିଶ୍ଚିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଉପମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି କନକ ବର୍ଦ୍ଧନ ସିଂହଦେଓ ଅଭିଭାଷଣରେ ଭବିଷ୍ୟତ ପିଢ଼ି ପାଇଁ ମୃତ୍ତିକାର ଉର୍ବରତାକୁ ରକ୍ଷା କରିବା ନିମନ୍ତେ ରାସାୟନିକ ସାମଗ୍ରୀର ହ୍ରାସ, ଜୈବିକ ପଦାର୍ଥର ପ୍ରୋତ୍ସାହନ ଏବଂ ପ୍ରାକୃତିକ ତଥା ଜଳବାୟୁ-ସହନଶୀଳ କୃଷି କୌଶଳର ବ୍ୟାପକ ପ୍ରଚଳନ ଭଳି ସ୍ଥାୟୀ ଅଭ୍ୟାସ ଗ୍ରହଣ କରିବାକୁ କୃଷକ, ବୈଜ୍ଞାନିକ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କୁ ଆହ୍ୱାନ ଦେଇଥିଲେ।

କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ ରାଜ୍ୟରେ ମୃତ୍ତିକା ପରୀକ୍ଷଣ ସୁବିଧାକୁ ଦୃଢ଼ କରିବା ପାଇଁ ସରକାରଙ୍କ ପ୍ରୟାସ ଉପରେ ଆଲୋକପାତ କରିଥିଲେ । କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ, ଶୁଭମ ସକ୍ସେନା ସ୍ୱାଗତ ଅଭିଭାଷଣ ପ୍ରଦାନ କରି ବିଷୟବସ୍ତୁର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶ୍ୱ ମୃତ୍ତିକା ଦିବସ ୨୦୨୫ ଉପରେ ଏକ ବୃତ୍ତଚିତ୍ର ପ୍ରଦର୍ଶିତ ହେବା ସହିତ ମାନୁଆଲ୍ ଅନ୍ ଆଗ୍ରିକଲଚରାଲ୍ ପ୍ରଡକ୍ସନ୍ ଟେକ୍ନୋଲୋଜି - ରବି ୨୦୨୫-୨୬ ପୁସ୍ତିକାର ଉନ୍ମୋଚନ ଅତିଥିମାନଙ୍କ ଦ୍ୱାରା କରାଯାଇଥିଲା ।

ବୈଜ୍ଞାନିକ ଉପାୟରେ ମୃତ୍ତିକାରେ ଉପଲବ୍ଧ ପୋଷକ ତତ୍ତ୍ୱ ପରିଚାଳନାକୁ ପ୍ରୋତ୍ସାହିତ କରିବା ପାଇଁ କୃଷକମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା ଏବଂ କୃଷି ସମ୍ପର୍କିତ ପ୍ରଦର୍ଶନୀକୁ ଉଦଘାଟନ କରାଯାଇଛି ।

## ବିଶ୍ୱବିଦ୍ୟାଳୟର ବିକଳ ଚିତ୍ର



**ଭୁବନେଶ୍ୱର, ୫।୧୨ (ସଂଚାର ବ୍ୟୁରୋ):** ରାଜ୍ୟର ବିଶ୍ୱବିଦ୍ୟାଳୟରେ ପ୍ରାଧ୍ୟାପକ ମରୁଡ଼ି। ଖାଲି ପଡିଛି ୧୪୩୦ ପଦବୀ। ଏଥିରୁ ୨୬୧ ପ୍ରାଧ୍ୟାପକ, ୪୫୯ ସହଯୋଗୀ ପ୍ରାଧ୍ୟାପକ ଓ ୭୧୦ ସହକାରୀ ପ୍ରାଧ୍ୟାପକ ପଦବୀ ଖାଲି ପଡିଛି। ୧୪ଟି ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତି ପ୍ରକ୍ରିୟା ଜାରି ରହିଥିବା ବେଳେ ୬ଟି ବିଶ୍ୱବିଦ୍ୟାଳୟର ଆଶାୟୀ କୁଳପତିମାନଙ୍କ ସାକ୍ଷତକାର କାର୍ଯ୍ୟକ୍ରମ ବି ସରିଛି। ହେଲେ ସେମାନଙ୍କୁ ନିଯୁକ୍ତି ମିଳିନି। ସେପଟେ ସରକାରୀ ମହାବିଦ୍ୟାଳୟରେ ୫୬୬ ଅଧ୍ୟାପକ ପଦବୀ ଖାଲି ପଡିଛି। ୩୮୫ ପଦବୀ ପାଇଁ ଓପିଏସସି ବିଜ୍ଞାପନ ଜାରି କରିଥିଲା। ତାହାର ଚୟନ ପ୍ରକ୍ରିୟା ଏଯାଏଁ ସରିନି। ୩୦୪ ଅଧ୍ୟାପକ ପଦବୀ ପୂରଣ ପାଇଁ ଓପିଏସସିକୁ ଅନୁରୋଧ କରିଛନ୍ତି ସରକାର। ରାଜ୍ୟର ବେସରକାରୀ ଅନୁଦାନପ୍ରାପ୍ତ କଲେଜ ଗୁଡ଼ିକରେ ମଧ୍ୟ ୧୬୮୯ ଅଧ୍ୟାପକ ପଦବୀ ଖାଲି ପଡିଛି। ୩୦୦ ଅଧ୍ୟାପକ ଡେପୁଟେସନରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ କାମ କରୁଛନ୍ତି। ଗୃହରେ ଲିଖିତ ଉତ୍ତରରେ ଏହି ସୂଚନା ଦେଇଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

## ୮ମଶ୍ରେଣୀ ଛାତ୍ରକୁ ନିର୍ଘାତ ମାଡ଼

### ● ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ପରେ କାର୍ଯ୍ୟାନୁଷ୍ଠାନ

**ନୟାଗଡ଼, ୫।୧୨ (ସଂଚାର ବ୍ୟୁରୋ) :** ଦଶପଲ୍ଲା ବାରପୁରିକିଆସ୍ଥିତ ଘରୋଇ ଶିକ୍ଷାନୁଷ୍ଠାନ ମହାବୀର ବିଦ୍ୟାମନ୍ଦିରର ଜଣେ ୮ମ ଶ୍ରେଣୀ ଛାତ୍ରଙ୍କୁ ରାତି ଅଧରେ ହଷ୍ଟେଲରୁ ଉଠାଇ ଆଣି ଅମାନୁଷିକ ଭାବେ ପ୍ଲାଷ୍ଟିକ୍ ପାଇପ୍ ଓ ବ୍ୟାଟ୍‌ରେ ମାଡ଼ ମାରି ଲହୁଲୁହାଣ କରିଛନ୍ତି ଦଶମ ଶ୍ରେଣୀର ୩ ଛାତ୍ର। ଘଟଣାଟି ପ୍ରାୟ ୨ ମାସ ତଳର ହୋଇଥିବା ବେଳେ ହଷ୍ଟେଲ କର୍ତ୍ତୃପକ୍ଷ ଆପୋସ ସମାଧାନ ଜରିଆରେ କଥାକୁ ଚାପି ଦେଇଥିଲେ। ତେବେ ଏହାର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବା ପରେ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ନୟାଗଡ଼ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ ଓ ଦଶପଲ୍ଲା ଥାନା ଅଧିକାରୀ ବିନୟ ରଞ୍ଜନ ପରିଡ଼ା ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଥିଲେ। ମାଡ଼ ମାରିଥିବା ୩ ଜଣ ୧୦ମ ଶ୍ରେଣୀ ଛାତ୍ରଙ୍କୁ ନୟାଗଡ଼ସ୍ଥିତ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ (ଜେଜେପି)ରେ ହାଜର କରିବା ପରେ ଅନୁଗୁଳସ୍ଥିତ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଛି। ଘଟଣାକୁ ନେଇ ଅଧିକ ତଦନ୍ତ ଚାଲିଥିବା ବେଳେ ହଷ୍ଟେଲ ମାଲିକ ରଶ୍ମିରଞ୍ଜନ ପଟ୍ଟନାୟକଙ୍କୁ ପଚରାଉଚରା ଚାଲିଥିବା ଥାନା ଅଧିକାରୀ ଶ୍ରୀ ପରିଡ଼ା ସୂଚନା ଦେଇଛନ୍ତି।



## ୩ ନାବାଳିକାଙ୍କୁ ରାଜସ୍ଥାନରେ ବିକ୍ରି

**ରାଉରକେଲା,୫।୧୨(ସଂଚାର ବ୍ୟୁରୋ):** ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ରେ ମାତିଛନ୍ତି ମାନବଚାଲାଣକାରୀ। ଅଧିକ ରୋଜଗାରର ଲୋଭ ଦେଖାଇ ଯୁବତୀ ଓ ନାବାଳିକାଙ୍କୁ ବାହାର ରାଜ୍ୟର ଦଲାଲ ହାତରେ ଟେକି ଦେଉଛନ୍ତି। ଯେଉଁଠି ନାବାଳିକାଙ୍କୁ ଦିଆଯାଉଛି ଅକଥନୀୟ ନିର୍ଯାତନା। ବିବାହ କରିବାକୁ ଦିଆଯାଉଛି ଧମକ। ରାଉରକେଲା ସେକ୍ଟର-୧୯ ଥାନା ଅନ୍ତର୍ଗତ ହମିରପୁର ଓ ସେକ୍ଟର-୩ ଅଧୀନ ଶକ୍ତିନଗର ଅଞ୍ଚଳରୁ ଆସିଛି ଏମିତି ଖବର। ମୋଟା ଅଙ୍କର ରୋଜଗାର ଲୋଭ ଦେଖାଇ ତିନି ନାବାଳିକାଙ୍କୁ କେରଳରେ କାମ କରିବାକୁ କହି ମହିଳା ଦଲାଲ ରାଜସ୍ଥାନର ଅନ୍ୟ ଏକ ଦଲାଲଙ୍କ ହାତରେ ଟେକି ଦେଇଛି। ସେଠାରେ କାମ କରିବା ପରିବର୍ତ୍ତେ ତିନି ନାବାଳିକାଙ୍କୁ ବିବାହ କରିବାକୁ ବାଧ୍ୟ କରାଯାଉଛି। ବିବାହ ପାଇଁ ରାଜି ହେଲେ ପରିବାରକୁ ଦୁଇଲକ୍ଷ ଟଙ୍କା ଦିଆଯିବ ବୋଲି କୁହାଯାଉଛି। ଏମିତି ଅଭିଯୋଗ କରିଛନ୍ତି ନାବାଳିକାଙ୍କ ମା'। ସେ କହିଛନ୍ତି, ତାଙ୍କୁ ଗତକାଲି ରାଜସ୍ଥାନର ଏକ ଅଜଣା ନମ୍ବରରୁ କଲ୍ ଆସିଥିଲା। କଲ୍ କରିଥିବା ଦଲାଲ ଜଣକ ରାଜସ୍ଥାନରୁ କହୁଛି ବୋଲି କହିଥିଲେ। ମହିଳାଙ୍କ ସହାୟତାରେ ଆସିଥିବା ତିନି ନାବାଳିକା ତାଙ୍କ ପାଖରେ ଅଛନ୍ତି। ସେମାନଙ୍କ ଫଟୋ ଓ ଆଧାରକାର୍ଡ ମଧ୍ୟ ଅଛି। ତୁମ ଝିଅ ଏଠାକାର ଯୁବକଙ୍କୁ ବାହା ହେବାକୁ ରାଜି ହେଲେ ଦୁଇ ଲକ୍ଷ ଟଙ୍କା ମିଳିବ। ଦଲାଲଙ୍କଠୁ ଏମିତି କଥା ଶୁଣିବା ପରେ ନାବାଳିକାଙ୍କ ମା' ଭୟଭୀତ ହୋଇ ଯାଇଥିଲେ। ଝିଅ ପାଖରେ ଥିବା ମୋବାଇଲକୁ କଲ୍ କରିଥିଲେ। ଝିଅ କଲ୍ ଉଠାଇଲା ପରେ କିଛି କହି ନ ପାରି କାନ୍ଦିଥିଲା। ତା'ପରେ କଲ୍ କଟିଯାଇଥିଲା। ମୋବାଇଲ ନମ୍ବର ଟ୍ରାକିଂରୁ ପାକ୍ ଅଧିକୃତ କାଶ୍ମୀର ଦେଖାଇବାରୁ ନାବାଳିକାଙ୍କ ମା'ଭୟଭୀତ ହୋଇ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ପରିବାର ପକ୍ଷରୁ ଏ ସମ୍ପର୍କରେ ସେକ୍ଟର-୧୯ ଓ ସେକ୍ଟର-୩ ଥାନାରେ ଲିଖିତ ଅଭିଯୋଗ କରାଯାଇଛି।

## ବିଜେପି ବିଧାୟକଙ୍କ ମନ୍ତବ୍ୟକୁ ଭକ୍ତଙ୍କ ନିନ୍ଦା



**ଭୁବନେଶ୍ୱର, ୫।୧୨(ସଂଚାର ବ୍ୟୁରୋ):** ମହାତ୍ମା ଗାନ୍ଧୀ ଙ୍କ ଅପମାନମାନେ ଏହା ରାଷ୍ଟ୍ର ଏବଂ ଦେଶବାସୀଙ୍କୁ ଅପମାନ। ଯଦି ଗାନ୍ଧୀଙ୍କ ପାଇଁ ସମ୍ମାନ ଅଛି ତେବେ ତୁରନ୍ତ ବିଜେପି ବିଧାୟକଙ୍କୁ ନିଲମ୍ବନ କରନ୍ତୁ। ମୁଖ୍ୟମନ୍ତ୍ରୀ ଦେଶବାସୀ ଏବଂ ରାଜ୍ୟବାସୀଙ୍କୁ କ୍ଷମା ମାଗନ୍ତୁ ବୋଲି ପିସିସି ସଭାପତି ଭକ୍ତ ଦାସ କହିଛନ୍ତି। ଦେଶରେ ଅର୍ଥନୀତିର ଭୟଙ୍କର ପତନ ହୋଇସାରିଲାଣି। ଟଙ୍କାର ମୂଲ୍ୟ ବହୁତ ଜୋରରେ ହ୍ରାସ ପାଇଛି। କିନ୍ତୁ ସରକାରଙ୍କ ଏ ବାବଦରେ କୌଣସି ଚିନ୍ତା ନାହିଁ। ଭାରତ ବର୍ଷ ଯେଉଁଭଳି ଶବଳ ହେଉଛି ବୋଲି ସରକାର କହୁଛନ୍ତି, ଏଥିରେ କିଛି ବି ସତ୍ୟତା ନାହିଁ। ଦେଶରେ ୨୦ଭାଗ ଲୋକଙ୍କ ପାଖରେ ଦେଶର ୮୦ ପ୍ରତିଶତ ଅର୍ଥ ରହିଛି। ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସମୟରେ ଯେତେ ବେଳେ ବିଶ୍ୱର ଅର୍ଥନୀତି ଦୁର୍ବଳ ହୋଇଥିଲା, ସେତେବେଳେ ଭାରତ ଅର୍ଥନୀତି ଶବଳ ରଖିବାରେ ସଫଳ ହୋଇଥିଲା। ଏହାକୁ କୁହନ୍ତି ମ୍ୟାନେଜମେଣ୍ଟ। କିନ୍ତୁ ଏବେ ଧନୀ ଅଧିକ ଧନୀ ହୋଇ ଯାଉଛି ଏବଂ ଗରିବ ଅଧିକ ଗରିବ। ଯେହେତୁ ସରକାର ଭୋଟ ଚୋରି କରି ଜିତୁଛନ୍ତି, ସେଥିପାଇଁ ଲୋକଙ୍କ ଦୁଃଖକଷ୍ଟ ତାଙ୍କୁ ଦେଖାଯାଉନାହିଁ।

## 'ଅତିରିକ୍ତ ସିକ୍ୟୁରିଟି ବିଜୁଳି ଗ୍ରାହକଙ୍କ ପାଇଁ ବୋଝ'

**ଭୁବନେଶ୍ୱର,୫।୧୨(ସଂଚାର ବ୍ୟୁରୋ):** ଟାଟା ପାୱାର ସେଣ୍ଟ୍ରାଲ ପକ୍ଷରୁ ଆଜି ବିଭିନ୍ନ ଖବର କାଗଜରେ ଏକ ବିଜ୍ଞାପନ ଦିଆଯାଇ ଅତିରିକ୍ତ ସିକ୍ୟୁରିଟି ବିଜୁଳି ଗ୍ରାହକଙ୍କ ଠାରୁ ଆଦାୟ କରାଯିବ ବୋଲି କୁହାଯାଇଛି। ଏହି ଅତିରିକ୍ତ ସିକ୍ୟୁରିଟି ଗ୍ରାହକଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ବୋଲି ଓଡିଶା ରାଜ୍ୟ ବିଦ୍ୟୁତ ଉପଭୋକ୍ତା ମହାସଂଘ ପକ୍ଷରୁ କୁହାଯାଇଛି। ମହାସଂଘର ଅଧ୍ୟକ୍ଷ ପଞ୍ଚାନନ କାନୁନଗୋ ଓ ସମ୍ପାଦକ ରବି ବେହେରା ଏକ ମିଳିତ ବିବୃତି ଦେଇ କହିଛନ୍ତି ଯେ, ଟାଟା ପାୱାରକୁ ସରକାର ବିଜୁଳି ସେବା ଟେକି ଦେଇଥିଲେ। ସେବା ଦେବା ବଦଳରେ ଟାଟା ପାୱାର ଓଡିଶାବାସୀଙ୍କୁ ଶୋଷଣ କରି ଚାଲିଛି। ବିଭିନ୍ନ ଆଳ ଦେଖାଇ ଟାଟା ଓଡିଶାର ଏକ କୋଟି ଏଗାର ଲକ୍ଷ ଗ୍ରାହକଙ୍କୁ ଶୋଷଣ କରୁଛି। ଅତିରିକ୍ତ ସିକ୍ୟୁରିଟି ସେହି ଶୋଷଣର ଅନ୍ୟ ଏକ ତରିକା ବୋଲି ଉଭୟ ନେତା କହିଛନ୍ତି। ସରକାର ତୁରନ୍ତ ହସ୍ତକ୍ଷେପ କରି ଏହି ଅତିରିକ୍ତ ସିକ୍ୟୁରିଟି ଆଦାୟକୁ ବନ୍ଦ କରନ୍ତୁ ତା ନ ହେଲେ ବିଜୁଳି ସେବାକୁ ନେଇ ଲୋକଙ୍କ ଭିତରେ ଯେଉଁ ଅସନ୍ତୋଷ ଲାଗି ରହିଛି ତାହା ଏକ ବିସ୍ଫୋରଣ ରୂପ ନେଇ ଏକ ବିରାଟ ଗଣ ଆନ୍ଦୋଳନକୁ ଜନ୍ମ ଦେବ, ଯେଉଁଥି ପାଇଁ ସରକାର ଓ ଟାଟା ପାୱାର ଦାୟୀ ରହିବେ ବୋଲି ସେମାନେ କହିଛନ୍ତି। ଆଗାମୀ ଦିନରେ ପରୀକ୍ଷା ଋତୁକୁ ଆଖିରେ ରଖି ନିରବଛିନ୍ନ ବିଜୁଳି ଯୋଗାଣ କରିବାକୁ ଉପଭୋକ୍ତା ମହାସଂଘ ଦାବି କରିଛି। ବିଜୁଳି ଆଇନ ୨୦୧୯ ଧାରା ୫୩୦୫୪ ଅନୁଯାଇ ଟାଟା ପାୱାର ସେଣ୍ଟ୍ରାଲ ଡିଭିଜନ ପକ୍ଷରୁ ସବୁ ଉପଭୋକ୍ତାଙ୍କ ଠାରୁ ଅତିରିକ୍ତ ସୁରକ୍ଷା ଜମା ଆଦାୟ କରାଯିବା ପାଇଁ ନୋଟିସ ଜାରି ହୋଇଛି। ଏହି ନୋଟିସ ଅନୁଯାଇ ଜଣେ ଉପଭୋକ୍ତାଙ୍କର ବାର୍ଷିକ ବିଜୁଳି ଦେୟର ହାରାହାରି ଶତକଡା ୧୦% ଅତିରିକ୍ତ ସୁରକ୍ଷା ଜମା ଭାବରେ ଦେବାକୁ ପଡିବ। ଏ ପରିକି ୨୦/୩୦ବର୍ଷ ତଳେ ବିଜୁଳି ସଂଯୋଗ ନେଇଥିଲେ ମଧ୍ୟ ଏହି ପଇସା ଦେବାକୁ ହେବ। ଏହା ଲୋକଙ୍କ ପାଇଁ ପିଟୁଣୀ ଟିକସ କହିଲେ ଅତ୍ୟୁକ୍ତି ହେବ ନାହିଁ। ଯଦି କେହି ନୋଟିସ ପାଇବାର ୩୦ ଦିନ ଭିତରେ ଦେୟ ପଇଠ ନ କରନ୍ତି ତା ହେଲେ ତାଙ୍କର ବିଜୁଳି କାଟି ଦିଆଯିବ।

**ଓଡ଼ିଶା ରାଜ୍ୟ ବିଦ୍ୟୁତ ଉପଭୋକ୍ତା ମହାସଂଘର ବିରୋଧ**




## ଲୁହାପଥର ବୋଝେଇ ଟ୍ରକ ଜବତ

**କେନ୍ଦୁଝର, ୫ ।୧୨ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଯୋଡ଼ାଥାନା ଅନ୍ତର୍ଗତ ବଡବିଲ ରେଞ୍ଜ ବିଲେଇପଦା ସେକ୍ସନ ଅନ୍ତର୍ଗତ ଠାକୁରାଣୀ ସଂରକ୍ଷିତ ଜଙ୍ଗଲରୁ ଚୋରା ଲୁହାପଥର ବୋଝେଇ କରୁଥିବା ସମୟରେ ବନବିଭାଗ ପକ୍ଷରୁ ଚଢଉ କରିଥିବା ନେଇ ସୂଚନା ମିଳିଛି। ଲୁହା ପଥର ସହ ଟ୍ରକକୁ ଜବତ କରିଛି ବନ ବିଭାଗ । ଜଙ୍ଗଲରୁ ଲୁହାପଥର ଚୋରା ଚାଲାଣ ପାଇଁ ଯୋଜନା ସଂପର୍କରେ ଖବରପାଇ ବାଲିବନ୍ଧ ବନପାଳ ସଦଳବଳେ ଘଟଣାସ୍ଥଳରେ ଚଢଉ କରିଥିଲେ। ଲୁହାପଥର ଲୋଡ କରୁଥିବା ବ୍ୟକ୍ତିମାନେ ଘଟଣାସ୍ଥଳରୁ ଫେରାର ହେଇଯାଇଛନ୍ତି। ବନବିଭାଗ ଲୁହାପଥର ସହ ଟ୍ରକକୁ ଜବତ କରିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ







ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୨୯,୯୩୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୯,୧୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୯,୯୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୯,୧୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୨୯,୯୩୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୯,୧୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୩୦,୫୧୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୯,୨୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୩୦,୯୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୨୦,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୨୯,୯୩୦ ଓ ୧,୧୯,୧୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୮୭,୦୦୦ ଟଙ୍କା ହୋଇଛି।




ପେଟ୍ରୋଲ ଏବଂ ଡିଜେଲ ଦାମରେ ପରିବର୍ତ୍ତନ ହୋଇଥାଏ। ଅଏଲ ମାର୍କେଟିଂ କମ୍ପାନୀମାନେ ଦେଶର ସମସ୍ତ ରାଜ୍ୟ ପାଇଁ ପେଟ୍ରୋଲ-ଡିଜେଲ ଦାମ୍ ଜାରି କରିଦେଇଛନ୍ତି। କିନ୍ତୁ ଆଜି ପେଟ୍ରୋଲ ଓ ଡିଜେଲ ମୂଲ୍ୟ ପରିବର୍ତ୍ତନ ହୋଇନାହିଁ। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ହେଲେ ଭୁବନେଶ୍ୱରରେ କମିଛି ପେଟ୍ରୋଲ ଏବଂ ଡିଜେଲ ଦାମ୍। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୩୫ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୯୨ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

# ଅନୀଲ ଅମ୍ବାନିଙ୍କ ୧୧୨୦ କୋଟିର ସମ୍ପତ୍ତି ଜବତ



ନୂଆଦିଲ୍ଲୀ, ୫।୧୨: ମୁକେଶ ଅମ୍ବାନିଙ୍କ ସାନ ଭାଇ ତଥା ଅନୀଲ ଧୀରୁଭାଇ ଅମ୍ବାନି ଗ୍ରୁପ ମୁଖ୍ୟ ଅନୀଲ ଅମ୍ବାନିଙ୍କ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) । ଇଡି ଅନୀଲଙ୍କ କମ୍ପାନିର ୧୧୨୦ କୋଟି ଟଙ୍କାର ସଂପତ୍ତି ଜବତ କରିଛି । ଏହି କାର୍ଯ୍ୟାନୁଷ୍ଠାନ ରିଲାଏନ୍ସ ହୋମ୍ ଫାଇନାନ୍ସ ଲିମିଟେଡ୍ (ଆରଏଚଏଫଏଲ), ରିଲାଏନ୍ସ କମର୍ସିଆଲ୍ ଫାଇନାନ୍ସ ଲିମିଟେଡ୍ (ଆରସିଏଫଏଲ), ଏବଂ ୟେସ୍ ବ୍ୟାଙ୍କ ଠକେଇ ମାମଲା ସହିତ ଜଡିତ।

ଇଡି ମୋଟ ୧୮ରୁ ଅଧିକ ସମ୍ପତ୍ତିକୁ ଅସ୍ଥାୟୀ ଭାବରେ ଜବତ କରିଛି, ଯେଉଁଥିରେ ସ୍ଥାୟୀ ଜମା, ବ୍ୟାଙ୍କ ବାଲାନ୍ସ ଏବଂ ଦର୍ଶାଯାଇନଥିବା ନିବେଶରେ ଥିବା ଅଂଶଧନ ଅନ୍ତର୍ଭୁକ୍ତ। ଜବତ ହୋଇଥିବା ସମ୍ପତ୍ତିର ମୋଟ ମୂଲ୍ୟ ପ୍ରାୟ ୧୧୨୦ କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଇଛି। ଜବତ ସମ୍ପତ୍ତିଗୁଡ଼ିକ ମଧ୍ୟରେ ରିଲାଏନ୍ସ ଇନଫ୍ରାଷ୍ଟ୍ରକ୍ଚର ଲିମିଟେଡ୍ ର ସାତଟି ସମ୍ପତ୍ତି, ରିଲାଏନ୍ସ ପାୱାର ଲିମିଟେଡ୍ ର ଦୁଇଟି ସମ୍ପତ୍ତି, ରିଲାଏନ୍ସ ଭାଲ୍ୟୁ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ର ନଅଟି ସମ୍ପତ୍ତି, ରିଲାଏନ୍ସ ଭାଲ୍ୟୁ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍, ରିଲାଏନ୍ସ ଭେଞ୍ଚର ଆସେଟ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍, ମେସର୍ସ ଫି ମ୍ୟାନେଜମେଣ୍ଟ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ୍, ମେସର୍ସ ଆଧାର ପ୍ରପର୍ଟି କନସଲ୍ଟାନ୍ସି ପ୍ରାଇଭେଟ୍ ଲିମିଟେଡ୍ ଏବଂ ମେସର୍ସ ଗେମସା ଇନଭେଷ୍ଟମେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ନାମରେ ରଖାଯାଇଥିବା ସ୍ଥାୟୀ ଜମା ଏବଂ ବ୍ୟାଙ୍କ ବାଲାନ୍ସ ଅନ୍ତର୍ଭୁକ୍ତ।

# ଖୁବଶୀଘ୍ର ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି

ନୂଆଦିଲ୍ଲୀ, ୫।୧୨: ପୁଟିନଙ୍କ ଭାରତ ଗସ୍ତ ଦେଖି ଆମେରିକା ବାୟା। ନୂଆଦିଲ୍ଲୀ ଆସିବେ ଟ୍ରମ୍ପଙ୍କ ରାଇଟ୍ ହ୍ୟାଣ୍ଡ। ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତିନାମା ସମ୍ପର୍କରେ ଏକ ବଡ଼ ଡିଲ ହୋଇପାରେ। ସରକାରୀ ସୂତ୍ର ଅନୁସାରେ ପ୍ରସ୍ତାବିତ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ଉପରେ ଆଲୋଚନା କରିବା ପାଇଁ ଆମେରିକୀୟ ଅଧିକାରୀଙ୍କ ଏକ ଟିମ୍ ଆସନ୍ତା ସପ୍ତାହରେ ଭାରତ ଗସ୍ତ କରିପାରନ୍ତି। ଆମେରିକୀୟ ଅଧିକାରୀଙ୍କ ଏହି ଗସ୍ତକୁ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ସେମାନେ ଭାରତ-ଆମେରିକୀୟ ଚୁକ୍ତିନାମାର ପ୍ରଥମ ପର୍ଯ୍ୟାୟକୁ ଚୂଡ଼ାନ୍ତ କରିବା ପାଇଁ କାମ କରୁଛନ୍ତି। ସୂତ୍ର ଅନୁସାରେ, ଏହି ଟିମ୍ ଆସନ୍ତା ସପ୍ତାହରେ ପହଞ୍ଚିବ ବୋଲି ଆଶା କରାଯାଉଛି। ତାରିଖ ଚୂଡ଼ାନ୍ତ ନେଇ ଆଲୋଚନା ଚାଲିଛି। ଋଷୀୟ ଅଶୋଧିତ ତୈଳ କ୍ରୟ ପାଇଁ ଆମେରିକା ବଜାରରେ ପ୍ରବେଶ କରୁଥିବା ଭାରତୀୟ ସାମଗ୍ରୀ ଉପରେ ୨୫ ପ୍ରତିଶତ ଶୁଳ୍କ ଏବଂ ଅତିରିକ୍ତ ୨୫ ପ୍ରତିଶତ ଜରିମାନା ଲାଗୁ ହେବା ପରେ ଆମେରିକୀୟ ଅଧିକାରୀଙ୍କ ଏହି ଗସ୍ତ ଦ୍ୱିତୀୟ ହେବ। ପୂର୍ବ ଗସ୍ତ ସେପ୍ଟେମ୍ବର ୧୬ ତାରିଖରେ ହୋଇଥିଲା। ସେପ୍ଟେମ୍ବର ୨୨ ତାରିଖରେ ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ମଧ୍ୟ ବାଣିଜ୍ୟ ଆଲୋଚନା ପାଇଁ ଏକ ସରକାରୀ ପ୍ରତିନିଧିମଣ୍ଡଳୀର ନେତୃତ୍ୱ ନେଇ ଆମେରିକା ଗସ୍ତ କରିଥିଲେ। ତାଙ୍କ ସହିତ ମନ୍ତ୍ରଣାଳୟର ତତ୍କାଳୀନ ସ୍ୱତନ୍ତ୍ର ସଚିବ ରାଜେଶ ଅଗ୍ରୱାଲ ଏବଂ ଅନ୍ୟ ଅଧିକାରୀମାନେ ମଧ୍ୟ ଥିଲେ। ଭାରତ ଏବଂ ଆମେରିକା ଦୁଇଟି ସମାନ୍ତରାଳ ଭାବେ ଆଲୋଚନା କରୁଛନ୍ତି। ପ୍ରଥମତଃ ଟାରିଫ ସମାଧାନ ପାଇଁ ବାଣିଜ୍ୟ ଚୁକ୍ତିନାମା ଏବଂ ଅନ୍ୟଟି ଏକ ବ୍ୟାପକ ବାଣିଜ୍ୟ ଚୁକ୍ତିନାମା ଉପରେ। ଫେବୃଆରୀରେ ଉଭୟ ଦେଶର ଲିଡର ଏକ ପ୍ରସ୍ତାବିତ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା (BTA) ଉପରେ ଆଲୋଚନା କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଚୁକ୍ତିନାମା ଦ୍ୱାରା ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ବର୍ତ୍ତମାନର ୧୯୧ ବିଲିୟନ ଆମେରିକୀୟ ଡଲାରରୁ ୫୦୦ ବିଲିୟନ ଆମେରିକୀୟ ଡଲାରକୁ ଦ୍ୱିଗୁଣିତ କରିବା ଲକ୍ଷ୍ୟ ରଖାଯାଇଛି।

ଆସନ୍ତା ସପ୍ତାହରେ ନୂଆଦିଲ୍ଲୀ ଗସ୍ତ କରିବେ ୱାଶିଂଟନର ଅଧିକାରୀ



ଆକାଶ ଛୁଆଁ ବିମାନ ଭଡ଼ା

# ଆଗକୁ ଆସିଲା ରେଳବାଇ

## ୩୭ଟି ଟ୍ରେନରେ ୧୧୬ଟି ଅତିରିକ୍ତ କୋଚ୍ ଯୋଡିଲା

ନୂଆଦିଲ୍ଲୀ,୫।୧୨ : ସାରା ଦେଶରେ ଇଣ୍ଡିଗୋ ବିମାନ ବାତିଲ ଯୋଗୁଁ ଯାତ୍ରୀମାନେ ନାହିଁ ନଥିବା ସମସ୍ୟା ଭୋଗୁଥିବାବେଳେ ଭଡ଼ା ମଧ୍ୟ ଆକାଶଛୁଆ ହୋଇଛି। ଏହାର ମୁକାବିଲା ପାଇଁ ରେଳବାଇ ଆଗକୁ ଆସିଛି । ଯାତ୍ରୀଙ୍କ ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ୩୭ଟି ଟ୍ରେନରେ ୧୧୬ଟି ଅତିରିକ୍ତ କୋଚ ବୃଦ୍ଧି କରାଯାଇଛି, ଯାହା ସାରା ଦେଶରେ ୧୧୪ଟି ବର୍ଦ୍ଧିତ ଯାତ୍ରା ପରିଚାଳନା କରୁଛି।

ପୂର୍ବ ତଟ ରେଳବାଇ ଭୁବନେଶ୍ୱର-ନୂଆଦିଲ୍ଲୀ ସେବା କୁ ବୃଦ୍ଧି କରି ପାଞ୍ଚଟି ଯାତ୍ରାରେ ୨ୟ ଏସି. କୋଚ୍ ଯୋଡ଼ିଛି, ଯାହାଦ୍ୱାରା ଓଡ଼ିଶା ଏବଂ ରାଜଧାନୀ ମଧ୍ୟରେ ଯୋଗାଯୋଗରେ ଉନ୍ନତି ଆସିବ। ଦକ୍ଷିଣ ରେଳବାଇ ସର୍ବାଧିକ ୧୮ଟି ଟ୍ରେନର କ୍ଷମତା ବୃଦ୍ଧି କରିଛି। ଅଧିକ ଚାହିଦା ଥିବା ମାର୍ଗରେ ଅତିରିକ୍ତ ଚେୟାର କାର୍ ଏବଂ ସ୍ଲିପର କ୍ଲାସ୍ କୋଚ୍ ନିୟୋଜିତ କରାଯାଇଛି। ୬ ଡିସେମ୍ବର ୨୦୨୫ ଠାରୁ କାର୍ଯ୍ୟକାରୀ ହୋଇଥିବା ଏହି ବୃଦ୍ଧି ଦକ୍ଷିଣାଞ୍ଚଳରେ ପରିବହନ କ୍ଷମତାକୁ ଯଥେଷ୍ଟ ବୃଦ୍ଧି କରିବ। ଉତ୍ତର ରେଳବାଇ ୮ଟି ଟ୍ରେନରେ ୩ୟ ଏସି ଏବଂ ଚେୟାର କାର୍ କୋଚ୍ ଯୋଗ କରିଛି। ପଶ୍ଚିମ ରେଳବାଇ ୩ୟ ଏସି ଏବଂ ୨ୟ ଏସି କୋଚ୍ ଯୋଡ଼ି ଚାରିଟି ଅଧିକ ଚାହିଦା ଥିବା ଟ୍ରେନର ସଂଖ୍ୟା ବୃଦ୍ଧି କରିଛି। ପୂର୍ବ କେନ୍ଦ୍ରୀୟ ରେଳବାଇ ଡିସେମ୍ବର ୨୦୨୫ ମଧ୍ୟରେ ପାଞ୍ଚ ଥର ଅତିରିକ୍ତ ୨ୟ ଏସି କୋଚ୍ ସହିତ ରାଜେନ୍ଦ୍ର ନଗର-ନୂଆଦିଲ୍ଲୀ ସେବାକୁ ସୁଦୃଢ଼ କରିଛି, ଯାହା ଏହି ଗୁରୁତ୍ୱପୂର୍ଣ୍ଣ ବିହାର-ଦିଲ୍ଲୀ କ୍ଷେତ୍ରରେ ବର୍ଦ୍ଧିତ କ୍ଷମତା ପ୍ରଦାନ କରୁଛି।

ପୂର୍ବ ରେଳବାଇ ତିନୋଟି ପ୍ରମୁଖ ଟ୍ରେନରେ ବର୍ଦ୍ଧିତ ବ୍ୟବସ୍ଥା ଲାଗୁ କରିଛି, ଯେଉଁଥିରେ ୨୦୨୫ ଡିସେମ୍ବର ୭ ରୁ ୮ ତାରିଖ ମଧ୍ୟରେ ଛଅ ଥର ଯାତ୍ରା କରି ପୂର୍ବରେ ବର୍ଦ୍ଧିତ ଆଞ୍ଚଳିକ ଏବଂ ଆନ୍ତଃରାଜ୍ୟ ଯାତ୍ରା ଚାହିଦାକୁ ପୂରଣ କରିବା ପାଇଁ ସ୍ଲିପର ଶ୍ରେଣୀ କୋଚ ଯୋଗ କରାଯାଇଛି। ଉତ୍ତର-ପୂର୍ବ ଫ୍ରଣ୍ଟିଅର ରେଳବାଇ ଡିସେମ୍ବର ୨୦୨୫ ଠାରୁ ୮ ଥର ଲେଖାଏଁ ୩ୟ ଏସି ଏବଂ ସ୍ଲିପର କୋଚ ଥିବା ଦୁଇଟି ଗୁରୁତ୍ୱପୂର୍ଣ୍ଣ ଟ୍ରେନର ସମ୍ପ୍ରସାରଣ କରିଛି, ଯାହାଦ୍ୱାରା ଉତ୍ତର-ପୂର୍ବରେ ଯାତ୍ରୀମାନଙ୍କ ପାଇଁ ନିରବଚ୍ଛିନ୍ନ କ୍ଷମତା ସୁନିଶ୍ଚିତ ହୋଇଛି।

# ଖୁବ୍‌ଶୀଘ୍ର ଆଇଡିବିଆଇ ହେବ ଘରୋଇ ବ୍ୟାଙ୍କ୍




ନୂଆଦିଲ୍ଲୀ୫।୧୨: ସରକାର ଆଇଡିବିଆଇ ବ୍ୟାଙ୍କ୍ ଲିମିଟେଡ୍‌ରେ ଥିବା ଏହାର ଅଂଶଧନକୁ ବିକ୍ରି କରିବାକୁ ଚାହୁଁଛନ୍ତି। ବ୍ୟାଙ୍କ୍‌ରେ ସରକାରଙ୍କ ୭.୧ ବିଲିୟନ୍ ଡଲାର (ଯାହାକି ୬୦.୭୨% ସହ ସମାନ) ଅଂଶଧନ ରହିଛି। ନିଲାମ ପ୍ରକ୍ରିୟା ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ଆଶା କରାଯାଉଛି। ପୂର୍ବରୁ ସମସ୍ୟାରେ ଥିବା ଏହି ବ୍ୟାଙ୍କ୍‌କୁ ଘରୋଇକରଣ କରିବା ଏବଂ ଏହାର ବିନିଯୋଗ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଦୀର୍ଘଦିନ ଧରି ଚାଲି ଆସୁଥିବା ଉଦ୍ୟମରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସମ୍ଭାବିତ କ୍ରେତାଙ୍କ ସହ ଆଲୋଚନା ଆଡ୍‌ଭାନ୍ସ ଷ୍ଟେଜ୍‌ରେ ରହିଛି। ଏହି ମାସରେ ବିଡିଂ ପ୍ରକ୍ରିୟା ଆରମ୍ଭ ହୋଇପାରେ ବୋଲି କୁହାଯାଉଛି। ଯଦି ସବୁକିଛି ଠିକ୍‌ଠାକ୍ ଚାଲେ, ତେବେ ଅନେକ ଦଶନ୍ଧି ପରେ କୌଣସି ଏକ ସରକାରୀ ବ୍ୟାଙ୍କ୍‌ର ଏହା ପ୍ରଥମ ଘରୋଇକରଣ ହେବ। ମୁମ୍ବାଇ ସ୍ଥିତ ଏହି ବ୍ୟାଙ୍କ୍‌ରେ ସରକାର ଏହାର ୬୦.୭୨% ଅଂଶଧନ ବିକ୍ରି କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହାର ମୂଲ୍ୟ ଆଇଡିବିଆଇ ବ୍ୟାଙ୍କ୍‌ର ବର୍ତ୍ତମାନର ବଜାର ମୂଲ୍ୟରେ ପ୍ରାୟ ୭.୧ ବିଲିୟନ୍ ଡଲାର ହେବ। ଋଣଭାରରେ ବୁଡ଼ି ରହିଥିବା ଏହି ବ୍ୟାଙ୍କ୍ ଗତ କିଛି ବର୍ଷ ମଧ୍ୟରେ କ୍ଲିନ୍‌ଅପ୍ ପରିସ୍ଥିତିରୁ ଉଠିଛି। କ୍ୟାପିଟାଲ୍ ସପୋର୍ଟ ଓ ଦ୍ରୁତ ରିକଭରି ଏହାକୁ ନନ୍-ପର୍‌ଫର୍ମିଂ ଆସେଟ୍‌ରେ ଦ୍ରୁତ ହ୍ରାସ କରିବା ପରେ ବ୍ୟାଙ୍କ ଲାଭଦାୟକ ସ୍ଥିତିରେ ପହଞ୍ଚିଥିଲା।

ଯେହେତୁ ବ୍ୟାଙ୍କ୍‌ଟି ଏବେ ଲାଭଦାୟକ ସ୍ଥିତିରେ ଅଛି, ବକେୟା ଋଣ ପରିଶୋଧ କରୁଛି ଏବଂ ଏହାର ବାଲାନ୍ସ-ସିଟ୍ ପୂର୍ବଠାରୁ ଭଲ ସ୍ଥିତିରେ ଅଛି, ସେଥିପାଇଁ ସରକାର ଏବେ ଏହାକୁ ଘରୋଇକରଣ କରିବାକୁ ପ୍ରସ୍ତୁତ ଅଛନ୍ତି। ତଥାପି, ନିୟାମକ ଅନୁମୋଦନ ପାଇବାରେ ବିଳମ୍ବ ଓ ଅନ୍ୟାନ୍ୟ ଅସୁବିଧା ଯୋଗୁଁ ସରକାର ବିକ୍ରି ସମାପ୍ତିର ପୂର୍ବ ସମୟସୀମା ହରାଇଛନ୍ତି। ଘରୋଇକରଣ ମାର୍ଚ୍ଚ ୨୦୨୬ ସୁଦ୍ଧା ସମାପ୍ତ ହେବ ବୋଲି ସରକାର ସୂଚନା ଦେଇଛନ୍ତି। ସର୍ଟଲିଷ୍ଟେଡ୍ ବିଡର୍‌ମାନେ ଏବେ ବ୍ୟାଙ୍କ୍‌ର ଡ୍ୟୁ ଡିଲିଜେନ୍ସ ଅର୍ଥାତ୍ ବ୍ୟାଙ୍କ୍‌କୁ ପୁଙ୍ଖାନୁପୁଙ୍ଖ ପରୀକ୍ଷଣ କରୁଛନ୍ତି। କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ୍ ଲିମିଟେଡ୍, ଏମିରେଟ୍‌ସ ଏନ୍‌ବିଡି ପିଜେଏସ୍‌ସି ଓ ଫେୟାର୍‌ଫ୍ୟାକ୍ସ ଫାଇନାନ୍ସିଆଲ୍ ହୋଲ୍ଡିଂସ୍ ଲିମିଟେଡ୍ ବ୍ୟାଙ୍କ୍‌କୁ ଅଧିଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। କେନ୍ଦ୍ରସରକାର ଓ ରାଷ୍ଟ୍ରାୟତ୍ତ ଲାଇଫ୍ ଇନ୍‌ସ୍ୟୁରାନ୍ସ କର୍ପୋରେସନ୍ ଅଫ୍ ଇଣ୍ଡିଆ ମିଳିତ ଭାବେ ଆଇଡିବିଆଇ ବ୍ୟାଙ୍କ୍‌ରେ ପ୍ରାୟ ୯୫% ଅଂଶଧନ ରଖିଛନ୍ତି। ସରକାର ବ୍ୟାଙ୍କ୍‌ରେ ଏହାର ୩୦.୪୮% ଅଂଶଧନ ବିକ୍ରି କରିବେ ଏବଂ ଏଲ୍‌ଆଇସି ପରିଚାଳନା ନିୟନ୍ତ୍ରଣ ହସ୍ତାନ୍ତର ସହିତ ଏହାର ୩୦.୨୪% ଅଂଶଧନ ବିକ୍ରି କରିବ। ବ୍ୟାଙ୍କ୍‌ର ବିକ୍ରି ଓ ଘରୋଇକରଣ ହେବା ପରେ, ନିଃସନ୍ଦେହରେ ଅନେକ ପରିବର୍ତ୍ତନ ହେବ। କିନ୍ତୁ ଏହା ବ୍ୟାଙ୍କ୍‌ର ଆକାଉଣ୍ଟଧାରୀଙ୍କୁ ପ୍ରଭାବିତ କରିବନାହିଁ। ବ୍ୟାଙ୍କ୍ ଆକାଉଣ୍ଟ ଓ ଋଣ ପରିମାଣ ସମାନ ରହିବ। ଓଲଟା, ଘରୋଇକରଣ ପରେ ଗ୍ରାହକମାନେ ଆହୁରି ଭଲ ସୁବିଧା ପାଇପାରନ୍ତି। କିଛି ଛୋଟମୋଟ ପରିବର୍ତ୍ତନ କରିବାକୁ ପଡ଼ିପାରେ, ଯେମିତିକି ଲଗ୍‌ଇନ୍ ଆଇଡି ବଦଳ କିମ୍ବା ଚେକ୍‌ବୁକ୍ ବା ପାସ୍‌ବୁକ୍‌ରେ ପରିବର୍ତ୍ତନ। ଏହା ଭବିଷ୍ୟତରେ ବ୍ୟାଙ୍କ୍‌ର ସେୟାର୍‌କୁ ମଧ୍ୟ ପ୍ରଭାବିତ କରିପାରେ।

# ଇଣ୍ଡିଗୋର ଆଉ ୩୦୦ ଉଡ଼ାଣ ବାତିଲ




ନୂଆଦିଲ୍ଲୀ, ୫।୧୨: ଦେଶର ପ୍ରମୁଖ ଏୟାରଲାଇନ୍ ଇଣ୍ଡିଗୋରେ ଗତ କିଛି ଦିନ ଧରି ଲାଗିରହିଥିବା ସମସ୍ୟାର ସମାଧାନ ହୋଇପାରୁନାହିଁ। ଏହାର ପ୍ରଭାବରେ ଗୁରୁବାର କମ୍ପାନିର ୩୦୦ ପାଖାପାଖି ଉଡ଼ାଣ ବାତିଲ ହୋଇଛି। ଗତକାଲି ଏହା ୨୦୦ ଉଡ଼ାଣ ବାତିଲ କରିଥିଲା। ଏଭଳି ବଡ଼ ଏୟାରଲାଇନ୍ସରେ ଅଧିକ ଦିନ ଧରି ଲାଗିରହିଥିବା ବିଭ୍ରାଟ ବିମାନ ଯାତ୍ରୀମାନଙ୍କ ଲାଗି ଚିନ୍ତାର ବିଷୟ ହୋଇଛି। ଇଣ୍ଡିଗୋର କେବଳ ଡୋମେଷ୍ଟିକ୍ ନୁହେଁ, ଅନ୍ତର୍ଜାତୀୟ ଉଡ଼ାଣ ମଧ୍ୟ ପ୍ରଭାବିତ ହୋଇଛି। ତେବେ ଅନ୍ୟ ଏୟାରଲାଇନ୍ ଯଥା ଏୟାର ଇଣ୍ଡିଆ, ଆକାଶ ଏୟାର ଓ ସ୍ପାଇସ୍‌ଜେଟ୍‌ର ଉଡ଼ାଣରେ କୌଣସି ବିଭ୍ରାଟ ଘଟିନାହିଁ। ଗୁରୁବାର ଇଣ୍ଡିଗୋ ପକ୍ଷରୁ ଦିଲ୍ଲୀରେ ୯୫, ମୁମ୍ବାଇରେ ୮୫, ହାଇଦ୍ରାବାଦରେ ୭୦ ଓ ବାଙ୍ଗାଲୋରରେ ୫୦ଟି ଉଡ଼ାଣ ବାତିଲ କରିଛି। ଦେଶର ଅନ୍ୟ ବିମାନବନ୍ଦରଗୁଡ଼ିକରେ ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ଉଡ଼ାଣ ବାତିଲ ହେବା ଦ୍ୱାରା ଯାତ୍ରୀମାନେ ନାହିଁ ନଥିବା ଅସୁବିଧା ଭୋଗିଛନ୍ତି। ଯାତ୍ରୀମାନଙ୍କ ଲାଗି ସବୁଠୁ ବଡ଼ ଦୁଃଖ ହେଉଛି ଘଣ୍ଟା ଘଣ୍ଟା ଧରି ବିମାନବନ୍ଦରରେ ଅପେକ୍ଷା କରିବା। ଅନେକ ବିମାନର ଉଡ଼ାଣ ବିଳମ୍ବ ହେଉଥିବାରୁ ଯାତ୍ରୀମାନେ ବିମାନବନ୍ଦର ଛାଡ଼ିପାରୁନାହାନ୍ତି। ବଡ଼ ବଡ଼ ବିମାନବନ୍ଦରଗୁଡ଼ିକରେ ଯାତ୍ରୀମାନଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଗତକାଲି ଦିଲ୍ଲୀରେ ଇଣ୍ଡିଗୋର ୩୮, ବେଙ୍ଗାଲୁରୁରେ ୪୨, ମୁମ୍ବାଇରେ ୩୩ ଓ ହାଇଦ୍ରାବାଦରେ ୧୯ଟି ବିମାନର ଉଡ଼ାଣ ବାତିଲ ହୋଇଥିଲା। ଇଣ୍ଡିଗୋରେ କ୍ରୁ ସଦସ୍ୟଙ୍କ ଘୋର ଅଭାବ ରହିଛି ଯାହା ଏହି ବିଭ୍ରାଟର ଅନ୍ୟତମ ପ୍ରମୁଖ କାରଣ କୁହାଯାଉଛି। ଗତକାଲି କମ୍ପାନି ପ୍ରତିଶ୍ରୁତି ଦେଇଥିଲା ଯେ ୪୮ ଘଣ୍ଟା ଭିତରେ ସବୁ କିଛି ସ୍ୱାଭାବିକ ହେବ। କିନ୍ତୁ ଆଜିର ସ୍ଥିତିକୁ ଦେଖିଲେ ସେଥିରେ କିଛି ଉନ୍ନତି ଘଟିଥିବା ମନେ ହେଉନାହିଁ।

ବିମାନ ଉଡ଼ାଣ ବିଭ୍ରାଟର ଅନ୍ୟତମ କାରଣ ହେଉଛି ଗତ ନଭେମ୍ବର ୧ରୁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ କାର୍ଯ୍ୟକାରୀ କରାଯାଇଥିବା ନୂଆ ନିୟମ। ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ରାତି ୧୨ଟାରୁ ସକାଳ ୬ଟା ମଧ୍ୟରେ ଜଣେ ପାଇଲଟ୍ କେତେ ଥର ବିମାନ ଅବତରଣ କରିପାରିବେ ତାହାର ସୀମା ନିର୍ଧାରଣ କରାଯାଇଛି। ଏଥି ସହିତ ପାଇଲଟ୍‌ଙ୍କ ପାଇଁ ସାପ୍ତାହିକ ବିଶ୍ରାମ ସମୟ ମଧ୍ୟ ବୃଦ୍ଧି କରାଯାଇଛି। କିଛି ଦିନ ପାଇଁ ଏହି ନିୟମ କୋହଳ କରିବାକୁ କମ୍ପାନି ଡିଜିସିଏକୁ ଅନୁରୋଧ କରିଛି। ଏହି ବିଭ୍ରାଟ ସମ୍ପର୍କରେ ଇଣ୍ଡିଗୋ ସିଇଓ ପିଟର ଏଲବର୍ସ ଏକ ମେମୋରେ କହିଛନ୍ତି ଯେ ସାମାନ୍ୟ ବୈଷୟିକ ତ୍ରୁଟି, ଶୀତଋତୁ ସମୟର ଯାତ୍ରୀ ଭିଡ଼, ଖରାପ ପାଗ ଓ କ୍ରୁ ରୋଷ୍ଟିଂ ନିୟମରେ ପରିବର୍ତ୍ତନ ପାଇଁ କମ୍ପାନିର ପରିଚାଳନା ପ୍ରଭାବିତ ହୋଇଛି। ତେବେ ଇତି ମଧ୍ୟରେ ଡିଜିସିଏ ପକ୍ଷରୁ ଏହି ଘଟଣାର ତଦନ୍ତ ଆରମ୍ଭ କରାଯାଇଛି। ବିଭ୍ରାଟର କାରଣ ଜଣାଇବାକୁ କମ୍ପାନିକୁ ଡିଜିସିଏ କହିଛି।

କ୍ଲାଉଡଫ୍ଲେୟାରରେ ପୁଣି ସମସ୍ୟା

# ଠପ୍ ହେଲା ଏକାଧିକ ୱେବସାଇଟ୍

ନୂଆଦିଲ୍ଲୀ, ୫।୧୨: କ୍ଲାଉଡଫ୍ଲେୟାର ସେବାରେ ପୁଣି ବ୍ୟାଘାତ। ପ୍ରଭାବିତ ହେଲା ଅନେକ ଓ୍ୱେବସାଇଟ। ଶୁକ୍ରବାର କଣ୍ଟେଣ୍ଟ ସର୍ଭିସ ପ୍ରୋଭାଇଡର କ୍ଲାଉଡଫ୍ଲେୟାରରେ ସମସ୍ୟା ଯୋଗୁ ଅନେକ ଓ୍ୱେବସାଇଟ ପ୍ରଭାବିତ ହୋଇଛି। ୟୁଜର୍ସ ଏନେଇ ସୋସିଆଲ ମିଡିଆ ପ୍ଲାଟଫର୍ମ ରିପୋର୍ଟ କରୁଛନ୍ତି। ଏହାର ପ୍ରଭାବ କାନଭା ଏବଂ ଡାଉନଡିଟେକ୍ଟର ଭଳି ଅନେକ ଓ୍ୱେବସାଇଟ ଉପରେ ପଡ଼ିଛି। ଫଳରେ ଅନେକ ୟୁଜର୍ସଙ୍କ ଜରୁରୀ କାମ ଅଟକିଛି।ଗ୍ରୋ ଏବଂ ଜିରୋଧା ଭଳି ଟ୍ରେଡିଂ ପ୍ଲାଟଫର୍ମ ମଧ୍ୟ ଏହି ଆଉଟେଜ୍ ଯୋଗୁ ପ୍ରଭାବିତ ହୋଇଛନ୍ତି। ଏହା ବାଦ କିଛି ଗ୍ରାହକ ଅନଲାଇନ ପେମେଣ୍ଟରେ ଅସୁବିଧା ଭୋଗୁଥିବା ମଧ୍ୟ ରିପୋର୍ଟ କରିଛନ୍ତି। ଏସବୁ ଭିତରେ କ୍ଲାଉଡଫ୍ଲେୟାର ପକ୍ଷରୁ ଏହି ପୂରା ଘଟଣାର ଯାଞ୍ଚ ଚାଲିଥିବା ହାଯାଇଛି ଏବଂ ଏହାର ଡ୍ୟାସବୋର୍ଡ ଆପ୍ଲିକେସନ ପ୍ରୋଗ୍ରାମିଂ ଇଣ୍ଟରଫେସକୁ ଠିକ୍ କରିବାକୁ ଚେଷ୍ଟା କରାଯାଉଥିବା କୁହାଯାଇଛି। କମ୍ପାନି ଏହାର ଷ୍ଟାଟସ ପେଜରେ କହିଛି ଯେ, ଗ୍ରାହକଙ୍କ ଡ୍ୟାସବୋର୍ଡ ଏବଂ କ୍ଲାଉଡଫ୍ଲେୟାର ଓ୍ୱେବସାଇଟରେ ଆସୁଥିବା ଏରର୍କୁ ଠିକ୍ କରାଯାଉଛି।

## କଂସ ବଧ ସହ ଚିରିଣ୍ଡା ଧନୁଯାତ୍ରା ଉଦ୍‌ଯାପିତ



**ଭେଡେନ,୫।୧୨(ସଂଚାର ବ୍ୟୁରୋ):** ଭେଡେନ ବ୍ଲକ ଚିରିଣ୍ଡା ଗ୍ରାମରେ ୧୦ ଦିନ ଚାଲିଥିବା ପ୍ରସିଦ୍ଧ ଆଞ୍ଚଳିକ ବିରାଟ ଧନୁଯାତ୍ରା ମହୋତ୍ସବ କଂସ ବଧ ସହ ଉଦଯାପିତ ହୋଇଛି! ଶେଷ ସନ୍ଧ୍ୟାରେ ଧନୁଯାତ୍ରା ଦେଖିବା ପାଇଁ କୃଷ୍ଣ ବଳାରାମଙ୍କୁ ଧରି ଅକ୍ରୁର ମଥୁରାରେ ପ୍ରବେଶ, ବେନି ଭାଇଙ୍କ ମଥୁରା ପରିଭ୍ରମଣ, କୃଷ୍ଣଙ୍କ ହାତେ କୁବୁଜା ଉଦ୍ଧାର, କୁବଳୟା ହସ୍ତୀ ଶରଣାଗତ, ଶିବଧନୁ ଭଂଜନ, ଚାଣ୍ଡୁର, ମୁଷ୍ଟିକ ଓ ସେନାପତି ନିହତ, ମହାମନ୍ତ୍ରୀ ଶରଣାଗତ, ବେନି ଭାଇ ହାତେ କଂସ ବଧ, ଉଗ୍ରସନ ଙ୍କ ରାଜ ଅଭିଷେକ ଆଦି ଦୃଶ୍ୟ ଅଭିନୀତ ହୋଇଥିଲା। ଏଥିରେ ବିଶ୍ୱ ପ୍ରସିଦ୍ଧ ବରଗଡ ଧନୁଯାତ୍ରା ମହୋତ୍ସବର ପୂର୍ବତନ କଂସ ମହାରାଜ ହୃଷିକେଶ ଭୋଇ କଂସ ଭୂମିକାରେ ଅଭିନୟ କରିଥିବାବେଳେ ନୀଳମାଧବ କଳା ପରିଷଦ ବରଗଡ ର ନନ୍ଦିଘୋଷ ମହାପାତ୍ର, ସୂର୍ଯ୍ୟପ୍ରକାଶ କର୍ଣ୍ଣ, ଅବଧୁତ ଭୋଇ, ଅରୁଣ କରସେଲ, ଭାଗ୍ୟଧର ମଲ୍ଲିକ, ନରସିଂହ ସାହୁ, ସୁରେନ୍ଦ୍ର ସାହୁ, ନେତ୍ରାନନ୍ଦ ଅମାତ, , ସୁବାଷ ଭୋଇ, ନାଭିଦତ୍ୟ ସାହୁ, ଲିପସା ବେହେରା, ମୋହିନୀ ବେହେରା ଦିଲୀପ ବାରିକ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ବାଞ୍ଜିପାଲି ଗ୍ରାମରେ ହୋଇଥିବା ଗୋପପୁର ରେ କୃଷ୍ଣ ଭୂମିକାରେ ସମ୍ବିତ ମହାପାତ୍ର, ବଳରାମ ଭୂମିକାରେ ଅମନ ମିଶ୍ର ସମେତ ଯଶୋବନ୍ତ ଦୀପ, ବସୁଦେବ ଭୋଇ, ପ୍ରକାଶ ହାତୀ ରେବତୀ ହାତୀ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ବିଭିନ୍ନ ସନ୍ଧ୍ୟା ରେ ରାଜ ଦରବାର ରେ ଭେଡେନ ବି ଡି ଓ କର୍ଣ୍ଣ ସୁନା, ଆଇ ଆଇ ସି ଶଶିଭୂଷଣ ମିଶ୍ର, ସାଂସଦ ପ୍ରତିନିଧି ଯଶୋବନ୍ତ ସେଟ ସମେତ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ଏହା ସହ ଭେଡେନ ବ୍ଲକ ର ସାମ୍ବାଦିକ ନିର୍ମଳ କୁମାର ମେହେର, ମକୁନ୍ଦ ଷଡ଼ଙ୍ଗୀ, ଜ୍ୟୋତି ରଞ୍ଜନ ମହାପାତ୍ର ଙ୍କୁ ଉପଢୌକନ ସମ୍ମାନ ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

### ହସ୍ପିଟାଲ ଏବେ ଭୂତକୋଠିରେ ପରିଣତ

# ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ ଖରାପ

**ଯୋଡ଼ା,୫।୧୨(ସଂଚାର ବ୍ୟୁରୋ):** ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ ଖରାପ। ରୋଗୀଙ୍କୁ ଚିକିତ୍ସା ଯୋଗାଇବାକୁ ତିଆରି ହୋଇଥିବା ଡାକ୍ତରଖାନା ଏବେ ନିଜେ ରୋଗୀ। ଯୋଡ଼ାରୁ ସାମନାକୁ ଆସିଛି ଏଭଳି ଖବର। ଦଶ ବର୍ଷରୁ ଅଧିକ ହେବ ବନ୍ଦ ପଡ଼ିଛି ଯୋଡ଼ା କେନ୍ଦ୍ରୀୟ ହସ୍ପିଟାଲ। ଦୀର୍ଘ ବର୍ଷରୁ ବନ୍ଦ ପଡ଼ିଥିବାରୁ ହସ୍ପିଟାଲ ଏବେ ଭୂତକୋଠିରେ ପରିଣତ ହୋଇଛି। ଦୀର୍ଘ ବର୍ଷରୁ ହସ୍ପିଟାଲ ବନ୍ଦ ପଡ଼ିଥିବାରୁ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେଉଛନ୍ତି ଖଣି ଶ୍ରମିକ। ଯୋଡ଼ା ଖଣି ମଣ୍ଡଳର ଶ୍ରମିକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ୧୯୭୮ ମସିହାରେ ଖୋଲାଯାଇଥିଲା ଏହି କେନ୍ଦ୍ରୀୟ ହସ୍ପିଟାଲ। ଉନ୍ନତମାନର ସ୍ୱାସ୍ଥ୍ୟ




ସେବା ଯୋଗାଇ ଆସୁଥିବା ଏହି ହସ୍ପିଟାଲ ଉପରେ ଯୋଡ଼ା, ବଡ଼ବିଲ, ବାମେବାରୀ, ଯୁରୁଡ଼ି ପରି ଖଣି ଅଞ୍ଚଳର ଶ୍ରମିକ ନିର୍ଭର କରନ୍ତି। ଏଠାରେ ପୂର୍ବରୁ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ମଧ୍ୟ ଉପଲବ୍ଧ ହେଉଥିଲା। ହେଲେ ଦଶ ବର୍ଷରୁ ଅଧିକ ହେବ ଏହି ହସ୍ପିଟାଲକୁ କେନ୍ଦ୍ର ସରକାର ବନ୍ଦ କରିଦେଇଛନ୍ତି। ବିକଳ୍ପ ବ୍ୟବସ୍ଥା ନ କରି ମେଡିକାଲ ବନ୍ଦ କରିଥିବାରୁ ଏବେ ଖଣି ଅଞ୍ଚଳର ଶ୍ରମିକ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ରହିଛନ୍ତି। ଖଣି ଅଞ୍ଚଳରୁ କେନ୍ଦ୍ର ସରକାର ପାଉଥିବା ସେସ୍ ବା ରାଜସ୍ୱରୁ ସ୍ଥାନୀୟ ଶ୍ରମିକଙ୍କ ସ୍ୱାସ୍ଥ୍ୟ ସେବା ପାଇଁ କେନ୍ଦ୍ର ଶ୍ରମ ମନ୍ତ୍ରାଳୟ ତରଫରୁ ଏହି କେନ୍ଦ୍ରୀୟ ହସପିଟାଲ ଖୋଲାଯାଇଥିଲା। ଉନ୍ନତମାନ ସହିତ ସମସ୍ତ ପ୍ରକାର ଚିକିତ୍ସା ଯୋଗାଇ ଦିଆଯାଉଥିବାରୁ ଶ୍ରମିକଙ୍କ ଆଶାର ଆଲୋକ ସାଜିଥିଲା ଏହି ହସ୍ପିଟାଲ। ମାତ୍ର ଗତ ଦଶ ବର୍ଷ ହେବ ଏହି ହସପିଟାଲକୁ ବନ୍ଦ କରିଦିଆଯାଇଛି। ହସ୍ପିଟାଲ ବନ୍ଦ ପଡ଼ିଥିବାରୁ ଭିତରେ ଥିବା ଉନ୍ନତମାନର ଯନ୍ତ୍ରପାତି ଖତ ଖାଉଥିବା ବେଳେ ଆସବାବ ପତ୍ର ସବୁ ନଷ୍ଟ ହେଇସାରିଛି। ଏବେ ଏହି ହସ୍ପିଟାଲକୁ କିଛି ସିକ୍ୟୁରିଟି ଗାର୍ଡ ଜଗିଥିବା ବେଳେ ହସ୍ପିଟାଲ ପରିସର କିନ୍ତୁ ଭୂତକୋଠି ହେଇସାରିଲାଣି। ହସ୍ପିଟାଲ ବନ୍ଦ ଯୋଗୁଁ ଏବେ ଖଣି ଅଞ୍ଚଳର ଗରିବ ଶ୍ରମିକ ହତାଶ ହେବା ସହ ସ୍ୱାସ୍ଥ୍ୟ ସେବା ପାଇଁ ବେସରକାରୀ ଡାକ୍ତରଖାନାରେ ଶୋଷଣର ଶିକାର ହେଉଛନ୍ତି। ଏହାକୁ ନେଇ ଖଣି ଅଞ୍ଚଳରେ ଅସନ୍ତୋଷ ଦେଖାଦେବା ସହ ଶୀଘ୍ର ଏହି ଡାକ୍ତରଖାନାର ପୁନଃକାର୍ଯ୍ୟକ୍ଷମ ପାଇଁ ଦାବି ହେଉଛି।

## ମଦ ରନ୍ଧା ସାମଗ୍ରୀରେ ଲଗାଇଦେଲା ନିଆଁ

**ପାଟଣା,୫।୧୨(ସଂଚାର ବ୍ୟୁରୋ):** ବେଆଇନଦେଶୀ ମହୁଲି ଭାଟି ଉପରେ ପୋଲିସ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ମହୁଲି ମଦ ସହ ପୋଚ ନଷ୍ଟ କରିଛି। କେନ୍ଦୁଝର ଜିଲାତୁରୁମୁଙ୍ଗା ଥାନା ଦାଶରଥିପୁର ଗ୍ରାମର ପତଳା ସାହି ଜଙ୍ଗଲ ଭିତରେ ବେଆଇନ ଦେଶୀ ମହୁଲି ମଦ ପ୍ରସ୍ତୁତ ସମୟରେ ଶୁକ୍ରବାର ତୁରୁମୁଙ୍ଗା ପୋଲିସ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ମହୁଲି ମଦ ,ପୋଚ ସହ ମଦ ରନ୍ଧା ସାମଗ୍ରୀକୁ ନିଆଁ ଲଗାଇ ପୋଡ଼ି ନଷ୍ଟ କରିଛି। ଚଢ଼ାଉ ଦେଖି ମଦ ମାଫିଆମାନେ ଫେରାର ହୋଇଯାଇଥିଲେ। ପୋଲିସ ମଦ ସହ ପୋଚ ଏବଂ ମଦ ରନ୍ଧା ସାମଗ୍ରୀକୁ ଜବତ କରି ନଷ୍ଟ କରିଛି। ସୂଚନା ଯେ, ପତଳା ସାହିରେ ଦୀର୍ଘଦିନରୁ ବେଆଇନ ଭାବରେ ଦେଶୀ



ମହୁଲି ମଦ ପ୍ରସ୍ତୁତ କରାଯାଇ ଜିଲା ଓ ବାହାରର ବିଭିନ୍ନ ଅଞ୍ଚଳକୁ ବେଧଡ଼କ ଭାବରେ ଚାଲାଣ କରାଯାଉଥିଲା। ତୁରୁମୁଙ୍ଗା ଥାନା ଇନ୍ସପେକ୍ଟର କିରଣ ସାହୁ ଓ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ଚଢାଉରେ ସାମିଲ ହୋଇଥିଲେ।

## ଗୋରୁ ବୋଝେଇ ଟ୍ରକ୍ ଜବତ

**ଜୟପୁର,୫।୧୨(ସଂଚାର ବ୍ୟୁରୋ):** ଜୟପୁର ଠାରୁ ହାଇଦ୍ରାବାଦ ଅଭିନବ ଉପାୟରେ ଗୋ ଚାଲାଣ କରାଯାଉଥିବା ବେଳେ ଟାଉନ ପୁଲିସ ଗାଡି ସହ ୩୨ଟି ଗାଈ ଜବତ କରିଛି। ମିଳିଥିବା ସୂଚନା ଅନୁଯାୟୀ ଗତକାଲି ମଧ୍ୟରାତ୍ରୀରେ କିଛି ଯୁବକ ଓ ଟାଉନ ପୁଲିସ କର୍ମଚାରୀ ଏକ ଆଇଚର ଗାଡି ନମ୍ବର (ଟିଏସ ୦୫ୟୁଏଫ ୨୬୯୮)କୁ ପୁରୁଣାଗଡ ଛକ ନିକଟରେ ଅଟକାଇଥିଲେ। ଗାଡି ଅଟକାଇବା ପରେ ଘଟଣାସ୍ଥଳରୁ ଡ୍ରାଇଭର ଓ ହେଲପର ଚମ୍ପଟ ମାରିଥିଲେ। ସ୍ଥାନୀୟ ଯୁବକ ଓ ପୁଲିସ ଗାଡିରୁ ୩୨ଟି ଗାଈ ସମେତ ପରିବା ଟ୍ରେ ଗୁଡିକ ଉଦ୍ଧାର କରିଥିଲେ। ଉଦ୍ଧାର ଗାଈ ଗୁଡିକୁ ପୌର ଗୋଶାଳାରେ ରଖାଯାଇଥିଲା।

ଗଞ୍ଜେଇ ଚୋରା ଚାଲାଣ କରିବା ପାଇଁ ଚୋରମାନେ ବିଭିନ୍ନ ତରିକା ଆପଣାଉଥିବା ବେଳେ ବର୍ତମାନ ଗୋ ଚାଲାଣ କରିବା ପାଇଁ ମଧ୍ୟ ଭିନ୍ନ ଭିନ୍ନ ତରିକା ଆପଣାଉଛନ୍ତି। ଗତକାଲି ଧରାପଡିଥିବା ଗାଡିର ଉପରି ଭାଗରେ ପରିବା ଟ୍ରେ ରହିଥିବା ବେଳେ ଭିତରେ ଗାଈ ଗୁଡିକୁ ବାନ୍ଧି ରଖାଯାଇଥିଲା। ପ୍ରତିଦିନ ଜୟପୁର ସହରରୁ ଏବଂ ଜୟପୁର ସହର ଦେଇ ଗୋଚାଲାଣ ଚାଲୁଥିବା ଯୋଗୁଁ ପୁଲିସ ସଜାଗ ହୋଇ ଗୋଚାଲାଣ ରୋକିବା ପାଇଁ ସାଧାରଣରେ ଦାବି ହେଉଛି।

## ୧୫ ବର୍ଷ ହେଲା ଭତ୍ତାରୁ ବଞ୍ଚିତ କାଜଲ

**କନ୍ଧମାଳ,୫।୧୨(ସଂଚାର ବ୍ୟୁରୋ):** ସରକାର ବୃଦ୍ଧବୃଦ୍ଧା ମାନଙ୍କ ପାଇଁ ବାର୍ଦ୍ଧକ୍ୟ ଭତ୍ତା, ସ୍ୱାମୀ ପରିତ୍ୟକ୍ତ ମହିଳା ମାନଙ୍କ ପାଇଁ ସ୍ୱାମୀ ପରିତ୍ୟକ୍ତ ଭତ୍ତା, ବିକଳାଙ୍ଗ ମାନଙ୍କ ବିକଳାଙ୍ଗ ଭତ୍ତା ଓ ବିଧବା ମହିଳା ମାନଙ୍କ ପାଇଁ ବିଧବା ଭତ୍ତା ଭଳି ଅନେକ ଯୋଜନା କରିଛନ୍ତି। ହେଲେ ପଞ୍ଚାୟତ ଓ ବ୍ଲକ ପ୍ରଶାସନିକ ଅଧିକାରୀ ମାନଙ୍କ ଅବହେଳା ଯୋଗୁଁ ମିଳି ପାରିନାହିଁ ସ୍ୱାମୀ ପରିତ୍ୟକ୍ତ ଭତ୍ତା। ଏମିତି ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ସାରଙ୍ଗଡ଼ ପଞ୍ଚାୟତ ଅଧୀନରେ ଥିବା ସଲାଗୁଡ଼ା ଗ୍ରାମରୁ ଆସିଛି ଏପରି ଏକ ଅଭିଯୋଗ। ସାରଙ୍ଗଡ଼ ପଞ୍ଚାୟତ ଅଧୀନରେ ଥିବା ସଲାଗୁଡ଼ା ଗ୍ରାମର କାଜଲ ନାୟକ ବୟସ ୩୭। ଆଜକୁ ପ୍ରାୟ ୧୫ ବର୍ଷ ତଳେ କାଜଲ ନାୟକ ଙ୍କ ସ୍ୱାମୀ ତ୍ରିଲୋଚନ ନାୟକ ଦୁଇଟି ଛୁଆଙ୍କୁ ଛାଡ଼ି କାଜଲ ନାୟକ ଙ୍କ ଦାୟିତ୍ୱରେ ଛାଡ଼ି କୁଆଡ଼େ ଚାଲିଗଲେ ପତା ନାହିଁ। ସ୍ୱାମୀ ଜଣକ କେରଳରେ କେଉଁ ଆଡ଼େ ଚାଲିଗଲେ କାଜଲ ନାୟକ ଙ୍କ ପାଇଁ ସବୁ ରାସ୍ତା ବନ୍ଦ ହୋଇଗଲା। ସେ ନିଜେ କେମିତି ବଞ୍ଚିବେ ଆଉ ପୁଅ ଝିଅ ଙ୍କୁ କେମିତି ପାଳିବେ ସେ



ଚିନ୍ତାରେ ଘାଣ୍ଟି ହୋଇଗଲେ। ସରକାର ମାନଙ୍କୁ ଭତ୍ତା ଦେଉଥିବା ଜାଣି ୧୫ ବର୍ଷ ହେଲାଣି ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟକୁ ଦୌଡୁଛନ୍ତି। ହେଲେ ଆଜିଯାଏ ସେ ସ୍ୱାମୀ ପରିତ୍ୟକ୍ତ ଭତ୍ତା ଖଣ୍ଡିକ ପାଇପାରିଲେନାହିଁ। ଏପରି କି ପରିବାରର ୩ ସଦସ୍ୟ ପଞ୍ଚାୟତରେ ମିଳୁଥିବା ପରିତ୍ୟକ୍ତ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ଚଳାଚଳରେ ଅସୁବିଧା ହେବାରୁ ଏବେ ସେ ଦୁଇ ପୁଅ ଝିଅ ଙ୍କ ସହିତ ସାରଙ୍ଗଡ଼ ପଞ୍ଚାୟତ ଅଧୀନରେ ଥିବା ସଲାଗୁଡ଼ା ନିଜେ କରିଥିବା ଭାଙ୍ଗା ଦଦରା ଘରେ ଆଶ୍ରୟ ନେଉଛନ୍ତି।

## ବଲାଙ୍ଗୀରରୁ ରାମେଶ୍ୱରମ-ମଦୁରାଇ ଅଭିମୁଖେ ଯାତ୍ରା

**ବଲାଙ୍ଗୀର,୪।୧୨(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭବ କାର୍ଯ୍ୟକ୍ରମରେ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ପରିସରରୁ ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ବ୍ଲକ ଓ ପୌରାଞ୍ଚଳରୁ ୧୪୦ ଜଣ ତୀର୍ଥଯାତ୍ରୀ ରାମେଶ୍ୱରମ-ମଦୁରାଇ ଅଭିମୁଖେ ଯାତ୍ରା କରିଛନ୍ତି ।

ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ରଶ୍ମୀ ରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ବଲାଙ୍ଗୀର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ଡା. ବିଜୟନନ୍ଦ ସେଠୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝୀ ଓ ଜିଲ୍ଲା କ୍ରୀଡା ଅଧିକାରୀ ପରାଶର ବାଗ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ।

## ଶିଶୁ ଅନନ୍ତଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ



**ବାଲିପାଟଣା,୫।୧୨(ସଂଚାର ବ୍ୟୁରୋ):** ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଶିଶୁ ଅନନ୍ତ ସ୍ମୃତି ସଂସଦ ର ମିଳିତ ଆନୁକୂଲ୍ୟରେ ପଞ୍ଚସଖା ଯୁଗର କନିଷ୍ଠ ସନ୍ଥମହାପୁରୁଷ ଶିଶୁ ଅନନ୍ତ ଙ୍କ ଜନ୍ମ ଜୟନ୍ତୀ ଉତ୍ସବ ଆଜି ବାଲି ପାଟଣା ସ୍ଥିତ ଶିଶୁ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସଦ ର ସଭାପତି ଅଭିମନ୍ୟୁ ନାୟକ ଏବଂ ସମ୍ପାଦିକା ତନୟା ଦାସ ଗୋସ୍ୱାମୀ ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମା ସୁଭଦ୍ରା ଙ୍କ ବାଡଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ର ଯୋଗ ଦେଇ କହିଥିଲେ ଯେ ଶ୍ରୀ ଜଗନ୍ନାଥ ହେଉଛନ୍ତି ଜୀବନ୍ତ ଠାକୁର।ପଞ୍ଚସଖା ଙ୍କ ସହିତ ସେ ଲୀଳାଖେଳା କରୁଥିଲେ। ଆମେ ସ୍ୱାଧୀନ ହେଲେ ମଧ୍ୟ ଏବେବି ଆମକୁ ଇଂରେଜ ସଭ୍ୟତା ଛାଡି ନାହିଁ। ମୋବାଇଲ ଏବଂ ଇସ୍କନ୍ ଆମକୁ ପଥଭ୍ରଷ୍ଟ କରୁଛନ୍ତି। ଜଗନ୍ନାଥଙ୍କ ଇଚ୍ଛା ଆମକୁ ସମସ୍ତଙ୍କୁ ପଥରେ ଚାଲି ରଥ ଟାଣିବା କୁ ହେବ।ମୁଖ୍ୟ ବକ୍ତା ଡ:ନିରଞ୍ଜନ ସାହୁ କହିଥିଲେ ଯେ ଯଦି ପଞ୍ଚସଖା ଙ୍କ ଆବିର୍ଭାବ ହୋଇ ନଥାନ୍ତା। ତେବେ ଆମର ଭାଷା ବଞ୍ଚି ପାରି ନଥାନ୍ତପୂର୍ବତନ ମନ୍ତ୍ରୀ ତଥା ବିଜେପି ର ବରିଷ୍ଠ ନେତା ଡ: ଅରବିନ୍ଦ ଢ଼ାଲି ପୀଠ ର ଉନ୍ନତି ପାଇଁ ସରକାର ଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ।ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଗୁରୁପ୍ରସାଦ ପୃଷ୍ଟି ଶିଶୁ ଅନନ୍ତ ସାଧନା ସମ୍ପର୍କରେ ତଥ୍ୟ ରଖିଥିଲେ।

## ଜିଲ୍ଲାର ଖରିଫ ଧାନ କ୍ରୟ ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ



**ସୁବର୍ଣ୍ଣପୁର,୫।୧୨(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ନୋଡାଲ ସଚିବ ତଥା ପରିଚାଳନା ନିର୍ଦ୍ଦେଶକ, ଓଡ଼ିଶା ରାଜ୍ୟ ବେସାମରିକ ଯୋଗାଣ ନିଗମ, ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତ୍ତୀ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତ କରି ଜିଲ୍ଲା କାର୍ଯ୍ୟାଳୟ ସ୍ଥିତ ମିନି ସମ୍ମିଳନୀ କକ୍ଷରେ ନୋଡାଲ ସଚିବଙ୍କ ଦ୍ୱାରା ସୁବର୍ଣ୍ଣପୁର ଜିଲ୍ଲାର ଖରିଫ ଧାନ କ୍ରୟ ସମ୍ବନ୍ଧୀୟ ପ୍ରସ୍ତୁତି ସହିତ ସମସ୍ତ ମଣ୍ଡି ଓ ପ୍ରାଥମିକ କୃଷି ସେବା ସମବାୟ ସମିତି ମାନଙ୍କରେ ଆନୁଷଙ୍ଗିକ ସରକାରୀ ସୁବିଧା ସୁନିଶ୍ଚିତ କରିବା ପାଇଁ ସମୀକ୍ଷା କରାଯାଇଥିଲା। ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ଼ ନୃପରାଜ ସାହୁ, ମୁଖ୍ୟ ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ, ସୁବର୍ଣ୍ଣପୁର, ଅତିରିକ୍ତ ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ, ସୁବର୍ଣ୍ଣପୁର, ଜିଲ୍ଲା ସମବାୟ ସମିତି ନିବନ୍ଧକ, ସୁବର୍ଣ୍ଣପୁର, ଉପ ନିବନ୍ଧକ ସମବାୟ ସମିତି, ସୋନପୁର, ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ଡୁଙ୍ଗୁରିପାଲି ଓ ସୋନପୁର ଙ୍କ ସମେତ ଜିଲ୍ଲା ସମସ୍ତ ପଞ୍ଚାୟତ ସମିତିରେ କାର୍ଯ୍ୟରତ ଯୋଗାଣ ନିରିକ୍ଷକମାନେ ଯୋଗଦାନ କରିଥିଲେ।

## ବକେୟା ଦେୟ ପ୍ରଦାନକୁ ନେଇ ଜନତାଙ୍କ ଆକ୍ରୋଶର ଶୀକାର ହେଲେ ଫରେଷ୍ଟର ଏବଂ ଏସିଏଫ

**ବାରିପଦା,୫।୧୨(ସଂଚାର ବ୍ୟୁରୋ):** ଫରେଷ୍ଟରଙ୍କୁ ଜୋତାରେ ନିର୍ଧୁମ ପିଟିଲେ ମହିଳା, ଉଦ୍ଧାର କରିବାକୁ ଯାଇଥିବା ଏସିଏଫଙ୍କୁ ମଧ ମାଡ଼, ବକେୟା ଦେୟ ପାଇ ନଥିବାରୁ ଫରେଷ୍ଟରଙ୍କୁ ଗାଳି ଗୁଲଜ ସହ ଜୋତାରେ ସେକିଲେ ସ୍ଥାନୀୟ ମହିଳା। ଉଦ୍ଧାର କରିବାକୁ ଆସିଥିବା ଏସିଏଫଙ୍କୁ ମଧ ମାଡ ମାରିବା ସହ ଠେଲାପେଲା କଲେ ସ୍ଥାନୀୟ ଲୋକେ । ସୂଚନାଯୋଗ୍ୟ କି ଶିମିଳିପାଳ ଉତ୍ତର ବନ୍ୟପ୍ରାଣୀ ବନଖଣ୍ଡ ବରେହିପାଣି ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଲୋକଙ୍କ ଆକ୍ରୋଶର ଶୀକାର ହୋଇଛନ୍ତି ଚହଲା ଏସିଏଫ ଲମ୍ବୋଦର ବାସ୍କେ ଓ ବରେହିପାଣି ରେଞ୍ଜ ଫରେଷ୍ଟର କାଳିଚରଣ ନାଏକ । ଦିର୍ଘଦିନ ହେଲା ବକେୟା ଦେବାରେ ବନ ବିଭାଗର ଟାଳଟୁଳ ନୀତି। ଶେଷରେ ଉତ୍ତେଜିତ ହୋଇ ସମ୍ମୁଖରେ ଧାରଣାରେ ବସିଥିବା ବେଳେ ହଠାତ୍ ଫରେଷ୍ଟରଙ୍କୁ ଆକ୍ରମଣ କରିଥିଲେ ଧାରଣାରେ ବସିଥିବା ମହିଳାମାନେ।

## ଜଙ୍ଗଲ ସମ୍ବଳର ସୁପରିଚାଳନା ଦ୍ୱାରା ହିଁ ବିକାଶ ସମ୍ଭବପର

**ସୁନ୍ଦରଗଡ଼,୫।୧୨(ସଂଚାର ବ୍ୟୁରୋ):** ପୁରୁଷାନୁକ୍ରମେ ଜଙ୍ଗଲ ଜମିରେ ବସବାସ କରି ଆସୁଥିବା ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ମାନଙ୍କୁ ସେମାନଙ୍କର ପାରମ୍ପରିକ ଅଧିକାରଗୁଡ଼ିକୁ ଆଇନଗତ ସ୍ୱୀକୃତି



ପ୍ରଦାନ କରିବା ହେଉଛି ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର୍ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ - ୨୦୦୫ ର ଆଭିମୁଖ୍ୟ ଏହି ଆଇନ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କ ପ୍ରତି ହୋଇ ଆସିଥିବା ଐତିହାସିକ ଅନ୍ୟାୟକୁ ଆଇନ ଗତ ସ୍ୱୀକୃତି ମାଧ୍ୟମରେ ଦୂର କରିବା ସହ ସେମାନଙ୍କୁ ଜଙ୍ଗଲଜମି ଓ ଜଙ୍ଗଲ ସମ୍ପଦର ବ୍ୟବହାର ଉପରେ ଅଧିକାର ପ୍ରଦାନ କରୁଛି। ସେମାନଙ୍କ ଖାଦ୍ୟ ସୁରକ୍ଷାକୁ ସୁରକ୍ଷିତ କରିବା ସହ ପରିବେଶ ସନ୍ତୁଳନକୁ ରକ୍ଷା କରିବା ଓ ବନବାସୀ ମାନଙ୍କର ସହଭାଗିତାରେ ଜଙ୍ଗଲ ସମ୍ବଳର ସଂରକ୍ଷଣକୁ ସୁଦୃଢ଼ କରିବା ଦିଗରେ ଏହି ଅଧିନିୟମ ସହାୟକ ହୋଇପାରିବ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଝାରସୁଗୁଡ଼ା ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ଖଣିଜ ପାଣ୍ଠି ଅଡିଟୋରିୟମ କକ୍ଷରେ ଗୋଷ୍ଠିଗତ ଜଙ୍ଗଲ ସମ୍ବଳ ପରିଚାଳନା ଯୋଜନା ଉପରେ ଏକ ଜିଲ୍ଲା ଓ ଉପଖଣ୍ଡ ସ୍ତରୀୟ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ କିଶୋର ଚନ୍ଦ୍ର ସ୍ୱାଇ ସଭାପତିତ୍ୱ କରି ଗୋଷ୍ଠି ସଚେତନତା ସଂଗେ ସଂଗେ ସମସ୍ତେ ନିଜ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକ ରହିଛି ବୋଲି ମତ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲା ମଙ୍ଗଳ ଅଧିକାରୀ ଜୟଶ୍ରୀ ଅଭିଭାଷଣ ପ୍ରଦାନ କରିଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମ ଗୋଷ୍ଠିଗତ ଜଙ୍ଗଲ ସମ୍ବଳ ପରିଚାଳନା ଯୋଜନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ।

## ବରିଷ୍ଠ ନାଗରିକ ସଂଗଠନ ତରଫରୁ ମହାନଦୀ ନେତ୍ର ଚିକିତ୍ସାଳୟ ଅଧୀକ୍ଷକଙ୍କୁ ଦାବିପତ୍ର

**ସୁବର୍ଣ୍ଣପୁର,୫।୧୨(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରର ପଣ୍ଡାପାଲି ସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟ ର ଅଧିକ୍ଷକ ଙ୍କୁ ଶୁକ୍ରବାର ବରିଷ୍ଠ ନାଗରିକ ସଂଗଠନ ତରଫରୁ ଏକ ଦାବିପତ୍ର ପ୍ରଦାନ କରା ଯାଇଛି।ଏହି ଦାବିପତ୍ରରେ ଚକ୍ଷୁ ସଂପର୍କୀତ ଔଷଧ ଓ ଚଷମା ଉପରେ ୨୦% ରିହାତି ପ୍ରଦାନ, ବରିଷ୍ଠ ନାଗରିକ ମାନଙ୍କୁ ଚିକିତ୍ସା ତଥା ଅନ୍ୟାନ୍ୟ ସେବା କ୍ଷେତ୍ରରେ ଅଗ୍ରାଧିକାର ପ୍ରଦାନ, ପରିମଳ ଓ ପରିଚ୍ଛନ୍ନତା ପ୍ରତି ଧ୍ୟାନ ଦେବା, ଚିକିତ୍ସାଳୟର ବିଭିନ୍ନ ନିଯୁକ୍ତି କ୍ଷେତ୍ରରେ ସ୍ୱଚ୍ଛତା ଆଦି ବିଷୟ ଉଲ୍ଲେଖ ରହିଛି। ବରିଷ୍ଠ ନାଗରିକ ସଂଗଠନର ସଭାପତି ଡକ୍ଟର ପ୍ରଫୁଲ୍ଲ କୁମାର ରଥଙ୍କ ନେତୃତ୍ୱରେ ଅନୁଷ୍ଠାନ ର ସଂପାଦକ ସନ୍ତୋଷ କୁମାର ଷଡଙ୍ଗୀ, ପୂର୍ବତନ ସଭାପତି ଭଗବାନ ମିଶ୍ର ଓ କୃଷ୍ଣଚନ୍ଦ୍ର ପାଢ଼ୀ, ସଦସ୍ୟ ଧନୁ ପଧାନ, ଭୂଷଣ କୁମାର ପାତ୍ର, ଦ୍ୱିତୀକୃଷ୍ଣ ପଣ୍ଡା, ବାସୁଦେବ ପଣ୍ଡା, ଗୋପୀନାଥ ମହାକୁର, ଅକ୍ଷୟ ମିଶ୍ର, ବଳରାମ କାଣ୍ଡ, ଜ୍ଞାନେନ୍ଦ୍ର ତ୍ରିପାଠୀ, ତ୍ରିନାଥ ମିଶ୍ର, ଅକ୍ରୁର ଦନ୍ତା, ଚମରା ମହାକୁର, ଜୀତେନ୍ଦ୍ର ପଧାନ, ସତ୍ୟ ନାରାୟଣ ନାୟକ, ଜମ୍ବେଶ୍ୱର ପଧାନ, ପ୍ରମୁଖ ସାମିଲ୍ ହୋଇଥିଲେ। ଏଇ ଉପଲକ୍ଷେ ଆୟୋଜିତ ସଭାରେ ଅଧିକ୍ଷକ ଦେବେନ୍ଦ୍ର କୁମାର ସାହୁ ଦାବିପତ୍ରକୁ ସମ୍ମାନ ଜଣାଇ ଏହାକୁ କାର୍ଯ୍ୟକାରୀ କରିବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ।

## ଜିଲ୍ଲା ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ କର୍ମଶାଳା



**ବୋରିଗୁମ୍ମା,୫।୧୨(ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗୀୟ ସମସ୍ତ ଉଚ୍ଚ ବିଦ୍ୟାଳୟ ର ପ୍ରତ୍ୟେକ ବିଷୟଗତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ନେଇ ଦୁଇ ଦିନିଆ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କର୍ମଶାଳା ଶୁକ୍ରବାର ଶନିବାର ଦୁଇ ଦିନ ଚାଲିବାର କାର୍ଯ୍ୟକ୍ରମ ରହିଛି।ଏଥିରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନେ କିପରି ଭଲ ନମ୍ବର ରଖି ଆଗାମୀ ବାର୍ଷିକ ପରୀକ୍ଷାରେ ପାସ୍ କରିବେ ଓ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀ ପାସ୍ କରିବେ ସେଥିପାଇଁ ଜିଲ୍ଲା ମଙ୍ଗଳ ଅଧିକାରୀ, କୋରାପୁଟ ସୁନୀଲ କୁମାର ତାଣ୍ଡି ଙ୍କ ତରଫରୁ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ଏହି କର୍ମଶାଳା ରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ଅର୍ଜୁନ ନାୟକ ସମ୍ପୂର୍ଣ୍ଣ ତତ୍ତ୍ୱାବଧାନ ନେଇଥିବା ବେଳେ ବରିଷ୍ଠ ଶିକ୍ଷକ ଏନ୍ ରାଜେଶ କୁମାର ଓ ହିରୋଦ ଖରା (ଇଂରାଜୀ) ରାଘବ ଚନ୍ଦ୍ର ଦେହୁରୀ ଓ ରାଜେଶ କୁମାର ନାୟକ (ଓଡିଆ), ଗୌର ଚନ୍ଦ୍ର ପ୍ରହରାଜ ରାଜଗୁରୁ ଓ ରାଜୀବ ଲୋଚନ ମହାପାତ୍ର (ସାମାଜିକ ବିଜ୍ଞାନ), ରୁଦ୍ର ପ୍ରସାଦ ପାଢ଼ୀ ଓ ରବିନ୍ଦ୍ର ଭଞ୍ଜ (ଗଣିତ), ଅଜୟ କୁମାର ଜେନା ଓ ସରୋଜ କୁମାର ଚେଟ୍ଟି (ବିଜ୍ଞାନ) ଦାୟିତ୍ୱ ନେଇ ପ୍ରତ୍ୟେକ ବିଷୟରେ ଛାତ୍ରଛାତ୍ରୀମାନଙ୍କ ଉନ୍ନତି ପାଇଁ ବିଭିନ୍ନ ପଦ୍ଧତି କୌଶଳ ବ୍ୟବହାର କରି ଆଗାମୀ ଦଶମ ବାର୍ଷିକ ପରୀକ୍ଷାରେ ଭଲ କରିବାକୁ ଆଲୋଚନା କରିଥିଲେ।

## ବ୍ଲକସ୍ତରୀୟ ବିଜ୍ଞାନ ମେଳା



**ପରଜଙ୍ଗ,୫।୧୨(ସଂଚାର ବ୍ୟୁରୋ):** ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ବିଶ୍ୱେଶ୍ୱର ବିଦ୍ୟାପୀଠ ମୁଣ୍ଡେଇଲୋଠାରେ ଶୁକ୍ରବାର ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀ ମେଳାରେ ଅପର ପ୍ରାଇମେରୀ ସ୍କୁଲ ଏବଂ ହାଇସ୍କୁଲରୁ ଛାତ୍ରୀଛାତ୍ରମାନେ ୧୫୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ । ଏଥିରେ ବ୍ଲକ ଶିକ୍ଷା ଅଧିକାରୀଣୀ ପ୍ରିୟଦର୍ଶିନୀ ନାୟକ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ଯଶଶ୍ୱିନୀ ରାଉତ ଯୋଗ ଦେଇ ଫିତା କାଟି ଏହାର ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ପରଜଙ୍ଗ କଲେଜର ଗଣିତ ମୁଖ୍ୟ ଅଧ୍ୟାପକ ସଚ୍ଚିଦାନନ୍ଦ ପ୍ରଧାନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପିଏମ ଶ୍ରୀ ମହେଶ୍ୱନ୍ଦ୍ର ସୁବହୁ ସିଂ ନୋଡାଲ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ବିକ୍ରମ ସିଂ ଯୋଗଦେଇଥିଲେ ।

## ଶୀତ ମହୋତ୍ସବ ପାଇଁ ପ୍ରସ୍ତୁତି ଜୋରଦାର: ପୂଜାର୍ଚ୍ଚନା ସହ ଆରମ୍ଭ ହେଲା ପାଣ୍ଠି ସଂଗ୍ରହ

**ଦାରିଙ୍ଗବାଡି,୫।୧୨(ସଂଚାର ବ୍ୟୁରୋ):** ଓଡିଶାର କାଶ୍ମୀର କୁହାଯାଉଥିବା ଦାରିଙ୍ଗବାଡି ରେ ଆସନ୍ତା ଜାନୁୟାରୀ ୮ ଠାରୁ ୧୧ ପର୍ଯ୍ୟନ୍ତ ୪ ଦିନ ଧରି ଶୀତ ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ଶୀତ



ମହୋତ୍ସବ ପାଳନ କମିଟିର ସମ୍ପାଦକ ତଥା ବିଡ଼ିଓ ପ୍ରୀତିରଞ୍ଜନ ରଥ ଶୁକ୍ରବାର ଦାରିଙ୍ଗବାଡି ସ୍ଥିତ ମା'ପଟ୍ଟାଖଣ୍ଡାଙ୍କ ପୀଠରେ ପୂଜାର୍ଚ୍ଚନା କରିବା ସହ ଏହି ମହୋତ୍ସବ ପାଳନ ନେଇ ଦିନ ଘୋଷଣା କରିଛନ୍ତି। ଏଥି ସହ ମହୋତ୍ସବ ପାଇଁ ଆବଶ୍ୟକ ପାଣ୍ଠି ସଂଗ୍ରହର ଶୁଭାରମ୍ଭ କରିଛନ୍ତି। ଏଥିରେ ବ୍ଲକ ବରିଷ୍ଠ ନାଗରିକ ସଂଘର ସମ୍ପାଦକ ତଥା ହିମଗିରି କଳାପରିଷଦ ର ସମ୍ପାଦକ ପତିତପାବନ ରାଉତ ପ୍ରଥମ ପାଣ୍ଠି ଦାନ କରିଛନ୍ତି। ପ୍ରକାଶ ଯେ, ଗୋଟିଏ ଦଶନ୍ଧି ଧରି ଦାରିଙ୍ଗବାଡିରେ ଶୀତ ମହୋତ୍ସବ ଅନୁଷ୍ଠିତ ହେଉଥିବା ବେଳେ ଚଳିତ ବର୍ଷ ଅନ୍ୟ ବର୍ଷ ତୁଳନାରେ ଆହୁରି ବ୍ୟାପକ ଓ ଉତ୍ସବମୁଖର କରିବାକୁ ବିଡ଼ିଓ ରଥ ଘୋଷଣା କରିଛନ୍ତି । ଜିଲା ପ୍ରଶାସନ, କନ୍ଧମାଳ ଏମପି ଏବଂ ଜିଲା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସହଯୋଗ ସହ ଅଞ୍ଚଳର ହୋଟେଲ, ବଣିକ ସଙ୍ଘ ସମେତ ବିଭିନ୍ନ ବିଭାଗ ଓ ଅନୁଷ୍ଠାନର ସହଯୋଗରେ ଏହି ମହୋତ୍ସବକୁ ଧୁମଧାମ ରେ ପାଳନ ପାଇଁ ଯୋଜନା ରହିଥିବା ବିଡ଼ିଓ କହିଛନ୍ତି।

## ଦେଓ୍ୱାନ ପାଟଣାରେ ବୃକ୍ଷରୋପଣ ଓ କମଳ ବଣ୍ଟନ

**ବାଲିପାଟଣା,୫।୧୨(ସଂଚାର ବ୍ୟୁରୋ):** ସିଦ୍ଧିବିନାୟକ ଚାରିଟେବୁଲ ଟ୍ରଷ୍ଟ ତରଫରୁ ବନମାଳୀପୁର ଦେଓ୍ୱାନ ପାଟଣା ସ୍ଥିତ ମା' ଦୁଲ୍ଲାଦେବୀ ଙ୍କ ମନ୍ଦିର ପ୍ରାଙ୍ଗଣରେ ବୃକ୍ଷ ରୋପଣ ଓ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ସ୍ଥାନୀୟ ଅଙ୍ଗନବାଡି କେନ୍ଦ୍ର ନିକଟରେ ଆମ୍ବ, ପଣସ, ନଡିଆ ପ୍ରଭୃତି ଚାରା ରୋପଣ କରାଯାଇଛି। ୩ ଶହରୁ ଉର୍ଦ୍ଧ୍ୱ ବୃଦ୍ଧ, ବୃଦ୍ଧାଙ୍କୁ କମଳ ବଣ୍ଟନ କରାଯାଇଛି। ସିଦ୍ଧି ବିନାୟକ ଚାରିଟେବୁଲ୍ ଟ୍ରଷ୍ଟ ଅଧ୍ୟକ୍ଷ ସତ୍ୟପ୍ରିୟ ବେହେରା ଙ୍କ ତତ୍ତ୍ୱାବଧାନ ରେ ଆୟୋଜିତ କାର୍ଯ୍ୟକ୍ରମ ରେ ଭାପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ କାଶୀନାଥ ବାରିକ, ସୁନାକର ସାହୁ ଯୋଗଦେଇଥିଲେ।ଯୁବ ନେତା ରାଜ କିଶୋର ପ୍ରଧାନ, କୈଳାଶ ଚନ୍ଦ୍ର ଦାସ, ସତ୍ୟପ୍ରକାଶ ସାହୁ, ପ୍ରମୁଖ ସହଯୋଗ କରିଥିଲେ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପନୀ

**ବୈଶିଙ୍ଗା,୫।୧୨(ସଂଚାର ବ୍ୟୁରୋ):** ବୈଶିଙ୍ଗା ସ୍ଥିତ ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ବୀରେନ୍ଦ୍ର କୁମାର ବେହେରାଙ୍କ ସଭାପତିତ୍ୱରେ ବାର୍ଷିକ କ୍ରୀଡ଼ା ଉଦଯାପନୀ ଦିବସ ପାଳିତ ହୋଇଯାଇଛିକ୍ଷ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏହି ମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଶ୍ରୀଯୁକ୍ତ ଗିରିଶ ଚନ୍ଦ୍ର ପୁଥାଳ ଯୋଗ ଦେଇ ପୁର୍ବ କ୍ରୀଡ଼ା ଉତ୍ସବ ଗୁଡିକର ସ୍ମୃତି ଚାରଣ କରି ବର୍ତ୍ତମାନର ସଫଳ ଛାତ୍ର ଛାତ୍ରୀ ମାନଙ୍କୁ ଭବିଷ୍ୟତରେ ସଫଳ କ୍ରୀଡ଼ାବିତ ହେବାପାଇଁ ପ୍ରେରଣା ଯୋଗାଇଥିଲେ। ଉଦଯାପନୀ ଉତ୍ସବରେ କ୍ରୀଡା ତଥା ସଂସ୍କୃତିକ କାର୍ଯ୍ୟକ୍ରମ ରେ ସଫଳ ହୋଇଥିବା ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ତଥା ସ୍ୱେଚ୍ଛାସେବୀ ପ୍ରତିଯୋଗୀ ମାନଙ୍କୁ କ୍ରୀଡ଼ା ଉତ୍ସବରେ ଭରପୁର ସହଯୋଗ କରିଥିଲେ।




# ଶରୀର ପାଇଁ ଲାଭଦାୟକ ମଟର ଚୋପା



ପରିବା ଏବଂ ଫଳ ଆମ ଶରୀର ପାଇଁ ଅନେକ ଲାଭଦାୟକ ହୋଇଥାଏ। ଏଥିରେ ରହିଥିବା ନାନାଦି ପ୍ରକାର ଭିଟାମିନ୍ ଏବଂ କ୍ୟାଲସିୟମ ଆମ ଶରୀରର ଅନେକ ଆବଶ୍ୟକତାକୁ ପୂରଣ କରିବାରେ ସାହାର୍ଯ୍ୟ କରିଥାଏ। ଡାକ୍ତର ମାନେ ବି ପ୍ରତ୍ୟେହ ଫଳ ଏବଂ ଭରପୁର ସବୁଜ ପନିପରିବା ଖାଇବାକୁ ପରାମର୍ଶ ଦେଇଥାଆନ୍ତି। କିନ୍ତୁ ଆମେ ପ୍ରତ୍ୟେକ ପନିପରିବା ବା ଫଳକୁ ଖାଇବା ସମୟରେ ତା ଦେହରୁ ବାହାରୁଥିବା ଚୋପାକୁ ଫୋପାଡି ଦେଇଥାଉ। କିନ୍ତୁ ଏଭଳି କିଛି ଫଳ ରହିଛି ଯାହାର ଚୋପା ପୋଷକ ତତ୍ତ୍ୱରେ ପରିପୁଣ ହେବା ସହ ଶରୀର ପାଇଁ ଅଧିକ ଲାଭଦାୟକ ହୋଇଥାଏ। ଶୀତଦିନେ ବଜାରରେ ଗ୍ରୀନ୍ ମଟର ସୁବିଧାରେ ଉପଲବ୍ଧ ହୋଇଥାଏ।

ମଟରକୁ ଆମେ ମଟର ସୁପ, ପନିର ମଟର ତରକାରୀ, ଉପମା ପରି କେତେ ବ୍ୟଞ୍ଜନରେ ବ୍ୟବହାର କରିଥାଉ। ସାଧାରଣତଃ ମଟରକୁ ବ୍ୟବହାର କରି ଆମେ ସେଥିରୁ ବାହାରୁ ଥିବା ଚୋପାକୁ ଫୋପାଡି ଦେଇଥାଉ। କେତେ ଲୋକ ମଟରରୁ ବାହାରୁଥିବା ଚୋପାକୁ ଗାଇଗୋରୁଙ୍କୁ ଖାଇବାକୁ ଦେବାରେ ବ୍ୟବହାର କରିଥାଆନ୍ତି। ଆୟୁର୍ବେଦ ଏବଂ ବୈଜ୍ଞାନିକ ଗବେଷଣା ଅନୁସାରେ ମଟର ଦାନା ପରି ଏହାର ଚୋପା ଶରୀର ପାଇଁ ବରଦାନ ଅଟେ। ତେବେ ଆସନ୍ତୁ ଏହାର ଫାଇଦା ସଂପର୍କରେ ଅଧିକ ଆଲୋଚନା କରିବା।

ମଟର ଚୋପାରେ କପର, ଭିଟାମିନ ସି, କ୍ୟାଲସିୟମ, ଫାଇବର ଭରପୁର ମାତ୍ରାରେ ରହିଥାଏ। ଏଥିରେ ଥିବା ପୋଟାସିୟମ ଶରୀରରେ ଥିବା ତରଳ ପଦାର୍ଥର ସନ୍ତୁଳନକୁ ବଜାଇ ରଖିବା ସହ ହୃଦୟକୁ ଭଲଭାବରେ କାମ କରିବାରେ ସାହାର୍ଯ୍ୟ କରିଥାଏ।

**ମଟର ଚୋପାରେ ରହିଥାଏ ଭିଟାମିନ:** ଭିଟାମିନ୍ ସି ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବଢାଇଥାଏ। ଭିଟାମିନ୍ କେ ସ୍ୱାଭାବିକ ରକ୍ତ ଜମାଟ ବାନ୍ଧିବାରେ ସାହାଯ୍ୟ କରେ ଏବଂ ହାଡ଼କୁ ମଜବୁତ କରିଥାଏ।

ଆଖି ପାଇଁ ଲାଭଦାୟକ: ମଟର ଚୋପାରେ କ୍ୟାରୋଟିନଏଡ୍ ନାମକ ପ୍ରାକୃତିକ ରାସାୟନିକ ପଦାର୍ଥ ରହିଥାଏ। ଯାହା ଆଖି ପାଇଁ ଲାଭଦାୟକ ବୋଲି ବିବେଚନା କରାଯାଏ। ଏହା ଆଖି କୋଷ କାର୍ଯ୍ୟକୁ ବଜାୟ ରଖିବା ସହିତ ଆଲୋକ କ୍ଷତିରୁ ଆଖିକୁ ସୁରକ୍ଷା ଦେଇଥାଏ।

**ପେଟ ପାଇଁ ଲାଭଦାୟକ:** ମଟରର ଚୋପାରେ ଭରପୁର ମାତ୍ରାରେ ଫାଇବର ରହିଥାଏ। ଯାହା ଆମ ଶରୀରର ପେଟ ସମସ୍ୟରେ ସୁଧାର ପରିଲକ୍ଷିତ କରିଥାଏ। ମଟର ଚୋପାର ସେବନ ଫଳରେ ଶରୀରରେ ଉପନ୍ନ କୋଷ୍ଟକାଠିନ୍ୟ, ଗ୍ୟାସ ପରି ଜଟିଳ ସମସ୍ୟାରୁ ଏହା ଆରାମ ଦେଇଥାଏ। ଏହା ଶରୀରରେ ପାଚନ କ୍ରିୟାକୁ ସରଳ କରିଥାଏ।

**ଓଜନ କମାଏ:** ଏହି ମଟର ଚୋପାକୁ ଡାଏଟ କରୁଥିବା ଲୋକମାନେ ଚଟଣି କରି ଖାଇପାରିବେ। ମଟରର ଚୋପାରେ ଫାଇବର ଭରପୁର ମାତ୍ରାରେ ରହିଥାଏ । ଫାଇବର ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ବହୁତ ସମୟ ପର୍ଯ୍ୟନ୍ତ ଭୋକ ଲାଗି ନଥାଏ । ଯେଉଁମାନେ ଡାଏଟ କରୁଛନ୍ତି ସେମାନେ ମଟରର ଚୋପାକୁ ପ୍ରତିଦିନ ଖାଇବା ଫଳରେ ମୋଟା ହୋଇନଥାଆନ୍ତି।

ମଟରର ଚୋପାକୁ ପରିଷ୍କାର ଭାବରେ ଧୋଇ କାଟି ଏଥିରେ ଆଳୁ ମିଶାଇ ଭଜା ପ୍ରସ୍ତୁତ କରିପାରିବେ। ସେହିପରି ଏହି ଚୋପାରୁ ଆପଣ ସ୍ୱାଦିଷ୍ଟ ଚଟଣି ତିଆରି କରିପାରିବେ। ମଟରର ଚୋପାରେ କଞ୍ଚାଲଙ୍କା, ଧନିଆଗୁଣ୍ଡ, ଲେମ୍ବୁ, ରସୁଣ, ଚାଟ ମସଲାକୁ ବ୍ୟବହାର କରି ଚଟଣି ପ୍ରସ୍ତୁତ କରିପାରିବେ। ଏହି ଚଟଣୀକୁ ଆପଣ ରୁଟି, ପରଟା, ଭାତ ସହ ବିଭିନ୍ନ ସ୍ନାକ୍ସ ଖାଦ୍ୟ ସହ ଖାଇପାରିବେ ।



# ଶୀତଦିନେ ଦେଶୀ ଘିଅ ତ୍ୱଚା ପାଇଁ ଉପକାରୀ

ଶୀତ ଋତୁ ଆରମ୍ଭ ହେବା ମାତ୍ରେ ଅନେକ ତ୍ୱଚା ସମ୍ବନ୍ଧୀୟ ସମସ୍ୟା ଦେଖା ଦେବା ଆରମ୍ଭ ହୋଇଯାଏ। ଥଣ୍ଡା ପବନ ତ୍ୱଚାର ନ୍ୟାଚୁରାଲ ନରମତାକୁ ହ୍ରାସ କରିଥାଏ। ଶୀତଋତୁରେ ଅଧିକ ଥଣ୍ଡା କାରଣରୁ ତ୍ୱଚାରେ ଡ୍ରାଏନେସ୍ ଆସିବା ଆରମ୍ଭ ହୁଏ, ଯେଉଁଥିପାଇଁ ଶୀତଦିନେ ଚର୍ମ ଫାଟିବା ମଧ୍ୟ ଆରମ୍ଭ ହୋଇଥାଏ। ମୁହଁରେ କେମିକାଲ୍ ମଶ୍ଚରାଇଜର ଲଗାଇବା ଦ୍ୱାରା ମୁହଁର ଶୁଷ୍କତା କମ୍ ହୋଇଯାଇଥାଏ, କିନ୍ତୁ ଏହାର ଅନେକ ଖରାପ ପ୍ରଭାବ ମଧ୍ୟ ତ୍ୱଚାରେ ଦେଖାଯାଏ। କିନ୍ତୁ ଆପଣ ଜାଣନ୍ତି କି ଚେହେରାକୁ ଚମକଦାର ଏବଂ ନରମ କରିବା ପାଇଁ ଆପଣ ମୁହଁରେ ଦେଶୀ ଘିଅ ଲଗାଇ ପାରିବେ?

ଦେଶୀ ଘିଅ କେବଳ ଯେ ସ୍ୱାସ୍ଥ୍ୟ ପାଇଁ ଭଲ ତା' ନୁହେଁ ଏହା ତ୍ୱଚା ପାଇଁ ମଧ୍ୟ ବରଦାନ ସଦୃଶ କାମ କରିଥାଏ। ବାସ୍ତବରେ ଦେଶୀ ଘିଅ ଆପଣଙ୍କ ସ୍କିନ୍, କେଶ ଏବଂ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଭଲ ହୋଇଥାଏ। କିନ୍ତୁ ଦେଶୀ ଘିଅ ଦ୍ୱାରା ବିୟୁଟି ବେନିଫିଟ୍ ବିଷୟରେ ଖୁବ୍ କମ୍ ଲୋକ ଜାଣନ୍ତି। ତେବେ ଅନେକ ଲୋକ ଅଛନ୍ତି ମୁହଁରେ ଘିଅ କିପରି ବ୍ୟବହାର କରିବେ ଜାଣନ୍ତି ନାହିଁ, ଏହି କାରଣରୁ ସେମାନେ ଘିଅର ଉପକାରିତା ବିଷୟରେ ଜାଣିପାରନ୍ତି ନାହିଁ। ତାହେଲେ ଆସନ୍ତୁ ଜାଣିବା ଯେ ସ୍କିନ୍‌ରେ ଘିଅ ଲଗାଇବାର ଫାଇଦା କ'ଣ ଏବଂ ଏହାକୁ କିପରି ଲଗାଇବା।

ଶୀତ ଋତୁରେ ଅଧିକାଂଶ ଲୋକ ଡ୍ରାଏ ସ୍କିନ୍ ସମସ୍ୟାରେ ଅସୁବିଧାରେ ପଡ଼ନ୍ତି। ଡ୍ରାଏ ସ୍କିନ୍ ଯୋଗୁଁ ମୁହଁର ଚମକ କମିଯାଏ। ଡ୍ରାଏ ସ୍କିନ୍ ଯୋଗୁଁ ତ୍ୱଚା ମଧ୍ୟ ଦୁର୍ବଳ ଓ ନିର୍ଜୀବ ଦେଖାଯାଏ। ଯଦି ଆପଣଙ୍କ ତ୍ୱଚା ମଧ୍ୟ ଶୁଷ୍କ ଏବଂ ନିର୍ଜୀବ ଦେଖାଯାଉଛି, ତେବେ ଆପଣ ନିଜ ଚେହେରାର ଚମକ ବଢାଇବା ପାଇଁ ଦେଶୀ ଘିଅ ବ୍ୟବହାର କରିପାରିବେ। ତେବେ ଆସନ୍ତୁ ଜାଣିବା ମୁହଁରେ ଦେଶୀ ଘିଅ କିପରି ଲଗାଇବେ। ଉଜ୍ଜ୍ୱଳ ତ୍ୱଚା ପାଇଁ ଆପଣ ଦେଶୀ ଘିଅକୁ ନାଇଟ୍ କ୍ରିମ୍ ଭାବରେ ବ୍ୟବହାର କରିପାରିବେ। ରାତିରେ ଦେଶୀ ଘିଅ ଲଗାଇ ମୁହଁରେ ଶୋଇବା ଦ୍ୱାରା ତ୍ୱଚାରେ ଡ୍ରାଏନେସ ହୋଇନଥାଏ।

ଘିଅ ଲଗାଇବା ପୂର୍ବରୁ ତ୍ୱଚାକୁ ଭଲ ଭାବେ ସଫା କରନ୍ତୁ। ଏହା ପରେ ଆଙ୍ଗୁଠି ସାହାଯ୍ୟରେ ଦେଶୀ ଘିଅ ମୁହଁରେ ଲଗାନ୍ତୁ। ଶୀତ ଋତୁରେ ମୁହଁ ମାଲିସ କରିବା ମଧ୍ୟ ବହୁତ ଲାଭଦାୟକ ହୋଇଥାଏ। ଘିଅରେ ମୁହଁକୁ ମାଲିସ୍ କରିବା ଦ୍ୱାରା ତ୍ୱଚା ସୁସ୍ଥ ରହିଥାଏ, ସେହିପରି ତ୍ୱଚାକୁ ଅନେକ ପୋଷକ ତତ୍ତ୍ୱ ମଧ୍ୟ ମିଳିଥାଏ। ସେହିଭଳି ଘିଅ ଫାଟିଥିବା ଓଠକୁ ନରମ ଏବଂ ଚମକଦାର ମଧ୍ୟ କରିଥାଏ। ଯଦି ଆପଣଙ୍କ ଓଠ ଫାଟିଯାଏ ତେବେ ଆପଣ ପ୍ରତିଦିନ ଆପଣଙ୍କ ଓଠରେ ଘିଅକୁ ଲିପ୍ ବାମ୍ ଭାବରେ ବ୍ୟବହାର କରିପାରିବେ। ଏହା ଆପଣଙ୍କ ଓଠକୁ ମଇଷ୍ଟରାଇଜ୍ ରଖିବ।

# ପ୍ରତିଦିନ ଖାଆନ୍ତୁ ଗଜାମୁଗ

**ମୁଗ ଖାଇବା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ। କିନ୍ତୁ ଯେତେବେଳେ ଆମେ ଗଜାମୁଗ ଖାଇଥାଉ ସେତେବେଳେ ଏହାର ସ୍ୱାସ୍ଥ୍ୟ ଉପକାରିତା ଅନେକ ଗୁଣ ବଢ଼ି ଯାଇଥାଏ। ପୋଷକ ତତ୍ତ୍ୱ ଭରପୂର ଗଜାମୁଗ ଅନେକ ଉତ୍ତମ ସ୍ୱାସ୍ଥ୍ୟ ଉପକାରିତା ପ୍ରଦାନ କରେ। ତେବେ ଆସନ୍ତୁ ଜାଣିବା ନିଜ ଡାଏଟରେ ଗଜାମୁଗ ସାମିଲ କରିବାର ଫାଇଦା ବିଷୟରେ।**



**ହଜମ କରିବାରେ ସାହାଯ୍ୟ କରେ:** ଗଜାମୁଗ ଖାଇବା ଦ୍ୱାରା ଏହା ହଜମ କରିବାରେ ସାହାଯ୍ୟ କରେ। ଅଙ୍କୁରୋଦଗମ ପ୍ରକ୍ରିୟା ଜଟିଳ କାର୍ବୋହାଇଡ୍ରେଟ୍ ଏବଂ ପ୍ରୋଟିନକୁ ଭାଙ୍ଗି ଦେଇଥାଏ, ଯାହାଦ୍ୱାରା ଶରୀରକୁ ଏହା ହଜମ କରିବା ସହଜ ହୋଇଥାଏ। ଏହା ପେଟ ଫୁଲିବା ଏବଂ ଗ୍ୟାସର ସମ୍ଭାବନାକୁ ହ୍ରାସ କରିବା ସହ ପୋଷକ ତତ୍ତ୍ୱର ଏକ ଉତ୍ତମ ଉତ୍ସ ଭାବରେ ମଧ୍ୟ ସାହାଯ୍ୟ କରେ।

**ଓଜନ ହ୍ରାସ କରିବାରେ ସାହାଯ୍ୟ କରେ:** ଯେଉଁମାନେ ଓଜନ ହ୍ରାସ କରିବାକୁ ଚେଷ୍ଟା କରୁଛନ୍ତି, ସେମାନଙ୍କ ପାଇଁ ଗଜାମୁଗ ବହୁତ ଭଲ। ମୁଗ ଡାଲିରେ ଥିବା ଫାଇବର କେବଳ ହଜମ କରିବାରେ ସାହାଯ୍ୟ କରେ ନାହିଁ ବରଂ ଆପଣଙ୍କୁ ଅନେକ ସମୟ ପର୍ଯ୍ୟନ୍ତ ପୂର୍ଣ୍ଣ ଅନୁଭବ ମଧ୍ୟ କରାଏ, ଯାହା କ୍ୟାଲୋରୀ ଇନଟେକକୁ ମଧ୍ୟ କମ୍ କରିଥାଏ। ଏକ ହାଇ ଫାଇବରଯୁକ୍ତ ଖାଦ୍ୟ ଯାହା ଓଜନ ହ୍ରାସ କରିବା ଏବଂ ପେଟ ଭରିବା ଏବଂ ଭୋକ କମ୍ କରି ୱେଟ୍ ମ୍ୟାନେଜମେଣ୍ଟ କରିବାରେ ବହୁତ ସାହାଯ୍ୟ କରିଥାଏ।

**ହୃତ୍‌ପିଣ୍ଡ ସ୍ୱାସ୍ଥ୍ୟରେ ଉନ୍ନତି ଆଣେ:** ଗଜାମୁଗରେ ଆଣ୍ଟିଅକ୍ସିଡାଣ୍ଟ, ପୋଟାସିୟମ୍ ଏବଂ ମ୍ୟାଗ୍ନେସିୟମ୍ ପରି ପୋଷକ ତତ୍ତ୍ୱ ଥାଏ। ଏହି ପୋଷକ ତତ୍ତ୍ୱ ବ୍ଲଡ଼ ପ୍ରେସରକୁ ନିୟନ୍ତ୍ରଣ କରିବା, କୋଲେଷ୍ଟ୍ରଲ ଲେବଲ୍ ହ୍ରାସ କରିବା ଏବଂ ହୃଦ୍ ରୋଗର ଆଶଙ୍କା ହ୍ରାସ କରିବାରେ କାମ କରିଥାଏ। ମୁଗ ଡାଲିରେ ଆଣ୍ଟିଅକ୍ସିଡାଣ୍ଟ କାର୍ଯ୍ୟକଳାପ ବହୁତ ଅଧିକ। ଏହି ଆଣ୍ଟିଅକ୍ସିଡାଣ୍ଟଗୁଡିକ ଫ୍ରି ରେଡିକାଲ୍ସକୁ ନ୍ୟୁଟ୍ରିଲାଇଜ କରିବାରେ ସାହାଯ୍ୟ କରେ।

**ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ:** ପ୍ରତିଦିନ ଗଜାମୁଗ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ଏଥିରେ ଭିଟାମିନ୍, ମିନେରାଲ୍ସ ଏବଂ ଆଣ୍ଟିଅକ୍ସିଡାଣ୍ଟ ଭରପୂର ମାତ୍ରାରେ ରହିଛି। ଏହା ବିଶେଷ ଭାବରେ ଭିଟାମିନ୍ 'ସି' ଏବଂ ଭିଟାମିନ୍ 'ଏ' ରେ ଭରପୂର ହୋଇଥାଏ, ଯାହା ଇମ୍ୟୁନିଟି ସିଷ୍ଟମକୁ ମଜବୁତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

**ବ୍ଲଡ୍ ସୁଗାର ନିୟନ୍ତ୍ରଣରେ ଉନ୍ନତି ଆଣେ:** ଗଜାମୁଗ ଏହାର କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ ଏବଂ ଅଧିକ ଫାଇବର ପରିମାଣ ହେତୁ ବ୍ଲଡ୍ ସୁଗାର ଲେବଲକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ଏକ କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସର ଅର୍ଥ ହେଉଛି ଏହା ହାଇ-ଗ୍ଲାଇସେମିକ୍ ଖାଦ୍ୟ ତୁଳନାରେ ବ୍ଲଡ୍ ସୁଗାର ଲେବଲକୁ ଧୀରେ ଧୀରେ ଲଗାତାର ଭାବରେ ବଢାଇଥାଏ।

**ତ୍ୱଚାରେ ଉନ୍ନତି ଆଣେ:** ସୁସ୍ଥ ତ୍ୱଚା ବଜାୟ ରଖିବା ପାଇଁ ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍‌ରେ ଭରପୂର ଖାଦ୍ୟ ଆବଶ୍ୟକ। ଗଜାମୁଗ ହେଉଛି ଫ୍ଲାଭୋନଏଡ୍ ଏବଂ ପଲିଫେନୋଲ୍ ସହିତ ଆଣ୍ଟିଅକ୍ସିଡାଣ୍ଟର ଏକ ଉତ୍ତମ ଉତ୍ସ, ଯାହା ସ୍କିନକୁ ଫ୍ରି ରେଡିକାଲ୍ ଦ୍ୱାରା ହେଉଥିବା କ୍ଷତିରୁ ରକ୍ଷା କରିଥାଏ। ଗଜାମୁଗରେ ମିଳୁଥିବା ଭିଟାମିନ୍ 'ଇ' ତ୍ୱଚାକୁ ପୋଷଣ ଯୋଗାଇବାରେ ସାହାଯ୍ୟ କରେ।



# ଖାଇବା ପରେ ତୁରନ୍ତ ଶୋଇବା କ୍ଷତିକାରକ

ପ୍ରତ୍ୟକ ମଣିଷ ପାଇଁ ହେଲ୍ଦି ଏବଂ ଫିଟ୍ ରହିବା ଅତ୍ୟନ୍ତ ଜରୁରୀ ହୋଇଥାଏ। ଏଥିପାଇଁ ସଠିକ ସମୟରେ ସଠିକ ପରିମାଣର ଖାଦ୍ୟ ଖାଇବା ସ୍ୱାସ୍ଥ୍ୟ ପାଇଁ ଖୁବ ଆବଶ୍ୟକ ହୋଇଥାଏ। କିନ୍ତୁ ଖାଦ୍ୟ ଖାଇବା ପରେ ଆପଣଙ୍କର କିଛି ଖରାପ ଅଭ୍ୟାସ ହେତୁ ଆପଣ ଅସୁସ୍ଥ ହୋଇପାରନ୍ତି। ଆପଣଙ୍କ ହଜମ ପ୍ରକ୍ରିୟା ନଷ୍ଟ ହୋଇପାରେ। ତେବେ ଆସନ୍ତୁ ଜାଣିବା ଖାଇବା ପରେ ତୁରନ୍ତ କ'ଣ ସବୁ କରିବା ଉଚିତ୍ ନୁହେଁ।

**ତୁରନ୍ତ ଶୋଇଯିବା**

ଖାଦ୍ୟ ଖାଇବା ପରେ ତୁରନ୍ତ ଶୋଇବା ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। ଏହା କରିବା ଦ୍ୱାରା ଏସିଡ୍ ରିଫ୍ଲକ୍ସ ସମସ୍ୟା ଦେଖାଦେଇପାରେ। ଖାଦ୍ୟ ଖାଇବା ପରେ ଆପଣ କିଛି ସମୟ ଚାଲିପାରିବେ ଯାହା ଦ୍ୱାରା ଶରୀର ସୁସ୍ଥ ମଧ୍ୟ ରହିଥାଏ।

**ଚା କିମ୍ବା କଫି ପିଇବା**

କିଛି ଲୋକ ଖାଇବା ପରେ ଚା' ଏବଂ କଫି ପିଇଥାନ୍ତି। ଖାଇବା ପରେ ଚା' ପିଇବା ଦ୍ୱାରା ଶରୀରରେ ଆଇରନ୍ ଅବଶୋଷଣ ହ୍ରାସ ପାଇଥାଏ। ଖାଇବା ପରେ କଫି ଏବଂ ଚା ପିଇବା ଦ୍ୱାରା ଶରୀରରେ ମିନେରାଲ୍ସର ଅଭାବ ହୋଇପାରେ।

**ଧୂମପାନ କରିବା**

କିଛି ଲୋକ ଖାଇବା ପରେ ଧୂମପାନ କରନ୍ତି। ଖାଇବା ପରେ ଧୂମପାନ କରିବା ଦ୍ୱାରା ଏହା ଫୁସଫୁସକୁ କ୍ଷତି ପହଞ୍ଚାଇପାରେ। ଏହା ବ୍ୟତୀତ ଏହା ଆପଣଙ୍କ ହଜମ ପ୍ରକ୍ରିୟା ଉପରେ ମଧ୍ୟ ପ୍ରଭାବ ପକାଇଥାଏ। କୌଣସି ବି ସମୟରେ ଧୂମପାନ କରିବା ସ୍ୱାସ୍ଥ୍ୟ ପାଇଁ ଭଲ ହୋଇନଥାଏ। କିନ୍ତୁ ଯଦି ଆପଣ ଏହି ଖରାପ ଅଭ୍ୟାସରେ ଲିପ୍ତ ଅଛନ୍ତି ତେବେ ଖାଇବା ପରେ ଆଦୌ ଧୂମପାନ କରନ୍ତୁ ନାହିଁ।

**ଜିମ୍ ଯିବା**

କିଛି ଲୋକ ଖାଇବା ପରେ ସାଙ୍ଗେ ସାଙ୍ଗେ ଜିମ୍ ଚାଲି ଯାଆନ୍ତି। କିନ୍ତୁ ଏହା ଆମ ସ୍ୱାସ୍ଥ୍ୟ ପାଇଁ ଆଦୌ ଠିକ ନୁହେଁ। ଖାଇବା ପରେ ତୁରନ୍ତ ଜିମ୍ ଯାଆନ୍ତୁ ନାହିଁ। ଜିମ୍ ଯିବା ହଜମ ପ୍ରକ୍ରିୟା ଉପରେ ଖରାପ ପ୍ରଭାବ ପକାଇଥାଏ। ବାସ୍ତବରେ, ଜିମ୍ ଯିବା ଦ୍ୱାରା ହଜମ ପ୍ରକ୍ରିୟାରେ ତଥା ରକ୍ତ ସଞ୍ଚାଳନରେ ଉନ୍ନତି ହୁଏ ନାହିଁ। ତେଣୁ ସର୍ବଦା ଖାଇବାର ୧ ରୁ ୨ ଘଣ୍ଟା ପରେ ଜିମ୍ କରାଯିବା ଉଚିତ୍। ନଚେତ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଏହା କ୍ଷତିକାରକ ହୋଇପାରେ।

## ଜିଲ୍ଲା ଠିକାଦାର ସଂଘର ଜରୁରୀ ବୈଠକ



**ସୁବର୍ଣ୍ଣପୁର,୫।୧୨(ସଂଚାର ବ୍ୟୁରୋ):** ସୋନପୁର ସହର ସ୍ଥାନୀୟ ପିଡବ୍ଲୁଡି ଡାକବଙ୍ଗଳା ଠାରେ ଜିଲ୍ଲା ଠିକାଦାର ସଂଘ ର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲ୍ଲା ର ସମସ୍ତ ବ୍ଲକ୍ ର ଠିକାଦାର ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ର ସମସ୍ତ ବିଭାଗର ନିର୍ମାଣ କାମରେ ଅନ୍ୟୁନ ୧ କୋଟି ପର୍ଯ୍ୟନ୍ତ ବାହାରୁଥିବା ସମସ୍ତ ଠିକା କାମରେ କେବଳ ସୁବର୍ଣ୍ଣପୁର ଜିଲ୍ଲାର ଠିକାଦାର ମାନେ ହିଁ ଅଂଶଗ୍ରହଣ କରିବେ ଓ ବାହାର ଜିଲ୍ଲାର ଠିକାଦାର ମାନଙ୍କୁ ଏଥିରେ ହସ୍ତକ୍ଷେପ କରିବାକୁ ବାରଣ କରାଯିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଛି। ଅନ୍ୟ ଜିଲ୍ଲାର ଠିକାଦାର ମାନଙ୍କୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଟେଣ୍ଡରରେ ଅଂଶ ଗ୍ରହଣ ନ କରିବାକୁ ଅନୁରୋଧ କରାଯାଇଛି। ଯଦି ସରକାର ପଟରୁ ଏ ଦିଗରେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ସୂଚନା ମିଳିଛି। ସୂଚନା ଯୋଗ୍ୟ ଯେ ଅନେକ ଛୋଟ ଛୋଟ କାମ ଗୁଡ଼ିକ ର ଟେଣ୍ଡର ବାହାର ଜିଲ୍ଲା ର ଠିକାଦାର ହାତରେ ଥିବା ବେଳେ ଜିଲ୍ଲା ର ଠିକାଦାର ମାନେ କାମ ନ ପାଇ ବ୍ୟାପକ କ୍ଷତି ସହୁଛନ୍ତି ବୋଲି ଅଭିଯୋଗ କରିଛି ସଂଘ। ସଂଘ ର ସଭାପତି ଜୟ ମାଧବ ମିଶ୍ର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କୁଶ ସାହୁ(ସାଧାରଣ ସମ୍ପାଦକ), ରାମକୃଷ୍ଣ ଦାସ (ସାଧାରଣ ସମ୍ପାଦକ), ସୁମିତ୍ର ପୂଜାହାରି (ଉପ ସଭାପତି) ଶିବ ନାରାୟଣ ବହିଦାର, ସତ୍ୟନାରାୟଣ ତ୍ରିପାଠୀ, ଶରତ ମହାପାତ୍ର, ପୁଲକ ମିଶ୍ର, ବାପି ଦାସ, ସୁଧୀର ପଣ୍ଡା, ରଞ୍ଜିତ ରାୟ, ଗୁପ୍ତ ମିଶ୍ର, ବିପ୍ର ଦାସ, ଅମିୟ ରଞ୍ଜନ ଦାସ, ବୁଲୁନ ମିଶ୍ର, ଶେଷ ମେହେର, କୁନାଲ୍ ପ୍ରଧାନ, ସୌରଭ ଦେବବାକ, ରାଜୁ ପଣ୍ଡା, ଦେବ ତ୍ରିପାଠୀ, ସତ୍ୟନାରାୟଣ ପାଣ୍ଡେ, ରଜତ ଅଗ୍ରୱାଲ୍, କିରଟି ଦାଶ ପ୍ରମୁଖ ଠିକାଦାର ବୈଠକ ରେ ଉପସ୍ଥିତ ଥିଲେ।

### ରାସ୍ତା ଓ ପାନୀୟ ଜଳ ମୁଖ୍ୟ ସମସ୍ୟା: ପ୍ରତିକାର ପାଇଁ ଦାବି

# ମୌଳିକ ସୁବିଧାରୁ ବଞ୍ଚିତ କୁମ୍ଭାର ସାହି ବାସିନ୍ଦା

**ବାଲିଗୁଡା,୫।୧୨(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡି ବ୍ଲକ ସିମନବାଡି ପଞ୍ଚାୟତ କୁମ୍ଭାରସାହି ବାସିନ୍ଦା ମାନେ ସକାଳ ପାଇଲେ ପିଇବା ଓ ବ୍ୟବହାର କରିବାକୁ ପାଣି ପାଇଁ ସଂଘର୍ଷ କରିବାକୁ ପଡୁଛି। ଦିନେ କି ୨ ଦିନ ନୁହଁ ବର୍ଷ ବର୍ଷ ଧରି ପିଇବା ପାଣି ପାଇଁ ଗୋଟିଏ ନଳକୂପ ହିଁ ଭରସା ପୁଣି ଲମ୍ବା ଧାଡ଼ିରେ ଠିଆ ହୋଇ ପାଣି ସଂଗ୍ରହ ନ କଲେ କିଛି ସମୟ ପରେ ଗୋଳିଆ ପାଣି ବାହାରୁଛି। ଫଳରେ ଚିନ୍ତା ବଢ଼ିବାରେ ଲାଗିଛି। ପ୍ରକାଶ ଯେ, ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ମାତ୍ର ୩ ଶହ ମିଟର ଦୂରତା ରେ ରହିଛି ଏହି କୁମ୍ଭାରସାହି। ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଏହି ସାହିକୁ



ସଂଯୋଗ କରୁଥିବା ପଞ୍ଚାୟତ ରାସ୍ତା ଦୀର୍ଘ ବର୍ଷ ଧରି ମରଣଯନ୍ତା ପାଲଟିଥିବା ବେଳେ ସାହିରେ ରହିଥିବା ଅଙ୍ଗନୱାଡ଼ି କେନ୍ଦ୍ର କୁ ମଧ୍ୟ ଭଲ ସବୁଦିନିଆ ରାସ୍ତା ଟିଏ ନାହିଁ, ସେହିପରି ସବୁଠାରୁ ବଡ଼ ସମସ୍ୟା କହିଲେ ଗୋଟିଏ ନଳକୂପ ରହିଛି। ଯେଉଁଠି ଲୌହଯୁକ୍ତ ପାଣି ଓ ନଳକୂପ କିଛି ସମୟ ପାଣି ବାହାରିବା ପରେ ଗୋଳିଆ ପାଣି ବାହାରୁଛି। ଫଳରେ ଲୋକ ବାଧ୍ୟ ହୋଇ ଗାଁ ବାହାରେ ରହିଥିବା ଚୁଆ ରୁ ପାଣି ବୋହି ଆଣି ପିଉଛନ୍ତି। ସେହିପରି ଲମ୍ବା ଧାଡି ପାଇଁ ମହିଳା ମହିଳାଙ୍କ ମଧ୍ୟରେ ପାଣି ପାଇଁ ନଳକୂପ ନିକଟରେ ଏକାଧିକ ଥର ଝଗଡ଼ା ସୃଷ୍ଟି ହେଉଥିବା କହିଛନ୍ତି ଖୋଦ ମହିଳାମାନେ। ଗାଁକୁ ବସ୍ତି ଯୋଜନାରେ ପାଣି ପାଇପ ବିଛାଯାଇଛି। କିନ୍ତୁ ଏହା କରାଯିବାର ୧୦ ବର୍ଷ ବିତିଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ପାଣି ଟୋପାଏ ଆସୁନଥିବା ସାହି ବାସିନ୍ଦା ଅଭିଯୋଗ କରିଛନ୍ତି। ଏନେଇ ଗାଁର ବରୁଣ ବେହେରା, ସୁରୁଚି ବେହେରା, ରାଜଲକ୍ଷ୍ମୀ ବେହେରା, କୃଷ୍ଣ ଚନ୍ଦ୍ର ବେହେରା ପ୍ରମୁଖ ଅଭିଯୋଗ କରିଛନ୍ତି। ସେହିପରି ଅଙ୍ଗନୱାଡ଼ିକୁ ସବୁଦିନିଆ ରାସ୍ତା ସହ ପିଇବାପାଣି ଓ ବିଦ୍ୟୁତ ସଂଯୋଗ ବ୍ୟବସ୍ଥା ସମେତ ସାହିରେ ପିଇବା ପାଣି ବ୍ୟବସ୍ଥା କରାଯିବାକୁ ଅଞ୍ଚଳବାସୀ ଦାବି କରିବା ସହ ସମସ୍ୟାର ସମାଧାନ ନହେଲେ ଆଗାମୀ ରାଜରାସ୍ତାକୁ ଓହ୍ଲାଇବାକୁ ସାହି ଲୋକ ଚେତାବନୀ ଦେଇଛନ୍ତି। ଏନେଇ ବିଡ଼ିଓ ପ୍ରୀତିରଞ୍ଜନ ରଥ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଏହି ସବୁ ସମସ୍ୟାର ଶୀଘ୍ର ସମାଧାନ କରାଯିବ।

### ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ

## ଶହେଜଣ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ



**ବାରିପଦା,୫।୧୨(ସଂଚାର ବ୍ୟୁରୋ):** ମୟୁରଭଞ୍ଜ ଜିଲ୍ଲା ଶାମାଖୁଣ୍ଟାସ୍ଥିତ କୃଷି ବିଜ୍ଞାନକେନ୍ଦ୍ର ଠାରେ ଆଜି ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ-୨୦୨୫ ପାଳିତ ହୋଇଛି। ଜିଲ୍ଲା କୃଷି ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ର ଶାମାଖୁଣ୍ଟା ଓ ଯଶିପୁରର ମିଳିତ ସହଭାଗିତାରେ ଶାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ରର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ ସଭାପତିତ୍ୱ କରିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲୋକନାଥ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ କୃଷି ପାଇଁ ରାସାୟନିକ ସାରର କମ୍ ପ୍ରୟୋଗ ଓ ପ୍ଲାଷ୍ଟିକ ବର୍ଜନ ଉପରେ ଗୁରୁତ୍ୱ ଦେଲେ ହିଁ ବାସ୍ତବରେ ମୃତ୍ତିକା ଉର୍ବର ହୋଇପାରିବ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଛନ୍ତି। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଜିର ଦିବସର ବିଷୟବସ୍ତୁ "ସୁସ୍ଥ ସହର ପାଇଁ ସୁସ୍ଥ ମୃତ୍ତିକା" ସମ୍ପର୍କରେ ଆଲୋଚନା କରି ପରିବେଶକୁ ସୁସ୍ଥ ଓ ପବିତ୍ର ରଖିବା ପାଇଁ ବ୍ୟାପକ ବୃକ୍ଷ ରୋପଣ କରିବାକୁ ମତ ପୋଷଣ କରିଥିଲେ।

## ଲୋଇସିଂହାରେ ଜିଲ୍ଲାସ୍ତରୀୟ ଧାନକ୍ରୟ ମଣ୍ଡି ଉଦ୍‌ଘାଟିତ

**ବଲାଙ୍ଗିର,୫।୧୨(ସଂଚାର ବ୍ୟୁରୋ):** ଲୋଇସିଂହା ବ୍ଲକ ଅନ୍ତର୍ଗତ ଲୋଇସିଂହା ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ଆଜି ଚଳିତ ଖରିଫ ବର୍ଷ ପାଇଁ ଜିଲ୍ଲା ସ୍ତରୀୟ ଧାନକ୍ରୟ ମଣ୍ଡି ଉଦଘାଟିତ ହୋଇଛି। ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜି ଇସଲଓ୍ୱାରଙ୍କ ପୌରହିତ୍ୟରେ ଅନୁଷ୍ଠିତ, ଏହି କାର୍ଯ୍ୟକ୍ରମରେ ଲୋଇସିଂହା ପଞ୍ଚାୟତ ସମିତି, ଅଧ୍ୟକ୍ଷ, ଜତିନ୍ଦ୍ର ପଟେଲ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ରଞ୍ଜନ କୁମାର ପଣ୍ଡା, ଉପ-ନିବନ୍ଧକ, ସମବାୟ ସମିତି ସମୂହ, ବଲାଙ୍ଗିର ପ୍ରମୋଦ କୁମାର ବରିହା, ଲୋଇସିଂହା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଅକ୍ଷୟ କୁମାର ପାନିଉଡୁ ମଞ୍ଚାସୀନ ଥିଲେ। ଚଳିତ ବର୍ଷ ଜିଲ୍ଲାରେ ୧୫୮ଟି ପ୍ୟାକ୍ସ ଓ ୧୪ ଟି ସ୍ୱୟଂ ସହାୟକ ଗୋଷ୍ଠୀ



ମାଧ୍ୟମରେ ୧୮୦ ଟି ଧାନକ୍ରୟ କେନ୍ଦ୍ର ଖୋଲାଯାଇଛି। ଜିଲ୍ଲାର ୧, ୦୫, ୦୩୧ଜଣ ଚାଷୀ ସେମାନଙ୍କ ଧାନ ବିକ୍ରୟ ନିମନ୍ତେ ନାମ ପଞ୍ଜିକରଣ କରିଛନ୍ତି। ଚଳିତ ବର୍ଷ ଏଫ୍.ଏ.କ୍ୟୁ. ମାନର ସାଧାରଣ ଧାନ କ୍ୱିଣ୍ଟାଲ ପ୍ରତି ଟ.୨୩୬୯/- ଥିବାବେଳେ ଗ୍ରେଡ ଏ ଧାନର କ୍ୱିଣ୍ଟାଲ ପିଛା ଟ.୨୩୮୯/- ରହିଛି, ଏହା ସହିତ ଓଡିଶା ସରକାର କ୍ୱିଣ୍ଟାଲ ପିଛା ଟ.୭୩୧/- ଅତିରିକ୍ତ ସହାୟତା ରାଶି ପ୍ରଦାନ କରୁଛନ୍ତି। ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାକୁ ମୋଟ ୨୪, ୬୦, ୦୦୦ କ୍ୱିଣ୍ଟାଲ ଧାନ କ୍ରୟ ନିମନ୍ତେ ଟାର୍ଗେଟ ଦିଆଯାଇଛି। ଧାନ ବିକ୍ରୟରେ ଯଦି କୌଣସି ଚାଷୀଙ୍କର କିଛି ସମସ୍ୟା ଦେଖାଦିଏ ତେବେ ସେମାନେ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜିଲ୍ଲା ଯୋଗାଣ ଅଧିକାରୀ, ସମବାୟ ସମିତି ସମୂହର ଉପ-ନିବନ୍ଧକ କିମ୍ବା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିପାରିବେ।

## ରୁପ୍ରାରୋଡ ମହାଲକ୍ଷ୍ମୀ ପୂଜା ସଂପନ୍ନ

● ଅସୀମା ପଣ୍ଡାଙ୍କ ମେଲୋଡିରେ ଝୁମିଲେ ଦର୍ଶକ



**ନର୍ଲା,୫।୧୨(ସଂଚାର ବ୍ୟୁରୋ):** ଗତ ନଭେମ୍ବର ୨୭ରୁ ଆରମ୍ଭ ହୋଇଥିବା ରୁପ୍ରାରୋଡ ମହାଲକ୍ଷ୍ମୀ ପୂଜା ଡିସେମ୍ବର ୪ ଶୁକ୍ରବାର ଦିନ ପୂର୍ଣ୍ଣାହୁତି ସହ ସଂପନ୍ନ ହୋଇଛି। ସପ୍ତାହ ବ୍ୟାପି ବୈଦିକ ରୀତିରେ ଧନଦାତ୍ରୀଙ୍କ ପୂଜା ଚାଲିଥିଲା। ପ୍ରତ୍ୟକ ରାତି ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ଉଠାଇଥିଲେ ଦର୍ଶକ। ଆରମ୍ଭ ଦିନ ଗୁରୁବାର ସନ୍ଧ୍ୟାରୁ ରବିବାର ପର୍ଯ୍ୟନ୍ତ ନୟାଗଡ଼ର ଯାତ୍ରାପାର୍ଟି ଅପେରା ମଞ୍ଚସ୍ଥ କରିଥିଲେ। ସୋମବାର ପ୍ରଖ୍ୟାତ ଗୀତିକାର ଉମାକାନ୍ତ ବାରିକଙ୍କ ଅର୍କେଷ୍ଟ୍ରା, ଏବଂ ଡିସେମ୍ବର ୪ ଗୁରୁବାର ଶେଷ ରଜନୀରେ ଅସୀମା ପଣ୍ଡାଙ୍କ ମେଲୋଡିରେ ଝୁମି ଉଠିଥିଲେ ହଜାର ହଜାର ଦର୍ଶକ। ରୁପ୍ରାରୋଡ ମହାଲକ୍ଷ୍ମୀ ପୂଜା କମିଟି ସଭାପତି ତଥା ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବରିଷ୍ଠ ସଦସ୍ୟ ଦିନେଶ ଅଗ୍ରୱାଲ, ସୁଦୀପ୍ତ ସେଠୀ, ନୀରଜ ଶର୍ମା, ବାବୁଲା ସାହୁ, ଦେବରାଜ ମାଝୀ, ରୋମାଞ୍ଚଳ ଡାକୁଆ, କିସନଲାଲ ଭୋଇ, ରୁପ୍ରାରୋଡ ସରପଞ୍ଚ ହେମନ୍ତ ଭୋଇ ପ୍ରମୁଖ ବିଭିନ୍ନ ଦାୟିତ୍ୱରେ ରହି ପୂଜା ପରିଚାଳନା କରିଥିଲେ। ନରେଶ ଅଗ୍ରୱାଲା (ବବ୍ଲୁ) ଦମ୍ପତି ପୂଜା କର୍ତ୍ତା ଥିବାବେଳେ ବିଷ୍ଣୁ ପଣ୍ଡା ପୂଜକ ଓ କିଶୋର ନନ୍ଦ ସହଯୋଗୀ ଭାବରେ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ।

## ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ



**ଧାମନଗର,୫।୧୨(ସଂଚାର ବ୍ୟୁରୋ):** ଧାମନଗର ଏନ୍ଏସିଇଣ୍ଡୋର ଷ୍ଟାଡିୟମ ପରିସରରେ ଧାମନଗର ନିର୍ବାଚନ ମଣ୍ଡଳୀସ୍ତରୀୟ ସାଂସଦ ଖେଳ ମହୋତ୍ସବ ଶୁକ୍ରବାର ଠାରୁ ଆରମ୍ଭ ହୋଇଛି। ଏଥିରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ ସାମଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାଂସଦ ଖେଳ ମହୋତ୍ସବ ଓ ପ୍ରତିଯୋଗିତାକୁ ଉଦଘାଟନ ସହିତ ବିକଶିତ ଭାରତ ଗଠନରେ କ୍ରୀଡ଼ାର ଗୁରୁତ୍ୱ ରହିଛି ବୋଲି କହିଛନ୍ତି। ବିଶିଷ୍ଟ ଅତିଥି ଭାବେ ସମାଜସେବୀ ଭଗବାନ ପଣ୍ଡା କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ।ସାଂସଦ ପ୍ରତିନିଧି ମନୋରଞ୍ଜନ ମଲ୍ଲିକଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ କୁମାର ପୁହାଣ, ନଗର ପ୍ରତିନିଧି କୈଳାସ ମହାପାତ୍ର, ଧାମନଗର ବିଡ଼ିଓ ବନ ବିହାରୀ ଦିନ୍ଦା, ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ, ବିଇଓ ପ୍ରଫୁଲ୍ଲ ସାହୁ, ଅରବିନ୍ଦ ପତି, ଧାମନଗର ପ୍ରେସ କ୍ଲବର ପୂର୍ବତନ ସଭାପତି ବୈକୁଣ୍ଠ ନାଥ ସାହୁ, ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନା, ଆଇନଜୀବୀ ବିଜୟ ରାମ, ସମାଜସେବୀ ପ୍ରଶାନ୍ତ ପରିଡ଼ା, ନାରାୟଣ ସାହାଣି, ପ୍ରମୋଦ ସୂତାର, ଜଗଦୀଶ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ବିକଶିତ ଭାରତ ଗଠନ ଦିଗରେ କ୍ରୀଡ଼ା ଓ କ୍ରୀଡ଼ାବିତଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଏହି କ୍ଷେତ୍ରର ସର୍ବବିଧ ବିକାଶ ନିମନ୍ତେ କେନ୍ଦ୍ର ସରକାରଙ୍କ ସାଂସଦ ଖେଳ ମହୋତ୍ସବ ପରିକଳ୍ପନା ଉଲ୍ଲେଖଯୋଗ୍ୟ ବୋଲି ଅତିଥି ବକ୍ତାମାନେ ମତବ୍ୟକ୍ତ କରିଥିଲେ।

## ସରକାର ବଦଳିଲେ ବିପିସି ପରିମାଣ ବଦଳୁ ନାହିଁ



**ବୈଶିଙ୍ଗା,୫।୧୨(ସଂଚାର ବ୍ୟୁରୋ):** ଓଡିଶାରେ ପଞ୍ଚାୟତରାଜ ବ୍ୟବସ୍ଥା ଲାଗୁ ହେବା ଦିନ ଠାରୁ ଦୁର୍ନୀତି ବା ପିସି ଯାହା ନ ଥିଲା ଏହି ୪/୫ ବର୍ଷ ମଧ୍ୟରେ ତାର ଅତ୍ୟଧିକ ପ୍ରଭାବ ଯୋଗୁଁ ଉନ୍ନୟନମୂଳକ କାର୍ଯ୍ୟ ଏକ ପ୍ରକାର କୋମାରେ ଥିବା ଅଭିଯୋଗ ହେଉଛି। ନିଜେ ବିଡିଓ ଏହି ପିସି କାରବାରରେ ସଂପୃକ୍ତ ଥିବା ଅଭିଯୋଗ ହେଉଛି। ପିସିର ପରିମାଣ ବୃଦ୍ଧି, ମନରେଗା କାର୍ଯ୍ୟରେ ଅନିୟମିୟତା, ମିଥ୍ୟା ବିଲ୍, ତା ସାଙ୍ଗକୁ କନିଷ୍ଠ ଯନ୍ତ୍ରୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ପଦବୀ ପୂରଣ ନ ହେବା ସରକାରଙ୍କ ସଫଳତାରେ ବାଧକ ସାଜିଥିଲା। ବର୍ତ୍ତମାନ ସୁଦ୍ଧା ପୂର୍ବ ସରକାର ଙ୍କ ଯୋଜନା କାର୍ଯ୍ୟକାରୀ ନ ହେବା ଏବଂ ନୂଆ ସରକାର ଙ୍କ ନୂତନ ଯୋଜନା ନିର୍ଦ୍ଧାରଣ ନ ହେବା ସାଧାରଣ ଲୋକଙ୍କ ପାଇଁ କାଳ ସାଜିଛି। ଏହାର ଉଦାହରଣ ପାଲଟିଛି ବେତନଟୀ ବ୍ଲକର ୨୪ପଞ୍ଚାୟତ। ଏହି ୨୪ ଟି ପଞ୍ଚାୟତ ରେ ୨୪ ଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦାୟିତ୍ୱ ତୁଲାଇବା ପରିବର୍ତ୍ତେ ୧୯ ଜଣ କାର୍ଯ୍ୟ କରୁଛନ୍ତି।ଏହି କାରଣରୁ ସବୁ ଉନ୍ନୟନ ମୂଳକ କାର୍ଯ୍ୟରେ ଲଗାମ ଲାଗି ଯାଉଛି। ଜଣେ ଜଣେ ନିର୍ବାହୀ ଅଧିକାରୀଙ୍କୁ ୨/୩ ଟି ପଞ୍ଚାୟତର ଦାୟିତ୍ୱ ଦିଆଯାଇଥିବାରୁ କାର୍ଯ୍ୟ ତୁଲାଇବା କଷ୍ଟକର ହୋଇପଡୁଛି। କାର୍ଯ୍ୟ ତଦାରଖ କରିବା ପାଇଁ କନିଷ୍ଠ ଯନ୍ତ୍ରୀଙ୍କ ମଧ୍ୟ ଅଭାବ ଥିବାରୁ କାର୍ଯ୍ୟର ସମୟସୀମା ବଢ଼ି ବଢ଼ି ଯିବା ସହିତ କାର୍ଯ୍ୟର ମାନ ମଧ୍ୟ ଠିକ୍ ରହୁନଥିବା ଅଭିଯୋଗ ହେଉଛି। ୨୪ ଗୋଟି ପଞ୍ଚାୟତରେ ମାତ୍ର ୯ ଜଣ କନିଷ୍ଠ ଯନ୍ତ୍ରୀ ଦାୟିତ୍ୱ ନିର୍ବାହ କରୁଥିବାରୁ କାର୍ଯ୍ୟ ଠିକେ ତଦାରଖ ହୋଇ ପାରୁନହିଁ।ନୂତନ ସରକାର ନୂତନ ଚାକିରୀ ସୃଷ୍ଟି କରି ପଦବୀ ପୂରଣ କରି ପାରିଲେ ସରକାରଙ୍କ ଜନହିତକର କାର୍ଯ୍ୟ ସମ୍ପାଦନ ହୋଇ ପାରିବ। ଏଭଳି ଅନିୟମିୟତା ଲାଗି ରହିଲେ ପଞ୍ଚାୟତରେ କୌଣସି କାର୍ଯ୍ୟ ଠିକ ଭାବରେ ହୋଇ ପାରିବ ନାହଁ।

## ମା' କୁତାମଚଣ୍ଡୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ନାଉଗାଁ,୫।୧୨(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଗଙ୍ଗଦା(ମଝିପଡ଼ା)ଗ୍ରାମର ପରମଆରାଧ୍ୟା ଦେବୀ ମା'କୁତାମଚଣ୍ଡୀଙ୍କର ନବ ନିର୍ମିତ ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛଅ ଦିନ ବ୍ୟାପୀ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମ ଦିନରେ ମନ୍ଦିର ପରିସରରୁ ୧୦୮ କଳସ ଶୋଭାଯାତ୍ରାରେ ନିଆଯାଇ ବନ୍ଧମୁଣ୍ଡାସ୍ଥିତ ଯମୁନା ସ୍ନାନ ଦୋଳ ମେଳନ ଘାଟରୁ ପୂର୍ଣ୍ଣ କଳସ ଅଣାଯାଇ ସ୍ଥାପନ କରାଯାଇଥିଲା। ପରେ ଯଥାରିତି ପୂର୍ବକ ପୂଜାପାଠ କରାଯାଇ ମନ୍ଦିର ପ୍ରତିଷ୍ଠା ଉତ୍ସବ କାର୍ଯ୍ୟ ସମାପନ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଶ୍ୱଶାନ୍ତି ମହାଯଜ୍ଞ, ପଞ୍ଚୁ ଦୋଳ ମେଳନ କରାଯିବା ସହ ସଂଧ୍ୟାରେ ଆଧ୍ୟାତ୍ମିକ ପ୍ରବଚନ, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କର୍ତ୍ତାକର୍ତ୍ତୀଭାବେ ବୈରାଗୀ ମହାରଣା ଓ ତାଙ୍କ ଧର୍ମପତ୍ନୀ, ଗୌରାଙ୍ଗ ସାହୁ ଓ ତାଙ୍କ ଧର୍ମପତ୍ନୀ ଏବଂ ବିଦ୍ୟାଧର ସାହାଣୀ ଦାୟିତ୍ୱ ତୁଲାଇଥିଲେ।

## ଜିଲ୍ଲା କୃଷି କାର୍ଯ୍ୟାଳୟ ତରଫରୁ ବିଶ୍ୱ ମୃତ୍ତିକା ଦିବସ

**ସୁବର୍ଣ୍ଣପୁର,୫।୧୨(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା କୃଷି କାର୍ଯ୍ୟାଳୟ କାର୍ଯ୍ୟାଳୟ ପକ୍ଷରୁ ସୁବର୍ଣ୍ଣପୁର ଜିଲ୍ଲା ସ୍ଥିତ ପୋଲିଟେକନିକ ମହାବିଦ୍ୟାଳୟ ଠାରେ ବିଶ୍ୱ ମୃତ୍ତିକା ଦିବସ ପାଳନ କରାଯାଇଛି।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରୁଦ୍ରଦେବ ରାଉତ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟତମ ଅଥିତି ଭାବେ ଏଡିଓ ସୋନପୁର ଘନଶ୍ୟାମ ଦେହୁରୀ, ଜିଲ୍ଲା ମୁଖ୍ୟ ପଶୁଚିକିତ୍ସକ ଅଧିକାରୀ ଡାକ୍ତର ରଞ୍ଜନ କୁମାର ଦାସ, ଅଞ୍ଚଳ ପରିଚାଳକ ମାର୍କଫେଡ଼, ଘନେଶ୍ୱର ମହାପାତ୍ର, ନିର୍ମଳ କ୍ରିଷ୍ଟାନୀ ପିପିଏଲ ସମ୍ବଲପୁର ର ମାର୍କେଟ ଡେଭଲପମେଣ୍ଟ ଅଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଥମେ ଜିଲ୍ଲାର ଦୁଇ ଉପଖଣ୍ଡରୁ ଆସିଥିବା ଚାଷୀମାନେ ପଞ୍ଜିକରଣ କରିବା ପରେ ମୃତ୍ତିକା ଦିବସ ପାଳନ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ ଏବଂ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଗ୍ରହଣ କରିଥିଲେ। ଏହି ବର୍ଷ ବିଶ୍ୱ ମୃତ୍ତିକା ଦିବସର ବିଷୟ ବସ୍ତୁ ରହିଛି 'ସୁସ୍ଥ ସହର ପାଇଁ ସୁସ୍ଥ ମୃତ୍ତିକା'। ଏହି ଅବସରରେ ଚାଷୀ ମାନଙ୍କୁ ଜୈବିକ ପ୍ରଣାଳୀରେ ଚାଷ କରିବା ପାଇଁ ଉତ୍ସାହିତ କରାଯାଇଛି। ଏହି ଅବସରରେ ଶ୍ରୀ ରାଉତ କହିଛନ୍ତି ଯେ ଚାଷୀମାନେ ହିଁ ମୃତ୍ତିକା। ଜଣେ ଚାଷୀ ଭାବରେ ଆମେ ପ୍ରଥମେ ମୃତ୍ତିକାର ସୁସ୍ଥତା ବା ତାର ଉର୍ବରତା ବିଷୟରେ ନିହାତି ଚିନ୍ତା କରିବା ଜରୁରୀ। ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ର (କେବିକେ)ର ମୁଖ୍ୟ ବିଶ୍ୱରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ଏହି ଦିବସକୁ ଆମେ ମାତ୍ର ଦିବସ ପାଳନ କଲେ ଅତ୍ୟୁକ୍ତି ହେବ ନାହିଁ। ୨୦୧୪ ମସିହାରୁ ସରକାରୀ ଭାବରେ ବିଶ୍ୱ ମୃତ୍ତିକା ଦିବସ ପାଳନ କରାଯାଉଛି ଏବଂ ଏହି ୧୦ ବର୍ଷରେ ସରକାର ମୃତ୍ତିକାକୁ କେମିତି ସୁରକ୍ଷା ଦିଆଯିବ ଏବଂ ଆଗାମୀ ପିଢ଼ି ପାଇଁ ସଂରକ୍ଷିତ ରଖାଯିବ ସେଥିପାଇଁ ଲୋକଙ୍କୁ ସଚେତନ କରିଛନ୍ତି।

### ଆଦିବାସୀଙ୍କ ପାଇଁ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି ଶିବିରର ଶୁଭାରମ୍ଭ

## ଜିଲ୍ଲାପାଳଙ୍କ ଦ୍ୱାରା ଆଦିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ



**ସୁବର୍ଣ୍ଣପୁର,୫।୧୨(ସଂଚାର ବ୍ୟୁରୋ):** ନଭେମ୍ବର ୫ ତାରିଖ ଦିନ ସୁବର୍ଣ୍ଣପୁର ଜିଲ୍ଲାପାଳ ଙ୍କ ସଭାଗୃହ ଠାରେ ଜିଲ୍ଲାପାଳ ଡ଼. ନୃପ ରାଜ ସାହୁ ଙ୍କ ଅଧ୍ୟକ୍ଷତା ରେ ପ୍ରଥମ ଥର ପାଇଁ ଆଦିବାସୀ ଓ ଅନୁସୂଚୀତ ଜନ ଜାତି କମ୍ୟୁନିଟି ଙ୍କ ସମସ୍ୟା ସମାଧାନ ପାଇଁ ଏକ ଅଭିଯୋଗ ଶୁଣାଣି ଶିବିର ର ଶୁଭାରମ୍ଭ ହୋଇଛି। ଆଜି ପ୍ରଥମ ଅଭିଯୋଗ ଶୁଣାଣି ରେ ସମୁଦାୟ ୨୯ ଗୋଟି ଅଭିଯୋଗ ହସ୍ତଗତ ହୋଇଥିବା ବେଳେ ସେ ସବୁ ସମସ୍ୟା ର ତୁରନ୍ତ ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୀରମହାରାଜ ପୁର ବ୍ଲକ ଅଞ୍ଚଳ ର ୨୩ ଜଣ ଆଦିବାସୀ ଓ ଅନୁସୂଚୀତ ଜନ ଜାତି ହିତାଧିକାରୀ ଙ୍କୁ ଜିଲ୍ଲାପାଳ ଙ୍କ ଦ୍ୱାରା ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରା ଯାଇଛି। ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରଯାଇଛି। ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ଅଧିକାରୀ ଅର୍ଜୁନ ମାଝୀ, ବୀରମହାରାଜପୁର ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡା, ସୋନପୁର ତହସିଲଦାର ଙ୍କ ସମେତ ସମସ୍ତ ବ୍ଲକ ର ତହସିଲଦାର ଅତିରିକ୍ତ ତହସିଲଦାର ଓ ରାଜସ୍ୱ ବିଭାଗ ର ବିଭିନ୍ନ ଅଧିକାରୀ ମାନେ ଯୋଗ ଦେଇଥିବା ସୁଚନା ମିଳିଛି। ପ୍ରକାଶ ଥାଉ କି ଯେ ପ୍ରତି ମାସ ର ୫ ତାରିଖ ଦିନ ଜିଲ୍ଲାପାଳ ଙ୍କ ସଭାଗୃହ ଠାରେ ଆଦିବାସୀ ଓ ଅନୁସୂଚୀତ ଜନ ଜାତି ସମ୍ପ୍ରଦାୟ ଲୋକ ଙ୍କ ପାଇଁ ଏକ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ବୋଲି ଜଣା ଯାଇଛି।

## ନୟାଗଡ଼ ସଦର ମହକୁମାରେ ମେଡିକାଲ କଲେଜ ଦାବି

### ଗୋଲେଇ ଛକରୁ ଆରମ୍ଭ ହେଲା ଜୟ ନୟାଗଡ଼ର ଆନ୍ଦୋଳନ

**ନୟାଗଡ଼,୫।୧୨(ସଂଚାର ବ୍ୟୁରୋ):** ମେଡ଼ିକାଲ କଲେଜ ହେବ ତ ଜିଲ୍ଲା ସଦର ମହକୁମାରରେ ହେବ ! ଏଭଳି କିଛି ନାରା ନେଇ ଜୟ ନୟାଗଡ଼ ଫାଉଣ୍ଡେସନ ନୟାଗଡ଼ ଗୋଲେଇ ଛକରୁ ଆନ୍ଦୋଳନ ଆରମ୍ଭ କରିଛି। ଆଜି ଏଭଳି ଆନ୍ଦୋଳନ ହେବାର



ସ୍ଥିତି ଉପୁଜିଛି କେବଳ ଡବଲ ଇଞ୍ଜିନ ସରକାରରେ ଥିବା ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ପାଇଁ। ଚଳିତ ଶୀତ ଅଧିବେଶନର ପବିତ୍ର ଗୃହରେ ବିଧାୟକ ଶ୍ରୀଯୁକ୍ତ ସ୍ୱାଇଁ ଏକ ଦାବି ନୟାଗଡ଼ ଜିଲ୍ଲା ବାସୀଙ୍କୁ ଆନ୍ଦୋଳନ କରିବାକୁ ବାଧ୍ୟ କରିଥିଲା। ନୟାଗଡ଼ ସଦର ମହକୁମାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଥିବା ବେଳେ ସେଠାରେ ମେଡିକାଲ କଲେଜ୍ କରିବା ପାଇଁ ଦାବି ନକରି ଚାନ୍ଦପୁରରେ ମେଡ଼ିକାଲ କଲେଜ କରିବାକୁ ସମର୍ଥନ ଜଣାଇଥିଲେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ। ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍କ ଚାନ୍ଦପୁର ହସ୍ପିଟାଲ୍ କୁ ମେଡିକାଲ କଲେଜ କରିବା ପାଇଁ ପ୍ରସ୍ତୁତି ଚାଲିଛି ଉତ୍ତର ରଖିବା ପରେ ନୟାଗଡ଼ ଜିଲ୍ଲାରେ ମେଡ଼ିକାଲ କଲେଜ ଦାବି ଦାନା ବାନ୍ଧିଥିଲା ଆନ୍ଦୋଳନ। ସୋସିଆଲ ମିଡ଼ିଆରେ ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ଓ ବିଧାନସଭାର ବାଚସ୍ପତି ତଥା ରଣପୁର ବିଧାୟିକା ସୁରମା ପାଢ଼ୀଙ୍କ ନାମରେ ବିକ୍ଷୋଭ ନାରା ବାଜି ଘୁରି ବୁଲିଲା। ଯେଉଁଥି ପାଇଁ ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର ସାହୁ ତଥ୍ୟ ସହ ଗୃହରେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ମେଡ଼ିକାଲ କଲେଜ କରାଯାଉ ବୋଲି ଦାବି ଉପସ୍ଥାପନ କରିବା ସହ ଯଦି ସରକାର ନୟାଗଡ଼ କଥା ଚିନ୍ତା ନକରନ୍ତି ତେବେ ଆନ୍ଦୋଳନ ହେବ ବୋଲି କଡା ଚେତାବନୀ ଦେଇଥିଲେ। ସେହିପରି ଭାବେ ବିଜେପି ନେତା ସନ୍ତୋଷ ପ୍ରଧାନ ମଧ୍ୟ ମେଡିକାଲ କଲେଜକୁ ନେଇ ମନର କଥା ସୋସିଆଲ ମିଡ଼ିଆରେ ରଖିବା ସହ ଆନ୍ଦୋଳନର ଚେତାବନୀ ଦେଇଛନ୍ତି।

● ଜିଲ୍ଲାସ୍ତରୀୟ ମାର୍ଗଦର୍ଶନ କମିଟି ବୈଠକ

## ବ୍ରାଣ୍ଡିଂ ଏବଂ ପ୍ୟାକେଜିଂ ଗୁରୁତ୍ୱ ଦେବାକୁ ଜିଲ୍ଲାପାଳଙ୍କ ପରାମର୍ଶ

**ନୟାଗଡ଼,୫।୧୨(ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ମାର୍ଗଦର୍ଶନ କମିଟିର ଏକ ମହତ୍ତ୍ୱପୂର୍ଣ୍ଣ ବୈଠକ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନୟାଗଡ଼ ଜିଲ୍ଲାରୁ ଉତ୍ପାଦିତ ଦ୍ରବ୍ୟ ଗୁଡ଼ିକର ବ୍ରାଣ୍ଡିଂ ଏବଂ ପ୍ୟାକେଜିଙ୍ଗ ଉପରେ ବିଚାର ବିମର୍ଶ କରାଯାଇଥିଲା। ମୁମ୍ବାଇ ସ୍ଥିତ ଭାରତୀୟ ପ୍ୟାକେଜିଙ୍ଗ ସଂସ୍ଥାନର ଯୁଗ୍ମ ନିର୍ଦ୍ଦେଶକ ସୁବୋଧ କେ ଯୁଇକର ବିଶେଷଜ୍ଞ ଭାବେ ଭିଡିଓ କନଫରେନ୍ସ ମାଧ୍ୟମରେ ଯୋଗ ଦେଇ କମିଟିର ଉଚିତ୍ ମାର୍ଗଦର୍ଶନ କରିଥିଲେ। ବ୍ରାଣ୍ଡର ଆକର୍ଷଣୀୟ ଡିଜାଇନ୍ ପ୍ରତି ଗୁରୁତ୍ୱ ଦେବା ସହିତ ଆଗାମୀ ଦିନରେ ଯେପରି ବ୍ରାଣ୍ଡର ଅପବ୍ୟବହାର ନ ହୁଏ ସେଥି ପ୍ରତି ସଜାଗ ରହିବାକୁ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ପରାମର୍ଶ ଦେଇଛନ୍ତି।

## ନିଶାକୁ ନା' ସେଚତନତା କାର୍ଯ୍ୟକ୍ରମ



**କଣାସ,୫।୧୨(ସଂଚାର ବ୍ୟୁରୋ):** କଣାସ ବ୍ଲକ କଣାସ ଗ୍ରାମପଞ୍ଚାୟତରେ ପ୍ରତିଷ୍ଠିତ ମହନ୍ତ ବନମାଳି ଦାସ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ଏକ ସଚେତନା ଧର୍ମୀ କାର୍ଯ୍ୟକ୍ରମ ନିଶାକୁ ନା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ରୂପଶ୍ରୀ ଛୋଟରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା ସଭାରେ ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ପଣ୍ଡା, ଭାରତ ବିକାଶ ପରିଷଦ ପୁରୀ ଜିଲ୍ଲା ସଭାପତି ନବକାନ୍ତ ଶତପଥୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମନୋରଞ୍ଜନ ମିଶ୍ର, ତପଭୂମି ଟ୍ରଷ୍ଟ ସଭାପତି ଚିତ୍ତରଞ୍ଜନ ଶଡ଼ଙ୍ଗି, ଭାରତ ବିକାଶ ପରିଷଦ ସାକ୍ଷିଗୋପାଳର ସମ୍ପାଦକ ବିଜୟ କୁମାର ପରିଡ଼ା, ଅବସର ପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ହରପ୍ରିୟା କର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସତ୍ୟବାଦୀ ଦାସ, ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇ ସମାଜରୁ ନିଶା ନିବାରଣ ପାଇଁ ଛାତ୍ରଛାତ୍ରୀମାନଙ୍କୁ ସତ୍ ଉପଦେଶ ପ୍ରଦାନ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏହି ବିଷୟରେ ଏକ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ବିଦ୍ୟାଳୟ ଏସ୍.ଏମ୍.ସି ସଭାପତି ଜ୍ୟୋତ୍ସ୍ନାମୟୀ ମାନସିଂହ ଯୋଗଦେଇ କରି କାର୍ଯ୍ୟକ୍ରମଟିକୁ ସାଫଲ୍ୟ କରିଥିଲେ। ଛାତ୍ରୀ ସୁଶ୍ରୀ ସ୍ୱଂୟଶ୍ରୀ ସୁନ୍ଦରାୟ ଓ ସୁଶ୍ରୀ ଦେବଶ୍ରୀ ପଟ୍ଟନାୟକ ନିଜମତାମତ ରଖିଥିଲେ।

## ଅମ୍ଳଯୁକ୍ତ ମାଟିକୁ କିପରି କରିବେ ଉର୍ବର, କେମିତି ବଢ଼ିବ ଉତ୍ପାଦନ

**ଭଞ୍ଜନଗର,୫।୧୨(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ରରେ ଶୁକ୍ରବାର ବିଶ୍ୱ ମୃର୍ତ୍ତିକା ଦିବସ ପାଳିତ ହୋଇଯାଇଛି। ରାଜ୍ୟରେ ୬୫ ପ୍ରତିଶତ ଚାଷ ଜମି ଅମ୍ଳ ହୋଇଗଲାଣି। ଏହାଦ୍ୱାରା ଫସଲ ଉତ୍ପାଦନ ପ୍ରଭାବିତ ହେଉଛି। ଜମିର ଉର୍ବରତା ବଢ଼ାଇବାକୁ ପଡିବ। ଏଥିପାଇଁ ମାଟି ପରୀକ୍ଷା ନିୟମିତ କରିବାକୁ ପଡିବ। ମାଟିର ଅମ୍ଳ ପରିମାଣକୁ ଧରି ସାର ସୁପରିଚାଳନା କରିବାକୁ ପଡିବ। ଏଥିପାଇଁ ବୈଜ୍ଞାନିକ ମାନଙ୍କ ପରାମର୍ଶ ନେବାକୁ ପଡିବ। ଅମ୍ଳ ମାଟିରେ ଚୂନ ପକାଇ ତାକୁ ବିଶୋଧନ କରିବାକୁ ପଡିବ। ସବୁଜ ଫସଲ ଯଥା ଧନିଚା, ଛଣ ଚାଷ କରିବାକୁ ପଡିବ। ଏଥିସହ ଜୈବିକ ଚାଷ ପ୍ରତି ବିଶେଷ ଗୁରୁତ୍ୱ ଦେବାକୁ ପଡ଼ିବ। ତାହାହେଲେ ଯାଇ ଜମିର ଉର୍ବରତା ବଢ଼ିବା ସହ ଫସଲ ଉତ୍ପାଦନ ମଧ୍ୟ ବୃଦ୍ଧି ପାଇବ।

● ୩୨ତମ ଅମରପାଲି କ୍ରିକେଟ କପ୍

## ଉଲୁଣ୍ଡାକୁ ହରାଇ ସେମିଫାଇନାଲରେ ବହଳପଦର

**ସୁବର୍ଣ୍ଣପୁର,୫।୧୨(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ସ୍ଥିତ ଭଗବାନ ସାହୁ ଗ୍ରାଉଣ୍ଡ ରେ ଫ୍ରେଣ୍ଡସ କ୍ଲବ ଆନୁକୂଲ୍ୟରେ ହେଉଥିବା ୩୨ତମ ଅମରପାଲି କ୍ରିକେଟ କପ୍ ର ଶୁକ୍ରବାର ଥିଲା ତୃତୀୟ ଦିବସ।





ଶୁକ୍ରବାର ପ୍ରଥମ ମ୍ୟାଚ୍ ଟି ବହଳପଦର ଓ ରଣିବେଡ଼ା ମଧ୍ୟରେ ହୋଇଥିଲା। ଏଥିରେ ବହଳପଦର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭର ରେ ୪ ଉଇକେଟ ହରାଇ ୧୨୬ ରନ କରିଥିଲା। ଜବାବରେ ରଣିବେଡ଼ା ଦଳ ନିର୍ଦ୍ଧାରିତ ୧୦ ଓଭର ରେ ୭ ଉଇକେଟ ହରାଇ ୭୨ ରନ କରି ପରାସ୍ତ ହୋଇଥିଲା। ଏହି ମ୍ୟାଚ୍ ରେ ବହଳପଦର ର ବିକାଶ ଛତ୍ରୀ ଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ଘୋଷଣା କରାଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ଟି ଉଲୁଣ୍ଡା ଓ ଲୁତୁରପଙ୍କ ମଧ୍ୟରେ ହୋଇଥିଲା। ଏଥିରେ ଉଲୁଣ୍ଡା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭର ରେ ୪ ଉଇକେଟ ହରାଇ ୧୧୫ ରନ କରିଥିଲା। ଜବାବରେ ଲୁତୁରପଙ୍କ ଦଳ ନିର୍ଦ୍ଧାରିତ ୮ ଓଭର ରେ ୩ ଉଇକେଟ ହରାଇ ୮୭ ରନ କରି ପରାସ୍ତ ହୋଇଥିଲା। ଏହି ମ୍ୟାଚ୍ ପାଇଁ ଉଲୁଣ୍ଡା ର ଅଭିଳାଷ ନାଏକ ଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ତୃତୀୟ ମ୍ୟାଚ୍ ଟି ପ୍ରଥମ ମ୍ୟାଚ୍ ର ବିଜେତା ବହଳପଦର ଓ ଦ୍ୱିତୀୟ ମ୍ୟାଚ୍ ର ବିଜେତା ଉଲୁଣ୍ଡା ମଧ୍ୟରେ ହୋଇଥିଲା।